# ଉତ୍କଳ ପ୍ରସଙ୍ଗ

ଧୀନତା ବିଶେଷାଙ୍କ-୧୯୭୧



ଗ୍ରାମ୍—LUMBER ଫୋନ୍—୨୨୬

# ଆପଣ ଯଦି—

ବଢ଼ି ତିଆରିପାଇଁ ଗ୍ରହାନ୍ତି କେନ୍ଦୁପତ୍ର

କିମ୍ବା

ଘର ବା ଅନ୍ୟ ନିର୍ମାଣ କାର୍ଯ୍ୟପାଇଁ ଗ୍ରହାନ୍ତି ଉତ୍ତମ ଧରଣର ଓ ଶସ୍ତା ସୁଲଭ ଦାମର ଶାଳ, ପିଆଶାଳ, ସାଗୁଆନ, ଶିଶୁ, ବାନ୍ଧଣ, କୁରුମ ଓ ଗମ୍ଭାରୀ ପ୍ରଭୃତି ଗୋଲେଇ ଓ ଚିରନ୍ତି କାଠ

କିମ୍ବା

ଘର ଉପକରଣପାଇଁ ଓ କାଗଜ ତିଆରିପାଇଁ ଗ୍ରହାନ୍ତି କାଠ

କିମ୍ବା

ଆପଣଙ୍କର ଘର, ଲାଇବ୍ରେରୀ ସୁସଜ୍ଜିତ କରିବାକୁ କାଠର ସୁନ୍ଦର ଖୋଦେଇ ମୂର୍ତ୍ତି ଓ କାଠ ଖଣ୍ଡ ଦରକାର କରନ୍ତି

କିମ୍ବା

ଘର ଓ ଅଫିସପାଇଁ ମନୋହର ଆସବାସ ଦରକାର କରୁଥାଆନ୍ତି—

ତେବେ—

**ଓଡ଼ିଶା ଫରେଷ୍ଟ କର୍ପୋରେସନ୍ ଲିମିଟେଡ଼**

**କଟକ-୨ଙ୍କ ସହ**

ଯୋଗାଯୋଗ ସ୍ଥାପନ କରନ୍ତୁ ।

# କଳ ପ୍ରସଙ୍ଗ

ଅଗଷ୍ଟ ୧୯୭୧—ଭାଦ୍ରବ ୧୮୯୩
୨୮ଶ ଭାଗ—୧ମ ସଂଖ୍ୟା

କ: ପୂର୍ଣ୍ଣଚନ୍ଦ୍ର ହୋତା, ଆଇ. ଏ. ଏସ.,
ଲୋକସମ୍ପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ, ଓଡ଼ିଶା

ଶ ସମ୍ପାଦକ: ସମର ବିଳାସ ପଟ୍ଟନାୟକ, ସୂଚନା ଅଧିକାରୀ

କ: ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର


* * * * *

ଖ୍ୟାରେ ପଢ଼ିବାକୁ ପାଇବେ:


୧ ଏକ ସମୃଦ୍ଧିଶାଳୀ ଓଡ଼ିଶା ଗଠନ ଦିଗରେ ପଦକ୍ଷେପ
୧୧ ପ୍ରଚଳିତ ଶିକ୍ଷା ଓ ଆମର ପରମ୍ପରା
୧୩ ଓଡ଼ିଶାରେ ଭ୍ରମଣ ପାଇଁ ସୁବିଧା ଓ ସୁଯୋଗ
୧୭ ଓଡ଼ିଶା ପୋଲିସ : ଅତୀତ ଓ ବର୍ତ୍ତମାନ
୨୩ ପ୍ରଗତିପଥେ ଓଡ଼ିଶାର ସମବାୟ
୨୯ ଆଧୁନିକ ସମାଜରେ ଜନସ୍ୱାସ୍ଥ୍ୟ
୩୩ ଓଡ଼ିଶାରେ ଶ୍ରେଷ୍ଠ କୃଷୀ ଉନ୍ନୟନ କାର୍ଯ୍ୟକ୍ରମ
୩୭ ଓଡ଼ିଶାରେ ଯୁବ-ଅପରାଧ
୪୧ କୃଷି ଯୋଜନାର ଲକ୍ଷ୍ୟ ଓ ସଫଳତା
୪୫ ଓଡ଼ିଶାରେ ସ୍ୱଳ୍ପ ସଂଚୟ ଆନ୍ଦୋଳନ
୪୯ ପଶ୍ଚିମ ଓଡ଼ିଶାର ସଭ୍ୟତାକୁ ସୁନ୍ଦରଗଡ଼ର ଅବଦାନ
୫୧ ବେକାର ସମସ୍ୟା ସମାଧାନରେ କୃଷିର ଭୂମିକା
୫୩ ବଡ଼ମ୍ବାର ସିଂହନାଥ ମନ୍ଦିର
୫୭ କୃଷ ଓ କୃଷୀ : ସଫଳତାର ଏକ କାହାଣୀ
୫୯ କ୍ଷୁଦ୍ର କୃଷକ ଉନ୍ନୟନ ସଂସ୍ଥାର ଭୂମିକା
୬୫ ଓଡ଼ିଶାରେ ଶ୍ରମମଙ୍ଗଳ : କେତୋଟି ପଦକ୍ଷେପ
୬୯ ସ୍ୱଳ୍ପ ସଞ୍ଚୟ ଯୋଜନାର ଅଗ୍ରଗତି
୭୦ ଓଡ଼ିଶାରେ ମତ୍ସ୍ୟ ଚାଷର ବିକାଶ
୭୩ ଆମରାଜ୍ୟ
୮୦ ସଂବାଦପତ୍ର ସଂପାଦକୀୟରୁ
୮୨ ବିଶିଷ୍ଟ ଘଟଣାବଳୀ—ଓଡ଼ିଶା
୮୩ ଉତ୍କଳ ପ୍ରସଙ୍ଗରେ ଗତବର୍ଷ ପ୍ରକାଶିତ ବିଷୟ ସୂଚୀ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରଯାଉଥାଏ । ସେଭଳି ବିଷୟକୁ ସଂପୂର୍ଣ୍ଣ ଓ ଅନୁମୋଦିତ ମୂଳପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ବାର୍ଷିକ ଗ୍ରାହକ ଦେୟ—ଟ ୪·୮୦
ପ୍ରତିଖଣ୍ଡର ମୂଲ୍ୟ — ଟ ୦·୪୦
ପ୍ରକାଶନ—ପ୍ରତିମାସ ୧୫ ତାରିଖ



ସ୍ୱାଧୀନତା ଦିବସ ଉପଲକ୍ଷେ

# ଓଡ଼ିଶା ରାଜ୍ୟପାଳଙ୍କ ବାର୍ତ୍ତା

ଆମ ସ୍ୱାଧୀନତାର ଚତୁର୍ବିଂଶ ବାର୍ଷିକୀ ଉପଲକ୍ଷେ ଓଡ଼ିଶାର ଜନସାଧାରଣଙ୍କ ପ୍ରତି ମୋର ସାଦର ଅଭିନନ୍ଦନ ଜଣାଉଛି ।

ଯେଉଁ ଅଗଣିତ ଯୋଦ୍ଧୃବୃନ୍ଦ ମୁକ୍ତି ସଂଗ୍ରାମରେ ସାହସ ସହକାରେ ଲଢ଼ିଥିଲେ ଆଜି ଆମେ ଭକ୍ତି-ବିନମ୍ର-ଚିତ୍ତରେ ସେମାନଙ୍କୁ ସ୍ମରଣ କରୁଛୁଁ । ଦେଶର ସ୍ୱାଧୀନତା ହାସଲ ନିମନ୍ତେ ସେମାନେ ଯେପରି ନିଜ ନିଜକୁ ଉତ୍ସର୍ଗ କରି ଦେଇଥିଲେ ଓ ନିଃସ୍ୱାର୍ଥପର ଭାବରେ କାର୍ଯ୍ୟ କରିଥିଲେ ସେଥିପାଇଁ ଆମେ କୃତଜ୍ଞତା ସହକାରେ ସେମାନଙ୍କ ସ୍ମରଣ କରିବା ଆବଶ୍ୟକ । ଏହି ସ୍ୱାଧୀନତାକୁ ବଜାୟ ରଖିବା ଓ ଆମ୍ଭମାନଙ୍କର ମିଳିତ ଉଦ୍ୟମ ବଳରେ ଆମର ଜାତୀୟ ସ୍ୱାର୍ଥକୁ ଅପ୍ରତିହତ ରଖିବା ବର୍ତ୍ତମାନ ଆମମାନଙ୍କର ଦାୟିତ୍ୱ । ଆମର ପୂର୍ବ ସୀମାନ୍ତର ସେପଟେ ଜନସାଧାରଣଙ୍କ ମଧ୍ୟରେ ଗଣତାନ୍ତ୍ରିକ ଅଧିକାର ହାସଲପାଇଁ ଯେଉଁ ତ୍ୟାଗ ଓ ଅକଥନୀୟ ଉତ୍ପୀଡ଼ନ ଭୋଗ କରିପାରିବାର ମନୋବୃତ୍ତି ଉପରେ ଆତ୍ମପ୍ରକାଶ କରିଛି ତାହା ଆମେ ଦେଖି ପାରୁଛେ ।

ଦେଶ ବହୁଦିଗରେ ଦ୍ରୁତ ଅଗ୍ରଗତି କରିଛି । ତଥାପି ଆହୁରି ଏପରି ଅନେକ ସମସ୍ୟା ରହିଛି ଯେଉଁଥି-ପ୍ରତି ଜରୁରି ଧ୍ୟାନ ଦିଆଯିବା ଆବଶ୍ୟକ । ସଂକଳ୍ପବଦ୍ଧ ଉଦ୍ୟମ ସହକାରେ ଆମକୁ ସେ ସବୁ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ସମସ୍ୟାଗୁଡ଼ିକର ସମାଧାନ କରି ନିଜ ଯୋଗ୍ୟତାର ପରିଚୟ ଦେବାକୁ ହେବ ।

ସୁତରାଂ, ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଜି ଆମେ ନିଜ ନିଜକୁ ଉତ୍ସର୍ଗ କରିଦେବା । ଯେଉଁମାନେ ଦେଶର ମୁକ୍ତିପାଇଁ ଲଢ଼ିଥିଲେ ସେମାନଙ୍କ ଚିରପୋଷିତ ସ୍ୱପ୍ନକୁ ସଫଳ କରିବା ପାଇଁ ଆମେ ପୁଣି ଥରେ ନିଜକୁ ଉତ୍ସର୍ଗ କରିବା ।

ଏସ୍. ଏସ୍. ଆନ୍‌ସାରି
ରାଜ୍ୟପାଳ, ଓଡ଼ିଶା

ସ୍ୱାଧୀନତା ଦିବସ ଉପଲକ୍ଷେ



# ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆମ୍ଭମାନଙ୍କର ପ୍ରିୟ ଜନ୍ମଭୂମି ଭାରତର ପଞ୍ଚବିଂଶ ସ୍ୱାଧୀନତା ଦିବସରେ ଆଜ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଆଜର ଏହି ପବିତ୍ର ଜାତୀୟ ଦିବସ ଆମ୍ଭମାନଙ୍କପକ୍ଷରେ ପୁଣ୍ୟ ଦିବସ ହୋଇଥିଲେ ମଧ୍ୟ, ରାଜ୍ୟରେ ଦୁର୍ଭାଗ୍ୟଜନକ ବନ୍ୟା ଓ ମରୁଡ଼ି ପରିସ୍ଥିତି ସେଥିରେ ଏକ ବିଷାଦ କାଳିମାରେଖା ଟାଣିଦେଇ ଆମ୍ଭମାନଙ୍କ ମନକୁ ଅଭିଭୂତ କରିଛି ।

ଏହି ପର୍ବଦିବସରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ମହତ୍‌ବାଣୀ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସହିଷ୍ଣୁତା ଓ ସାହସର ସହିତ କର୍ତ୍ତବ୍ୟ ପଥରେ ଅଗ୍ରସର ହେବାଲାଗି ମୁଁ ଓଡ଼ିଶାବାସୀ, ବିଶେଷତଃ ଯୁବଶକ୍ତିକୁ ନିବେଦନ କରୁଛି ।

ମହାତ୍ମା ଗାନ୍ଧୀ ଆମକୁ ସ୍ୱାଧୀନତା ହାସଲପାଇଁ ଆହ୍ୱାନ ଦେବା ସଙ୍ଗେ ସଙ୍ଗେ ସ୍ୱାଧୀନତା ରକ୍ଷା ଓ ତାହାର ଯଥାର୍ଥ ଉପଯୋଗଲାଗି କେତୋଟି ମୂଳମନ୍ତ୍ର ନିର୍ଦ୍ଦେଶ ଦେଇ ଯାଇଛନ୍ତି । ସ୍ୱାବଲମ୍ବନଶୀଳତା, ସଂଯମ, ସତ୍ୟନିଷ୍ଠା, ସମାଜସେବା ଓ ସହିଷ୍ଣୁତା ପ୍ରଭୃତି ଗାନ୍ଧିଜୀଙ୍କ କେତେକ ମୌଳିକ ବ୍ରତରେ ଆଜ ପୁଣି ସଂକଳ୍ପବଦ୍ଧ ହେବାକୁ ମୁଁ ଓଡ଼ିଶାବାସୀଙ୍କୁ ନିବେଦନ କରୁଛି । ଯେଉଁ ଅମର ସହିଦମାନଙ୍କ ଆତ୍ମତ୍ୟାଗ ବଳରେ ଆମ ଦେଶର ବିଜୟରଥ ପ୍ରଗତିମାର୍ଗରେ ଅବତୀର୍ଣ୍ଣ ହୋଇଛି, ସେହି ବୀର ସୈନିକମାନଙ୍କ ସ୍ମୃତିପ୍ରତି ମୁଁ ଶ୍ରଦ୍ଧାଞ୍ଜଳି ଜଣାଇବା ସଙ୍ଗେ ସଙ୍ଗେ ଆମର ଜୟଯାତ୍ରାର ସଫଳତା କାମନା କରୁଛି ।

ଜୟହିନ୍ଦ୍

ବିଶ୍ୱନାଥ ଦାସ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଏ ସଂଖ୍ୟାରେ ଲେଖିଛନ୍ତି :

❊ **ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା**, ଆଇ. ଏ. ଏସ.
ଲୋକ ସମ୍ପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ, ଓଡ଼ିଶା

❊ **ଶ୍ରୀ ବ୍ରଜ ବିହାରୀ ମିଶ୍ର**, ଆଇ. ପି.
ପୋଲିସ ଇନ୍‌ସପେକ୍ଟର-ଜେନେରାଲ, ଓଡ଼ିଶା

❊ **ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି**
ସମବାୟ ବିଭାଗ

❊ **ଅଧ୍ୟାପକ ଶ୍ରୀ ଜଗନ୍ନାଥ ମହାନ୍ତି**
ରାଧାନାଥ ଟ୍ରେନିଂ କଲେଜ, କଟକ

❊ **ଶ୍ରୀ ସଚ୍ଚିଦାନନ୍ଦ ରଥ**, ଓ. ଏ. ଏସ୍.
ଉପ ଶାସନ ସଚିବ, କୃଷି ଓ ସମବାୟ ବିଭାଗ

❊ **ଶ୍ରୀ ରାଜକିଶୋର ଭୁଜବଳ**, ଆଇ. ଏ. ଏସ୍.
ଜିଲ୍ଲାପାଳ, ଢେଙ୍କାନାଳ

❊ **ଶ୍ରୀ ଆନନ୍ଦଚନ୍ଦ୍ର ପ୍ରଧାନ**
ପୋଲିସ ଇନ୍‌ସପେକ୍ଟର୍

❊ **ଶ୍ରୀ କମଳଲୋଚନ ମହାନ୍ତି**
ଉପ ନିର୍ଦ୍ଦେଶକ, କୃଷି ବିଭାଗ

❊ **ଶ୍ରୀ ଅକ୍ଷୟ କୁମାର ବିଶ୍ୱାଳ**, ଓ. ଏ. ଏସ୍.
ଉପ ନିର୍ଦ୍ଦେଶକ, ସ୍ୱଳ୍ପ ସଞ୍ଚୟ

❊ **ଶ୍ରୀ ପରମାନନ୍ଦ ନନ୍ଦ**
ଜିଲ୍ଲା ଲୋକ ସମ୍ପର୍କ ଅଫିସର, ସୁନ୍ଦରଗଡ଼

❊ **ଶ୍ରୀ ହରବନ୍ଧୁ ଶତପଥୀ**
ବାଲେଶ୍ୱର

❊ **ଶ୍ରୀ ରମେଶ ପ୍ରସାଦ ମହାପାତ୍ର**
କ୍ୟୁରେଟର, ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର

❊ **ଶ୍ରୀ ରାମଚନ୍ଦ୍ର ପାତ୍ର**, ଆଇ. ଏ. ଏସ୍.
ଶ୍ରମ ସଂସ୍ଥାପକ, ଓଡ଼ିଶା

# ଏକ ସମୃଦ୍ଧିଶାଳୀ ଓଡ଼ିଶା ଗଠନ ଦିଗରେ ପଦକ୍ଷେପ

୧୯୭୧ ମସିହା ଆରମ୍ଭରେ ବହୁ ଐତିହାସିକ ଘଟଣା ଘଟି ଯାଇଛି । ଭାରତବର୍ଷ ଓ ଏହାର ପଡ଼ୋଶୀ ଦେଶ ପୂର୍ବ ବଙ୍ଗରେ ଏହି ସମୟରେ ବହୁ ପରିବର୍ତ୍ତନ ହୋଇଛି । ଆମ ରାଜ୍ୟ ଓଡ଼ିଶା ପକ୍ଷେ ମଧ୍ୟ ଏହି ସମୟ କମ୍ ଗୁରୁତ୍ୱପୂର୍ଣ୍ଣ ନ ଥିଲା । ୧୯୭୧ ଜାନୁୟାରୀ ମାସରେ ସ୍ୱତନ୍ତ୍ର-ଜନ କଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳ ଇସ୍ତଫା ଦେବା ଫଳରେ ରାଜ୍ୟ ବିଧାନ ସଭାକୁ ଭାଙ୍ଗି ଦିଆଯିବା ସଙ୍ଗେ ସଙ୍ଗେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରା ଯାଇଥିଲା । ଲୋକସଭା ନିର୍ବାଚନ ସହିତ ରାଜ୍ୟ ବିଧାନ ସଭା ପାଇଁ ନିର୍ବାଚନ କରିବା ନିମନ୍ତେ ନିର୍ବାଚନ କମିଶନ ଇସ୍ତାହାର ପ୍ରକାଶ କଲେ ଏବଂ ୧୯୭୧ ମାର୍ଚ୍ଚ ୫ ତାରିଖରେ ଏହି ଉଭୟ ନିର୍ବାଚନ ଏକ ସଙ୍ଗରେ କରା ଯାଇଥିଲା । ନିର୍ବାଚନରେ କୌଣସି ଦଳ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରି ପାରିଲେ ନାହିଁ । ଏଣୁ ଏକ ସର୍ବନିମ୍ନ ମିଳିତ କାର୍ଯ୍ୟକ୍ରମକୁ ଭିତ୍ତି କରି ମିଳିତ ମନ୍ତ୍ରି ମଣ୍ଡଳ ଗଠନ କରିବା ପାଇଁ ଜୟ ଲାଭ କରିଥିବା ଦଳ ଗୁଡ଼ିକ ମଧ୍ୟରେ ଆଲୋଚନା ଚାଲିଲା । ଏହା ଫଳରେ ଶ୍ରୀ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଏକ ମନ୍ତ୍ରିମଣ୍ଡଳ ଗଠନ କରିବା ପାଇଁ ସ୍ୱତନ୍ତ୍ର, ଉତ୍କଳ-କଂଗ୍ରେସ ଓ ଝାଡ଼ଖଣ୍ଡ ଦଳକୁ ନେଇ ଏକ ମିଳିତ ସାମୁଖ୍ୟ ଗଠିତ ହୋଇଥିଲା । ଏହି ନୂତନ ମିଳିତ ସାମୁଖ୍ୟ ମନ୍ତ୍ରି ମଣ୍ଡଳ ୧୯୭୧ ଅପ୍ରେଲ ୩ ତାରିଖରେ ଶ୍ରୀ ଦାସଙ୍କ ନେତୃତ୍ୱରେ ଶପଥ ଗ୍ରହଣ କରିଥିଲେ ।

## ୧୭ ଦଫା କାର୍ଯ୍ୟକ୍ରମ

ମିଳିତ ସାମୁଖ୍ୟ ସରକାର ତାଙ୍କର ୧୭ ଦଫା ସମ୍ବଳିତ ମିଳିତ କାର୍ଯ୍ୟକ୍ରମ ମଧ୍ୟରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ ୪ର୍ଥ ଯୋଜନା କାଳରେ ଓଡ଼ିଶାରେ ଏକ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା ଏବଂ ପାରାଦୀପ ବନ୍ଦରର ଦ୍ରୁତ ବିକାଶ ତଥା ବନ୍ଦର ଅଞ୍ଚଳ ମଧ୍ୟରେ ଶିଳ୍ପ ଓ ସହରାଞ୍ଚଳର ସଂପ୍ରସାରଣ ପାଇଁ ଉଦ୍ୟମ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରିଛନ୍ତି । କୃଷିର ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଉଠାଜଳସେଚନ ସୁବିଧା ସୁଯୋଗର ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ବିଦ୍ୟୁତ୍ ଶକ୍ତି ଯୋଗାଣ ଦିଆଯିବା ଏବଂ ରାଜ୍ୟରେ ବହୁ ମାତ୍ରାରେ କର୍ମ ସଂସ୍ଥାନର ସୁବିଧା ସୁଯୋଗ ସୃଷ୍ଟି କରିବା ଲାଗି କ୍ଷୁଦ୍ର ଶିଳ୍ପର ସଂପ୍ରସାରଣ କରିବା ପାଇଁ କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ବ୍ୟବସ୍ଥା ରହିଛି ଯେ ଜଳସେଚନ ଯୋଜନାଗୁଡ଼ିକର ସଂପ୍ରସାରଣ କରାଯିବ ଏବଂ ଅସଂପୂର୍ଣ୍ଣ ଯୋଜନାଗୁଡ଼ିକୁ ଯଥାଶୀଘ୍ର ସଂପୂର୍ଣ୍ଣ କରାଯିବ । ଏହା ବ୍ୟତୀତ ଭୂ-ସଂସ୍କାର ବ୍ୟବସ୍ଥାକୁ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ନିଆ ଯାଇଛି । ଅନୁନ୍ନତ ଅଞ୍ଚଳର ବିକାଶ ଲାଗି ମିଳିତ ସରକାର ଏକ ସ୍ୱତନ୍ତ୍ର ଉନ୍ନୟନ ବୋର୍ଡ ସ୍ଥାପନ କରିବାକୁ ନିଷ୍ପତ୍ତି କରିଛନ୍ତି । ଆଉ ମଧ୍ୟ ରାଜ୍ୟରେ ସରକାରୀ, ବେସରକାରୀ ଓ ମିଳିତ ପ୍ରଚେଷ୍ଟାରେ ଶିଳ୍ପ ସ୍ଥାପନ କରି ଶିଳ୍ପାୟନର ବେଗକୁ ତ୍ୱରାନ୍ୱିତ କରିବା ପାଇଁ ଏବଂ ଖୁବ୍

ଶସ୍ତ୍ର ଭିତ୍ତି ଭୂମିର ବିକାଶ କରିବା ପାଇଁ ସ୍ଥିର କରାଯାଇଛି । ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ଲାଗି ଉଦ୍ୟମ କରିବା ସଙ୍ଗେ ସଙ୍ଗେ ଏହି ମିଳିତ କାର୍ଯ୍ୟକ୍ରମରେ ବ୍ୟବସ୍ଥା ରଖାଯାଇଛି ।

## ୧୯୭୧ ମସିହା ଜନଗଣନା

୧୯୭୧ ମସିହା ଜନଗଣନା ହିସାବ ଅନୁଯାୟୀ ଓଡ଼ିଶାର ମୋଟ ଲୋକ ସଂଖ୍ୟା ହେଉଛି ୨୧,୯୩୪,୮୨୭ । ଏଥି ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ହେଉଛି ୧୧,୦୨୮,୦୩୬ ଏବଂ ମହିଳାଙ୍କ ସଂଖ୍ୟା ହେଉଛି ୧୦,୯୦୬,୭୯୧ । ଓଡ଼ିଶାର ଲୋକସଂଖ୍ୟା ଭାରତର ମୋଟ ଲୋକସଂଖ୍ୟାର ଶତକଡ଼ା ୪.୦୧ ଭାଗ । ୧୯୫୧--୬୧ ଦଶନ୍ଧି ମଧ୍ୟରେ ଓଡ଼ିଶାର ଲୋକସଂଖ୍ୟା ଶତକଡ଼ା ୧୯.୮୨ ହିସାବରେ ବୃଦ୍ଧି ପାଇଥିବା ସ୍ଥଳେ ୧୯୬୧—୭୧ ଦଶନ୍ଧି ମଧ୍ୟରେ ଏହା ଶତକଡ଼ା ୨୫.୯୯ ହିସାବରେ ବୃଦ୍ଧି ପାଇଛି । ଓଡ଼ିଶାରେ ମହିଳାଙ୍କ ସଂଖ୍ୟା ଆନୁପାତିକ ହ୍ରାସ ପାଇବାରେ ଲାଗିଛି । ବର୍ତ୍ତମାନ ଓଡ଼ିଶାରେ ପ୍ରତି ହଜାରେ ଜଣ ପୁରୁଷଙ୍କ ସ୍ଥଳେ ୯୮୯ ଜଣ ମହିଳା ଥିବାର ଜନଗଣନା ହିସାବରୁ ଜଣାଯାଏ । ୧୯୬୧ ମସିହାରେ ଓଡ଼ିଶାରେ ସାକ୍ଷର ହାର ଶତକଡ଼ା ୨୧.୬୬ ଭାଗ ଥିବା ସ୍ଥଳେ ୧୯୭୧ ମସିହାରେ ସାକ୍ଷର ହାର ୨୬.୧୨ ଭାଗକୁ ବୃଦ୍ଧି ପାଇଛି । ୧୯୬୧ ମସିହାରେ ମହିଳାଙ୍କ ମଧ୍ୟରେ ସାକ୍ଷର ହାର ଶତକଡ଼ା ୮.୬୫ ଥିବାବେଳେ ୧୯୭୧ ମସିହାରେ ଏହି ହାର ଶତକଡ଼ା ୧୩.୭୫କୁ ବୃଦ୍ଧି ପାଇଛି । ୧୯୬୧ ମସିହାରେ ଓଡ଼ିଶାରେ ପ୍ରତି କିଲୋମିଟରରେ ୧୧୩ ଜଣ ଲୋକ ରହୁଥିବାବେଳେ ୧୯୭୧ ମସିହାରେ ଏହି ସଂଖ୍ୟା ୧୪୧କୁ ବୃଦ୍ଧି ପାଇଛି । ୧୯୬୧ ମସିହାରେ ଓଡ଼ିଶାରେ ଗୋଟିଏ ନଗର ଥିବା ସ୍ଥଳେ ବର୍ତ୍ତମାନ ତାହା ୪କୁ ବୃଦ୍ଧି ପାଇଛି । ସେଗୁଡ଼ିକର ନାମ ହେଲା କଟକ, ରାଉରକେଲା, ଭୁବନେଶ୍ୱର ଓ ବ୍ରହ୍ମପୁର ।

ବିଗତ କେତେବର୍ଷ ମଧ୍ୟରେ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ବହୁବିଧ ଉନ୍ନତି ସାଧିତ ହୋଇଛି । ସମୃଦ୍ଧିର ବେଗକୁ ତ୍ୱରାନ୍ୱିତ କରିବା ନିମନ୍ତେ ଚଳିତ ବର୍ଷ ମଧ୍ୟ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ରାଜ୍ୟ ସରକାରଙ୍କର ବହୁବିଧ ଉନ୍ନୟନ କାର୍ଯ୍ୟକ୍ରମ ମଧ୍ୟରୁ କେତେକ ସଂପର୍କରେ ନିମ୍ନରେ ସଂକ୍ଷେପରେ ସୂଚନା ଦିଆଗଲା :

## କୃଷି

ରାଜ୍ୟର ଅର୍ଥନୀତିରେ କୃଷି ପୂର୍ବ ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ରାଜ୍ୟର ମୋଟ ଆୟର ଶତକଡ଼ା ୬୦ ଭାଗ କୃଷିରୁହିଁ ଆସିଥାଏ । ଏହା ଛଡ଼ା ବିଭିନ୍ନ କାମ ଧନ୍ଦା କରୁଥିବା ଲୋକମାନଙ୍କ ମଧ୍ୟରୁ ଶତକଡ଼ା ୭୫ ଭାଗ ଲୋକଙ୍କର ଜୀବିକା ହେଉଛି କୃଷି । ତେଣୁ କୃଷି ଉତ୍ପାଦନ ଉପରେ ସର୍ବାପେକ୍ଷା ଅଧିକ ଗୁରୁତ୍ୱ ଆରୋପ କରାଯାଉଛି । ୧୯୭୦--୭୧ରେ କେବଳ ଏହି କ୍ଷେତ୍ରରେ ବିଭିନ୍ନ କୃଷି ଉତ୍ପାଦନ ଯୋଜନା ନିମନ୍ତେ ୨.୪୮ କୋଟି ଟଙ୍କାର ବ୍ୟୟ ବରାଦ ରହିଥିଲା । ୧୯୭୧--୭୨ରେ ଏ ବାବଦ ବ୍ୟୟ ପରିମାଣ ୩.୦୨ କୋଟି ଟଙ୍କାକୁ ବୃଦ୍ଧି କରାଯାଉଛି । ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ ଜଳସେଚନ ବ୍ୟବସ୍ଥାର ବ୍ୟାପକ ପ୍ରସାର କରା ଯାଉଛି । ତଦନୁଯାୟୀ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପୋଖରୀ ଓ ଗଡ଼ିଆଗୁଡ଼ିକୁ ନିକଟବର୍ତ୍ତୀ କେନାଲ ଓ ନଦୀ ନାଳ ସହିତ ସଂଯୁକ୍ତ କରାଯିବ । ଏହାଦ୍ୱାରା ଉକ୍ତ ପୋଖରୀଗଡ଼ିଆ ବର୍ଷା ଋତୁରେ ଜଳରେ ପରିପୂର୍ଣ୍ଣ ହୋଇ ରହିବା ସଙ୍ଗେ ସଙ୍ଗେ ହଜାର ହଜାର ଏକର ରବି ଜମିରେ ଜଳସେଚନ କରାଯାଇ ପାରିବ । କୃଷିର ବିକାଶ ନିମନ୍ତେ ଅଧିକ ଅମଳକ୍ଷମ ବିହନ ବ୍ୟବହାର, ଉନ୍ନତ କୃଷି ପ୍ରଣାଳୀର ଅବଲମ୍ବନ, ଅର୍ଥକର ଫସଲର ପ୍ରସାର, ପ୍ରୟୋଜନୀୟ କୃଷି ଉପକରଣର ଉତ୍ପାଦନ ଏବଂ ସର୍ବୋପରି କୃଷକମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି ।

୧୯୭୦-୭୧ ମସିହାରେ ଅଧିକ ଅମଳକ୍ଷମ ବିହନ, ଉନ୍ନତ କୃଷି ଉପକରଣ ଓ ଯନ୍ତ୍ରପାତିର ବ୍ୟବହାର ସାଙ୍ଗକୁ ଏକାଧିକ ଫସଲ ଚାଷ ଫଳରେ ଉତ୍ପାଦନ ୫୪ ଲକ୍ଷ ଟନ୍ ହେବ ବୋଲି ଆଶା କରା ଯାଉଛି । ଗତ ବର୍ଷ ୨.୫୬ ଲକ୍ଷ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ କରାଯାଇଥିଲା ।

ଉନ୍ନତ ବିହନ ଓ ଅଧିକ ଜମିରେ ଉନ୍ନତ କୃଷି ପ୍ରଣାଳୀ ଅବଲମ୍ବନ ଦ୍ୱାରା ଝୋଟ, ତୈଳବୀଜ ଓ ଆଖୁ ଭଳି କେତେକ ମୁଖ୍ୟ ଅର୍ଥକର ଫସଲର ଉତ୍ପାଦନ ବ୍ୟାପକ ବୃଦ୍ଧି ପାଇଛି । ୧୯୭୦-୭୧ ମସିହାରେ ୪.୧୦ ଲକ୍ଷ ଗାଣ୍ଠି ଝୋଟ ଓ ମେସ୍ତା ଉତ୍ପାଦିତ ହୋଇଥିବା ସ୍ଥଳେ ୨.୧୪ ଲକ୍ଷ ଟନ ତୈଳବୀଜ ଉତ୍ପାଦିତ ହୋଇ ଥିବାର ହିସାବ କରା ଯାଉଛି । ଏହିପରି ଗତବର୍ଷ ୨.୩୭ ଲକ୍ଷ ଟନ ଆଖୁ ଉତ୍ପାଦିତ ହୋଇଥିଲା ।

ଢେଙ୍କାନାଳ, ଗଞ୍ଜାମ ଓ ବଲାଙ୍ଗୀର ଜିଲାରେ ୩ଟି ଯୋଗ ଚାଷୀ ଉନ୍ନୟନ ସଂସ୍ଥା ଗଠନ କରାଯାଇଛି । ଛୋଟ ଛୋଟ ଚାଷୀ, ଭୂମିହୀନ କୃଷି ମଜୁରୀଆମାନଙ୍କ କଲ୍ୟାଣ ନିମନ୍ତେ ଏପରି ଦୁଇଟି ସଂସ୍ଥା କଟକ ଓ କେନ୍ଦୁଝର ଜିଲାରେ ମଧ୍ୟ ଗଠନ କରାଯାଉଛି ।

## ବୃହତ୍ ଜଳସେଚନ ଯୋଜନା

୧। ହୀରାକୁଦ ଯୋଜନା:—ହୀରାକୁଦ ଜଳ ବିଦ୍ୟୁତ୍ ଯୋଜନା ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା । ସମ୍ବଲପୁର ସହର ନିକଟରେ ମହାନଦୀରେ ଏହି ଯୋଜନାଟି ନିର୍ମିତ ହୋଇଛି । ଏହି ଯୋଜନା ନିମନ୍ତେ ୬୬,୯୯'୯୪ ଲକ୍ଷ ଟଙ୍କା ଅଟକଳ ହୋଇଥିବା ସ୍ଥଳେ ୧୯୬୯-୭୦ ମସିହା ସୁଦ୍ଧା ୬୫,୩୮'୭୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।

୧୯୬୯-୭୦ ମସିହା ସୁଦ୍ଧା ଏହି ଯୋଜନାଦ୍ୱାରା ଖରିଫ ଋତୁରେ ୩୬୪,୪୫୦ ଏକର ଓ ରବି ଋତୁରେ ୨୨୨,୦୦୦ ଏକର ଜମିରେ ଜଳସେଚନ ହୋଇ ପାରୁଛି । ଏହି ଯୋଜନାଟି ସମ୍ପୂର୍ଣ୍ଣ ହେଲେ ଖରିଫ ଋତୁରେ ୪,୦୫,୦୦୦ ଏକର ଜମିରେ ଜଳସେଚନ କରାଯାଇପାରିବ ।

୨। ମହାନଦୀ ତ୍ରିକୋଣଭୂମି ଜଳସେଚନ ଯୋଜନା— ଏହି ଯୋଜନାଟି ୨ଟି ପର୍ଯ୍ୟାୟରେ ବିଭକ୍ତ । ପ୍ରଥମ ପର୍ଯ୍ୟାୟରେ ଜୋବ୍ରା ଓ ବିରୁପାଛିଡ ଆନିକଟ୍ ଦ୍ୱୟର ସଂପ୍ରସାରଣ କରାଯିବା ସଙ୍ଗେ ସଙ୍ଗେ କେନାଲଗୁଡ଼ିକର ମଧ୍ୟ ସଂପ୍ରସାରଣ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ମୁଣ୍ଡଳୀଠାରେ ମହାନଦୀରେ ଆନିକଟ ନିର୍ମାଣ କରାଯାଇ କଟକ ପୁରୀ ଜିଲ୍ଲାରେ ଜଳସେଚନ ନିମନ୍ତେ ନୂଆ କେନାଲ ନିର୍ମାଣ କରାଯିବ । ଏହି ଯୋଜନାର ସଂଶୋଧିତ ଅଟକଳର ପରିମାଣ ୬୮,୩୮'୦୭ ଲକ୍ଷ ଟଙ୍କା ଥିବା ସ୍ଥଳେ ୧୯୬୯-୭୦ ସୁଦ୍ଧା ୩୧,୮୦'୯୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି । ଗତବର୍ଷ ସୁଦ୍ଧା ଏହି ଯୋଜନା ଦ୍ୱାରା ଖରିଫ ଋତୁରେ ୫୮୯,୦୦୦ ଏକର ଓ ରବି ଋତୁରେ ୯୫'୭୪୦ ଏକର ଜମିରେ ଜଳସେଚନ ହୋଇ ପାରିଛି । ଯୋଜନା ସମ୍ପୂର୍ଣ୍ଣ ହେଲେ ଖରିଫ ଋତୁରେ ୧,୦୦୦,୦୦୦ ଏକର ଓ ରବି ଋତୁରେ ୬୬୭,୦୦୦ ଏକର ଜମିରେ ଜଳସେଚନ ହୋଇ-ପାରିବ ।

୩। ସାଲନ୍ଦୀ ଯୋଜନା—କେନ୍ଦୁଝର ଜିଲ୍ଲାର ହଦଗଡ଼ ଗ୍ରାମ ନିକଟରେ ଏହି ଜଳସେଚନ ଯୋଜନାଟି ନିର୍ମିତ ହୋଇଛି । ଏହି ଯୋଜନାରେ ମୋଟରେ ୧୩,୦୭'୬୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ୧୯୬୯-୭୦ ସୁଦ୍ଧା ୧୩,୬୭.୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହି ଯୋଜନାଟି ସମ୍ପୂର୍ଣ୍ଣ ହେଲେ ଖରିଫ ଋତୁରେ ୧୧୩,୦୦୦ ଏକର ଓ ରବି ଋତୁରେ ୪୦,୦୦୦ ଏକର ଜମିରେ ଜଳସେଚନ ହୋଇ-ପାରିବ ।

## ମଧ୍ୟମ ଜଳସେଚନ ଯୋଜନା

ରାଜ୍ୟରେ ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ୧୨ ଗୋଟି ମଧ୍ୟମ ଜଳସେଚନ ଯୋଜନା ମଧ୍ୟରୁ କେତୋଟିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଓ ଅବଶିଷ୍ଟ ଯୋଜନାର କାର୍ଯ୍ୟ ଚାଲିଛି । ଏଗୁଡ଼ିକ ହେଲା: ପୁରୀ ଜିଲ୍ଲାର ସାଲିଆ, ବୁଢ଼ାବୁଡ଼ୀଆଣୀ ଓ ଡାହୁକା; ଗଞ୍ଜାମ ଜିଲ୍ଲାର ଘୋଡ଼ାହାଡ଼, ଧନେଇ, ହୀରାଧାର-ବାଟି, ବାଘୁଆ ଓ ବାହୁଡ଼ାର ପ୍ରଥମ ପର୍ଯ୍ୟାୟ; ଢେଙ୍କାନାଳ ଜିଲ୍ଲାର ଦେଉଜର; ଫୁଲବାଣୀ ଜିଲ୍ଲାର ସାଲୁକି; ସୁନ୍ଦରଗଡ଼ ଜିଲ୍ଲାର ପିତାମାହାଲ ଓ କଳାହାଣ୍ଡି ଜିଲ୍ଲାର ଉତେଇ ।

ସାଲିଆ ଜଳସେଚନ ଯୋଜନା ମାଧ୍ୟମରେ ଚଳିତ ରବି ଋତୁରେ ୧,୦୦୦ ଏକର ଜମିରେ ଜଳସେଚନର ବ୍ୟବସ୍ଥା କରା-ଯାଉଛି । ୧୯୬୬-୬୭ ରେ ଶେଷ ହୋଇଥିବା ସାଲକି ପରିକଳ୍ପନା ଖରିଫ ଋତୁରେ ୪୦,୦୦୦ ଏକର ଓ ରବି ଋତୁରେ ୧୫,୦୦୦ ଏକର ଜମିକୁ ଜଳ ଯୋଗାଉଛି । ବୁଢ଼ାବୁଡ଼ିଆଣୀ ଜଳସେଚନ ପରିକଳ୍ପନା ବର୍ତ୍ତମାନ ଖରିଫ ଚାଷ କରାଯାଉଥିବା ୬,୫୦୦ ଏକର ଜମିକୁ ଓ ରବି ଫସଲ କରାଯାଉଥିବା ୨,୭୦୦ ଏକର ଜମିକୁ ଜଳସେଚନ କରୁଅଛି । ୧୯୬୯-୭୦ ମସିହାରେ ଧନେଇ ଜଳସେଚନ ପରିକଳ୍ପନା ମାଧ୍ୟମରେ ମଧ୍ୟ ଖରିଫ ଚାଷ କରା ଯାଉଥିବା ୯,୫୦୦ ଏକର ଜମି ଏବଂ ରବିଚାଷ କରାଯାଉଥିବା ୩,୫୦୦ ଏକର ଜମିରେ ଜଳସେଚନ କରାଯାଉଛି । ୧୯୬୯-୭୦ ମସିହାରେ ଡାଉଜର ଜଳସେଚନ ପରିକଳ୍ପନା ଦ୍ୱାରା ଖରିଫ୍ ଚାଷ କରାଯାଉଥିବା ୮,୨୦୦ ଏକର ଏବଂ ରବି ଚାଷ କରାଯାଉଥିବା ୧,୦୦୦ ଏକର ଜମିରେ ଜଳସେଚନ କରାଯାଉଥିଲା । ୧୯୬୯-୭୦ ମସିହାରେ ବାହୁଡ଼ା ଜଳସେଚନ ଯୋଜନାର ପ୍ରଥମ ପର୍ଯ୍ୟାୟରେ ଖରିଫ୍ ଚାଷ କରାଯାଉଥିବା ୯,୦୦୦ ଏକର ଜମି ଓ ରବିଚାଷ କରାଯାଉଥିବା ୧୫,୦୦୦ ଏକର ଜମିରେ ଜଳସେଚନ କରା-ଯାଉଥିଲା । ହୀରାଧାରବାଟି ପରିକଳ୍ପନା ମାଧ୍ୟମରେ ୧୯୬୯-୭୦ ମସିହାରେ ଖରିଫ୍ ଚାଷ କରାଯାଉଥିବା ୧୧,୫୦୦ ଏକର ଏବଂ ରବିଚାଷ କରାଯାଉଥିବା ୫୪୦ ଏକର ଜମିରେ ଜଳସେଚନ କରା-ଯାଉଥିଲା । ଅନ୍ୟାନ୍ୟ ପରିକଳ୍ପନା ଗୁଡ଼ିକର କାର୍ଯ୍ୟରେ ଅଗ୍ରଗତି ଲକ୍ଷ୍ୟ କରାଯାଉଅଛି ।

## ଉଠାଜଳସେଚନ

ଉଠାଜଳସେଚନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ୪୭୧ ଗୋଟି ପରିକଳ୍ପନାକୁ ହାତକୁ ନିଆଯାଇଥିଲା । ସେଥିମଧ୍ୟରୁ ୧୯୬୯-୭୦ ମସିହାରେ ୭୧ ଟି ପରିକଳ୍ପନାର କାର୍ଯ୍ୟ ଏସ୍, ଟି. ଲାଇନ୍‌ର ମୂଲ୍ୟାଧିକ ଯୋଗୁ ଚଳାଇ ନହେବାରୁ ସେସବୁ ଯୋଜନା ଗୁଡ଼ିକୁ ପୁରାପୁରି ବାଦ୍ ଦିଆଗଲା । ଅବଶିଷ୍ଟ ୪୦୦ ପରିକଳ୍ପନା ମଧ୍ୟରୁ ୩୧୪ ଟି ପରିକଳ୍ପନାର କାର୍ଯ୍ୟ ଶେଷ ହୋଇଗଲାଣି ଏବଂ ୨୫୫ ଗୋଟି ପରିକଳ୍ପନାକୁ ୧୯୬୮-୬୯ ମସିହା ଶେଷ ସୁଦ୍ଧା ବିଦ୍ୟୁତ ଯୋଗାଇ ଦିଆଯାଇ କାର୍ଯ୍ୟକାରୀ କରାଗଲାଣି । ଏହାଛଡ଼ା ଚତୁର୍ଥ ଯୋଜନା କାଳର ଦୁଇବର୍ଷ ମଧ୍ୟରେ ୩୫ଟି ପରିକଳ୍ପନାକୁ ହାତକୁ ନିଆଯାଇ କାର୍ଯ୍ୟକାରୀ କରାଗଲାଣି । ୪୩୫ ଟି ପରିକଳ୍ପନା ମଧ୍ୟରୁ ଏପର୍ଯ୍ୟନ୍ତ ହାତକୁ ନିଆଯାଇଥିବା ପରିକଳ୍ପନା ଗୁଡ଼ିକ ମଧ୍ୟରୁ ୧୯୬୯-୭୦ ମସିହା ମଧ୍ୟରେ ୩୬୩ ଟି ପରିକଳ୍ପନାର କାର୍ଯ୍ୟସମ୍ପୂର୍ଣ୍ଣ କରାଯାଇଛି ଓ ୧୯୭୦-୭୧ ମସିହାରେ ୭୨ଟି ପରିକଳ୍ପନାର କାର୍ଯ୍ୟ ଶେଷହୋଇ ହେବ । ୧୯୬୯-୭୦ ମସିହାର ଶେଷ ବେଳକୁ ୩୧୨ ଟି ପରିକଳ୍ପନାକୁ ବିଦ୍ୟୁତ ଯୋଗାଇ ଦିଆଯାଇ କାର୍ଯ୍ୟକାରୀ କରାଯାଇଥିଲା । ୧୯୬୯-୭୦ ମସିହାରେ ସଂପୂର୍ଣ୍ଣ କରାଯାଇଥିବା ୩୬୩ ଟି ପରିକଳ୍ପନା ୩୩,୩୫୦ ଏକର ଜମିକୁ ଜଳସେଚନ କରିବା ନିମନ୍ତେ ସକ୍ଷମଥିବା ସ୍ଥଳେ କେବଳମାତ୍ର ୬,୬୮୦ ଏକର ଜମିକୁ ଜଳସେଚିତ କରାଯାଇଛି ।

## ସମବାୟ

ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଚାଷୀଙ୍କୁ ପ୍ରଚୁର ପରିମାଣରେ କୃଷି ସାମଗ୍ରୀ ଓ ଅନ୍ୟାନ୍ୟ ଉପକରଣ ଯୋଗାଇଦେବା ନିମନ୍ତେ ସମବାୟ ଆନ୍ଦୋଳନର ପ୍ରସାର ଏକାନ୍ତ ପ୍ରୟୋଜନୀୟ । ଏହାକୁ ଲକ୍ଷ୍ୟରେ ରଖି, ବିଶେଷ କରି ଛୋଟ ଛୋଟ ଚାଷୀ ଏବଂ କୃଷିଜୀବୀ ଶ୍ରେଣୀର ଦୁଃସ୍ଥ ଲୋକମାନଙ୍କ ଉପକାର ନିମନ୍ତେ ଋଣନୀତିକୁ ଉତ୍ପାଦନ ଅଭିମୁଖ୍ୟ କରିବା ଉଦ୍ଦେଶ୍ୟରେ ସମବାୟ ଋଣ ସଂଗଠନ, ଋଣନୀତି ଓ ସେ-ସଂକ୍ରାନ୍ତ ନିୟମାବଳୀର ପରିବର୍ତ୍ତନ କରାଯାଇଛି ।

୧୯୭୦-୭୧ ସମବାୟ ବର୍ଷ ମଧ୍ୟରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ସ୍ୱଳ୍ପ ଓ ମଧ୍ୟମ ମିଆଦୀ ଋଣ ବାବତରେ ୮ କୋଟି ୭୦ ଲକ୍ଷ ଟଙ୍କା ମଂଜୁର କରିଥିଲେ । ସେଥି ମଧ୍ୟରୁ ୧ କୋଟି ୩୫ ଲକ୍ଷ ଟଙ୍କା ସାର, ବିହନ ଓ କୀଟନାଶକ ଔଷଧ ଆକାରରେ ଦିଆଯାଇଥିଲା । ଭୂଉନ୍ନୟନ ବ୍ୟାଙ୍କ୍ ମଧ୍ୟ ୩ କୋଟି ୪୧ ଲକ୍ଷ ଟଂକା ଅଗ୍ରିମ ଦେଇଥିଲେ । ସେଥିମଧ୍ୟରୁ ୨୧ ଲକ୍ଷ ଟଙ୍କା ଏ.ଆର୍. ସି. ପରିକଳ୍ପନା ନିମନ୍ତେ ଏବଂ ୨୯୯ ଲକ୍ଷ ଟଙ୍କା କ୍ଷୁଦ୍ର ଜଳସେଚନ ଯୋଜନା ନିର୍ମାଣ ଏବଂ କୃଷି ଯନ୍ତ୍ରପାତି ଯଥା—ଟ୍ରାକ୍ଟର ଓ ପମ୍ପସେଟ୍ କିଣିବା ନିମନ୍ତେ ଦିଆଯାଇଥିଲା । ଅଧିକ ଉତ୍ପାଦନ ଓ ଜଳସେଚନ ଯୋଜନା ନିମନ୍ତେ ମୋଟ ୨୦୦ ଲକ୍ଷ ଟଙ୍କାର ବ୍ୟୟବରାଦକୁ ଗିରି କରି ୮ଟି କୃଷି ପୁନଃ ଅର୍ଥ ଯୋଗାଣ ପରିକଳ୍ପନା ଅନୁମୋଦନ କରାଯାଇଥିଲା ।

ଏହି ପରିକଳ୍ପନାଗୁଡ଼ିକ ନିମନ୍ତେ ଉକ୍ତ ବର୍ଷ ମଧ୍ୟରେ ୨୧ ଲକ୍ଷ ଟଙ୍କା ଅଗ୍ରିମ ଦିଆଯାଇଛି । ଚାଷୀମାନେ ସେମାନଙ୍କର ଉତ୍ପନ୍ନ ଦ୍ରବ୍ୟ ନିମନ୍ତେ ଯେପରି ଉଚିତ ମୂଲ୍ୟ ପାଇ ପାରିବେ ଏବଂ ଅନ୍ୟ ପକ୍ଷରେ ସେମାନେ ସାର, ବିହନ, କୀଟନାଶକ ଔଷଧ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ସୁବିଧାରେ ପାଇ ପାରିବେ ସେ ଉଦ୍ଦେଶ୍ୟରେ ୫୩ ଟି ଆଞ୍ଚଳିକ ସମବାୟ ବିକ୍ରିବଟା ସମିତି ରାଜ୍ୟର ବିଭିନ୍ନ କେନ୍ଦ୍ରସ୍ଥଳୀମାନଙ୍କରେ ଗଠନ କରାଯାଇଛି । ୧୯୭୦-୭୧ ରେ କୋରାପୁଟ ଜିଲ୍ଲାରେ ଉମରକୋଟ ଓ ମାଲକାନଗିରିଠାରେ ୨ଟି ନୂଆ ଆଞ୍ଚଳିକ ସମବାୟ ବିକ୍ରିବଟା ସମିତି ରେଜିଷ୍ଟ୍ରୀଭୁକ୍ତ ହୋଇଛି । ବିକ୍ରିବଟା ସମିତିମାନଙ୍କରେ କାର୍ଯ୍ୟକଳାପରେ ସମନ୍ୱୟ ରକ୍ଷା କରିବା ନିମନ୍ତେ ଭୁବନେଶ୍ୱରଠାରେ ଏକ ଶୀର୍ଷ ବିକ୍ରିବଟା ସମିତି ଗଠନ କରାଯାଇଛି । ଖାଦ୍ୟ ଉପଯୋଗେଶନ ସାଙ୍ଗକୁ ଏହି ଶୀର୍ଷ ବିକ୍ରିବଟା ସମିତି ସମ୍ବଲପୁର, ବାଲେଶ୍ୱର, କଳାହାଣ୍ଡି, କୋରାପୁଟ ଓ ଗଞ୍ଜାମ ଜିଲ୍ଲାରେ ଧାନ ଓ ଚାଉଳ ସଂଗ୍ରହ ନିମନ୍ତେ ରାଜ୍ୟ ସରକାରଙ୍କର ଏଜେଣ୍ଟ ରୂପେ ନିଯୁକ୍ତ ହୋଇଛି ।

ଖାଉଟିମାନଙ୍କୁ ସୁବିଧାରେ ଓ ଉଚିତ୍ ଦରରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରିକରିବା ନିମନ୍ତେ କଟକ, ପୁରୀ, ବାଲେଶ୍ୱର, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଏବଂ ରାଉରକେଲା ଠାରେ ୫୮ଟି ଶାଖା ବିକ୍ରୟ କେନ୍ଦ୍ର ସମେତ ୮ଟି ପାଇକାରୀ ଖାଉଟି ସମବାୟ ଭଣ୍ଡାର ଖୋଲାଯାଇଛି । ଶିଳ୍ପପ୍ରସାର କାର୍ଯ୍ୟକ୍ରମ ଅନୁଯାୟୀ ଚୂନ ପଥର ଖଣିରେ ନିଯୁକ୍ତ ଶ୍ରମିକ ଓ ହିନ୍ଦୁସ୍ତାନ ଷ୍ଟିଲ କାରଖାନାର କର୍ମଚାରୀମାନଙ୍କ ନିମନ୍ତେ ବଡ଼ବିଲ ଓ ରାଉରକେଲାଠାରେ ୨ଟି ପାଇକାରୀ ଖାଉଟି ସମବାୟ ଭଣ୍ଡାର ଖୋଲା ଯାଇଛି ।

## ଶିଳ୍ପ

ବର୍ତ୍ତମାନର ସରକାର ତାଙ୍କର ୧୭ ଦଫା ସମ୍ବଳିତ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ଦ୍ରୁତଶିଳ୍ପାୟନ ନିମନ୍ତେ ଘୋଷଣା କରିଛନ୍ତି । ଶିଳ୍ପାୟନ ନିମନ୍ତେ ଶୀଘ୍ର ଶିଳ୍ପଭୂମି ସ୍ଥାପନ କରିବା ସଙ୍ଗେ ସଙ୍ଗେ ସରକାରୀ ବେସରକାରୀ ଓ ମିଳିତ ଉଦ୍ୟୋଗରେ ଶିଳ୍ପକାରଖାନା-ମାନ ପ୍ରତିଷ୍ଠାକରି ରାଜ୍ୟରେ ଶିଳ୍ପର ଦ୍ରୁତବିକାଶ ଘଟାଇବା ପାଇଁ ବର୍ତ୍ତମାନର ସରକାର ବଦ୍ଧପରିକର । ସରକାରୀ ଉଦ୍ୟୋଗରେ ପରିଚାଳିତ କର୍ପୋରେସନ ଗୁଡ଼ିକର ସୁଷ୍ଠୁ ଓ ଦକ୍ଷପରିଚାଳନା ନିମନ୍ତେ ସେସବୁ ସଂସ୍ଥାକୁ ପୂର୍ବାପେକ୍ଷା ଅଧିକ ସ୍ୱାଧୀନତା ଦିଆଯିବ । ବିଭିନ୍ନ କର୍ପୋରେସନ, ଯଥା—ଶିଳ୍ପ ଉନ୍ନୟନ କର୍ପୋରେସନ ଓ ଜଙ୍ଗଲ କର୍ପୋରେସନ ପ୍ରଭୃତିର ସଂପ୍ରସାରଣ କରାଯିବା ସଙ୍ଗେ ସଙ୍ଗେ ସେସବୁକୁ ଅଧିକ କାର୍ଯ୍ୟକ୍ଷମ କରାଯିବ ।

୧୯୭୦-୭୧ ମସିହାରେ ଓଡ଼ିଶାରେ ଦ୍ରୁତ ଶିଳ୍ପ ପ୍ରସାର ଦିଗରେ ବ୍ୟାପକ ଅଗ୍ରଗତି ଘଟିଛି । ୭୦ କୋଟି ଟଙ୍କା ବ୍ୟୟରେ ନିର୍ମିତହେବାକୁ ଯାଉଥିବା ତାଳଚେର ସାରକାରଖାନାର କାର୍ଯ୍ୟ ଆରମ୍ଭ ହୋଇସାରିଛି । ରାଜ୍ୟସରକାର ଉକ୍ତ ସାରକାରଖାନା ନିମନ୍ତେ ବିନାମୂଲ୍ୟରେ ୮୦୦ ଏକର ଜମି ଓ ଅନ୍ୟାନ୍ୟ ସୁବିଧା-ସୁଯୋଗ ରିହାତିଦରରେ ଯୋଗାଇଦେବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

ଶିଳ୍ପ ଅଞ୍ଚଳ:—ଏହି ଯୋଜନାଟି ୧୯୬୮-୬୯ ମସିହାରେ କାର୍ଯ୍ୟକାରୀ ହେଲା ଏବଂ ପ୍ରଥମ ପର୍ଯ୍ୟାୟରେ ରାଉରକେଲାଠାରେ ଏହା କାର୍ଯ୍ୟକାରୀ ହେଉଛି । ତଦନୁସାରେ ୮୩୪ ଏକର ଜମିର ଉନ୍ନତି କରାଯାଇ ଶିଳ୍ପ ଉଦ୍ୟୋଗୀମାନଙ୍କୁ କଳକାରଖାନା ସ୍ଥାପନ ପାଇଁ ଦିଆଯିବ ।

## ଶିଳ୍ପ ଉନ୍ନୟନ କର୍ପୋରେସନ

ରାଜ୍ୟରେ ସଜ ଲୁହା କାରଖାନା, ବି. ଏଚ୍. ସି. କାରଖାନା, ଫେରୋଭାନାଡ଼ିୟମ କାରଖାନା ଏବଂ ଟାୟାର ଓ ଟିଉବ୍ କାରଖାନା ସ୍ଥାପନ କରିବା ନିମନ୍ତେ ଶିଳ୍ପ ଉନ୍ନୟନ କର୍ପୋରେସନ ଅନୁମତି ପାଇଛନ୍ତି । ଏହାଛଡ଼ା ରାଜ୍ୟରେ ନାଇଲନ୍ ଫିଲାମେଣ୍ଟ ୟାର୍ଣ୍ଣ କାରଖାନା ସ୍ଥାପନ ନିମନ୍ତେ ଲାଇସେନ୍ସ୍ ପାଇଁ ମଧ୍ୟ ଆବେଦନ କରିଛନ୍ତି ।

ଭାରତ ସରକାର କୋରାପୁଟ ଜିଲାରେ ଦୈନିକ ୨୦୦ଟନ୍ ଉତ୍ପାଦନକ୍ଷମ ଗୋଟିଏ କାଗଜ କାରଖାନା ସ୍ଥାପନ କରିବା ନିମନ୍ତେ ଅନୁମତି ଦେଇଛନ୍ତି । ଏହି ଜିଲାରେ ଗୋଟିଏ ଫଟୋ-ସାଉଣ୍ଡ କାରଖାନା ମଧ୍ୟ ସ୍ଥାପନ କରାଯାଉଛି ।

ରାଜ୍ୟରେ ନୂତନ ଶିଳ୍ପ କାରଖାନା ପ୍ରତିଷ୍ଠା ଦିଗରେ ଶିଳ୍ପ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ନୂତନ ଶିଳ୍ପନୀତି ଘୋଷଣା କରିଛନ୍ତି । ଆଶା କରାଯାଏ ଯେ ବଡ଼ ଓ ଛୋଟ ଶିଳ୍ପ କାରଖାନା ସ୍ଥାପନ ନିମନ୍ତେ ଶିଳ୍ପପତିମାନେ ରାଜ୍ୟରେ ଅନୁକୂଳ ପରିବେଶ ପାଇ ପାରିବେ ।

କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ଦିଗରେ ଶିଳ୍ପାଞ୍ଚଳ ଓ କଳକାରଖାନାପାଇଁ କୋଠାବାଡ଼ି ନିର୍ମାଣ ଅପରିହାର୍ଯ୍ୟ ଅଟେ । ଏପର୍ଯ୍ୟନ୍ତ କଟକ, ଜଗତପୁର, କେନ୍ଦ୍ରାପଡ଼ା, ଚାନ୍ଦପୁର, ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, ବ୍ରହ୍ମପୁର ଏବଂ ପାରଲାଖେମୁଣ୍ଡି ଶିଳ୍ପାଞ୍ଚଳମାନଙ୍କରେ ଏଭଳି ୧୮୯ ଟି ଘର ନିର୍ମାଣ କରାଯାଇଛି ।

## ବିଦ୍ୟୁତ୍

କୃଷି ଉତ୍ପାଦନ ଓ ଶିଳ୍ପ ପ୍ରସାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ବିଦ୍ୟୁତ ଶକ୍ତିର ଅଭିବୃଦ୍ଧି ଏକାନ୍ତ ପ୍ରୟୋଜନୀୟ । ବର୍ତ୍ତମାନ ରାଜ୍ୟରେ ୫୬୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହେଉଛି ଏବଂ ଚତୁର୍ଥ ଯୋଜନା ଶେଷ ସୁଦ୍ଧା ବାଲିମେଳା ବିଦ୍ୟୁତ୍ ପରି-କଳ୍ପନା ସଂପୂର୍ଣ୍ଣ ହେଲେ ଏହା ୯୨୦ ମେଗାୱାଟ୍‌କୁ ବୃଦ୍ଧି ପାଇବ ।

ତାଳଚେର ବିଦ୍ୟୁତ୍ ସରବରାହ ପରିକଳ୍ପନା ଅନୁଯାୟୀ ତାଳଚେରଠାରୁ ଜୋଡ଼ା ମଧ୍ୟରେ ୨୦ କିଲୋ ଭୋଲ୍ଟ ଶକ୍ତି ବିଶିଷ୍ଟ ୧୪୭ କିଲୋମିଟର ଦୀର୍ଘ ଏବଂ ତାଳଚେର ଠାରୁ ଯାଜପୁରରୋଡ଼ ପର୍ଯ୍ୟନ୍ତ ୧୩୨ କିଲୋ ଭୋଲ୍ଟ ଶକ୍ତି ବିଶିଷ୍ଟ ୧୦୩ କିଲୋମିଟର ଦୀର୍ଘ ବିଦ୍ୟୁତ୍ ସରବରାହ ଲାଇନ୍ ନିର୍ମାଣ କରାଯିବା ସଙ୍ଗେ ସଙ୍ଗେ ଦୁବୁରିପାଡ଼, ଜୋଡ଼ା ଓ ଯାଜପୁର ରୋଡ୍ ଠାରେ ନିର୍ମିତ ଗ୍ରୀଡ୍ ସବ୍‌ଷ୍ଟେସନ ସହିତ ବିଦ୍ୟୁତ୍ ସଂଯୋଗ କରାଯାଉଛି । ୧୯୬୯-୭୦ ସୁଦ୍ଧା ଏହି ଯୋଜନାର କାର୍ଯ୍ୟ ସଂପର୍ଣ୍ଣ ହୋଇଛି ।

ବାଲିମେଳା ବିଦ୍ୟୁତ୍ ସରବରାହ ପରିକଳ୍ପନା ଅନୁଯାୟୀ ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର ସହିତ ବାଲିମେଳା ଜଳ-ବିଦ୍ୟୁତ୍ କେନ୍ଦ୍ରକୁ ୨୨୦ କିଲୋ ଭୋଲ୍ଟ ବିଦ୍ୟୁତ୍ ସରବରାହ ଲାଇନ ଦ୍ୱାରା ସଂଯୁକ୍ତ କରାଯିବ । ଏହାର ଦୈର୍ଘ୍ୟ ୫୩୦ କିଲୋମିଟର । ଏହା ଫଳରେ ବାଲିମେଳା-ତାଳଚେର ଓ ହୀରାକୁଦ୍

ଗୋଟିଏ ଗ୍ରୀଡ୍ ପରିସର ଭୁକ୍ତ ହୋଇପାରିବ । ତାଳଚେର ଓ ହୀରାକୁଦ ଏ ଦୁଇଟି ଗ୍ରୀଡ୍‌କୁ ସଂଯୁକ୍ତ କରୁଥିବା ସରବରାହ ବାଲିମେଳା ବିଦ୍ୟୁତ୍ କେନ୍ଦ୍ରକୁ ସଂଯୁକ୍ତ କରୁଥିବା ସରବରାହ ଲାଇନର ନିର୍ମାଣ କାର୍ଯ୍ୟ ୧୯୭୨ ସୁଦ୍ଧା ସଂପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ ବାଲିମେଳା ଯୋଜନାରୁ ମଧ୍ୟ ବିଦ୍ୟୁତ୍ ଉତ୍ପାଦନ ହୋଇ ପାରିବ । ତାଳଚେର ଠାରେ ୧,୦୦୦ ମେଗାୱାଟ୍ ଶକ୍ତି ବିଶିଷ୍ଟ ସୁପର ଥର୍ମାଲ୍ ଷ୍ଟେସନ ପ୍ରତିଷ୍ଠା ନିମନ୍ତେ ଅନୁଧ୍ୟାନ କରାଯାଉଛି ।

ବିଦ୍ୟୁତ୍ ସରବରାହ ଓ ପରିବେଷଣ ପରିକଳ୍ପନା ଅନୁଯାୟୀ ଗାଁ ଗହଳ ସମେତ ଉଠାଜଳ ସେଚନ ଏବଂ ବିଭିନ୍ନ ଶିଳ୍ପ କାରଖାନା ଗୁଡ଼ିକୁ ବିଦ୍ୟୁତ୍ ଶକ୍ତି ଯୋଗାଣ ନିମନ୍ତେ ଟ୍ରଙ୍କ ଓ ଶ୍ରିଙ୍କ ବିଦ୍ୟୁତ୍ ସରବରାହ ଲାଇନ୍‌ର ଆବଶ୍ୟକତା ଯଥେଷ୍ଟ ବେଶି ।

ରାଜ୍ୟ ବିଦ୍ୟୁତ୍ ବୋର୍ଡ ୧୯୭୦-୭୧ ମସିହାରେ ୫୦୦ ଗ୍ରାମ ଓ ୧୮୦ ଟି ଉଠା ଜଳସେଚନ ଯୋଜନାକୁ ବିଦ୍ୟୁତ୍ ଯୋଗାଇ ଦେବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ୧୯୭୧ ମସିହା ଜାନୁଆରୀ ସୁଦ୍ଧା ୪୩୪ ଗ୍ରାମ ଓ ୩୫ ଟି ଉଠା ଜଳସେଚନ ୟୁନିଟକୁ ବିଦ୍ୟୁତ୍ ଯୋଗାଇ ଦେଇଛନ୍ତି । ୪ର୍ଥ ଯୋଜନାର ଅବଶିଷ୍ଟ ସମୟରେ ବାର୍ଷିକ ୩,୫୦୦ ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦେବାର ପ୍ରସ୍ତାବ ରହିଛି ।

## ପରିବହନ ଓ ଯୋଗାଯୋଗ

ପରିବହନ ଓ ଯୋଗାଯୋଗର ସୁବିଧା ଅର୍ଥନୈତିକ ବିକାଶର ଭିତ୍ତିଭୂମି । ଦଇତାରୀ ଓ ଡମକା ଖଣିଠାରୁ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ନିର୍ମିତ ୧୪୦ କିଲୋମିଟର ଦୀର୍ଘ ୧ନମ୍ବର ଏକ୍ସପ୍ରେସ୍ ରାଜପଥ ଲୁହା-ପଥର ପରିବହନ ନିମନ୍ତେ ୧୯୬୯, ଫେବୃଆରୀ ଠାରୁ ଖୋଲାଯାଇଛି । ଏହି ରାସ୍ତାଟି ସ୍ୱତନ୍ତ୍ରଭାବେ ଲୁହାପଥର ପରିବହନ ସକାଶେ ନିର୍ମାଣ କରାଯାଇଛି । ଏକ୍ସପ୍ରେସ୍ ରାଜପଥରେ ବାର୍ଷିକ ୩ରୁ ୪ନିୟୁତ ଟନ୍ ଲୁହାପଥର ପରିବହନ କରାଯାଇପାରିବ ବୋଲି ଅଟକଳ କରାଯାଇଛି । ବିଦେଶକୁ ଏହି ଲୁହାପଥର ରପ୍ତାନୀ ଦ୍ୱାରା ଦେଶ ପାଇଁ ଆବଶ୍ୟକ ହେଉଥିବା ବୈଦେଶିକ ମୁଦ୍ରା ଅର୍ଜନ କରିବାରେ ସାହାଯ୍ୟ କରିବ । ଲୁହାପଥର ପରିବହନ ଉପରେ ବସାଯାଉଥିବା ମାସୁଲ ବାବଦରୁ ସରକାର ଯଥେଷ୍ଟ ଆୟ କରି ପାରିଛନ୍ତି । ୧୯୭୦ ଅପ୍ରେଲ ପହିଲଠାରୁ ଡିସେମ୍ବର ଶେଷ ସୁଦ୍ଧା ୩୬'୯୪ ଲକ୍ଷ ଟଙ୍କା ମାସୁଲ ଆଦାୟ କରାଯାଇଛି । କେନ୍ଦୁଝର ଜିଲ୍ଲାର ପାହାଡ଼ିଆ ଅଞ୍ଚଳ ଓ କଟକ ଜିଲ୍ଲାର ତ୍ରିକୋଣ ଭୂମି ଅଞ୍ଚଳ ଦେଇ ଏହି ରାସ୍ତା ଯାଇଥିବାରୁ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକ କାଳକ୍ରମେ ବିକାଶପ୍ରାପ୍ତ ହୋଇପାରିବ । ଏସବୁ ଅଞ୍ଚଳର ଉତ୍ପାଦିତ ଦ୍ରବ୍ୟ ଏହି ରାଜପଥରେ ବଜାର ଶିଳ୍ପାଞ୍ଚଳରେ ପହଞ୍ଚିପାରିବ । ଏସବୁ ବ୍ୟତୀତ, ମଟର ଚଳାଚଳ ଯୋଗୁଁ ନିଯୁକ୍ତିର ସୁବିଧାସୁଯୋଗ ମଧ୍ୟ ମିଳିପାରିବ । ମୋଟ ଉପରେ ରାଜ୍ୟର ଅର୍ଥନୈତିକ ସମୃଦ୍ଧି ପାଇଁ ଏକ୍ସପ୍ରେସ୍ ରାଜପଥ ବିଶେଷ ସହାୟକ ହୋଇଛି ।

## ସଡ଼କ ପରିବହନ

ଓଡ଼ିଶା ରାସ୍ତା ପରିବହନ କମ୍ପାନୀ ଓ ରାଜ୍ୟ ପରିବହନ ସଂସ୍ଥା ଜରିଆରେ ରାଜ୍ୟ ସରକାର ଓଡ଼ିଶାରେ ଏକ ସମନ୍ୱିତ ସଡ଼କ ପରିବହନର ବ୍ୟବସ୍ଥା କରିଛନ୍ତି । ରାଜ୍ୟ ପରିବହନ ସଂସ୍ଥା ୧୯.. ବର୍ଷ ତଳେ ସଙ୍ଗଠିତ ହୋଇଥିଲା । ଫୁଲବାଣୀ, ଗଞ୍ଜାମ, ପୁରୀ ଓ କଟକ ଜିଲ୍ଲାର କେତେକ ଅଂଶକୁ ବାଦଦେଲେ ଅବଶିଷ୍ଟ ଅଞ୍ଚଳରେ ରାଜ୍ୟ ପରିବହନ ସଂସ୍ଥା ବସ ଚଳାଚଳ କରାଉଛନ୍ତି । ଅବଶିଷ୍ଟ ଅଞ୍ଚଳରେ ଓଡ଼ିଶା ରାସ୍ତା ପରିବହନ କମ୍ପାନୀ ଲିମିଟେଡ୍‌ର ବସ ଚଳାଚଳ ହେଉଛି । ରାଜ୍ୟ ପରିବହନ ସଂସ୍ଥା ୨୬,୬୮୧ କିଲୋମିଟର ବିଶିଷ୍ଟ ୨୪୦ ଗୋଟି ରାସ୍ତାରେ ବସ ଚଳାଚଳ କରାଉଛନ୍ତି । ସୁଷ୍ଠୁ ରୂପେ ବସ ଚଳାଇବା ପାଇଁ ୪୫୮ ଗୋଟି ବସ ଆବଶ୍ୟକ ହେଉଥିବା ବେଳେ ରାଜ୍ୟ ପରିବହନ ସଂସ୍ଥାର ୪୧୬ ଗୋଟି ବସ ଅଛି । ୧୯୭୦–୭୧ ମସିହାରେ ନିମ୍ନଲିଖିତ ନୂତନ ରାସ୍ତାରେ ବସ ଚଳାଚଳ ଆରମ୍ଭ କରାଯାଇଛି । (୧) ଭଦ୍ରଖ—କଟକ (୨) ଭବାନୀ ପାଟଣା—କୋଡ଼େନ୍ (୩) ଭବାନୀପାଟଣା—ଦୁହୁଣ୍ଡ (୪) କଟକ—କାକଟପୁର ଓ (୫) ବଲାଙ୍ଗୀର—ସରିଡ଼ା । ସବୁ ଜିଲ୍ଲାର ସଦର ମହକୁମାକୁ ରାଜଧାନୀ ସହିତ ଏକ୍ସପ୍ରେସ୍ ବସ ଯୋଗେ ସଂଯୋଗ କରାଯାଇଛି । ବଡ଼ ବଡ଼ ବସଷ୍ଟାଣ୍ଡଗୁଡ଼ିକରେ ଯାତ୍ରୀ ମାନଙ୍କ ସୁବିଧା ନିମନ୍ତେ 'ଓ୍ୱାଟରକୁଲର୍'ର ବ୍ୟବସ୍ଥା କରାଯାଇଛି ।

## ରେଳ ପରିବହନ

(୧) ତାଳଚେର—ବିମଳାଗଡ଼ ରେଳ ସଂଯୋଗ:— ତାଳଚେର—ବିମଳାଗଡ଼ ରେଳପଥର ସର୍ଭେ କାର୍ଯ୍ୟ ୧୯୭୦ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ସଂପୂର୍ଣ୍ଣ ହୋଇଯାଇଛି । ଏହି ରେଳପଥର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଛି ।

(୨) କଟକ—ପାରାଦୀପ ରେଳ ସଂଯୋଗ:— କଟକ-ପାରାଦୀପ ରେଳପଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ୧୯୭୨ ମସିହା ଶେଷ ସୁଦ୍ଧା ଏହା ସଂପୂର୍ଣ୍ଣ ହେବବୋଲି ଆଶା କରାଯାଉଛି ।

## ସମାଜ ସେବା

ଶିକ୍ଷା :—ଶିକ୍ଷା କ୍ଷେତ୍ରରେ ଆମ ରାଜ୍ୟରେ କ୍ରମଶଃ ଉନ୍ନତି ଘଟୁଛି । ୧୯୬୯–୭୦ ଓ ୧୯୭୦–୭୧ ମସିହା ମଧ୍ୟରେ ୩,୫୦୦ ଜଣ ପ୍ରାଥମିକ ସ୍କୁଲଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ପ୍ରତିବର୍ଷ ପ୍ରାଥମିକ ସ୍କୁଲ ଶିକ୍ଷକମାନଙ୍କୁ ବାସଗୃହ ଯୋଗାଇ ଦେବା ନିମନ୍ତେ ପଦକ୍ଷେପମାନ ନିଆଯାଇଥିଲା । ସାହାଯ୍ୟପ୍ରାପ୍ତ ମଧ୍ୟ-ଇଂରାଜୀ ବିଦ୍ୟାଳୟକୁ ଆର୍ଥିକ ସାହାଯ୍ୟ ଦିଆଯିବା ବ୍ୟବସ୍ଥା ଅବ୍ୟାହତ ରହିଛି । ମଧ୍ୟ ଇଂରାଜୀ ବିଦ୍ୟାଳୟଗୁଡ଼ିକର ପାଠାଗାର ପାଇଁ ଗୃହ ଓ ଛାତ୍ରାବାସ ଗୃହ ଇତ୍ୟାଦି ଅଭାବ ରହିଛି । ଏହିସବୁ ଅସୁବିଧା କେତେକାଂଶରେ ଦୂରକରିବା ପାଇଁ ଉଦ୍ୟମ କରାଯାଇଛି । ପୁରୀ ଜିଲ୍ଲାର କହିଙ୍ଗା ଠାରେ ଗୋଟିଏ ମାଧ୍ୟମିକ ଶିକ୍ଷା କେନ୍ଦ୍ର ଖୋଲିବା ନିମନ୍ତେ ଡ଼ି: ଏ: ଭି: ଟ୍ରଷ୍ଟକୁ ୧ଲକ୍ଷ ଟଙ୍କା ଦିଆଯାଇଛି । ୧୯୬୯–୭୦ ମସିହାରେ ୨୨୦ ଗୋଟି ମଧ୍ୟ ଇଂରାଜୀ ବିଦ୍ୟାଳୟକୁ ଗ୍ରାଣ୍ଟ-ଇନ୍-ଏଡ୍ ଦିଆଯିବା, ୫ଗୋଟି ସରକାରୀ ସ୍କୁଲ ଖୋଲିବା ଓ ୧୯୦ ଜଣ ଅଧିକ ଶିକ୍ଷକ ନିଯୁକ୍ତି ବାବଦରେ ୮.୯୯ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା । ୧୯୭୦–୭୧ ମସିହାରେ କେତେକ ବେସରକାରୀ କଲେଜକୁ ସାହାଯ୍ୟ ଦେବା ସଙ୍ଗେ ସଙ୍ଗେ ୩ଗୋଟି ସାହାଯ୍ୟପ୍ରାପ୍ତ କଲେଜ ଯଥା: ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ କଲେଜ, ଭଦ୍ରକ କଲେଜ ଓ ବରଗଡ଼ସ୍ଥିତ ପଞ୍ଚାୟତ କଲେଜକୁ ସରକାର ହାତକୁ ନେଇଛନ୍ତି । ୧୯୭୦–୭୧ ମସିହାରେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକୁ ୭୦ ଲକ୍ଷ ଟଙ୍କାର ସାଧାରଣ ଗ୍ରାଣ୍ଟ ମଞ୍ଜୁର କରାଯିବା ବ୍ୟତୀତ କେତେକ କ୍ଷେତ୍ରରେ ସ୍ୱତନ୍ତ୍ର ଗ୍ରାଣ୍ଟ ମଧ୍ୟ ଦିଆଯାଇଥିଲା ।

ସ୍ୱାସ୍ଥ୍ୟ:—ବିଗତ ଦଶବର୍ଷ ମଧ୍ୟରେ ରାଜ୍ୟରେ ଡ଼ାକ୍ତରୀ ଚିକିତ୍ସାର ସୁବିଧା ସୁଯୋଗ ଉଲ୍ଲେଖଯୋଗ୍ୟ ଭାବେ ସଂପ୍ରସାରିତ ହୋଇଛି । କଟକ, ବୁର୍ଲା ଓ ବ୍ରହ୍ମପୁର ଠାରେ ରହିଥିବା ୩ଗୋଟି ମେଡ଼ିକାଲ କଲେଜରେ ବାର୍ଷିକ ସ୍ୱଳିଶହ ଛାତ୍ର ନାମଲେଖାଇ ପାରୁଛନ୍ତି । ମେଡ଼ିକାଲ କଲେଜଗୁଡ଼ିକୁ ଶିକ୍ଷକ ଓ ସଦର ମହକୁମା ହାସପାତାଳଗୁଡ଼ିକୁ ବିଶେଷଜ୍ଞ ଯୋଗାଇଦେବା ନିମନ୍ତେ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜରେ ସ୍ନାତକୋତ୍ତର ଶିକ୍ଷାର ବ୍ୟବସ୍ଥା କରାଯାଉଛି । ପ୍ରତିବର୍ଷ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜରେ ସ୍ନାତକୋତ୍ତର ଶ୍ରେଣୀ ଖୋଲଯିବା ନିମନ୍ତେ ପଦକ୍ଷେପ ମଧ୍ୟ ନିଆଯାଉଛି । କଟକସ୍ଥିତ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଅଧୀନରେ ରହିଥିବା ଶଲ୍ୟ ଚିକିତ୍ସା ବିଭାଗ, ଶିଶୁରୋଗ ଚିକିତ୍ସା ବିଭାଗ, ପ୍ରସବତତ୍ତ୍ୱ ବିଭାଗ ଓ ସ୍ତ୍ରୀରୋଗ ବିଭାଗ ଏବଂ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜ ଅଧୀନରେ ଥିବା ଶରୀର ତତ୍ତ୍ୱ ବିଭାଗକୁ ଉନ୍ନୀତ କରାଯାଇଛି ଓ ଭାରତ ସରକାରଙ୍କ ଦ୍ୱାରା ଏହା ସ୍ୱୀକୃତ ମଧ୍ୟ ହୋଇଛି । ଚତୁର୍ଥ ଯୋଜନା କାଳ ମଧ୍ୟରେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହାସପାତାଳ ଅଧୀନରେ ଥିବା କର୍କଟ ରୋଗ ଚିକିତ୍ସା ଶାଖାକୁ ଏକ ୨୦୦ ଶଯ୍ୟା ବିଶିଷ୍ଟ କର୍କଟ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ପରିଣତ କରାଯାଉଛି । କଟକ, ବୁର୍ଲା ଓ ବ୍ରହ୍ମପୁରସ୍ଥିତ ୩ଗୋଟି ମେଡ଼ିକାଲ କଲେଜରେ ସମୁଦାୟ ୨,୬୩୦ ଜଣ ରୋଗୀଙ୍କ ପାଇଁ ଶଯ୍ୟା ରହିଛି ।

ରାଜ୍ୟରେ ୨୦୪ ଗୋଟି ଏଲୋପାଥି ହାସପାତାଳ ଓ ୨୯୩ ଗୋଟି ଏଲୋପାଥି ଡ଼ାକ୍ତରଖାନା ରହିଛି । ଏଗୁଡ଼ିକର ସମୁଦାୟ ଶଯ୍ୟା ସଂଖ୍ୟା ହେଉଛି ୧୦,୧୫୨ ଓ ଏହି ରାଜ୍ୟର ପ୍ରତି ୨,୦୦୦ ଲୋକଙ୍କ ପାଇଁ ଗୋଟିଏ ଶଯ୍ୟା ରହିଛି ।

୧୯୭୦ ମସିହାରେ ଖୋଲଯାଇଥିବା ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଭ୍ରାମ୍ୟମାଣ ହାସପାତାଳକୁ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜ ସହିତ ସଂଶ୍ଳିଷ୍ଟ କରାଯାଇଥିଲା । ଏହା ଫଳରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ବିଶେଷଜ୍ଞ ଡ଼ାକ୍ତରୀ ସେବା ମିଳିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳରେ ଡ଼ାକ୍ତରୀ ଛାତ୍ର ତଥା ନର୍ସ ଛାତ୍ରୀମାନଙ୍କୁ କାମ କରିବାପାଇଁ ସୁବିଧା ସୁଯୋଗ ମିଳି ପାରିଥିଲା ।

ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଡ଼ାକ୍ତରୀ ଚିକିତ୍ସା ଯୋଗାଇଦେବା ସଙ୍ଗେ ସଙ୍ଗେ ରୋଗର ପ୍ରତିଷେଧକ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବାପାଇଁ ୩୧୪ ଗୋଟି ବ୍ଲକ ମଧ୍ୟରୁ ୩୧୦ ଗୋଟି ବ୍ଲକରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯାଇଛି । ୧୯୭୧–୭୨ ମସିହା ମଧ୍ୟରେ ଅବଶିଷ୍ଟ ବ୍ଲକଗୁଡ଼ିକରେ ଏପରି ସ୍ୱାସ୍ଥ୍ୟକେନ୍ଦ୍ରମାନ ସ୍ଥାପନ କରାଯିବ ବୋଲି ପ୍ରସ୍ତାବ ରହିଛି ।

ଜାତୀୟ ମେଲେରିଆ ନିରାକରଣ ପରିକଳ୍ପନା କାର୍ଯ୍ୟକାରୀ ହେବା ଫଳରେ ମେଲେରିଆ ରୋଗର ପ୍ରକୋପ ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି । ରାଜ୍ୟର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବାତଜ୍ୱରର ପ୍ରକୋପ କମାଇବା ଉଦ୍ଦେଶ୍ୟରେ ରାଜ୍ୟରେ ୫ଗୋଟି ଜାତୀୟ ବାତଜ୍ୱର ନିୟନ୍ତ୍ରଣ ସଙ୍ଗଠନ କାର୍ଯ୍ୟ କରୁଛି । ୧୯୭୧–୭୨ ମସିହାରେ ଏହିଭଳି ଆଉ ୧୦ଗୋଟି ସଙ୍ଗଠନ ସ୍ଥାପନ କରାଯିବ । ଯକ୍ଷ୍ମା ରୋଗର ପ୍ରସାରକୁ ଆୟତ୍ତ କରିବାପାଇଁ ପ୍ରତ୍ୟେକ ଜିଲ୍ଲାରେ ଯକ୍ଷ୍ମା

ନିୟନ୍ତ୍ରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏହା ବ୍ୟତୀତ ୩ଗୋଟି ଯକ୍ଷ୍ମା ହାସପାତାଳ ଓ ୧୦ ଗୋଟି ଯକ୍ଷ୍ମା ପ୍ରତିଷେଧକ ଟିକା ପ୍ରଦାନକାରୀ ଦଳ ଓଡ଼ିଶାରେ ରହିଛି । କୁଷ୍ଠ ରୋଗ ରାଜ୍ୟର ଏକ ପ୍ରଧାନ ଜନସ୍ୱାସ୍ଥ୍ୟ ସମସ୍ୟା । କୁଷ୍ଠ ରୋଗର ଚିକିତ୍ସା ନିମନ୍ତେ ରାଜ୍ୟରେ ୧୬ଗୋଟି କୁଷ୍ଠ ନିୟନ୍ତ୍ରଣ କେନ୍ଦ୍ର, ୧୦ଗୋଟି ପାଇଲଟ ଯୋଜନା ଓ ୭୪ଗୋଟି ଏସ୍. ଇ. ଟି. କେନ୍ଦ୍ର ରହିଛି ।

୧୯୫୬ ମସିହାରେ ରାଜ୍ୟରେ ପରିବାର ନିୟୋଜନ କାର୍ଯ୍ୟକ୍ରମ ଆରମ୍ଭ ହେଲା । ତୃତୀୟ ଯୋଜନାର ମଧ୍ୟଭାଗରେ ଏହି କାର୍ଯ୍ୟକ୍ରମକୁ ଅଧିକ ସୁସଙ୍ଗଠିତ କରାଯାଇଥିଲା । ସାଧାରଣ ଲୋକେ ଛୋଟ ପରିବାର ଆଦର୍ଶକୁ ଯେପରି ଗ୍ରହଣ କରିବେ ସେଥି ନିମନ୍ତେ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ପରିବର୍ତ୍ତନ କରାଯାଉଛି । ପରିବାର ନିୟୋଜନ ଯୋଜନା ଅଧୀନରେ ବର୍ତ୍ତମାନ ୩୧ଗୋଟି ପରିକଳ୍ପନା କାର୍ଯ୍ୟକାରୀ ହେଉଅଛି ।

ଦେଶୀୟ ପଦ୍ଧତିର ଚିକିତ୍ସା ପ୍ରଣାଳୀ ଉପରେ ଆବଶ୍ୟକୀୟ ନିୟନ୍ତ୍ରଣ ରଖିବା ଓ ଏଗୁଡ଼ିକର ସୁପରିଚାଳନା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଆୟୁର୍ବେଦୀୟ ଓ ହୋମିଓପାଥି ଔଷଧ ନିମନ୍ତେ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ସୃଷ୍ଟି କରିଛନ୍ତି । ବର୍ତ୍ତମାନ ଓଡ଼ିଶାରେ ୧୩୩ ଗୋଟି ଆୟୁର୍ବେଦୀୟ ଡାକ୍ତରଖାନା, ୨ଗୋଟି ଆୟୁର୍ବେଦୀୟ ହାସ୍ପାତାଳ, ୧୬ଗୋଟି ସାହାଯ୍ୟପ୍ରାପ୍ତ ଆୟୁର୍ବେଦୀୟ ଡାକ୍ତରଖାନା ଓ ଗୋଟିଏ ଆୟୁର୍ବେଦୀୟ ଫର୍ମାସୀ ରହିଛି । ରାଜ୍ୟର ଗ୍ରାମାଞ୍ଚଳମାନଙ୍କରେ ୪୭ଗୋଟି ହୋମିଓପାଥି ଡାକ୍ତରଖାନା ରହିଛି । ଏହା ବ୍ୟତୀତ ରାଜ୍ୟ ସଦର ମହକୁମା ଭୁବନେଶ୍ୱର ଠାରେ ୨୪ଗୋଟି ଶଯ୍ୟା ବିଶିଷ୍ଟ ଏକ ହୋମିଓପାଥି ହାସପାତାଳ ଖୋଲାଯାଇଛି ।

## ଆଦିବାସୀ ଓ ଗ୍ରାମ ମଙ୍ଗଳ

ଆମ ରାଜ୍ୟରେ ବହୁ ସଂଖ୍ୟକ ତପସିଲଭୁକ୍ତ ଜାତି ଓ ତପସିଲ ଭୁକ୍ତ ସମ୍ପ୍ରଦାୟର ଲୋକ ବସବାସ କରନ୍ତି । ଏହି ଅବହେଳିତ ଲୋକ ମାନଙ୍କ କଲ୍ୟାଣ ପ୍ରତି ସରକାରଙ୍କ ବିଶେଷ ଦାୟିତ୍ୱ ରହିଛି । ତେଣୁ ଏହି ଶ୍ରେଣୀର ଲୋକ ମାନଙ୍କ ଦ୍ରୁତ ବିକାଶ ନିମନ୍ତେ ସ୍ୱତନ୍ତ୍ର ପରି କଳ୍ପନା ମାନ ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରା ଯାଉଛି । ଏହି ଉନ୍ନୟନ ପରିକଳ୍ପନା ଗୁଡ଼ିକୁ ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ କରା ଯାଇ ପାରେ । ସେ ଗୁଡ଼ିକ ହେଲା: ଶିକ୍ଷାର ପ୍ରସାର ନିମନ୍ତେ ଭବିଷ୍ୟ ପରି କଳ୍ପନା, ଅର୍ଥନୈତିକ ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ବାସଗୃହ ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ।

ଶିକ୍ଷାର ପ୍ରସାର:—ତପସିଲଭୁକ୍ତ ଜାତି ତଥା ସମ୍ପ୍ରଦାୟର ଲୋକ ମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଉଦ୍ଦେଶ୍ୟରେ ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗର ପରିଚାଳନାଧୀନରେ ବହୁ ସଂଖ୍ୟକ ଆବାସ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ମାନ ଖୋଲ ଯାଇଛି । ଏ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷା ସ୍ତରରେ ୧୮ଟି ଆବାସୀ ସେବାଶ୍ରମ, ମଧ୍ୟ ଇଂରାଜୀ ସ୍ତରରେ ୫୦ ଟି ଆବାସୀ ଆଶ୍ରମ ଓ କନ୍ୟାଶ୍ରମ ଏବଂ ମାଧ୍ୟମିକ ପର୍ଯ୍ୟାୟର ୪୬ ଟି ଆବାସୀ ବିଦ୍ୟାଳୟ ଖୋଲା ଯାଇଛି । ସାଧାରଣ ଶିକ୍ଷା ବାହାରେ ଏ ଶ୍ରେଣୀର ବାଳକବାଳିକାମାନେ ଯେପରି କିଛି ନା କିଛି ଧନ୍ଦା ଅବଲମ୍ବନ କରି ଆତ୍ମ ନିର୍ଭରଶୀଳ ହୋଇ ପାରିବେ, ସେ ଉଦ୍ଦେଶ୍ୟରେ ସେମାନଙ୍କୁ ସିଲେଇ, ବଢ଼େଇ କାମ, ଲୁଗା ବୁଣା, କମାର ଓ ଗୃହ ବାସ ସମ୍ପର୍କରେ ବୃତ୍ତି ଗତ ତାଲିମ ଦିଆ ଯିବାର ମଧ୍ୟ ବ୍ୟବସ୍ଥା ରହିଛି । ତପସିଲଭୁକ୍ତ ଶ୍ରେଣୀ ତଥା ସମ୍ପ୍ରଦାୟର ଛାତ୍ର ମାନଙ୍କ ଅଧ୍ୟୟନର ସୁବିଧା ନିମନ୍ତେ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ୭୭୩ଟି ଛାତ୍ରାବାସ ଖୋଲା ଯାଇଛି । ଏହି ଛାତ୍ରାବାସଗୁଡ଼ିକରେ ସେମାନେ ମାଗଣାରେ ରହିବା ସଙ୍ଗେ ସଙ୍ଗେ ଖାଦ୍ୟ ପେୟ ନିମନ୍ତେ ସେମାନଙ୍କୁ ବିଭିନ୍ନ ହାରରେ ବୃତ୍ତି ମଧ୍ୟ ଦିଆ ଯାଏ । ଏହି ଶ୍ରେଣୀର ଛାତ୍ରମାନଙ୍କୁ ବୈଷୟିକ ଓ ଶିଳ୍ପ ତାଲିମ ପ୍ରତି ଆକୃଷ୍ଟ କରିବା ପାଇଁ ରାଜ୍ୟର ବିଭିନ୍ନ ବୈଷୟିକ ଅନୁଷ୍ଠାନ ଗୁଡ଼ିକରେ ତାଲିମ ପାଉଥିବା ଛାତ୍ର ମାନଙ୍କୁ ମାସିକ ଟ୩୦·୦୦ ହାରରେ ବୃତ୍ତି ଦିଆ ଯାଉଛି । ଏହା ବ୍ୟତୀତ ରାଜ୍ୟ ସିଭିଲ ସର୍ଭିସ ତଥା ସର୍ବ ଭାରତୀୟ ସ୍ତରରେ ନିଯୁକ୍ତି ଅନୁଷ୍ଠିତ ପରୀକ୍ଷା ଦେବା ପାଇଁ ଆଗ୍ରହୀ ଛାତ୍ରମାନଙ୍କୁ ମାଗଣାରେ ତାଲିମ ଦେବା ଉଦ୍ଦେଶ୍ୟରେ କଟକରେ ଏକ ତାଲିମ କେନ୍ଦ୍ର ଖୋଲା ଯାଇଛି ।

ଅର୍ଥନୈତିକ ଯୋଜନା:—ଆଦିବାସୀ ଶ୍ରେଣୀର ଅର୍ଥନୈତିକ ବିକାଶ ନିମନ୍ତେ ରାଜ୍ୟର ଆଦିବାସୀ ବହୁଳ ଅଞ୍ଚଳରେ ୭୨ଟି ଆଦିବାସୀ ଉନ୍ନୟନ ବ୍ଲକ୍ ଖୋଲାଯାଇଛି । ଏହା ଛଡ଼ା ଆଦିବାସୀ ଅଞ୍ଚଳରେ ଖରିଦ—ବିକ୍ରୀ ଓ ଉଚିତ ମୂଲ୍ୟର ଦୋକାନ ମଧ୍ୟ ଖୋଲାଯାଇଛି । ଏହି ଯୋଜନାର ଉଦ୍ଦେଶ୍ୟ ହେଲା—ଆଦିବାସୀ ଲୋକମାନଙ୍କୁ ଉଚିତ ମୂଲ୍ୟରେ ପ୍ରୟୋଜନୀୟ ଖାଉଟି ସାମଗ୍ରୀ ବିଭାଗୀୟ ଦୋକାନ ଜରିଆରେ ଯୋଗାଇ ଦେବା ସଙ୍ଗେ ସଙ୍ଗେ ସେମାନଙ୍କ ଠାରୁ ନ୍ୟାଯ୍ୟ ମୂଲ୍ୟରେ ଜଙ୍ଗଲ ଓ କୃଷି ଜାତ ସାମଗ୍ରୀ ଖରିଦ କରିବା । ଏହା ଫଳରେ ସେମାନେ ଲାଭ ଖୋର ବ୍ୟବସାୟୀଙ୍କ ଶୋଷଣରୁ ରକ୍ଷା ପାଇ ପାରିବେ ।

ଭୂମି ହୀନ ଆଦିବାସୀ ଓ ହରିଜନ ଲୋକ ମାନଙ୍କ ନାମରେ ସରକାରୀ ପତିତ ଜମି ବନ୍ଦୋବସ୍ତ କରିବା ଦିଗରେ ସରକାର ସର୍ବାଧିକ ଧ୍ୟାନ

ହୋଇଛନ୍ତି । ଏ ଶ୍ରେଣୀର ଶିକ୍ଷିତ ଯୁବକ ମାନେ ଯେପରି ଯଥେଷ୍ଟ ସଂଖ୍ୟାରେ ସରକାରୀ ଚାକିରୀ ପାଇ ପାରିବେ ସେଥି ନିମନ୍ତେ ଆବଶ୍ୟକୀୟ ତଦାରଖ ରଖାଯାଇଛି ।

## କର୍ମ ସଂସ୍ଥାନ

ଆମ ରାଜ୍ୟରେ ବର୍ତ୍ତମାନ ଦେଖା ଦେଇ ଥିବା ଗୁରୁତର ବେକାର ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ସରକାର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଷ୍ଟେଟ ବ୍ୟାଙ୍କ ସମେତ ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କ ଶିକ୍ଷିତ ବେକାରମାନଙ୍କ ଆତ୍ମନିଯୁକ୍ତି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଯେଉଁମାନେ ଆବଶ୍ୟକୀୟ ତାଲିମ ପାଇଛନ୍ତି ଓ ଶିଳ୍ପ ପ୍ରତିଷ୍ଠା ଦିଗରେ ଯେଉଁମାନଙ୍କର ଆଗ୍ରହ ରହିଛି, କୃଷି, କ୍ଷୁଦ୍ର ଶିଳ୍ପ, ଛୋଟ ଛୋଟ ବ୍ୟବସାୟ, ବାଣିଜ୍ୟ ଓ ଅନ୍ୟାନ୍ୟ ବୃତ୍ତିରେ ସେମାନଙ୍କର ଆତ୍ମ ନିଯୁକ୍ତି ନିମନ୍ତେ ଉକ୍ତ ବ୍ୟାଙ୍କ ଗୁଡ଼ିକ ତରଫରୁ ଆର୍ଥିକ ସାହାଯ୍ୟ ଦିଆଯିବ । ବେକାର ଇଞ୍ଜିନିୟର, ଡିପ୍ଲୋମାଧାରୀ ଏବଂ ଅନ୍ୟାନ୍ୟ ବେକାର ଗ୍ରାଜୁଏଟ ମାନଙ୍କ କର୍ମସଂସ୍ଥାନ ନିମନ୍ତେ ଭାରତୀୟ ତୈଳ କରପୋରେସନ ତରଫରୁ ଆଉ ଏକ ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ତୈଳ କରପୋରେସନର ଖୁଚୁରା ବିକ୍ରୟ କେନ୍ଦ୍ର ଖୋଲିଲ ବେଳେ ଉପରୋକ୍ତ ଶ୍ରେଣୀର ବେକାର ଯୁବକ ମାନଙ୍କୁ ପ୍ରଥମେ ସୁଯୋଗ ଦିଆ ଯିବ । ସେହିପରି କୃଷି ଗ୍ରାଜୁଏଟ ମାନଙ୍କ କର୍ମ ସଂସ୍ଥାନ ଉଦ୍ଦେଶ୍ୟରେ ଭାରତୀୟ ଖାଦ୍ୟ କରପୋରେସନ ଦ୍ୱାରା ଉଦ୍ୟୋଗକାରୀ ବିକାଶ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନା ଅନୁଯାୟୀ କୃଷି ଉପାଧିଧାରୀଙ୍କୁ ଛଅସପ୍ତାହ ତାଲିମ ଦିଆଯିବା ପରେ ଖୁଚୁରା ବିକ୍ରେତା ରୂପେ ନିଯୁକ୍ତି ଦିଆଯିବ । ଏହା ବ୍ୟତୀତ ଡିପ୍ଲୋମାଧାରୀ ଓ ଇଞ୍ଜିନିୟରମାନଙ୍କ ଭଳି ବୈଷୟିକ ତାଲିମପ୍ରାପ୍ତ ବେକାର ଯୁବକମାନଙ୍କ କର୍ମ ସଂସ୍ଥାନ ନିମନ୍ତେ ରାଜ୍ୟ ସରକାର ମଧ୍ୟ ବହୁ ସୁବିଧା ସୁଯୋଗ ପ୍ରଦାନ କରିଛନ୍ତି ।

## ପର୍ଯ୍ୟଟନ

ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ଘଟୁଛି । ବର୍ତ୍ତମାନ କାର୍ଯ୍ୟକାରୀ ହେଉ ଥିବା କେତେକ ଯୋଜନା ସମ୍ପୂର୍ଣ୍ଣ ହେଲେ ପର୍ଯ୍ୟଟନ ଶିଳ୍ପର ପୂର୍ଣ୍ଣ ବିକାଶ ଘଟିବ । କୋଣାର୍କ ଠାରୁ ପୁରୀ ପର୍ଯ୍ୟନ୍ତ ବେଳା ଭୂମିରେ ଏକ ମାରିନ୍ ଡ୍ରାଇଭ୍ ନିର୍ମିତ ହେଉଛି । ଏହା ସମ୍ପୂର୍ଣ୍ଣ ହେଲେ ପୁରୀ–କୋଣାର୍କ ମଧ୍ୟରେ ଦୂରତ୍ୱ ଯଥେଷ୍ଟ ହ୍ରାସ ପାଇବ । ରମ୍ଭାଠାରେ ଚିଲିକା ହ୍ରଦ କୂଳରେ ନିର୍ମିତ ନୂତନ ପାନ୍ଥ ନିବାସଟି ନିକଟରେ ପର୍ଯ୍ୟଟକମାନଙ୍କ ପାଇଁ ଖୋଲିଯିବ । ଏହାଛଡ଼ା ପର୍ଯ୍ୟଟକମାନଙ୍କ ଯାତାୟାତ ଓ ପରିଭ୍ରମଣ ନିମନ୍ତେ ୧୯୬୭–୬୮ ମସିହାରୁ ଏକ ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ତଦନୁସାରେ ସାଧାରଣ ଭ୍ରମଣକାରୀଙ୍କ ସୁବିଧା ପାଇଁ ଭୁବନେଶ୍ୱର ଓ ପୁରୀ ଠାରେ ୫ଟି ଲେଖାଏ ଛୋଟ ଯାତ୍ରୀବାହୀ ବସ୍ ଚଳାଚଳ ପାଇଁ ଅନୁମତି ଦିଆ ଯାଉଛି । ଏହା ଛଡ଼ା ବିଦେଶୀ ପର୍ଯ୍ୟଟକ ମାନଙ୍କ ପାଇଁ ମଧ୍ୟ ରାଜ୍ୟ ସରକାର ଏ ଭଳି ଏକ ବସ୍ ଖରୀଦ କରିଛନ୍ତି ।

—————

> ମହାନ୍ ଦୁଃଖ, ତ୍ୟାଗ ବିନା କୌଣସି ମହତ୍ କାର୍ଯ୍ୟ ସାଧିତ ହୁଏ ନାହିଁ ।
>
> —ସ୍ୱାମୀ ବିବେକାନନ୍ଦ

# ମ ନେ ର ଖ ନ୍ତୁ

ଗୋଟିଏ ବା ଦୁଇଟି ସନ୍ତାନ ଥିବା ଜନନୀ ଲୁପ୍ ଗ୍ରହଣ କରିବା ଉଚିତ ।
ସନ୍ତାନ ଜନ୍ମରେ ସମୟର ବ୍ୟବଧାନ ନିମନ୍ତେ ଲୁପ୍ ଅପରିହାର୍ଯ୍ୟ ।

* ଏହା ସୁବିଧାଜନକ ଗର୍ଭ-ନିରୋଧ ପ୍ରଣାଳୀ ।
* ଏହା ଦାମ୍ପତ୍ୟ ସୁଖରେ ପ୍ରତିବନ୍ଧକ ହୁଏ ନାହିଁ ଏବଂ ସୁଖମୟ ଜୀବନ ଯାପନରେ ସାହାଯ୍ୟ କରେ ।
* ସନ୍ତାନ ଜନ୍ମ ସମୟର ବ୍ୟବଧାନ ରକ୍ଷା କରିବା ଦ୍ୱାରା ସନ୍ତାନମାନଙ୍କର ସ୍ୱାସ୍ଥ୍ୟ ଓ ଲାଳନପାଳନରେ ଯତ୍ନ ନେବା ସମ୍ଭବ ହୋଇଥାଏ ।
* ଯଦି ଦମ୍ପତି ଆଉ ଏକ ସନ୍ତାନ ଇଚ୍ଛା କରନ୍ତି ତେବେ ଡାକ୍ତରଙ୍କ ସାହାଯ୍ୟରେ ଏହାକୁ ସୁବିଧାରେ ଗର୍ଭାଶୟରୁ ବାହାର କରି ଦିଆଯାଇପାରେ ।
* ଏହାକୁ ଅଳ୍ପ ସମୟ ମଧ୍ୟରେ ଗର୍ଭାଶୟ ମଧ୍ୟରେ ଦିଆଯାଇପାରେ ଓ ଏଥିରେ କୌଣସି ଅସୁବିଧା ହୁଏନାହିଁ ।
* ଏଥିରେ କୌଣସି ଅସ୍ତ୍ରୋପଚାରର ଦରକାର ହୁଏନାହିଁ ।
* ବିନା ଖର୍ଚ୍ଚରେ ଡାକ୍ତରଙ୍କ ଦ୍ୱାରାହିଁ ଏହାକୁ ଲଗାଇ ଦିଆଯାଏ ।

## ଆର୍ଥିକ ସାହାଯ୍ୟ :—

ଲୁପ୍ ଦେବା ଲାଗି ନିମ୍ନଲିଖିତ ହାରରେ ଆର୍ଥିକ ସାହାଯ୍ୟ ଦେବା ପାଇଁ ସରକାର ସ୍ଥିର କରିଛନ୍ତି :—

(କ) ଲୁପ୍ ଗ୍ରହଣକାରୀ ଟ ୫·୦୦ (ଖ) ଡାକ୍ତର ଟ ୨·୦୦ (ଗ) ଔଷଧ ଓ ଚିକିତ୍ସା ଖର୍ଚ୍ଚ ଟ ୨·୭୫ (ଘ) ସାହାଯ୍ୟକାରୀ ଟ ୦·୨୫ (ଙ) ଲୁପ୍ ଗ୍ରହଣ ଲାଗି ପ୍ରବର୍ତ୍ତକ ଟ ୧·୦୦ ।

ଓଡ଼ିଶାରେ ୮୮,୩୨୦ ଜଣ ବିବାହିତା ମହିଳା ପାରିବାରିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ଦୃଷ୍ଟିରୁ ଲୁପ୍ ଗ୍ରହଣ କରିଛନ୍ତି ।

ନିକଟସ୍ଥ ପରିବାର କଲ୍ୟାଣ ନିୟୋଜନ କେନ୍ଦ୍ରର ପରାମର୍ଶ ନିଅନ୍ତୁ

ରାଜ୍ୟ ପରିବାର ନିୟୋଜନ ସଂସ୍ଥା
ଭୁବନେଶ୍ୱର-୨

# ପ୍ରଚଳିତ ଶିକ୍ଷା ଓ ଆମର ପରମ୍ପରା

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ଗଞ୍ଜାମ ଜିଲ୍ଲା ପ୍ରାଥମିକ ଶିକ୍ଷକମାନଙ୍କ ସମ୍ମେଳନରେ ଯେଉଁ ଉଦ୍‌ବୋଧନ ଦେଇଥିଲେ, ତାହାର ସାରାଂଶ ନିମ୍ନ ପ୍ରବନ୍ଧରେ ପ୍ରଦତ୍ତ ହେଲା ।

ଆମର ଛୋଟ ଛୋଟ ପିଲମାନଙ୍କୁ ମଣିଷ କରି ଗଢ଼ିବା ଦିଗରେ ପ୍ରାଥମିକ ସ୍କୁଲମାନଙ୍କରେ ପ୍ରଥମେ ମୂଳଦୁଆ ପକା ଯାଇଥାଏ । ତେଣୁ ଏ ସ୍କୁଲଗୁଡ଼ିକର ଉନ୍ନତିବିଧାନ ଏକାନ୍ତ ଆବଶ୍ୟକ । ପୂର୍ବେ ଆମ ଦେଶରେ ସାମାଜିକ ପରିସ୍ଥିତିକୁ ସୁହାଇଲାଭଳି ଗଭୀର ଚିନ୍ତା ଓ ଆଲୋଚନା ପରେ ଶିକ୍ଷା ପଦ୍ଧତି ଗ୍ରହଣ କରାଯାଇଥିଲା ; କିନ୍ତୁ ବର୍ତ୍ତମାନ ସେ ପ୍ରାଚୀନ ଶିକ୍ଷା ପଦ୍ଧତି ନାହିଁ । ଶିକ୍ଷା ବିପରୀତ ଦିଗରେ ଗତି କରୁଛି । ପୂର୍ବର ସେ ଆଦର୍ଶ ବିଦ୍ୟାପୀଠ ଗୁରୁକୁଳାଶ୍ରମ ନାହିଁ । ବର୍ତ୍ତମାନ ପ୍ରାଥମିକ, ମାଧ୍ୟମିକ ଓ ବିଶ୍ୱବିଦ୍ୟାଳୟ ଆଦି ଭଳି ବିଭିନ୍ନ ଶିକ୍ଷାନୁଷ୍ଠାନମାନ ରହିଥିଲେ ସୁଦ୍ଧା ପ୍ରାଚୀନକାଳର ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଯେଉଁ ସ୍ନେହ, ଶ୍ରଦ୍ଧା ଓ ସହାନୁଭୂତି ରହିଥିଲା, ସେସବୁ ବର୍ତ୍ତମାନ ନାହିଁ । ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ସେହି ସ୍ନେହଶ୍ରଦ୍ଧା ବଦଳରେ ଦେଖିବାକୁ ମିଳେ ଧମକଚମକ ଈର୍ଷା ଓ ଦ୍ୱେଷ । ଫଳରେ ଶିକ୍ଷାର ସେ ମହାନୀୟତା ଓ ଆଦର୍ଶ ଆଉ ନାହିଁ । ବର୍ତ୍ତମାନର ବିଦ୍ୟାଳୟଗୁଡ଼ିକ ଆଧୁନିକ ଯୁଗର ହୋଟେଲ ଭଳି ମନେ ହୁଏ । ହୋଟେଲରେ ଯେପରି ମାଲିକ ଓ ଗ୍ରାହକଙ୍କ ମଧ୍ୟରେ କଷାଓଟରା ଲାଗିଥାଏ, ସେହିଭଳି ସ୍କୁଲମାନଙ୍କରେ ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ ଭିଡ଼ା ଓଟରା ଦେଖିବାକୁ ମିଳୁଛି । ହୋଟେଲରେ ଯିଏ ଯେତେ ଅଧିକ ପଇସା ଦେଇପାରିଲା, ସେ ସେତିକି ଅଧିକ ଖାଇ-ପାରିଲା । ଶିକ୍ଷା-ଘର କ୍ଷେତ୍ରରେ ମଧ୍ୟ ଯେଉଁ ଛାତ୍ରମାନେ ଯେତେ ଅଧିକ ଅର୍ଥ ଖଟାଇ ପାରିଲେ, ସେମାନେ ସେତିକି ଅଧିକ ଶିକ୍ଷା ପାଇ ପାରୁଛନ୍ତି । ଏ ଶିକ୍ଷା ହେଲା ଅର୍ଥର ଶିକ୍ଷା । ପୂର୍ବେ ଗୁରୁକୁଳ ଆଶ୍ରମରେ ଶିଷ୍ୟମାନେ ରହି ଅଧ୍ୟୟନ କରୁଥିଲେ । ସେମାନଙ୍କୁ ଆଜିକାଲିର ପରି ସ୍କୁଲ ଦରମା ଦେବାକୁ ପଡ଼ୁ ନଥିଲା । ଏବେ ବି କେତେକ ସ୍ଥାନରେ ଗୁରୁକୁଳାଶ୍ରମ ରହିଛି । ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ୍ ସେମାନଙ୍କୁ ଅର୍ଥ ମଞ୍ଜୁର କଲେ ମଧ୍ୟ ସେମାନେ ତାହା ଗ୍ରହଣ କରୁନାହାନ୍ତି । ଏଭଳି ସାହାଯ୍ୟ ନେବା ସେହି ଅନୁଷ୍ଠାନ-ଗୁଡ଼ିକର ପରମ୍ପରା-ବିରୋଧୀ । ସେମାନେ ପ୍ରାଚୀନ ଗୁରୁକୁଳାଶ୍ରମର ପରମ୍ପରା ଓ ଆଦର୍ଶ ବର୍ତ୍ତମାନ ସୁଦ୍ଧା ବଜାୟ ରଖିଛନ୍ତି ।

ଆଦର୍ଶ-ରହିତ ଶିକ୍ଷା, ଶିକ୍ଷା ନୁହେଁ । ଯେଉଁ ଶିକ୍ଷାରେ ମାନବୀୟ ସଦ୍‌ଗୁଣ, ଯଥା—ଉଦାରତା, ସହିଷ୍ଣୁତା, ସେବା ତଥା ତ୍ୟାଗ ମନୋଭାବ ଆଦି ବିକଶିତ ହୋଇପାରୁଛି ସେ ଶିକ୍ଷା ହିଁ ମଣିଷ ତିଆରି ପାଇଁ ପ୍ରକୃତ ଶିକ୍ଷା । ତ୍ୟାଗରେ ହିଁ ଭୋଗ ରହିଛି । ଉଦାହରଣ ସ୍ୱରୂପ ଗାଁ ଗହଳିରେ ମା ଓ ଝିଅମାନେ ପ୍ରତିଦିନ ରନ୍ଧାବଢ଼ା କରନ୍ତି

ଓ ପରିବାରର ସମସ୍ତଙ୍କୁ ପରିବେଷଣ କରନ୍ତି । କେବେ କେବେ ସେମାନେ ତାଙ୍କ ନିଜ ପାଇଁ ବି କିଛି ନ ରଖି ସବୁ ପରଷି ଦିଅନ୍ତି । ଆମର ମା ଓ ଝିଅମାନେ ଉପାସ ରହିଲେ ମଧ୍ୟ ପରିବାରର ଅନ୍ୟ-ମାନଙ୍କ ସନ୍ତୋଷରେ ସେମାନେ ପରମ ଆନନ୍ଦ ଲାଭ କରନ୍ତି । ଏହି ଆଦର୍ଶ ଆମ ଘର ଭିତରେ ଏପର୍ଯ୍ୟନ୍ତ ରହିଛି । ଏହି ଆଦର୍ଶ ଗୁରୁକୁଳରେ ମଧ୍ୟ ଥିଲା । ଗୁରୁମାନେ ଶିଷ୍ୟମାନଙ୍କୁ ଶିକ୍ଷା ଦେବାକୁ ଗଲବେଳେ ଏଭଳି ଆଦର୍ଶ ଅନୁସରଣ କରିବା ବିଧେୟ ।

ବର୍ତ୍ତମାନ ଯୁଗରେ ଗୁରୁ ଶିଷ୍ୟ ସମ୍ପର୍କ ଅତ୍ୟନ୍ତ ତିକ୍ତ ହୋଇ ଉଠିଛି । ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ପୂର୍ବର ସେହି ସ୍ନେହ, ମମତା ଓ ଆଦର ଆଉ ନାହିଁ। ବେଦରେ 'ଓଁ' କାର ବ୍ରହ୍ମ ବୋଲି ପ୍ରତିପାଦିତ ହୋଇଛନ୍ତି । ଏହି 'ଓଁ'କାର ଅକାର, ଉକାର ମକାରର ସମଷ୍ଟି । ଅକାର ବ୍ରହ୍ମାତ୍ମକ, ଉକାର ବିଷ୍ଣୁଆତ୍ମକ ଓ ମକାର ଶିବାତ୍ମକ । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଏ ତିନିଙ୍କର ସମଷ୍ଟି ହିଁ 'ଓଁ' । ଏହି 'ଓଁ' କାର ପ୍ରାଚୀନ କାଳର ଗୁରୁକୁଳର ଗୁରୁମାନଙ୍କଠାରେ ନିହିତ ଥିଲା । ପୂର୍ବେ ଗୁରୁ ଓ ଶିଷ୍ୟ--ମାନଙ୍କ ମଧ୍ୟରେ ଯେଉଁ ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା ତାହା କେତେ ସୁଦୃଢ଼ ହୋଇପାରିଥିଲା, ଏଥିରୁ ତାହା ସ୍ପଷ୍ଟ ଅନୁମିତ ହୁଏ । ଏହାହିଁ ହେଲା ଆମ ପୂର୍ବ ଶିକ୍ଷାର ଐତିହ୍ୟ ଓ ପରମ୍ପରା । ଏହା କାଳକ୍ରମେ ଇଂରେଜମାନଙ୍କ ପ୍ରଭାବରେ ବିଲୁପ୍ତ ହୋଇଗଲା । ଆମେ ଆମର ପୂର୍ବ ଗୌରବକୁ ଅତୀତର ଗହ୍ୱର ମଧ୍ୟକୁ ଠେଲି ଦେଲୁ ଓ ବିପଥଗାମୀ ହୋଇପଡ଼ିଲୁ । ଆମେ ଆକାରରେ ଭାରତୀୟ ଓ ପ୍ରକାରରେ ପାଶ୍ଚାତ୍ୟ ହେଲୁ । ମାନଲେ ଚିନ୍ତାଧାରାରେ ଆମର ଶିକ୍ଷା ବ୍ୟଳିଗଲା, ଯାହାଦ୍ୱାରାକି ଆମର ଶିକ୍ଷା ଆଦର୍ଶ-ବିହୀନ ଶିକ୍ଷାରେ ପରିଣତ ହୋଇଗଲା । ପ୍ରାଚୀନ ଗୁରୁକୁଳାଶ୍ରମର ଆଦର୍ଶ ଶିକ୍ଷା ଲୋପ ପାଇଲା । ଗୁରୁମାନଙ୍କ ଜୀବନ--ଯାପନ ପ୍ରଣାଳୀ ସହିତ ଶିଷ୍ୟମାନଙ୍କର ଯେଉଁ ନିବିଡ଼ ସମ୍ପର୍କ ଥିଲା ତାହା ପୁରାପୁରି ବିଛିନ୍ନ ହୋଇଗଲା । ପୂର୍ବେ ଛାତ୍ରମାନଙ୍କଠାରେ ଯେପରି ଆତ୍ମ-ବିଶ୍ୱାସ, ମନୋବଳ, ଶକ୍ତି, ସାମର୍ଥ୍ୟ, ବଳିଷ୍ଠ ପରମ୍ପରା ରହିଥିଲା ତାହା ଆଜି ସ୍ୱପ୍ନ । ଏ ଶିକ୍ଷା ମନୁଷ୍ୟକୁ ପଙ୍ଗୁ କରିଦେଲା ।

ଯେଉଁ ଶିକ୍ଷାର ଚେର ଓ ମୂଳ ଦେଶର ପରମ୍ପରା, ସଂସ୍କୃତି ଓ ଐତିହ୍ୟ ଭିତରକୁ ପ୍ରବେଶ କରି ପାରିଛି, ସେ ଶିକ୍ଷାହିଁ ଆଦର୍ଶ ଶିକ୍ଷା । ଆଉ ଯେଉଁ ଶିକ୍ଷା ବାହ୍ୟ ଆବରଣର ଚାକଚକ୍ୟରେ ଆଲୋକ ଛଡ଼ାଏ, ସେ ଶିକ୍ଷା, ଶିକ୍ଷା ନୁହେଁ । ତାହା ଆଦର୍ଶ-ବିହୀନ ଶିକ୍ଷା ଅଟେ । ଶିକ୍ଷକମାନଙ୍କ ମୂଲ୍ୟ କେହି ଦେଇପାରନ୍ତି ନାହିଁ, ସେମାନେ ଯେଉଁ ଜ୍ଞାନ ପ୍ରଦାନ କରନ୍ତି, ତାହାର ମୂଲ୍ୟ ନାହିଁ, ସେ ସବୁ ଅମୂଲ୍ୟ । ପୂର୍ବେ ଆମ ସମାଜରେ ଉଭୟ ଗୁରୁ ଓ ଗୁରୁପତ୍ନୀଙ୍କର ସ୍ଥାନ ବହୁ ଉଚ୍ଚରେ ଥିଲା ; କିନ୍ତୁ ପାଶ୍ଚାତ୍ୟ ଶିକ୍ଷାରେ ଏ ସବୁ ଆଦର୍ଶ ମିଳିବା ଅସମ୍ଭବ ।

ପିଲମାନଙ୍କୁ ମଣିଷ କରି ଗଢିବାକୁ ହେଲେ ପ୍ରଥମେ ପ୍ରଚଳିତ ଶିକ୍ଷା ପଦ୍ଧତିକୁ ସଜାଡ଼ିବାକୁ ପଡ଼ିବ । ବର୍ତ୍ତମାନ ଆମ ଦେଶରେ ଯେଉଁ ଶିକ୍ଷା ପଦ୍ଧତି ଅନୁସୃତ ହେଉଛି ତାହା ଆମ ଜାତୀୟ ଜୀବନର ଐତିହ୍ୟ ଓ ପରମ୍ପରା-ବିରୋଧୀ । ଏ ଶିକ୍ଷାରେ ଆମର ପରମ୍ପରା ନାହିଁ କି ସଂସ୍କୃତି ନାହିଁ । ଏଥିରେ ଅଛି କେବଳ ପାଶ୍ଚାତ୍ୟ ଶିକ୍ଷାର ଦାସତ୍ୱ ମନୋବୃତ୍ତି । ଏ ଶିକ୍ଷା ମନୁଷ୍ୟ ଶକୁରୀ ଗଛ ପରି ଡାହାଚ, ପାହାଚ ।

ପିଲମାନଙ୍କ ଅଧ୍ୟୟନ ନିମନ୍ତେ ବିଭିନ୍ନ ପାଠ୍ୟ-ପୁସ୍ତକ ପ୍ରଣୟନ କରାଯାଇଛି ; କିନ୍ତୁ ସେ ସମସ୍ତ ପୁସ୍ତକରେ ବୁଦ୍ଧ, ଶଙ୍କରାଚାର୍ଯ୍ୟ ଓ ଶ୍ରୀ ଚୈତନ୍ୟ ଭଳି ମହାପୁରୁଷମାନଙ୍କ ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ । ଏହି ମହାପୁରୁଷମାନଙ୍କ ଜୀବନୀ ଅଧ୍ୟୟନ କଲେ ଆମର ଛାତ୍ରସମାଜ ସେମାନଙ୍କ ମହାନ୍ ଆଦର୍ଶରେ ଅନୁପ୍ରାଣିତ ହେବା ସଙ୍ଗେ ସଙ୍ଗେ ଜାତି ଗଠନ ଦିଗରେ ଏହା ସେମାନଙ୍କୁ ପ୍ରେରଣା ଦେବ । କେତେକ ପାଠ୍ୟ-ପୁସ୍ତକରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ଯାତ୍ରା ଓ ଏକିଭଳି ବିଷୟରେ ଉଲ୍ଲେଖ ରହିଛି । ଅଥଚ ଭାରତର ସ୍ୱାଧୀନତା ତଥା ମାନବ ସମାଜର ମୁକ୍ତି ପାଇଁ ଗାନ୍ଧୀଜୀ ଜୀବନ-ବ୍ୟାପୀ ଯେଉଁ ସଂଗ୍ରାମ ଚଳାଇଥିଲେ ସେ ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ । ଜାତୀୟ ଜୀବନ ତଥା ଜାତୀୟ ଚରିତ୍ର ଗଠନରେ ସହାୟକ ହେବା ଭଳି ବିଷୟବସ୍ତୁ ପାଠ୍ୟ-ପୁସ୍ତକରେ ସ୍ଥାନ ପାଇବା ଏକାନ୍ତ ଆବଶ୍ୟକ । "ମୁଁ ଏ ଜାତିର ଓ ଏ ଜାତି ମୋର"—ଏ ଆଦର୍ଶରେ ଉଭୟ ଶିକ୍ଷକ ତଥା ଛାତ୍ରସମାଜ ଅନୁପ୍ରାଣିତ ହୋଇ କର୍ତ୍ତବ୍ୟ ପଥରେ ଅଗ୍ରସର ହେଲେ ଶିକ୍ଷାର ଲକ୍ଷ୍ୟ ପୂରଣ ହୋଇ ପାରିବ ।

# ଓଡ଼ିଶାରେ ଭ୍ରମଣପାଇଁ ସୁବିଧା ଓ ସୁଯୋଗ



ପୂର୍ଣ୍ଣଚନ୍ଦ୍ର ହୋତା

ଓଡ଼ିଶା ଏକ କ୍ଷୁଦ୍ର ଆୟତନ-ବିଶିଷ୍ଟ ରାଜ୍ୟ ହେଲେ ମଧ୍ୟ ଏହାର ବିପୁଳ ଧନ-ସମ୍ପଦ ଏବଂ ଅସୀମ ପ୍ରାକୃତିକ ରୂପଶ୍ରୀ ପ୍ରତ୍ୟେକ ଦିଗରୁ ଏହାକୁ ବର୍ଣ୍ଣାଢ଼୍ୟ କରି ଗଢ଼ିଛି । ଏକ ଦିଗରେ ବୋପସାଗରର ଊର୍ମି-ନିର୍ଘୋଷିତ ନୀଳ ଜଳରାଶି ଏହାକୁ ଧୌତ କରୁଥିଲାବେଳେ ଅନ୍ୟ ଦିଗରେ ପୂର୍ବ ଘାଟର ବହୁ ଛୋଟ ବଡ଼ ପର୍ବତ-ଶ୍ରେଣୀର ସବୁଜ ବନାନୀ ଅଥବା ଅନେକ ଗିରିଝର ସ୍ରୋତଙ୍କର ନିଜସ୍ୱ ସଙ୍ଗୀତର ମୂର୍ଚ୍ଛନାରେ ଏହି ରାଜ୍ୟର ପରିବେଶମୂଳକ ଅବସ୍ଥାନକୁ ଯଶସ୍ୱୀ କରି ଗଢ଼ିଛି । ଏହି କ୍ଷୁଦ୍ର ରାଜ୍ୟ ଓଡ଼ିଶାର ମାଟି, ପାଣି, ପବନ, ଆକାଶ ଆଦି ସବୁ କିଛିରେ ଏକ ଚିତ୍ତାକର୍ଷକ ସୌନ୍ଦର୍ଯ୍ୟର ଅପୂର୍ବ ମନନଶୀଳତା ଭରି ରହିଛି ଯାହାକି ଏହାର ଅନନ୍ତ ରୂପ ସୀମାକୁ ସ୍ପଷ୍ଟ ଉପଲବ୍ଧି କରିହୁଏ । ଏହି କାରଣରୁ ଓଡ଼ିଶା ରାଜ୍ୟର କଳା, କୃଷ୍ଟି, ସାହିତ୍ୟ ସଂସ୍କୃତି, ଇତିହାସ ଏବଂ ସର୍ବୋପରି ଜୀବନର ଧାରା ଶାନ୍ତକାନ୍ତ ପ୍ରକୃତିର ଶୁଭ ଆଶୀର୍ବାଦ ଉପରେ ପ୍ରତିଷ୍ଠିତ ହୋଇଛି ବୋଲି ନିଃସନ୍ଦେହରେ କୁହାଯାଇ ପାରୁଛି । ପ୍ରକୃତିର କମନୀୟ ରଙ୍ଗ ବୈଭବରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ କ୍ଷେତ୍ରରେ ଏହି ଦେଶର ରୂପଦର୍ଶୀ ପ୍ରାଣ ବିକଶିତ ହୋଇଛି । ଏହି ରୂପଦର୍ଶୀ ପ୍ରାଣର ଆବେଗରେ ଯେଉଁ ସୃଜନଶୀଳ ଇତିହାସ ସୃଷ୍ଟି ହୋଇଛି ତାହା କାଳର ଅନନ୍ତ ସ୍ରୋତରେ କ୍ଷୟ ହୋଇ ଯାଇ ନାହିଁ । ଅପରନ୍ତୁ ମହିମାଦୀପ୍ତ କଣ୍ଠରେ ନିଜ ସ୍ୱପ୍ନ ବିଭୋର କଳା କୃଷ୍ଟିର ସଙ୍ଗୀତ ନେଇ ଅଖଣ୍ଡ ଓ ଅବ୍ୟୟ ଭାବରେ କାଳ ସହିତ ସମନ୍ୱୟ ରକ୍ଷାକରି ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିଛି । ଏହି ଉଦ୍‌ବୋଧନ ମଣିଷ ଜାତିର ପ୍ରଜ୍ଞା ଉପରେ ପ୍ରତିଷ୍ଠିତ ବୋଲି ସାବ୍ୟସ୍ତ କଲାବେଳେ ଓଡ଼ିଶାର ଯୁଗଧର୍ମୀ ସଭ୍ୟତାର ସାର୍ଥକ ପରିଚୟ ମିଳେ ।

ଅବଶ୍ୟିତି ଦର୍ପିତ ପୁରୀ, ଭୁବନେଶ୍ୱର ଓ କୋଣାର୍କର ଶୀଳା-ନିର୍ମିତ ଅଦ୍ଭୁତ ଦେଉଳ ଶ୍ରେଣୀ ଦେଖିଲେ ଅନ୍ଧକାରାଚ୍ଛନ୍ନ ଅତୀତର ବୁଦ୍ଧିମତ୍ତା ପ୍ରତି ଏବେ ମଧ୍ୟ ବିସ୍ମୟ ଭାବ ସୃଷ୍ଟି ହୁଏ । ଅତିର ସମୁନ୍ନତ ବିଦ୍ୟା ଓ ବୁଦ୍ଧି ନେଇ ତାହାର ବୈଜ୍ଞାନିକ ବିଶ୍ଳେଷଣ କଲେ ସୁଦ୍ଧା ତାହାର ବିଶାଳତା ନିକଟରେ ନିଜକୁ ଯଥେଷ୍ଟ ସଙ୍କୁଚିତ କରି ରଖେ । ସେ ସବୁର ସ୍ଥପତିବିଦ୍ୟା ନିର୍ମାଣ କୌଶଳର ବୈଶିଷ୍ଟ୍ୟକୁ ପୂର୍ଣ୍ଣ ପ୍ରାଣରେ ସ୍ୱୀକାର କରି ନେବାକୁ ମନ ବ୍ୟଗ୍ର ହୋଇ ଉଠେ । କଠିନ ଶୀଳାର ବୁକୁ ଉପରେ ମନର ସମସ୍ତ ପରିକଳ୍ପନା ନେଇ ସୃଷ୍ଟିତତ୍ତ୍ୱର ବିଚିତ୍ର ରହସ୍ୟ ଭେଦକରି ଯୁଗ ଧର୍ମର ଉଥାନିକାକୁ ସର୍ବତ୍ର ଅତି ଜୀବନ୍ତ ଭାବରେ ଶୀଳାନ୍ୟାସ କରାଯାଇଛି । ମନ୍ଦିର ନିର୍ମାଣ ବ୍ୟତୀତ ମନ୍ଦିରର ଆନୁଷଙ୍ଗିକ କାର୍ଯ୍ୟକ୍ରମ ଭିତରେ ସାମାଜିକ ଜୀବନର ଉତ୍କର୍ଷ ଓ ଆଧ୍ୟାତ୍ମିକ ଜୀବନର ସାର୍ଥକତା ବିଭିନ୍ନ ପ୍ରକାର ପନ୍ଥା-ପଦ୍ଧତି ମଧ୍ୟରେ

ପ୍ରତିପାଦିତ ହୋଇଛି । ପୁରୀ ଭଳି ଶ୍ରୀକ୍ଷେତ୍ରରେ ସର୍ବଧର୍ମ ସମନ୍ୱୟରେ ଜାତିଭେଦର ସଂକୀର୍ଣ୍ଣତା ଭେଦି ପ୍ରାଚୀନ କାଳରୁ ଅବଲୁପ୍ତ ହୋଇ ଏହି ଦେଶର ଏବଂ ଜାତିର ଶ୍ରେଷ୍ଠତ୍ୱକୁ ପ୍ରମାଣିତ କରିଛି । ପୁରୀ, କୋଣାର୍କ ଓ ଭୁବନେଶ୍ୱରର ଅତୁଳନୀୟ କାରୁକାର୍ଯ୍ୟ ପୂର୍ଣ୍ଣ ଅଭିଲେଖ ସହିତ ସମଗ୍ର ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁରୂପ ଭାସ୍କର୍ଯ୍ୟର ଶୋଭା-ସଂପଦ ନେଇ ସାହିତ୍ୟ, ଇତିହାସ, କଳା, କୃଷ୍ଟି ଏବଂ ସାମାଜିକ ଜୀବନର ଧାରା ଅଥବା ବିଭିନ୍ନ ସମୟର ଧାର୍ମିକ ତତ୍ତ୍ୱ କ୍ରମ ପରିଣାମ ଭାବରେ ଆତ୍ମ ପ୍ରକାଶ କରିଛି । ଭୁବନେଶ୍ୱର ନିକଟସ୍ଥ ଉଦୟଗିରି, ଖଣ୍ଡଗିରି, ଧଉଳିଗିରି, କଟକ ଜିଲ୍ଲାର ଲଳିତଗିରି, ରତ୍ନଗିରି, ଯାଜପୁରର ବରାହନାଥ, ବିରଜା, ସପ୍ତମାତୃକା, ଢେଙ୍କାନାଳର କପିଳାସ, ମୟୂରଭଞ୍ଜର ଖିଚିଂ ଏବଂ ଓଡ଼ଗାଁ, ଶରଣକୂଳ ପ୍ରଭୃତି ଅନେକ ଦର୍ଶନୀୟ ସ୍ଥାନର ଗୌରବମୟ କାହାଣୀ ପରିମାର୍ଜିତ ସଭ୍ୟତାର, ପରମ୍ପରାର ଏବଂ ସଂସ୍କୃତିର ଉଜ୍ଜ୍ୱଳ ସଙ୍କେତ ଭାବରେ ଏବେ ମଧ୍ୟ ତିଷ୍ଠି ରହିଛି ।

ସ୍ଥାପତ୍ୟ ବିଦ୍ୟାରେ ଉତ୍କର୍ଷ ଲାଭ କରି କଳାପ୍ରିୟ ଦେଶ ହିସାବରେ ଓଡ଼ିଶା ଯେପରି ନିଜର ସ୍ୱତନ୍ତ୍ର୍ୟ ରକ୍ଷାକରି ସମଗ୍ର ବିଶ୍ୱରେ ନିଜର ଗୌରବମୟ ଭୂମିକାକୁ ଅପ୍ରତିହତ କରି ରଖି ପାରିଛି, ସେହିପରି ଆଧୁନିକ କଳାକୁଶଳତାରେ ନିପୁଣତା ଅର୍ଜନ କରି କାରିଗରି କାର୍ଯ୍ୟରେ ଯଶସ୍ୱୀ ହେବାକୁ ମଧ୍ୟ ସମର୍ଥ ହୋଇପାରିଛି । ଏହାର ନିଦର୍ଶନରେ ହୀରାକୁଦ, ବାଲିମେଳା, ପାରାଦ୍ୱୀପ, ସୁନାବେଡ଼ା, ତାଳଚେର ଥର୍ମାଲ, ମାଛକୁଣ୍ଡ, ରାଉରକେଲା ଆଦି ବିଭିନ୍ନ ଯୋଜନାଗୁଡ଼ିକର ସାଫଲ୍ୟ ସମସ୍ତଙ୍କ ମନରେ ଗଭୀର ଆତ୍ମବିଶ୍ୱାସ ସୃଷ୍ଟି କରିଛି । ଏହି ସମସ୍ତ ଯୋଜନା-ମାନ ଦୈନନ୍ଦିନ ଜୀବନ ଯାତ୍ରାରେ ଯେପରି ପ୍ରୟୋଜନ ବୋଲି ଅନୁଭୂତ ହୋଇଛି, ସେହିପରି ବୈଜ୍ଞାନିକ ଭିତ୍ତିରେ ଜ୍ଞାନ ଆହରଣ ପାଇଁ ଅଥବା ପରିବର୍ତ୍ତନମୂଳକ ଆନନ୍ଦ ଅନୁଭବ କରିବା ପାଇଁ ଏକାନ୍ତ ଭାବରେ ଆକର୍ଷଣୀୟ ସ୍ଥାନ ବୋଲି ବିବେଚିତ ହୋଇଛି । ଏହା ବ୍ୟତୀତ ଟିକରପଡ଼ା, ସପ୍ତଶଯ୍ୟା, ହରିଶଙ୍କର, ଉଷାକୋଠୀ, ଶିମୁଳିପାଳ ସମେତ ରାଶି ରାଶି ବଣ ପାହାଡ଼ର ଚିତ୍ତାକର୍ଷକ ଶୋଭାଶ୍ରୀ, ଅନେକ ଗିରିନିର୍ଝରର ସମଶୀତଳ ଜଳଧାରା ଏବଂ ବିଭିନ୍ନ ବନ୍ୟଜନ୍ତୁ ଅଥବା ପକ୍ଷୀମାନଙ୍କର ସମା-ବେଶରେ ଏକ ସୁସ୍ନିଗ୍ଧମଧୁର ପରିବେଶ ସୃଷ୍ଟି ହୋଇ ପ୍ରତ୍ୟେକଙ୍କୁ ତନ୍ଦ୍ରାଭୋର କରି ରଖେ । ନନ୍ଦନକାନନ ଅଥବା ରୂପସୀ ଚିଲିକା କିମ୍ବା ପୁରୀ ଓ ଗୋପାଳପୁରଠାରେ ସମୁଦ୍ରର ଶାନ୍ତ କାନ୍ତ ବେଳାଭୂମିର ଆହ୍ୱାନରେ ସମସ୍ତଙ୍କ ମନରେ ଏକ କାନ୍ତ କୋମଳ ଭାବ ଅନୁଭୂତ ହୁଏ ।

ସାମୁହିକ ଭାବରେ ଚିନ୍ତା କଲେ ଓଡ଼ିଶା ଏକ ଧର୍ମକ୍ଷେତ୍ର ଅଥବା ସଂସ୍କୃତିର ପୀଠସ୍ଥଳୀ ଏବଂ ଅପରୂପ ସୌନ୍ଦର୍ଯ୍ୟର ସମାହାର । ଏହି କାରଣରୁ ଏହା ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ପରିବେଶଜନିତ ପରିବର୍ତ୍ତନ ପାଇଁ କିମ୍ବା ଜ୍ଞାନ ଆହରଣ କରିବା ପାଇଁ ଅଥବା ଆନନ୍ଦ ଉପଭୋଗ କରିବା ପାଇଁ ଯୁଗେ ଯୁଗେ ପ୍ରଲୁବ୍ଧ କରିଛି । ପ୍ରତ୍ୟେକ ଶ୍ରେଣୀର ପର୍ଯ୍ୟଟକମାନଙ୍କ ସକାଶେ ଉପଭୋଗ୍ୟ ସମସ୍ତ ଉପାଦାନ ଓଡ଼ିଶାର ସବୁ ସ୍ଥଳରେ ଉପଲବ୍ଧ ହୋଇ ରହିଛି ।

ପର୍ଯ୍ୟଟନ, ଅଧୁନା ଏକ ଶିଳ୍ପ ଭାବରେ ସ୍ୱୀକୃତ ହୋଇ ସମଗ୍ର ଦେଶରେ ଏହାର ଉତ୍ତରୋତ୍ତର ବିକାଶ ସକାଶେ ସଫଳ ପଦକ୍ଷେପ ନିଆ ଯାଉଛି । ନିଜ ଦେଶ ମଧ୍ୟରୁ ଆସୁଥିବା ପର୍ଯ୍ୟଟକମାନଙ୍କଠାରୁ ଆୟର ଏକ ବିଶିଷ୍ଟ ଅଂଶ ଯେପରି ଆଦାୟ ହୋଇ ପାରୁଛି, ସେହିପରି ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କଠାରୁ ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରାଯାଇ ପାରୁଛି । ଓଡ଼ିଶାରେ ବର୍ଷକୁ ବର୍ଷ ଦେଶ ବିଦେଶର ପର୍ଯ୍ୟଟକମାନଙ୍କର ସଂଖ୍ୟା ଉତ୍ସାହଜନକ ଭାବରେ କ୍ରମଶଃ ବୃଦ୍ଧି ପାଉଅଛି । ବିଶେଷ କରି ବହୁ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଭ୍ରମଣରେ ଆସି ସୁବିଧାସୁଯୋଗ ତଥା ଆତିଥେୟତା ଦୃଷ୍ଟିରୁ ସେମାନଙ୍କର ଏହି ପରିଭ୍ରମଣ ଯଥାର୍ଥରେ ପରିତୃପ୍ତିକର ହୋଇଛି ବୋଲି ସେମାନଙ୍କର ଅର୍ଥପୂର୍ଣ୍ଣ ମନ୍ତବ୍ୟରୁ ସ୍ପଷ୍ଟ ଅନୁମାନ କରିହୁଏ । ବହୁ ସଂଖ୍ୟାରେ ପର୍ଯ୍ୟଟକ ପରିଭ୍ରମଣରେ ଆସିବା ସେମାନଙ୍କର ପ୍ରୟୋଜନମତ ସୁବିଧାସୁଯୋଗ ଉପରେ ସଂପୂର୍ଣ୍ଣ ନିର୍ଭର କରେ । ଏହି ସୁବିଧାସୁଯୋଗ ମଧ୍ୟରେ ଯିବା ଆସିବା ପାଇଁ ଉପଯୁକ୍ତ ଯାନବାହାନ, ରହିବା ଓ ଖାଇବାର ଉତ୍ତମ ବ୍ୟବସ୍ଥା ଏବଂ ଶିକ୍ଷିତ ଚରିତ୍ରବନ୍ତ ଓ କର୍ମଠ ସାହାଯ୍ୟକାରୀଙ୍କ ନିଯୁକ୍ତି ଆଦି ମୁଖ୍ୟ ବୋଲି ମନେ ହୁଏ ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ପର୍ଯ୍ୟଟକମାନଙ୍କର ସମସ୍ତ ସୁଖସ୍ୱାଚ୍ଛନ୍ଦ୍ୟ ଓ ସୁବିଧାଅସୁବିଧା ଦେଖିବା ପାଇଁ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ପ୍ରତ୍ୟେକ ପର୍ଯ୍ୟଟକର ସ୍ୱଳ୍ପକାଳୀନ ରହଣି ମଧ୍ୟରେ ଏହି ରାଜ୍ୟର ସମସ୍ତ ଦର୍ଶନୀୟ ସ୍ଥାନ, ପୁରାତନ ଓ ନୂତନ କୀର୍ତ୍ତି ବୈଭବ ଅଥବା ଅନ୍ୟାନ୍ୟ ଦୃଶ୍ୟ-ମଂଜୁଳ ସ୍ଥାନମାନ ଦର୍ଶନ କରିବା ପାଇଁ କିମ୍ବା ସେମାନଙ୍କର

ଥିବା ଆସିବା, ରହିବା, ଖାଇବା, ଖେଳିବା ଇତ୍ୟାଦିର ସୁବନ୍ଦୋବସ୍ତ କରିବା ପାଇଁ ଓଡ଼ିଶା ରାଜ୍ୟର ପର୍ଯ୍ୟଟନ ବିଭାଗ ଯେଉଁଭଳି ଧ୍ୟାନ ଦେଉଛନ୍ତି, ତାହା ବିଶେଷ ଭାବରେ ପ୍ରଣିଧାନଯୋଗ୍ୟ । ଏହି ବିଭାଗ ଅଧୀନରେ ପୁରୀ, କୋଣାର୍କ, ଭୁବନେଶ୍ୱର, ବାଲେଶ୍ୱର, ଗୋପାଳପୁର, ରାଉରକେଲା ଓ ରମ୍ଭାଠାରେ ପର୍ଯ୍ୟଟକମାନଙ୍କ ପାଇଁ ଗୋଟିଏ ଗୋଟିଏ ସୂଚନା କେନ୍ଦ୍ର ଖୋଲା ଯାଇଛି । ଏହି କେନ୍ଦ୍ରଗୁଡ଼ିକ ପ୍ରତ୍ୟେକ ଜଣେ ଲେଖାଏଁ ଅଭିଜ୍ଞ ଶିକ୍ଷିତ ସରକାରୀ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଅଛି । ଏହି କର୍ମଚାରୀମାନେ ଆବଶ୍ୟକ ସାହାଯ୍ୟକାରୀ କର୍ମଚାରୀଙ୍କୁ ନେଇ ପର୍ଯ୍ୟଟକମାନଙ୍କର ପରିଭ୍ରମଣର ସୁଚିନ୍ତିତ ଯୋଜନା ଅନୁସାରେ ନିର୍ବାହ କରିବା ପାଇଁ ଆବଶ୍ୟକୀୟ ସାହାଯ୍ୟ ଓ ସହଯୋଗ ଦେଉଥାନ୍ତି ।

ଯେଉଁ ବିଦେଶୀ ତଥା ବିଭିନ୍ନ ଭାଷାଭାଷୀ ପର୍ଯ୍ୟଟକମାନେ ପାଶ୍ଚାତ୍ୟ ରୀତିରେ ରହିବାକୁ ଇଚ୍ଛା କରନ୍ତି, ସେମାନେ ଭୁବନେଶ୍ୱର ରାଜ୍ୟ ଅତିଥିଶାଳା, ପୁରୀ ରେଲବାଇ ହୋଟେଲ, ଗୋପାଳପୁର ପାମ୍‌ବିଚ୍ ହୋଟେଲ ଏବଂ ରାଉରକେଲା ହୋଟେଲମାନଙ୍କରେ ନିର୍ଦ୍ଧାରିତ ଅର୍ଥ ଦେଇ ରହି ପାରିବେ । ଏହା ବ୍ୟତୀତ ରାଜ୍ୟ ପର୍ଯ୍ୟଟନ ବିଭାଗର ପରିଚାଳନାରେ ଭୁବନେଶ୍ୱର, ପୁରୀ, କୋଣାର୍କ, ଗୋପାଳପୁର ଓ ରମ୍ଭାଠାରେ ପର୍ଯ୍ୟଟକମାନଙ୍କ ପାଇଁ ମନୋରମ ପାନ୍ଥନିବାସମାନ ନିର୍ମାଣ କରାଯାଇଛି । ଏହି ସବୁ ପାନ୍ଥନିବାସମାନଙ୍କରେ ରହିବାର ସୁବନ୍ଦୋବସ୍ତ ଓ ଖାଇବାର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା କରା ଯାଇଛି । ଏହି ପ୍ରକାର ବ୍ୟବସ୍ଥା ପର୍ଯ୍ୟଟକମାନଙ୍କର ପରିଭ୍ରମଣକୁ ବେଶ୍ ଆମୋଦଦାୟକ କରି ପାରୁଛି । ଏତଦ୍‌ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ଉତ୍ତମ ଧରଣର ଅତିଥିଶାଳା (Circuit House) ଏବଂ ଡାକବଙ୍ଗଳାମାନ ରହିଛି । ଏହି ସବୁ ସ୍ଥାନମାନଙ୍କରେ ଉପଯୁକ୍ତ ଭାବରେ ସୁବିଧା ସୁଯୋଗସବୁ ରହିଛି । ହୀରାକୁଦଠାରେ ଥିବା ଅଶୋକ ନିବାସ, ପାରାଦ୍ୱୀପଠାରେ ଥିବା ନେହେରୁ ନିବାସ, ଗୋପାଳପୁରଠାରେ ଥିବା ରାଜସ୍ୱ ବିଭାଗର ଅତିଥିଶାଳା, ରାଉରକେଲାଠାରେ ଥିବା ରାଉରକେଲା ଭବନରେ ରହିବା ଓ ଖାଇବାର ସର୍ବାଧୁନିକ ବ୍ୟବସ୍ଥା କରାଯାଇଛି । ଏହିସବୁ ସ୍ଥାନମାନଙ୍କରେ ରହିବା ପାଇଁ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ସମେତ ପର୍ଯ୍ୟଟନ ବିଭାଗର କର୍ତ୍ତୃପକ୍ଷଙ୍କୁ ଜଣାଇଲେ ସେମାନେ ପ୍ରୟୋଜନ ଅନୁସାରେ ବ୍ୟବସ୍ଥା କରିଥାନ୍ତି ।

ଓଡ଼ିଶା ରାଜ୍ୟର ନୂଆ ରାଜଧାନୀ ଭୁବନେଶ୍ୱରରୁ କଲିକତାକୁ ପ୍ରତିଦିନ ଆକାଶ ପଥରେ ଯାତାୟାତ ପାଇଁ ସୁବିଧା ରହିଛି । ସପ୍ତାହରେ ୫ ଦିନ ଭୁବନେଶ୍ୱରଠାରୁ ବିଶାଖାପାଟଣା ପର୍ଯ୍ୟନ୍ତ ମଧ୍ୟ ଉଡ଼ାଜାହାଜର ଯାତାୟାତ ସୁବିଧା ରହିଛି । ଭୁବନେଶ୍ୱରଠାରୁ କଲିକତା ପର୍ଯ୍ୟନ୍ତ ଆକାଶ ପଥରେ ଯିବାକୁ ମାତ୍ର ଏକ ଘଣ୍ଟାରୁ କିଛି ବେଶି ସମୟ ଲାଗେ । କଲିକତାଠାରୁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶମାନଙ୍କୁ ଯିବା ପାଇଁ ନିର୍ଦ୍ଦିଷ୍ଟ ସମୟରେ ଆନ୍ତର୍ଜାତୀୟ ବିମାନ ଚଳାଚଳର ବ୍ୟବସ୍ଥା ରହିଛି । ଦକ୍ଷିଣ ପୂର୍ବ ରେଳପଥ ଏହି ରାଜ୍ୟ ଭିତର ଦେଇ ଯାଇଥିବାରୁ କଲିକତା, ବମ୍ବେ, ମାନ୍ଦ୍ରାଜ ଓ ଦେଶର ଅନ୍ୟାନ୍ୟ ବିଶିଷ୍ଟ ବିଶିଷ୍ଟ ସ୍ଥାନରେ ପହଞ୍ଚିବାକୁ ଏହି ରେଳପଥ ବିଶେଷ ଭାବରେ ସୁବିଧାଜନକ ବୋଲି ମନେ ହୁଏ । ସାଧାରଣ ରେଳଗାଡ଼ି ବ୍ୟତୀତ କେତେକ ଦ୍ରୁତଗାମୀ ରେଳଗାଡ଼ି ଏହି ରେଳପଥ ଉପରେ ଯାତାୟାତ କରେ । ଯାତ୍ରୀ କିମ୍ବା ପର୍ଯ୍ୟଟକମାନେ ଓଡ଼ିଶା ଭ୍ରମଣରେ ଆସିଲା ବେଳେ ଅନେକ ଏହି ରେଳପଥର ଯାତ୍ରୀ ହୋଇଥାନ୍ତି । ଏହା ବ୍ୟତୀତ ୫ ନମ୍ବର ଜାତୀୟ ରାଜପଥ କଲିକତା ଓ ମାନ୍ଦ୍ରାଜକୁ ସଂଯୋଗ କରି ଏହି ରାଜ୍ୟ ଭିତରେ ଦେଇ ଯାଇଛି । ରାଜ୍ୟ ଭିତରେ ମଧ୍ୟ ପ୍ରାୟ ସମସ୍ତ ଦର୍ଶନୀୟ ଓ ରମଣୀୟ ସ୍ଥାନ ସହିତ ସଂଯୋଗ କରି ରାସ୍ତାମାନ ନିର୍ମାଣ କରାଯାଇଛି । ରାଜ୍ୟର ପରିବହନ ବିଭାଗର ଯାତ୍ରୀବାହୀ ବସ୍ ବିଭିନ୍ନ ସ୍ଥାନକୁ ଏହି ରାସ୍ତାମାନଙ୍କରେ ପ୍ରାୟ ଯାତାୟାତ କରେ । ବସ୍ ବ୍ୟତୀତ ପ୍ରାୟ ପ୍ରତ୍ୟେକ ସମୟରେ ଅନେକଗୁଡ଼ିଏ ଟାକ୍‌ସି ବିଭିନ୍ନ ସ୍ଥାନକୁ ଚଳାଚଳ କରେ । ପର୍ଯ୍ୟଟକ ତଥା ଅତିଥିମାନଙ୍କର ସୁବିଧା ପାଇଁ ରାଜ୍ୟ ଅତିଥିଶାଳା ପରିଚାଳନାରେ କେତେକ ସୁନ୍ଦର ଓ ଶୌଖିନ ଗାଡ଼ି ଚଳାଚଳ କରେ । ଭୁବନେଶ୍ୱର ଓ ପୁରୀ ପାନ୍ଥ ନିବାସର କର୍ତ୍ତୃପକ୍ଷଙ୍କ ପରିଚାଳନାରେ ଏହି ଭଳି କେତେକ ସୁନ୍ଦର ଗାଡ଼ି ପର୍ଯ୍ୟଟକମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ରହିଛି । ଏହି ଗାଡ଼ିଗୁଡ଼ିକରେ ଯିବା ଆସିବା କଲେ କିଲୋମିଟର ପ୍ରତି ୪୫ ପଇସା ହିସାବରେ ଭଡ଼ା ଲାଗେ ଏବଂ ଅଟକ ରହିଲେ ଘଣ୍ଟାପ୍ରତି ଏକ ଟଙ୍କା କରି ଦେବାକୁ ହୁଏ । ଏହି ବ୍ୟବସ୍ଥା ସୁବିଧା ଅନୁସାରେ ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ଏହିଭଳି ପୁରୀ ସହରରେ ଭୁବନେଶ୍ୱର ପାନ୍ଥ ନିବାସ କର୍ତ୍ତୃପକ୍ଷଙ୍କ ନିକଟରେ ୩୦ ଜଣ ବସି ପାରିବା ଭଳି ଗୋଟାଏ ଶୀତତାପ ନିୟନ୍ତ୍ରିତ ଡିଲକ୍ସ ବସ୍ ରହିଛି । ମିଳିତ ଭାବରେ ପର୍ଯ୍ୟଟକମାନେ ଏହି ଡିଲକ୍ସ ବସ୍‌କୁ ଭଡ଼ାରେ ନେବା ପାଇଁ ବ୍ୟବସ୍ଥା ରହିଛି । ଆବଶ୍ୟକ ମନେ ହେଲେ ୫୦।୬୦ ଜଣ ପର୍ଯ୍ୟଟକମାନଙ୍କ ପାଇଁ ରାଜ୍ୟ ପରିବହନ ସଂସ୍ଥାରୁ ଭଡ଼ା ସୂତ୍ରରେ ଯାନବାହାନର ବ୍ୟବସ୍ଥା କରାଯାଇ ପାରୁଛି । କେତେକ ଘରୋଇ ସଂସ୍ଥା ଛୋଟ ଛୋଟ ଆରାମଦାୟକ ବସମାନ ପର୍ଯ୍ୟଟକ-

ମାନଙ୍କ ପାଇଁ ଚଳାଚଳ କରାଉଛନ୍ତି । ପର୍ଯ୍ୟଟନ ବିଭାଗର କର୍ତ୍ତୃପକ୍ଷଙ୍କୁ ଅନୁରୋଧ କଲେ ସେ ଏହି ବସ୍‌ଗୁଡ଼ିକ ଭଡ଼ା ସୂତ୍ରରେ ବ୍ୟବସ୍ଥା କରି ଦେଇ ପାରିବେ । ଯାତାୟାତ ପାଇଁ ପରିବହନର ସହର ବ୍ୟବସ୍ଥା ବର୍ତ୍ତମାନ ଏକାନ୍ତ ଭାବରେ ଉତ୍ସାହଜନକ । ଏହି ରାଜ୍ୟ ସଂଲଗ୍ନ ଅନ୍ୟାନ୍ୟ କେତେକ ପଡ଼ୋଶୀ ରାଜ୍ୟ ପର୍ଯ୍ୟନ୍ତ ଯାତ୍ରୀବାହୀ ବସ୍ ଚଳପ୍ରଚଳର ଉଭୟ ଆହୁ ବ୍ୟବସ୍ଥା ରହିଛି ।

ପର୍ଯ୍ୟଟକମାନଙ୍କୁ ଯଥୋଚିତ ସାହାଯ୍ୟ କରିବା ପାଇଁ ସରକାରଙ୍କ ତରଫରୁ ଆଶାଜନକ ଭାବରେ ବ୍ୟବସ୍ଥା କରାଯାଉଛି । ଭୁବନେଶ୍ୱର ଓ ପୁରୀ ରେଳଷ୍ଟେସନରେ ପର୍ଯ୍ୟଟକମାନଙ୍କୁ ଅଭ୍ୟର୍ଥନା ଜଣାଇବା ସକାଶେ କିମ୍ବା ସେମାନଙ୍କୁ ଜ୍ଞାତବ୍ୟ ତଥ୍ୟ ବା ସୂଚନାମାନ ଦେବା ଉଦ୍ଦେଶ୍ୟରେ ଦୁଇଗୋଟି ସୂଚନାକେନ୍ଦ୍ର (Tourist Counter) ଖୋଲା ଯାଇଛି । କେତେକ ବେସରକାରୀ ସଂସ୍ଥା ପର୍ଯ୍ୟଟକମାନଙ୍କ ସୁବିଧା ସକାଶେ ବେଶ୍ ଉତ୍ସାହଜନକ ଭାବରେ କାର୍ଯ୍ୟ କରୁଛନ୍ତି । ଯାତାୟାତର ଅଧିକ ସୁବିଧା, ରହିବା, ଖାଇବା ଦିଗରେ ଆହୁରି ଅଧିକ ଧ୍ୟାନ ଦେଇ ବନ୍ଦୋବସ୍ତ କରିବା ନିମନ୍ତେ ଯୋଜନା କରାଯିବାର ବ୍ୟବସ୍ଥା ହେଉଅଛି ।

ପ୍ରତ୍ୟେକ ଶ୍ରେଣୀର ପର୍ଯ୍ୟଟକ ଓଡ଼ିଶା ରାଜ୍ୟକୁ ପରିଭ୍ରମଣରେ ଆସିଲାବେଳେ ସେମାନେ ରାଜ୍ୟବାସୀଙ୍କର ଯଥାର୍ଥରେ ସମ୍ମାନିତ ଅଟନ୍ତି । ସେମାନଙ୍କୁ ସଦିଚ୍ଛାମୂଳକ ପରିବେଶ ମଧ୍ୟରେ ଓ ଭ୍ରାତୃତ୍ୱର ନିବିଡ଼ ବନ୍ଧନରେ ଆନ୍ତରିକ ସାହାଯ୍ୟ ସହଯୋଗ କରିବା ଏହାର କର୍ତ୍ତବ୍ୟ—ଏଥିରେ ସନ୍ଦେହ ନାହିଁ । ପର୍ଯ୍ୟଟକମାନେ ଏହି ରାଜ୍ୟ ପରିଭ୍ରମଣ କରି ସାରିବା ପରେ ରାଜ୍ୟବାସୀଙ୍କର ଆତିଥେୟତା-ପୂର୍ଣ୍ଣ ସମ୍ଭାଷଣରେ ତନ୍ମୟ ହୋଇ ସେମାନଙ୍କର ଐତିହାସିକ ପରିଭ୍ରମଣ ସ୍ମୃତିମଧୁର ହୋଇଛି ବୋଲି ସେମାନେ ନିର୍ଦ୍ଦିଷ୍ଟ ଭାବରେ ସ୍ୱୀକାର କରନ୍ତି । ସବୁ ଶ୍ରେଣୀର ପର୍ଯ୍ୟଟକ ଏବଂ ସମସ୍ତ ରାଜ୍ୟବାସୀ-ମାନଙ୍କର ଏହି ମମତାମୟ ବନ୍ଧନ ଚିରଦିନ ପାଇଁ ଅତୁଟ ରହିବ—ଏ ବିଶ୍ୱାସ ଆଜି ସମସ୍ତଙ୍କଠାରେ ରହିଛି ।

(ଆକାଶ ବାଣୀଙ୍କ ସୌଜନ୍ୟରୁ)



## “କଳିଙ୍ଗ” ବାଲ୍‌ଟି ତିଆରି ସମବାୟ ସମିତି (ଲି:)

ପୋ : କଟିକଣ୍ଠା (ଯାଜପୁର) ଜି : କଟକ

**ଆପଣଙ୍କ ପଇସାର ଉପଯୁକ୍ତ ବିନିଯୋଗ କରି ସୁନ୍ଦର, ମଜବୁତ ଓ ଦୀର୍ଘଦିନ ସ୍ଥାୟୀ “କଳିଙ୍ଗ” ବାଲ୍‌ଟି କିଣନ୍ତୁ ।**

ଭୁବନେଶ୍ୱର ପାନ୍ଥ ନିବାସ





ନବନିର୍ମିତ ପାନ୍ଥନିବାସ, ରମ୍ଭା

ବିଦେଶୀ ପର୍ଯ୍ୟଟକଙ୍କ ସମୁଦ୍ର ସ୍ନାନ





ନନ୍ଦନକାନନରେ ନୌବିହାର



କୋଣାର୍କ ଅଶ୍ୱ



କୋଣାର୍କ ସୂର୍ଯ୍ୟ ମନ୍ଦିର

The BEST MEDIUM TO CARRY YOUR SALES MESSAGES to Oriya Speaking Areas

MEMBER- A.B.C., I.& E.N.S., I.L.N.A., A.I.N.E.C.

# ସମାଜ
# The Samaja

ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

Largest Certified Oriya Daily


ESTD. 1919.

* PHONES:- 301, 306, 114, 1482.

* GRAM:- SAMAJ

Gopabandhu Bhawan, Cuttack-1. Orissa

ଓଡ଼ିଶା ଜଙ୍ଗଲରେ ଚିତାବାଘ





ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ ପଥରଖୋଦେଇ

ପାରମ୍ପରିକ ହସ୍ତଶିଳ୍ପ — ପିପିଲି ଚାନ୍ଦୁଆ



କଳଙ୍କି ଜାତିକୁ ଶାସନ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ନିକଟବର୍ତ୍ତୀ ଅନ୍ୟ ରାଜ୍ୟରେ ଅରାଜକତା ସୃଷ୍ଟି କରିବାରେ ବି ସାହାଯ୍ୟ କରୁଥିଲେ । ଏଥିରେ ଦ୍ରୁଷ୍ଟବ୍ୟ ବସ୍ତୁ ହେଉଛି ଯେ ପ୍ରତ୍ୟେକ ଦଣ୍ଡାଧୀନଙ୍କର ବିଚାର କରିବାର ଓ ଦଣ୍ଡ ଦେବାର ଅଧିକାର ଥିଲା । ଆଧୁନିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କଲେ ରାଜସ୍ୱ ବିଭାଗ, ବିଚାର ବିଭାଗ ଓ ପୁଲିସ ବିଭାଗ କାର୍ଯ୍ୟରେ ଏତେ ପାର୍ଥକ୍ୟ ସେ କାଳରେ ନ ଥିଲା । କିନ୍ତୁ ଏହା ସତ୍ତ୍ୱେ ଦଣ୍ଡବିଧିର ନିୟମ ପର୍ଯ୍ୟାପ୍ତ ଓ ବିସ୍ତୃତ ଥିଲା ଏବଂ ତଦନୁସାରେ ସମସ୍ତଙ୍କର କାର୍ଯ୍ୟ କରିବାର ବିଧାନ ଥିଲା । ନଚେତ୍ ଧର୍ମଦ୍ରୋହି ହେବା ସଙ୍ଗେ ସଙ୍ଗେ ରାଜା ବା ଶାସକଙ୍କ କୋପଦୃଷ୍ଟିରେ ସର୍ବସ୍ୱାନ୍ତ ହେବାର ଭୟ ରହୁଥିଲା । ସେତେବେଳେ କଳିଙ୍ଗର ସମୃଦ୍ଧି ବ୍ୟବସାୟ ବାଣିଜ୍ୟ ଉପରେ ବିଶେଷ ନିର୍ଭର କରୁଥିଲା । ତେଣୁ କର୍ମଚାରୀଙ୍କ ଜରିଆରେ ଜଳ ସ୍ଥଳରେ ଶାନ୍ତିଶୃଂଖଳା ରକ୍ଷାକରି ପଣ୍ୟଦ୍ରବ୍ୟ ଯାତାୟାତ ମାର୍ଗକୁ ସ୍ୱେଚ୍ଛା ତକାୟତିରୁ ରକ୍ଷାକରିବାର ବିଶେଷ ବ୍ୟବସ୍ଥା ରହିଥିଲା । ଏହାହିଁ ହେଉଛି କଳିଙ୍ଗ ଦେଶର ବିଶେଷତ୍ୱ ।

## ଅଶୋକ ଓ ଖାରବେଳ ଯୁଗ

ଅଶୋକଙ୍କ ସମୟରେ ବୌଦ୍ଧନୀତି ଅନୁଯାୟୀ ଶାନ୍ତି ରକ୍ଷା ବିଧାନ, ସର୍ବସାଧାରଣଙ୍କ ହିତ ଦୃଷ୍ଟିରୁ ସାମାନ୍ୟ କୋହଳ କରାଯାଇଥିଲା । ଏହା ସଙ୍ଗେ ସଙ୍ଗେ ମହାମାତ୍ର, ପାଦେଶିକ, ରାଜୁକ ପ୍ରଭୃତି ବିଭିନ୍ନ ଶ୍ରେଣୀର ଅଫିସରଙ୍କ ଜରିଆରେ ଶାନ୍ତି-ଶୃଂଖଳା ରକ୍ଷା କରାଯାଉଥିଲା । ବିଶେଷତଃ ସୀମାନ୍ତ ଅଞ୍ଚଳମାନଙ୍କରେ ଅନୁନ୍ନତ ଜାତିଙ୍କ ମଧ୍ୟରେ ବ୍ୟାପକ ଜନମଙ୍ଗଳର ପ୍ରଚାରର ବ୍ୟବସ୍ଥା କରାଯାଇଥିଲା । ଧର୍ମ ମହାମାତ୍ର ନାମରେ ପରିଚିତ କର୍ମଚାରୀଙ୍କ ଜରିଆରେ ସମ୍ରାଟ ନିଜେ ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ସଂପର୍କରେ ଖବର ସଂଗ୍ରହ କରୁଥିଲେ । ଅଶୋକ ଚର ବ୍ୟବସ୍ଥାକୁ ରଦ୍ଦ କରି ନଥିଲେ ବରଂ ସେମାନଙ୍କ ସାହାଯ୍ୟରେ ନିଜର ଶାସନକୁ ଦୟା, ଧର୍ମ, ମାନବିକତା ଦିଗରେ ଅଗ୍ରସର କରାଇ ସାଧୁବାଦ ପାଇଥିଲେ । ଉଦାହରଣ ସ୍ୱରୂପ, ଆସାମୀମାନଙ୍କୁ ତାଙ୍କ ଜନ୍ମଦିନରେ ଛୁଟି ଦେବା, ନରହତ୍ୟା ଅଭିଯୋଗରେ ଦଣ୍ଡିତ ଅପରାଧୀଙ୍କୁ ଶାସ୍ତି ଦେବା ପୂର୍ବରୁ ୩ ଦିନ ପାଇଁ ଅବ୍ୟାହତି ଦେବା ଆଦି ବିଶେଷ ଉଲ୍ଲେଖଯୋଗ୍ୟ । ଖାରବେଳ ନିଜ ଶାସନ ଧର୍ମରାଜ ଓ ମନୁସୂତ୍ର ଆଦର୍ଶରେ ଅନୁପ୍ରାଣିତ କରିଥିଲେ । ତାଙ୍କ ସମୟର ପୁଲିସ ରାଜ ପ୍ରାସାଦ ଓ ରାଜାଙ୍କ ରକ୍ଷୀ ହିସାବରେ ନିଯୁକ୍ତ ହେବା ଛଡ଼ା ରାଜସ୍ୱ ଆହରଣ ଓ ଶାନ୍ତି ଶୃଂଖଳା ରକ୍ଷା କାର୍ଯ୍ୟରେ ନିଯୁକ୍ତ ହେବାର ପ୍ରମାଣ ହାତୀଗୁମ୍ଫାରେ ଯେଉଁ ମହିଳା, ରକ୍ଷୀର କାର୍ଯ୍ୟ କରୁଛି ସେଥିରୁ ଜଣାପଡ଼େ ଯେ ପୁଲିସ ବିଭାଗରେ ପୂର୍ବ ପ୍ରଚଳିତ ପ୍ରଥା ଅନୁସାରେ ସ୍ତ୍ରୀମାନଙ୍କର ନିଯୁକ୍ତିର ବ୍ୟବସ୍ଥା ମଧ୍ୟ ଥିଲା ।

## ଖ୍ରୀଷ୍ଟ ଯୁଗ ପ୍ରାରମ୍ଭରୁ ଗୁପ୍ତବଂଶ ଶେଷ ପର୍ଯ୍ୟନ୍ତ

ଖାରବେଳଙ୍କ ଚେଦିବଂଶର ଅବସାନ ପରେ କଳିଙ୍ଗ ଇତିହାସ ଏପର୍ଯ୍ୟନ୍ତ ଅନ୍ଧକାରାଚ୍ଛନ୍ନ ଅଛି । ତାମିଲ ଭାଷାରେ ଲିପିବଦ୍ଧ ସେତେବେଳେ ଲେଖା, ସାତବାହନ ବଂଶର କାର୍ଲି-ଗୁମ୍ଫାରେ ଖୋଦିତ ବର୍ଣ୍ଣନା ତଥା ମୃଚ୍ଛ କଟିକ ଗ୍ରନ୍ଥରୁ ଏହା ଜଣାପଡ଼େ ଯେ ଅର୍ଥଶାସ୍ତ୍ର ପୁଲିସ ଢାଞ୍ଚା ଛୋଟ ବା ବଡ଼ ରାଜ୍ୟରେ ପ୍ରବର୍ତ୍ତିତ ଥିଲା । ଗୁପ୍ତଚର ପ୍ରଥା ପୂର୍ବବତ୍ ରହିଥିଲା । କିନ୍ତୁ ଏମାନେ ଅର୍ଥଶାସ୍ତ୍ର ଯୁଗ ତୁଳନାରେ ବେଶି ଧର୍ମଭାବରେ ଅନୁପ୍ରାଣିତ ଥିଲେ । ମୃଚ୍ଛ କଟିକରେ ସବୁଠାରୁ ବଡ଼ ପୁଲିସ କର୍ମଚାରୀ 'ରାଷ୍ଟ୍ରୀୟ' ନାମରେ ଅଭିହିତ ହୋଇଛନ୍ତି ଏବଂ ଜାତି ନିର୍ବିଶେଷରେ ପୁଲିସ କର୍ମଚାରୀ ନିଯୁକ୍ତ ହେବାର ଉଲ୍ଲେଖ ଅଛି । ଦୁଇଟି ଦୃଷ୍ଟାନ୍ତରୁ ଜଣାଯାଏ ଯେ ଜଣେ ମୋଚି ଓ ଜଣେ ଭଣ୍ଡାରୀ ନିଜର କାର୍ଯ୍ୟକୁଶଳତା ବଳରେ ଉପଯୁକ୍ତ ଆସନ ଲାଭ କରିପାରିଥିଲେ, ଯଦିଓ ଏହି କର୍ମଚାରୀମାନେ ବିଶେଷତଃ ସହର ବା ନଗରମାନଙ୍କ ଶାସନ କାର୍ଯ୍ୟରେ ନିଯୁକ୍ତ ଥିଲେ । କ୍ରମେ କ୍ରମେ ଗ୍ରାମ ଓ ଜନପଦମାନଙ୍କରେ ପୁଲିସ କାର୍ଯ୍ୟ କରିବା ନିମନ୍ତେ ନିଯୁକ୍ତ ଗ୍ରାମଣୀ, ଗ୍ରାମ ବୃଦ୍ଧ ପ୍ରଭୃତି ନାମ ତତ୍‌କାଳୀନ ଅଭିଲେଖରେ ଦେଖିବାକୁ ମିଳେ । ଏଥିରୁ ଏହା ପ୍ରତିପାଦିତ ହେଉଛି ଯେ କେନ୍ଦ୍ରୀୟ ରାଜବଂଶର ଅବସାନ ଓ ବିଦେଶୀ ଶକ୍ତିର ଅନୁପ୍ରବେଶ ହେବା ପରେ ପରେ (ଯଥା ଶକ, କୁଶାନ ପ୍ରଭୃତି) ସମାଜରେ ବିଶୃଂଖଳତା ବଢ଼ିଲା ଏବଂ ଶାନ୍ତି ଶୃଂଖଳା ରକ୍ଷା ଉଦ୍ଦେଶ୍ୟରେ ଗ୍ରାମଠାରୁ ନଗର ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ତତ୍ତ୍ୱାବଧାନ ନିମନ୍ତେ ପୁଲିସ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇଲା । ଉଦାହରଣ ସ୍ୱରୂପ, ଗୁପ୍ତ ସାମ୍ରାଜ୍ୟର ବିସ୍ତାର ଓ ପ୍ରତିଷ୍ଠା ସହିତ ଅନ୍ୟ ବିଭାଗର ବିଭିନ୍ନ କର୍ମଚାରୀଙ୍କ ନାମ ଏବଂ ପୁଲିସ କାର୍ଯ୍ୟରତ କର୍ମଚାରୀମାନଙ୍କ ନାମ ପ୍ରଚଳିତ ହେଲା ଯଥା:—ଦଣ୍ଡିକ, ଚୌରୋଦ୍ଧରଣିକ, ଦଣ୍ଡପାଶକ, ନଗର ଶ୍ରେଷ୍ଠ, ନଗର ରକ୍ଷାଧିକରଣ ଇତ୍ୟାଦି । ସେହିପରି ଗୋପନୀୟ କାର୍ଯ୍ୟର ତତ୍ତ୍ୱାବଧାନ ସକାଶେ ଦୈତ୍ୟସିଦ୍ଧିକ ବା ଅନ୍ତରଙ୍ଗ ପ୍ରଭୃତି ଅଧିକାରୀ ନିଯୁକ୍ତ ଥିଲେ । ଗୁପ୍ତ ସାମ୍ରାଜ୍ୟର ଅଧିକୃତ ଦେଶ ମଧ୍ୟରେ କଳିଙ୍ଗ ନାମ ମାତ୍ର ଦେଶ ଥିଲା । ତେଣୁ ଏଠାରେ ପୂର୍ବ ପ୍ରଚଳିତ ଦଣ୍ଡିତ ଦଣ୍ଡନାୟକ, ଦୂତକ ପ୍ରଭୃତି ନାମ ଅବ୍ୟାହତ ରହିଲା । ଗୁପ୍ତ ଯୁଗର ବିଶେଷତ୍ୱ ହେଉଛି ଯେ ଏ ସମୟରେ ସମ୍ରାଟ ନିଜକୁ ସମାଜର ମଙ୍ଗଳ ସକାଶେ 'ମହତି ଦେବତା' ଅଖ୍ୟା



# ଓଡ଼ିଶା ପୋଲିସ: ଅତୀତ ଓ ବର୍ତ୍ତମାନ

ବ୍ରଜ ବନ୍ଧୁ ମିଶ୍ର

ପୁଲିସ ବିଭାଗ ଦେଶ ଶାସନର ଏକ ବିଶିଷ୍ଟ ଅଙ୍ଗ ଓ ଶାସନର ଅଭ୍ୟୁତ୍ଥାନ, ପ୍ରଗତି ଓ ପତନ ସହିତ ଏହା ଯେ ଓତପ୍ରୋତ ଭାବରେ ଜଡ଼ିତ, ଏହା ପ୍ରତ୍ୟେକ ଦେଶର ଇତିହାସରୁ ବେଶ୍ ସୁସ୍ପଷ୍ଟ । ଯେଉଁ ଶାସନ ବା ରାଜ୍ୟ ଯେତେ ଉନ୍ନତ ତାହାର ପୁଲିସ ପ୍ରଣାଳୀ ସେହିପରି ଉତ୍କୃଷ୍ଟ । ରାଜ୍ୟର ଶ୍ରୀବୃଦ୍ଧି ପୁଲିସର ସତର୍କତା ଉପରେ ଯେପରି ନିର୍ଭର କରେ, ପୁଲିସର କର୍ତ୍ତବ୍ୟରେ ଅବହେଳା ଦ୍ୱାରା ରାଜ୍ୟର ପତନ ମଧ୍ୟ ସେପରି ସୁଗମ ହୋଇଥାଏ । ଏଥି ନିମନ୍ତେ ଯୁଗ ଯୁଗ ଧରି ହିନ୍ଦୁ ଶାସନଠାରୁ ଆରମ୍ଭ କରି ମୋଗଲ, ମରହଟ୍ଟା ଏବଂ ବ୍ରିଟିଶ୍ ଶାସନ ପର୍ଯ୍ୟନ୍ତ ସମସ୍ତେ ପୁଲିସ ବିଭାଗ ପ୍ରତି ଦୃଷ୍ଟିଦେଇ ଆସିଛନ୍ତି ।

ଆମ ଦେଶ ବ୍ରିଟିଶ୍ ଶାସନାଧୀନକୁ ଆସିବା ପୂର୍ବରୁ ଦେଶରେ ସଂଗଠିତ ପୁଲିସବାହିନୀ ନଥିଲା । ଶାନ୍ତିରକ୍ଷା ଏବଂ ଅତତାୟୀମାନଙ୍କୁ ପ୍ରତିବିଧାନ କରିବା କାର୍ଯ୍ୟ ଗ୍ରାମ ସମିତି ବା ସହରର ଜଗୁଆଳ-ମାନଙ୍କ ଜରିଆରେ ସମ୍ପାଦିତ ହେଉଥିଲା । କାଳକ୍ରମେ ଜନବସତି ଏବଂ ଦେଶର ଲୋକସଂଖ୍ୟା ବୃଦ୍ଧି ପାଇବା ଫଳରେ ପୁଲିସର ଆବଶ୍ୟକତା ଦେଖାଗଲା ଏବଂ ସଂଗଠିତ ପୁଲିସ ବାହିନୀର ବ୍ୟବସ୍ଥା ଶାସକମାନଙ୍କୁ କରିବାକୁ ପଡ଼ିଲା । ଇତିହାସ ପୃଷ୍ଠା ପର୍ଯ୍ୟାଲୋଚନା କଲେ ବିଭିନ୍ନ ଯୁଗରେ ନିମ୍ନଲିଖିତ ପୁଲିସ କର୍ମଚାରୀମାନଙ୍କ ବର୍ଣ୍ଣନା ଆମମାନଙ୍କର ଦୃଷ୍ଟି ପଥାରୂଢ଼ ହୁଏ ।

## ପୁରାଣ ଯୁଗ

ଏହି ଯୁଗରେ ମାନବ ଧର୍ମ ସୂତ୍ର ବା ମନୁସ୍ମୃତି ଅନୁସାରେ ସମାଜ ପରିଚାଳିତ ହେଉଥିବାର ଉଲ୍ଲେଖ ଅଛି । ସୁତରାଂ ରାଜା ବା ଗୋଷ୍ଠୀମାନଙ୍କର ଆବଶ୍ୟକତା ମୁତାବକ ପୁଲିସ ବା ପ୍ରହରୀ ଛଡ଼ା ଅନ୍ୟ କୌଣସି ପୁଲିସ ଶାସନର ଉଲ୍ଲେଖ ପୁରାଣରେ ଦୃଷ୍ଟି ଗୋଚର ହୁଏନାହିଁ ।

## ଅର୍ଥଶାସ୍ତ୍ର ବା ମୌର୍ଯ୍ୟଯୁଗ

ଅଶୋକଙ୍କ ସମୟରେ କଳିଙ୍ଗ ଏକ ସମୃଦ୍ଧିଶାଳୀ ଦେଶର ଆସନ ଗ୍ରହଣ କରିଥିଲା ଏବଂ ତତ୍କାଳୀନ ଶାସନ କାର୍ଯ୍ୟ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ବର୍ଣ୍ଣିତ ରାଜକୀୟ ବିଭାଗ ଦ୍ୱାରା ପରିଚାଳିତ ହେଉଥିଲା ବୋଲି ଅଶୋକଙ୍କର ଲିପିଗୁଡ଼ିକରୁ ବେଶ୍ ଆଭାସ ମିଳେ । ଅର୍ଥଶାସ୍ତ୍ର ବର୍ଣ୍ଣନା ମତେ ତତ୍କାଳୀନ ପୁଲିସବାହିନୀ ଚର ବା ଗୁପ୍ତ ପୁଲିସଙ୍କୁ ନେଇ ଗଠିତ ହୋଇଥିଲା ବୋଲି ମନେହୁଏ । ଏହି ଗୁପ୍ତ ପୁଲିସ ବିଭିନ୍ନ ବିଭାଗରେ ନିଯୁକ୍ତ ଥିଲେ ଏବଂ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରୁଥିବା କଥା ମଧ୍ୟ ଅର୍ଥଶାସ୍ତ୍ରର ବିବରଣୀରୁ ସୂଚନା ମିଳେ । ଏମାନଙ୍କ ମଧ୍ୟରୁ କେତେକ ସ୍ଥାୟୀ ଭାବେ ଏବଂ ଆଉ କେତେକ ସଞ୍ଚାର ବା ଭ୍ରାମ୍ୟମାଣ ପୋଲିସରୂପେ କାର୍ଯ୍ୟ କରୁଥିଲେ । ଏମାନେ ବିଭିନ୍ନ ବେଶରେ ବିଭିନ୍ନ କାର୍ଯ୍ୟ କରୁଥିବା ବିଷୟ ସେମାନଙ୍କ ନାମ କରଣରୁ ବେଶ୍ ଅନୁମିତ ହୁଏ । ଯଥା:—କାପଟିକ, ଗୃହପତିକ, ବୈଦେହକ, ତାପସ, ପରିବ୍ରାଜକ ଇତ୍ୟାଦି । ସ୍ତ୍ରୀମାନେ ବି ଏପରି କାର୍ଯ୍ୟରେ ନିଯୁକ୍ତି ପାଉଥିଲେ । ଏହାଛଡ଼ା ଦଣ୍ଡପାଳ, ଅନ୍ତପାଳ ଓ ଦୁର୍ଗପାଳ ପ୍ରଭୃତି ସୈନ୍ୟ ବିଭାଗର ଅଫିସର ହେଲେ ମଧ୍ୟ ଶାନ୍ତିରକ୍ଷା ପ୍ରଭୃତି କାର୍ଯ୍ୟରେ ନିଯୁକ୍ତ ଥିଲାବେଳେ ସେମାନେ ପୁଲିସର କାର୍ଯ୍ୟ କରୁଥିଲେ ବୋଲି କୁହାଯାଇପାରେ । ସହର, ଦୁର୍ଗ ଓ ରାସ୍ତା ଘାଟ ଆଦିର ସୁରକ୍ଷା ଏମାନଙ୍କ ଉପରେ ନ୍ୟସ୍ତ ଥିଲା । ଏହା ବ୍ୟତୀତ ଅଟବୀପାଳ ବୋଲି ଏକ ସଂସ୍ଥା ସେକାଳର ଦେଶ ଉପକଣ୍ଠସ୍ଥିତ

ଉଦ୍ଦେଶ୍ୟରେ ଦେଶ ପର୍ଯ୍ୟଟନ କରି ଦେଶବାସୀଙ୍କ ସୁଖଶାନ୍ତି ପ୍ରତି ସର୍ବଦା ସଚେତନ ଥିଲେ । ରାଜସ୍ୱ ବିଭାଗ ଅଫିସରମାନେ ଯଥାଃ— ବିଷୋଇ ଓ ନାୟକ ମଧ୍ୟ ନିଜ ନିଜ ଅଞ୍ଚଳରେ ଶାନ୍ତି ରକ୍ଷା ଦାୟିତ୍ୱରେ ଥିଲେ । ଏହା ବ୍ୟତୀତ ରାଜାମାନେ ବିଶ୍ୱସ୍ତ ଚର ବା ଚରର ଦ୍ୱାରା ରାଜ୍ୟର ଖବର ସଂଗ୍ରହ କରି ଦୋଷୀମାନଙ୍କୁ ଦଣ୍ଡ ପ୍ରଦାନ କରୁଥିଲେ । ଚୈତନ୍ୟ ଚରିତାମୃତରେ ଅଫିସରମାନଙ୍କ କଳୁଷିତ ଆଚରଣ ସକାଶେ ପ୍ରତାପରୁଦ୍ର ଦେବ କିପରି କଠୋର ଶାସ୍ତି ବିଧାନ କରିଥିଲେ, ତାହାର ବର୍ଣ୍ଣନା ଅଛି । ପ୍ରତାପରୁଦ୍ର ଦେବଙ୍କ ପରେ କ୍ରମେ ହିନ୍ଦୁ ଶାସନର ଅବସାନ ହେଲା ଏବଂ ୧୫୬୭ ରେ ଭୋଇ ବଂଶର ରାଜା ମୁକୁନ୍ଦଦେବ କଳାପାହାଡ଼ଙ୍କ ଦ୍ୱାରା ପରାସ୍ତ ଓ ନିହତ ହେବାପରେ ଓଡ଼ିଶା, ବଙ୍ଗଳାର ଆଫଗାନ ଶାସନର ଅନ୍ତର୍ଭୁକ୍ତ ହେଲା । ଏ ମଧ୍ୟରେ ପ୍ରାୟ ୧୫୫୦ ଖ୍ରୀ: ଅ: ରେ କୁଲିକୁତବଶାହ ଗୋଲକୁଣ୍ଡାର ସୁଲତାନ ଗୋଦାବରୀ ଓ ସିଂହାଚଳର ଅନ୍ତର୍ଗତ ସ୍ଥାନଗୁଡ଼ିକରେ ପ୍ରାଧାନ୍ୟ ବିସ୍ତାର କରି ରହିଥିଲେ ।

## ମୋଗଲ୍ ଅମଳ

୧୫୬୮ ରୁ ୧୫୯୨ ପର୍ଯ୍ୟନ୍ତ ଓଡ଼ିଶା ଆଫଗାନ ଶାସନାଧୀନରେ ଥିଲେ ମଧ୍ୟ ଅରାଜକତା ଓ ବିଦ୍ରୋହର ବହ୍ନି ବରାବର ଜଳି ରହିଥିଲା । ଆଫଗାନ ଶାସକ ଦାଉଦ୍ ମୋଗଲ ଦରବାରର ଆଧିପତ୍ୟ ଅସ୍ୱୀକାର କରି ରାଜମହଲଠାରେ ପରାସ୍ତ ଓ ନିହତ ହେବା ପରେ ଓଡ଼ିଶା ମୋଗଲ ଶାସନର ଅଧୀନ ହେଲା ଏବଂ ଏହି ସମୟରେ ରାଜା ମାନସିଂହ ଓ ତୋଡ଼ରମଲ୍ଲ ଓଡ଼ିଶାକୁ ଆସି ଏଠାରେ ମୋଗଲ ଶାସନର ମୂଳଭିତ୍ତି ସ୍ଥାପନ କଲେ । ରାଜସ୍ୱ ବିଭାଗରେ ସୁବେଦାର ଓ ଦେବାନ୍ ପ୍ରଭୃତି ଶାସକମାନଙ୍କର ନିଯୁକ୍ତି ସାଙ୍ଗକୁ ପୁଲିସ ବିଭାଗରେ ଦାରୋଗା, କୋତୱାଲ ପ୍ରଭୃତି ପଦବୀ ସୃଷ୍ଟି ହେଲା । କେତେକ ଦାରୋଗା ଅଲଗ ଅଦାଲତରେ କାଜିମାନଙ୍କ ସହିତ କାର୍ଯ୍ୟ କଲାବେଳେ ଅନ୍ୟମାନେ ପୋଲିସ କାର୍ଯ୍ୟ କରୁଥିଲେ । କୋତୱାଲମାନେ ଏମାନଙ୍କର ଅଧସ୍ତନ କର୍ମଚାରୀ ଭାବରେ ଜିଲ୍ଲା ବା ସବଡିଭିଜନମାନଙ୍କର ଭାର ସମ୍ଭାଳି ଦେଶରେ ଶାନ୍ତି ଶୃଂଖଳା ରକ୍ଷା କରୁଥିଲେ । କାଜୀ ଜିଲ୍ଲାର ସର୍ବୋଚ୍ଚ ନ୍ୟାୟାଧୀଶ ଏବଂ ଫୌଜଦାରମାନେ ଫୌଜଦାରୀ ମକଦ୍ଦମା ବିଚାର କରୁଥିଲେ । ଏମାନେ ନ୍ୟାୟାଳୟ କାର୍ଯ୍ୟ ସହିତ ଜିଲ୍ଲା ଓ ସବଡିଭିଜନମାନଙ୍କରେ ପୋଲିସ କାର୍ଯ୍ୟ ତଦାରଖ କରୁଥିଲେ । ରାଜସ୍ୱ ବା ଅନ୍ୟ ବିଭାଗର ମକଦ୍ଦମା ଅମଲଗୁଜାର ଆଖ୍ୟାଧାରୀ ଅଧିକାରୀ ବୃଆମଣା ଦାୟିତ୍ୱରେ ଥିଲେ ।

(ଖ) ମୋଗଲ ଶାସନରେ ଗ୍ରାମର ଶାସନ କାର୍ଯ୍ୟ, ... ଏବଂ ମକଦ୍ଦମ ବା ଚଉଧୁରୀଙ୍କ ଜରିଆରେ ହେଉଥିଲା । ... ଗ୍ରାମର ଶୀର୍ଷ ସ୍ଥାନରେ ଥିଲେ ଏବଂ ସେ ଚୌକିଦାର ବା ... ଜରିଆରେ ଗ୍ରାମ ଏବଂ ରାସ୍ତା ଘାଟ ଉପରେ ଦୃଷ୍ଟି ରଖିବାର ... କରୁଥିଲେ । ବଡ଼ ବଡ଼ ଗ୍ରାମମାନଙ୍କରେ ଏକାଧିକ ଚୌକି... ରହୁଥିଲେ । କେତେକ ସହରମାନଙ୍କରେ କଟୁଆଳମାନଙ୍କୁ ... ଦରମା ଦିଆଯାଉଥିଲା । ଏହି ଅର୍ଥରୁ ସେମାନେ ନଗରର ... ଜଗାରଖା ଖର୍ଚ୍ଚ ବହନ କରୁଥିଲେ । ଗ୍ରାମରେ ଚୌକିଦାରମାନେ ... ସ୍ଥାନେ ସ୍ଥାନେ ଜାଗିରି ଏବଂ ଅନ୍ୟ ସ୍ଥାନରେ ଗ୍ରାମବାସୀଙ୍କଠାରୁ ... ଶୈଳ୍ୟ ବା ମୂଲ ନେଇ ଜୀବିକା ନିର୍ବାହ କରୁଥିଲେ । ମୋଟ ... ଦେଶରେ ଶାନ୍ତିଶୃଂଖଳାର ଦାୟିତ୍ୱ ଗ୍ରାମ ବା ନଗର ... ଉପରେ ନ୍ୟସ୍ତ ଥିଲା ଏବଂ ଉପରୋକ୍ତ ଅଫିସରମାନେ ... ସୁବ୍ୟବସ୍ଥାରେ ସାହାଯ୍ୟ କରୁଥିଲେ । ସାମୂହିକ ନିରାପତ୍ତା ... ରାଜ କର୍ମଚାରୀମାନଙ୍କ କାର୍ଯ୍ୟର ସମୀକ୍ଷା ମୋଗଲ ପୁଲିସ ... ମୂଳ ମନ୍ତ୍ର ଥିଲା । ଯେତେଦିନ ପର୍ଯ୍ୟନ୍ତ କେନ୍ଦ୍ର ଶାସନ ସୁଦୃଢ଼ ... ଏବଂ ସୁବେଦାର ଓ ଦେବାନମାନେ ରାଜଭକ୍ତ ଥିଲେ ସେତେଦିନ ... ପର୍ଯ୍ୟନ୍ତ ଏ ଶାସନ ଭଲ ଚାଲିଲା । କିନ୍ତୁ କ୍ରମେ ସାହାଜାହାନ ... ଅମଳରୁ ଏହା ଦୁର୍ବଳ ହେବାକୁ ଲାଗିଲା । ଆଉରଙ୍ଗଜେବ ... ସମୟରେ ଜିଜିଆ କର ଧାର୍ଯ୍ୟ ଓ ବଡ଼ ବଡ଼ ମନ୍ଦିର ଉପରେ ଆକ୍ର... ହେବା ଯୋଗୁଁ ଶାସନ ନ୍ୟପକ୍ଷ ଲୋକମାନଙ୍କର ଆସ୍ଥା କମିବାକୁ ଲାଗି... କଲା । ଶାସକମାନେ ଲୁଣ୍ଠନ ଏବଂ ଧର୍ମ-ବିରୋଧୀ କାର୍ଯ୍ୟରେ ଲି... ହେବାରୁ ଏବଂ ଆଉରଙ୍ଗଜେବଙ୍କ ପରେ ପରେ ବଙ୍ଗ, ବିହାର ଓ ଓଡ଼ିଶାର ସୁବା ନିଜକୁ ସ୍ୱାଧୀନ ମନେକରିବାରୁ ମୋଗଲ ଶାସନ ... ମୂଳୁଦୁଆ ଓଡ଼ିଶାରେ ଦୋହଲିଗଲା । ଏହାପରେ ୧୭୫୧ ପର୍ଯ୍ୟନ୍ତ ଓଡ଼ିଶାରେ ଅରାଜକତା, ବିଶୃଂଖଳା ଓ ବିଦ୍ରୋହ ଲାଗି ରହିଲା ଏବଂ ଆଫଗାନ ଶାସକବର୍ଗ ଏହି ପରିସ୍ଥିତିକୁ ସୁଧାରି ପାରିଲେ ନାହିଁ ।

## ମରହଟ୍ଟା ଅମଳ

ଆଲିବର୍ଦ୍ଦି ଖାଁଙ୍କ ଠାରୁ ଓଡ଼ିଶା ଅଧିକାରୀ ମରହଟ୍ଟା ଶାସକମାନେ ଓଡ଼ିଶାକୁ ଦୁଇଭାଗରେ ବିଭକ୍ତ କଲେ, ଯଥା ମୋଗଲବନ୍ଦୀ ଓ ଗଡ଼ଜାତ । ମୋଗଲବନ୍ଦୀ ଅଞ୍ଚଳରେ ରାଜସ୍ୱ ବିଭାଗରେ କେତେକ ପରିବର୍ତ୍ତନ ବ୍ୟତୀତ ସେମାନେ ମୋଗଲ ଶାସନର ଆଦର୍ଶରେ କାମ ଚଳାଇଲେ । ଗଡ଼ଜାତ ଅଞ୍ଚଳରେ କରଦ ରାଜାମାନେ ପ୍ରକୃତ ଶାସନ ଦାୟିତ୍ୱରେ ରହିଲେ ଏବଂ ମରହଟ୍ଟାମାନଙ୍କୁ ନୋଜରାଣା ଯଥାରୀତି ରାଜସ୍ୱ ପ୍ରଦାନ କରୁଥିଲେ । ତାରତମ୍ୟ ଅନ୍ୟ ସ୍ଥାନ...

... ଯୁଗର ଆରମ୍ଭ କରିଥିଲେ ସୁଦ୍ଧା ପୂର୍ବ ବଂଶଧରମାନେ ନିଜକୁ ... ପ୍ରତିନିଧି ବା ଦେବଦୂତ ହିସାବରେ ଚିନ୍ତା କରୁଥିଲେ ।

## ମଧ୍ୟ ଯୁଗ

ଏ ଯୁଗର ପ୍ରଥମ ପାଦରେ ଶୈଳୋଦ୍ଭବମାନେ କୋଙ୍ଗଦ (ବର୍ତ୍ତମାନ ଗଞ୍ଜାମ) ଅଞ୍ଚଳରେ ଏବଂ ପୂର୍ବ ଗଙ୍ଗାବଂଶ ରାଜାମାନେ ... କଳିଙ୍ଗ ବା ତୋଷାଳୀରେ ରାଜତ୍ୱ ବିସ୍ତାର କରିଥିଲେ । ଉଭୟଙ୍କ ... ରାଜ୍ୟ ଶାସନ ବିଭିନ୍ନ ବିଭାଗ ଜରିଆରେ ହେଉଥିଲା ଏବଂ ... ଓ ସେନା ବିଭାଗ ଏହି ଶାସନର ବିଶିଷ୍ଟ ଅଙ୍ଗ ଥିଲା । ... ବିଭାଗରେ ଦଣ୍ଡନାୟକ, ଦଣ୍ଡଧାରଣିକ ପ୍ରଭୃତି କର୍ମଚାରୀମାନଙ୍କ ... ଭଟ, ଚାଟ, ବଲ୍ଲଭ ଓ ବୈଶେଷିକମାନେ କାର୍ଯ୍ୟ କରୁଥିଲେ । ... ଚୂଡ଼ଶ୍ରେଣୀ ରାଜାଙ୍କର ବିଶ୍ୱସ୍ତ ଥିଲେ ଏବଂ ପ୍ରଥମ ଦୁଇ ... ବେଳେବେଳେ ଲୋକଙ୍କୁ ନିର୍ଯ୍ୟାତନା ଦେବାର ଆଭାସ ମିଳେ । ... ୭ମ ଶତାବ୍ଦୀର ଶେଷ ଭାଗରେ ଯେତେବେଳେ ହର୍ଷବର୍ଦ୍ଧନ ... ପ୍ରତାପ କମିଯାଇଥିଲା, ଭୌମକରମାନେ ବର୍ତ୍ତମାନର ... ଅଞ୍ଚଳରେ ପ୍ରାଧାନ୍ୟ ବିସ୍ତାର କରି ରାଜତ୍ୱ ଆରମ୍ଭ କରିଥିଲେ । ... ସମୟରେ ଗ୍ରାମାଞ୍ଚଳ ଶାସନର ସଙ୍ଗଠନ ହୋଇ ଗ୍ରାମ-... , ବୃହତ୍ ଭୋଗିକ (ଗ୍ରାମ ବୃଦ୍ଧ) ପ୍ରଭୃତିଙ୍କ ଉପରେ ଏ ଭାର ... ହୋଇଥିଲା । ଏହାଙ୍କୁ ଗ୍ରାମରେ ଅଂଶଭୋଗିକ ବା ଗ୍ରାମ-... ମାନେ ସାହାଯ୍ୟ କରୁଥିଲେ । ସୋମବଂଶୀ ରାଜତ୍ୱ ପରେ ... ବଂଶୀ ରାଜାମାନେ ଓଡ଼ିଶାରେ ସାମ୍ରାଜ୍ୟ ବିସ୍ତାର କଲେ । ... ଶତାବ୍ଦୀର ଆରମ୍ଭରୁ ୧୬ଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଓଡ଼ିଶା ... ଇତିହାସରେ ଏହା ସୁବର୍ଣ୍ଣଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ... ଗଙ୍ଗବଂଶ ଦେଶର ସୀମା ଗଙ୍ଗାଠାରୁ ଗୋଦାବରୀ ଓ କୃଷ୍ଣା ... ବିସ୍ତାର କରିବା ସଙ୍ଗେ ଦେଶରେ ଶିକ୍ଷା, ଶିଳ୍ପ, କଳା ଓ ... ନୀତିର ବ୍ୟାପକ ପ୍ରସାର ଘଟାଇଥିଲେ । ଏହି ଶାସନ କାଳରେ ... କାର୍ଯ୍ୟ ବିଭିନ୍ନ ବିଭାଗରେ ବିଭକ୍ତ ହୋଇ ଦେଶରେ ପରିବ୍ୟାପ୍ତ ... ସାମ୍ରାଜ୍ୟଟି ମହାମଣ୍ଡଳ, ମଣ୍ଡଳ, ବିଷୟ ବା ଭୋଗରେ ... ହୋଇ ମହା ମଣ୍ଡଳିକ, ମଣ୍ଡଳିକ, ବିଷୟପତି ପ୍ରଭୃତି ଶାସକ-... ଦ୍ୱାରା ଶାସିତ ହେଉଥିଲା । ରାଜା ଓ ତାଙ୍କର ମନ୍ତ୍ରିମଣ୍ଡଳ ... ର ସମସ୍ତ ବିଷୟ ବୁଝୁଥିଲେ । ସେନାପତି, ପଞ୍ଚାୟତି ବା ... ପ୍ରଭୃତି ସୈନ୍ୟ-ବିଭାଗର ଅଫିସରମାନେ ମହା ମଣ୍ଡଳିକ ... କାର୍ଯ୍ୟରେ ମଧ୍ୟ ଆବଶ୍ୟକତା ଅନୁସାରେ ନିଯୁକ୍ତ ହେଉଥିଲେ । ... କାଳରେ ମହାଦଣ୍ଡପାଶ ନାମରେ ଅଧିକାରୀ ନିଯୁକ୍ତ ହେଉଥିଲେ, ... କୁ ବର୍ତ୍ତମାନର ଆଇ: ଜି: ବା ଆରକ୍ଷୀ ମହାନିରୀକ୍ଷକଙ୍କ ସହ ତୁଳନା କରାଯାଇପାରେ । ଦଣ୍ଡପାଶୀ ଏବଂ ଦଣ୍ଡନାୟକ ନାମରେ ପରିଚିତ ଦୁଇ ଶ୍ରେଣୀର ଅଫିସର ପୁଲିସ ଓ ଗୁଇନ୍ଦା କାମରେ ମହା ଦଣ୍ଡପାଶଙ୍କର ସହାୟକ ଥିଲେ । ଏହା ଛଡ଼ା ସେମାନଙ୍କ ଅଧୀନରେ ଦ୍ୱାରପରିକ୍ଷା, ପ୍ରତିହାରୀ ପ୍ରଭୃତି ରାଜ ପ୍ରାସାଦରେ କାର୍ଯ୍ୟ କରୁଥିଲେ । ଯେଉଁମାନେ ରାଜବଂଶୀୟ, ସେମାନେ ବୁଢ଼ା ଲେଙ୍କା ଓ ଲେଙ୍କା ପ୍ରଭୃତିର ସ୍ଥାନ ନେଇ କିଛି କାମ କରୁଥିଲେ । କ୍ରମେ ସଂସ୍କୃତ ଉପାଧି ବଦଳରେ କେତେକଙ୍କର ଓଡ଼ିଆ ଉପାଧି ହେଲା ଯଥା:—ବିଶ୍ୱପତି ଓ ଦଳପତି, କିଶୋର ଓ ଦଳାଇ ଏବଂ ଦଣ୍ଡପାଶୀମାନେ ଦଣ୍ଡଧାରୀ ବା ଗ୍ରାମ ଚୌକିଦାର ହେଲେ । ଗଙ୍ଗବଂଶୀମାନେ ଗ୍ରାମ ଶାସନକୁ ସୁଦୃଢ଼ କରି ଦଣ୍ଡପାଶୀଠାରୁ ଆରମ୍ଭ କରି ଗ୍ରାମିକ ବା ଗ୍ରାମ ବୃଦ୍ଧଙ୍କୁ ଗ୍ରାମର ଦାୟିତ୍ୱ ଦେଇଥିଲେ । ସେହିପରି ଛୋଟ ଓ ବଡ଼ ସହର, ପୁର ବା ନଗର ଆଖ୍ୟା ପାଇ ପୁରପାଳ, ନଗରପାଳ, ପୁରପରିକ୍ଷା ବା ନଗରପରିକ୍ଷାଙ୍କ ଦ୍ୱାରା ଶାନ୍ତି-ଶୃଙ୍ଖଳା ରକ୍ଷା ଦିଗରେ ନିଯୁକ୍ତ ହେଉଥିଲେ । ଦ୍ୱାର ପରିକ୍ଷା ସହରର ସମସ୍ତ ଦ୍ୱାର ରକ୍ଷାର ଦାୟିତ୍ୱରେ ଥିଲେ । ମୋଟ ଉପରେ ଗ୍ରାମ ଓ ନଗରରେ ସ୍ୱାୟତ୍ତ ଶାସନର ପୂର୍ଣ୍ଣ ବିକାଶ ଘଟିଥିଲା ଏବଂ ଉପରୋକ୍ତ ଅଫିସରମାନେ ପଞ୍ଚାୟତ ସାହାଯ୍ୟରେ ସମସ୍ତ ଶାସନ ଦାୟିତ୍ୱ ତୁଲାଉଥିଲେ । ବେଳେ ବେଳେ ଗ୍ରାମ ଗ୍ରାମ ମଧ୍ୟରେ ଦେଖା ଦେଉଥିବା ବିଶୃଙ୍ଖଳା ରାଜ ଦରବାରକୁ ବି ଆସୁଥିଲା । ବିଚାର ସକାଶେ କୋର୍ଟଫି ଏବଂ ଫାଇନର (ଜୋରିମାନା) ପ୍ରଚଳନ ଥିଲା । ସମ୍ରାଟ ଅନଙ୍ଗଭୀମଙ୍କ ସମୟରୁ ମହାରାଜ ନିଜକୁ ଶ୍ରୀଜଗନ୍ନାଥଙ୍କ ସେବକ ମନେକରି ରାଜ୍ୟ ଶାସନ କରୁଥିଲେ ଏବଂ ଓଡ଼ିଶା ସାମ୍ରାଜ୍ୟ ଜଗନ୍ନାଥଙ୍କ ସାମ୍ରାଜ୍ୟ ବୋଲି ଆଜି ପର୍ଯ୍ୟନ୍ତ ବି କୁହାଯାଏ । ଏହା ଫଳରେ ଶାସନ କାର୍ଯ୍ୟରେ ଧର୍ମର ପ୍ରତିଫଳନ ହେବା ସଙ୍ଗେ ସଙ୍ଗେ ଶାସକଙ୍କର କ୍ରିୟାକଳାପ ଭକ୍ତି ଓ ପବିତ୍ରତାର ପୂର୍ଣ୍ଣ ସୂଚନା ମିଳୁଥିଲା । ୧୫ଶ ଶତାବ୍ଦୀର ମଧ୍ୟ-ଭାଗରେ କପିଳେନ୍ଦ୍ର ଦେବ ସୂର୍ଯ୍ୟବଂଶର ସ୍ଥାପନା କରି ଓଡ଼ିଶାର ଗୌରବ ବଢ଼ାଇ ଥିଲେ । ତାଙ୍କର ପୁତ୍ର ଓ ପ୍ରପୌତ୍ର ପୁରୁଷୋତ୍ତମ ଦେବ ଓ ପ୍ରତାପରୁଦ୍ର ଦେବ ଓଡ଼ିଶା ସାମ୍ରାଜ୍ୟ ଗଙ୍ଗା ଠାରୁ କାବେରୀ ପର୍ଯ୍ୟନ୍ତ ବିସ୍ତାର କରିଥିଲେ । ଶାସନ କାର୍ଯ୍ୟରେ ଏମାନେ ଗଙ୍ଗବଂଶର ଅନୁକରଣ କରିବା ସଙ୍ଗେ ସଙ୍ଗେ ଶାସନକୁ ସୁଦୃଢ଼ କରିବାରେ ସର୍ବଦା ଯତ୍ନଶୀଳ ଥିଲେ । ଯଦିଓ ସୈନ୍ୟ ଓ ପୁଲିସ କାର୍ଯ୍ୟରେ କିଛି ବ୍ୟବଧାନ ନ ଥିଲା, ସାଧାରଣତଃ ପରିଚ୍ଛାମାନେ ଗୋଟିଏ ଗୋଟିଏ ଦଣ୍ଡପାଟର ଦାୟିତ୍ୱରେ ରହିଥିଲେ ଏବଂ ପାଇକ ଓ ଭୂୟାଁ (ସାଧାରଣ ସେନା) ଙ୍କ ସାହାଯ୍ୟରେ ଦେଶରେ ଶାନ୍ତି ଶୃଙ୍ଖଳା ରକ୍ଷା କରୁଥିଲେ । ଉପରିସ୍ଥ କର୍ମଚାରୀମାନେ ପ୍ରାୟ ଘୋଡ଼ା ବା

ଏ ଜିଲ୍ଲାଗୁଡ଼ିକ ୩ଟି ରେଞ୍ଜ୍‌ରେ ବିଭକ୍ତ ହୋଇ ଜଣେ ଜଣେ ଡି. ଆଇ. ଜି. ଙ୍କ ତତ୍ତ୍ୱାବଧାନରେ ରଖାଗଲା । ଏହା ପରେ ଏହାକୁ ୫ଟି ରେଞ୍ଜରେ ବିଭକ୍ତ କରାଗଲା । ଓଡ଼ିଶାକୁ ଦକ୍ଷିଣ ରେଞ୍ଜରେ ଅନ୍ତର୍ଭୁକ୍ତ କରାଗଲା । ୨୪ ବର୍ଷ ଶାସନ ମଧ୍ୟରେ ୧୯୨୦ରେ ସାଂପ୍ରଦାୟିକ ଦଙ୍ଗା, ଉରାଂଗ କୋଲଙ୍କ ବିଦ୍ରୋହ ଦମନ ସ୍ମରଣୀୟ ଘଟଣା ଅଟେ ।

## ଓଡ଼ିଶା ପୋଲିସ

୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା । ଏହା ଫଳରେ ମାନ୍ଦ୍ରାଜର ଗଞ୍ଜାମ ଓ କୋରାପୁଟ ଏବଂ ମଧ୍ୟପ୍ରଦେଶର ଖଡ଼ିଆଳ ପ୍ରଭୃତି ଅଞ୍ଚଳ ଓଡ଼ିଶା ସହିତ ସାମିଲ ହେଲା । ଯଦିଓ ଓଡ଼ିଆ ଭାଷାଭାଷୀ କେତେକ ଅଞ୍ଚଳ ଓ ଭଗରରେ ସିଂହଭୂମର କିୟଦଂଶ ଏବଂ ଶଢ଼େଇକଳା, ଖରସୁଆଁ ବିଚ୍ଛିନ୍ନ ରହିଗଲା । ଓଡ଼ିଶାର ସାମୂହିକ ହିତ ଦୃଷ୍ଟିରୁ ଏ ପ୍ରଦେଶକୁ କାର୍ଯ୍ୟକାରୀ କରିବାରେ ସମସ୍ତେ ବ୍ରତୀ ହେଲେ । ୧୯୩୭ ର ସାଧାରଣ ନିର୍ବାଚନ, ୧୯୩୮ରେ ଜମି-ଜମା ନେଇ ବିଶୃଂଖଳା ଏବଂ ଯୁବ ଆନ୍ଦୋଳନ, ୧୯୪୦ଠାରୁ ୧୯୪୫ ମଧ୍ୟରେ ଦ୍ୱିତୀୟ ମହାସମର ଜନିତ ବିଭିନ୍ନ କାର୍ଯ୍ୟ, ୧୯୪୨ ଅସହଯୋଗ ଆନ୍ଦୋଳନ, ବନ୍ୟା ରିଲିଫ୍ ପ୍ରଭୃତି ସମସ୍ୟାର ସମାଧାନ ଦିଗରେ ପୁଲିସ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଅନ୍ୟ ଦିଗରେ ଯୁଦ୍ଧ ହେତୁ କ୍ରମବର୍ଦ୍ଧିଷ୍ଣୁ ଠକାମି, ମାଲ ହରଣଚାଳ ଓ ଦରଦ୍ଧ ପ୍ର... ଅପରାଧର ପ୍ରତିରୋଧ ପୁଲିସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି...

୧୯୪୭ରେ ବ୍ରିଟିଶ୍ ଶାସନର ଅବସାନ ଘଟିଲା ଏବଂ ... ଦେଶ ସ୍ୱାଧୀନ ହେଲା । ସ୍ୱାଧୀନତା ହାସଲ ସଙ୍ଗେ ସଙ୍ଗେ ପୋଲିସ ବିଭାଗର ବ୍ୟାପକ ସଂପ୍ରସାରଣ ହେଲା ଓ ପୋଲିସ ଆଭି... ଆଭିମୁଖ୍ୟରେ ମଧ୍ୟ ପରିବର୍ତ୍ତନ ଘଟିଲା । ବର୍ତ୍ତମାନ ପୋଲିସ ବି... ଏକ ବିରାଟ ସଂଗଠନରେ ପରିଣତ ହୋଇଛି । ରେଲ୍‌ୱେ ... ଜିଲ୍ଲା ସମେତ ୧୩ଟି ଜିଲ୍ଲାର ପୋଲିସ ବାହିନୀ, ୫ଟି ବାଟାଲି... ମଟରଗାଡ଼ି ଏବଂ ଓୟାରଲେସ୍ ବିଭାଗ, ସି. ଆଇ. ଡି. ... ଓ ସେସିଆଲ ବ୍ରାଞ୍ଚ, ଦୁଇଟି ଶିକ୍ଷା କେନ୍ଦ୍ର, ନିର୍ଯ୍ୟାତିତା ବିଭାଗ ... ଏହି ସଂଗଠନର ଅନ୍ତର୍ଭୁକ୍ତ । ବିଗତ କେତେ ବର୍ଷ ମଧ୍ୟରେ ... ମହିଳା ପୁଲିସଙ୍କୁ ନିଯୁକ୍ତ କରାଯିବା ସଙ୍ଗେ ସଙ୍ଗେ ଫୋରେନ୍‌ସିକ୍ ... ଲାବରେଟରୀ, ପୁଲିସ କୁକୁର ବିଭାଗ, ବୈଜ୍ଞାନିକ ପଦ୍ଧତି... ଅପରାଧ ଅନୁସନ୍ଧାନ ଶାଖା, ପୁଲିସ ପ୍ରଚାର ବିଭାଗ ଯାନବାହନ... ନିୟନ୍ତ୍ରଣ ବିଭାଗ ପ୍ରଭୃତି ବହୁବିଧ ଶାଖା ସୃଷ୍ଟି କରାଯାଇଛି । ... ଶତାବ୍ଦୀ ପୂର୍ବେ ପୋଲିସ ଶାସନର ଯେଉଁ ବୀଜବପନ କରାଯାଇଥି... ଆଜି ତାହା ଏକ ମହାଦ୍ରୁମ ହୋଇ ୨୨-୨୩ ହଜାର ଲୋକ... ଏକ ସୁସଂଗଠିତ ସଂସ୍ଥା ହିସାବରେ ଦେଶବାସୀଙ୍କର ସେବା... ଆତ୍ମନିୟୋଗ କରୁଛି ।

---

> ତୁମେ ସମସ୍ତେ ଧରିତ୍ରୀ ବସୁମାତାପରି ସହନଶୀଳ ହୁଅ
>
> —ସ୍ୱାମୀ ବିବେକାନନ୍ଦ

ଓଡ଼ିଶା ଶାସନ ଯେତେ ଦକ୍ଷ ହୋଇଥିଲେ ମଧ୍ୟ ଦୂରତା ଦୃଷ୍ଟିରୁ ତେଣୁ ସେ ଶାସନର ଦୋଷ ତ୍ରୁଟିକୁ ହେଉ, ସେମାନଙ୍କର ରାଜତ୍ୱ କାଳରେ ଓଡ଼ିଶା ହତ୍ୟା, ଲୁଣ୍ଠନ, ଯୁଦ୍ଧ ଓ ବିଦ୍ରୋହରେ ଥରହର ହୋଇ ଉଠିଥିଲା । ମରହଟ୍ଟାମାନେ ଯେତେବେଳେ ଓଡ଼ିଶା ଅଧିକାର କରି ବ୍ରିଟିଶଙ୍କୁ ପରାସ୍ତ କଲେ, ସେତେବେଳେ ଦେଶରେ ଆଶ୍ୱାସନାର ଏକ ନୂଆର ଖୋଲିଗଲା । ମରହଟ୍ଟା ସମୟରୁ ଗୋଟିଏ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ଚାଲିଅଛି, ତାହା ହେଉଛି ସହରମାନଙ୍କ ଉପକଣ୍ଠରେ ଶୁଳ୍କ ସଂଗ୍ରହ । ଏହା ପଲିସ ବିଭାଗକୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହୋଇଥିଲା ।

## ବ୍ରିଟିଶ୍ ଅମଳ

ଆଜିକାଲିର ପଲିସ ସଂଗଠନ ଏବଂ ପ୍ରାକ୍--ବ୍ରିଟିଶ୍ ଶାସନ ବା ମୋଗଲ୍ ଶାସନର ପ୍ରଥମ ଭାଗର ପୁଲିସ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ପରିଲକ୍ଷିତ ହୁଏ । ମୋଟାମୋଟି କହିବାକୁ ଗଲେ କମ୍ପାନୀ ଅମଳର ପୋଲିସ ଥିଲା ଏକ ଔପନିବେଶିକ ପୁଲିସ, ଯାହାର କାମ ଥିଲା ଡକାୟତି ଇତ୍ୟାଦି ରୋକିବା ଓ କମ୍ପାନୀର ରାଜସ୍ୱ ଆଦାୟରେ ସାହାଯ୍ୟ କରିବା । ସମାଜର ସୁଖ-ସ୍ୱାଚ୍ଛନ୍ଦ୍ୟ ସହିତ ବା ଦେଶର ଦୁର୍ନୀତି ଓ ବ୍ୟଭିଚାରର ନିବାରଣ ଦିଗରେ ସେମାନଙ୍କର କୌଣସି ଆଗ୍ରହ ନ ଥିଲା । ତତ୍କାଳୀନ ପୋଲିସ ସଂସ୍ଥାରେ କୋତୁଆଳ ସବଠାରୁ ବଡ଼ ଅଧିକାରୀ । ସୁତରାଂ ଉପରିସ୍ଥ ଫୌଜଦାରୀ ଓ ଜମିଦାର--ମାନଙ୍କୁ ଖୁସି କରି କୋତୁଆଳମାନେ କମ୍ପାନୀ ଶାସନ ଆରମ୍ଭରେ ବଡ଼ ଶକ୍ତିଶାଳୀ ଥିଲେ । ସେମାନଙ୍କର ଅଧର୍ମ ବିତ୍ତର ପରିମାଣ ହ୍ରାସ କରିବା ପାଇଁ ସେମାନଙ୍କୁ ନିଜ ପଇସାରେ ଥାନା ନିର୍ମାଣ କରିବା, ସେନା ବା ସରକାରୀ ଅଫିସରଙ୍କ ଗସ୍ତ ବେଳେ ସେମାନଙ୍କର ଖାଦ୍ୟ-ପେୟର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଥିଲା । କିନ୍ତୁ କୋତୁଆଳ-ମାନେ ଗ୍ରାମବାସୀ ବା ନଗରବାସୀଙ୍କଠାରୁ ଚାନ୍ଦା ଆଦାୟ କରି ଅଥବା ବେଠି ଲଗାଇ ଏସବୁ କାମ କରାଉଥିଲେ । ସେହିପରି ପ୍ରଥମେ ବ୍ରିଟିଶ୍‌ମାନେ କଟକ, ପୁରୀ, ଓ ବାଲେଶ୍ୱରରେ ଅତିରିକ୍ତ ପୁଲିସର ବ୍ୟବସ୍ଥା କଲେ ଏବଂ ଏଥିରେ ମାସିକ ଆନୁମାନିକ ଖର୍ଚ୍ଚ ଯଥାକ୍ରମେ ଟ ୧୦୮, ଟ ୧୭୮ ଓ ଟ ୧୦୮ ହେଉଥିଲା । ଗ୍ରାମ ପୁଲିସ ବା ଚୌକିଦାରମାନଙ୍କର ଦୁରବସ୍ଥା ମଧ୍ୟ ସେମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ସୁତରାଂ ୧୮୧୭ରେ ଜଣେ ଜଏଣ୍ଟ ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଥିଲେ ଯେ କି ପୁରୀ ଜିଲ୍ଲାର କିୟଦଂଶ ଓ କଟକ ଜିଲ୍ଲାର ଅଧିକାଂଶ ଅଞ୍ଚଳ ଗସ୍ତକରି ପୁଲିସର ଦୁର୍ନୀତି ନିବାରଣ ଭାର ଗ୍ରହଣ କରିଥିଲେ । ୧୮୧୩ରେ କମନସ-ସଭାର ଗୋଟିଏ କମିଟି ଏ ବିଷୟର ସମୀକ୍ଷା କରି ଉପରୋକ୍ତ ସଂସ୍ଥାର ପରିବର୍ତ୍ତନ ନିମନ୍ତେ ବହୁତ କିଛି ସୁପାରିଶ କରିଥିଲେ । ତାଙ୍କର ସୁପାରିଶ୍ ବମ୍ବେ ଓ ମାନ୍ଦ୍ରାଜରେ କାର୍ଯ୍ୟକାରୀ କରାଗଲା । କିନ୍ତୁ ତନ୍ମଧ୍ୟରେ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଥା ବଙ୍ଗଳାରେ କାର୍ଯ୍ୟକାରୀ ହେବାରୁ ଏଠାରେ ଦାରୋଗାମାନଙ୍କର ଅଧିକାର ହ୍ରାସ କରାଇବା ଦିଗରେ କାର୍ଯ୍ୟକ୍ରମ ଛଡ଼ା ଅନ୍ୟ କିଛି ହୋଇ ପାରିଲା ନାହିଁ । ଏହା ଫଳରେ ମୋଗଲବନ୍ଦୀରେ ଜମିଦାର--ମାନେ ଏବଂ ଗଡ଼ଜାତରେ କରଦ ରାଜାମାନେ ଶାନ୍ତିରକ୍ଷା ନିମନ୍ତେ ଦାୟୀ ରହିଲେ ।

(ଖ) ବିଲାତର ସାର ରବର୍ଟ ପିଲ୍ ୧୯୩୩ରେ ପୋଲିସ ବାହିନୀ ନିମନ୍ତେ ଯେଉଁ ଆଇନ ପ୍ରଣୟନ କଲେ ତା ଫଳରେ କମ୍ପାନୀର ଡାଇରେକ୍ଟରମାନେ ଭାରତରେ ପୁଲିସ ସଂସ୍ଥାର କାୟା ପରିବର୍ତ୍ତନ ସକାଶେ ନିର୍ଦ୍ଦେଶ ଦେଲେ । ପ୍ରଥମେ ସିନ୍ଧୁଦେଶ ଓ ତାପରେ ପଞ୍ଜାବରେ ବ୍ରିଟିଶ ପୁଲିସ ସଂଗଠନ ଢାଞ୍ଚାରେ ପୁଲିସ ସଂସ୍ଥାକୁ ଗଢ଼ାଗଲା । ସିପାହୀ ବିଦ୍ରୋହ ପରେ ପରେ ଓ ୧୮୫୫ ରେ ନିଯୁକ୍ତ କମିଟିର ସୁପାରିଶ ଅନୁସାରେ ୧୮୫୮ରେ ଆଧୁନିକ ପୁଲିସର ମୂଳଦୁଆ ପ୍ରଥମେ ମାନ୍ଦ୍ରାଜରେ ପଡ଼ିଲା । ତା ଫଳରେ ଯେଉଁ ବିଲ୍ ହେଲା ତାହା ହେଉଛି ୧୮୬୧ ର ୫ମ ଆଇନ୍ ଯାହାକି ଆଜି ପର୍ଯ୍ୟନ୍ତ ପୁଲିସ ସଂସ୍ଥାର ରୂପରେଖ ନିର୍ଣ୍ଣୟ କରି ଆସୁଛି । ସୌଭାଗ୍ୟ ବଶତଃ ଏହି ସମୟରେ ଭାରତୀୟ ପେନାଲ କୋଡ଼ ଏକା ଦିନକେ କାର୍ଯ୍ୟକାରୀ ହେଲା । ତାପରେ ୧୮୭୨ରେ ଭାରତୀୟ ଏଭିଡେନସ ଆକ୍ଟ ବା ସାକ୍ଷ୍ୟ ଆଇନ୍ ଏବଂ ୧୮୯୮ରେ ଭାରତୀୟ ଦଣ୍ଡବିଧି ଆଇନ୍ ପ୍ରଣୟନକରି ବ୍ରିଟିଶ୍ ଶାସକ ବର୍ଗ ପୁଲିସ ବିଭାଗର ଧାରାବାହିକ ସଂସ୍କାର କରିବାକୁ ସକ୍ଷମ ହେଲେ । ଏହା ପରେ ପୁଲିସ ଶାସନରେ ଚମକପ୍ରଦ ପରିବର୍ତ୍ତନ ହେଲା ୧୯୦୨ ମସିହାରେ । ଏହା ହେଉଛି—ପୁଲିସ କମିସନ୍ ରିପୋର୍ଟ, ଯାହାକି ଆଜି ସୁଦ୍ଧା ପୁଲିସ ସଂଗଠନର ମୌଳିକ ଉଦ୍ଦେଶ୍ୟ ଓ ରୂପରେଖ ନିର୍ଣ୍ଣୟ କରି ଆସୁଅଛି । ମୋଟରେ କହିବାକୁ ଗଲେ ଏହାଦ୍ୱାରା ପୁଲିସ ବିଭାଗରେ ନିଯୁକ୍ତି, ଦରମା, ଭତ୍ତା, ଶିକ୍ଷା, ଶୃଙ୍ଖଳା, ଉପରିସ୍ଥ କର୍ମଚାରୀ-ମାନଙ୍କର କାର୍ଯ୍ୟ ସମୀକ୍ଷା, ମାଜିଷ୍ଟ୍ରେଟଙ୍କ ସହିତ ସମ୍ପର୍କ, ଅପରାଧ ନିବାରଣ ତଥା ଫୌଜଦାରୀ ଅଦାଲତରେ ବିଚାର, ଗ୍ରାମ୍ୟ ପୁଲିସର ବିଭାଗ ଓ ପୁଲିସ ସହିତ ସମ୍ପର୍କ, ସୂଚନା ବିଭାଗ ଓ ଏହାର କାର୍ଯ୍ୟ ପ୍ରଣାଳୀ, ପୁଲିସ ବସତି ଓ ଗୃହ ନିର୍ମାଣ ପ୍ରଭୃତି ପ୍ରତି ପ୍ରଦେଶରେ ନିୟନ୍ତ୍ରିତ ହୋଇ ଆସୁଛି ।

## ବିହାର ଓଡ଼ିଶା ପୁଲିସ

ପ୍ରଥମେ ୧୯୧୨ ରେ ବିହାର-ଓଡ଼ିଶା ପୁଲିସ ଏକ ବିଭାଗ ହୋଇ ୨୨ଟି ଜିଲ୍ଲାକୁ ନେଇ ସଂଗଠିତ କରାଯାଇଥିଲା । ପ୍ରଥମେ

ଓ ଗାଁ ଗହଳର ନିମ୍ନ ଶ୍ରେଣୀର ହରିଜନମାନେ । ୧୯୦୫ ଓ ୧୯୦୬ ମସିହା ବେଳକୁ ଆମ ରାଜ୍ୟରେ ଯଥାକ୍ରମେ ୩ ଓ ୬ ଟି ସମିତି କାଳି, ଖୋର୍ଦ୍ଧା ଓ ଯାଜପୁର ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ବେଳେ ୧୯୧୨ ରେ ବିହାର-ଓଡ଼ିଶା ବଙ୍ଗଳାରୁ ଅଲଗା ହେବା ବେଳକୁ ୮୨ ଟି ସମିତି ପ୍ରତିଷ୍ଠିତ ହୋଇ ସାରିଥିଲା । ୧୯୧୦ ମସିହା ୨୬ ମାର୍ଚ୍ଚରେ ବାଙ୍କିଠାରେ ପ୍ରଥମ କେନ୍ଦ୍ର ବ୍ୟାଙ୍କ୍ ପ୍ରତିଷ୍ଠିତ ହୋଇଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବେଳକୁ ( ୧୯୩୬) ଆମ ରାଜ୍ୟରେ ୨,୧୫୪ ଗ୍ରାମ ସମିତି ଓ ୧୩ ଟି କେନ୍ଦ୍ରବ୍ୟାଙ୍କ୍, ୬ ୪,୧୧୭ ସଭ୍ୟସହ ୧'୯୧ ଲକ୍ଷ ଟଙ୍କାର ଋଣ ଲଗାଣ କରୁଥିଲେ । ସ୍ୱାଧୀନତା ପ୍ରାପ୍ତିର ଅବ୍ୟବହିତ ପୂର୍ବରୁ (୧୯୪୭) ୩,୩୧୭ ଟି ସମିତି ୧୫ ଟି କେନ୍ଦ୍ର ବ୍ୟାଙ୍କ ସହିତ ୧୭୫,୯୩୨ ସଭ୍ୟଙ୍କୁ ନେଇ କାର୍ଯ୍ୟ କରୁଥିଲା ।

## ପୁନର୍ଗଠନ

ବର୍ଷାକାଳରେ ଛତୁ ଫୁଟିବା ପରି ଗଢ଼ି ଉଠିଥିବା ଏହି ସମିତି ଗୁଡ଼ିକ ସ୍ୱାବଲମ୍ବୀ ନ ଥିଲେ । ପରିଣାମରେ ଅର୍ଥାଭାବରୁ ଏହି ବ୍ୟବସାୟମୂଳକ ଅନୁଷ୍ଠାନ ଗୁଡ଼ିକ ଅଧିକାଂଶ କ୍ଷେତ୍ରରେ ଆଜିର ବଜାରରେ ପୁରୁଣା ପଇସା ପରି ଅଚଳ ହୋଇ ପଡ଼ିଥିଲେ । ବହୁ କ୍ଷେତ୍ରରେ ଗୋଟିଏ ଗାଁ ପାଇଁ ଦୁଇ ବା ତତୋଧିକ ସମିତି କାର୍ଯ୍ୟ କରୁଥିବା ବେଳେ, କେତେକ କ୍ଷେତ୍ରରେ ହୁଏତ କେତେ ଗୁଡ଼ିଏ ଗାଁ କୌଣସି ସମିତି ଅଞ୍ଚଳ ଭୁକ୍ତ ନଥିଲା । ଏ ସବୁର ଅନୁଧ୍ୟାନ କରାଯାଇ ପ୍ରତ୍ୟେକ ସମିତିକୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ୧୯୬୨ରୁ କ୍ରିୟାନୁଷ୍ଠାନ ନିର୍ଘଣ୍ଟ (Action Programme) କାର୍ଯ୍ୟକାରୀ କରାଯାଇ ସମିତି ଗୁଡ଼ିକର ସଂଖ୍ୟାକୁ ୮,୬୫୪ ରୁ ୧୯୭୦--୭୧ ସୁଦ୍ଧା ୪,୬୩୪କୁ କମାଇ ଦିଆଯାଇ ପାରିଛି ଓ ଚଳିତ ବର୍ଷ ଶେଷ ସୁଦ୍ଧା ଏହାକୁ ୩,୩୦୧କୁ କମାଇ ଦିଆଯିବ ବୋଲି ପରିକଳ୍ପନା କରାଯାଇଛି । ଏହିପରି ପୁନର୍ଗଠିତ ପ୍ରତ୍ୟେକ ସମିତିକୁ ସରକାର ଅଂଶଧନ ବାବଦରେ ଟ୬୧୦,୦୦୦ ଗୋଦାମ ଘର ତିଆରି ପାଇଁ ଋଣ ଓ ସାହାଯ୍ୟ ଓ କେନ୍ଦ୍ର ବ୍ୟାଙ୍କ୍ ସ୍ତରରେ ସମିତି ପାଇଁ ଗଢ଼ାଯାଇଥିବା ବ୍ୟାଡ଼ରକୁ ଯଥେଷ୍ଟ ପରିମାଣର ଅର୍ଥ ଯୋଗାଉଛନ୍ତି । ପରିଣାମରେ ବିଗତ ବର୍ଷମାନଙ୍କର ପ୍ରଗତି ନିମ୍ନମତେ ହୋଇପାରିଛି:—

| ବର୍ଷ | ଋଣ ଲଗାଣର ପରିମାଣ |
|---|---|
| ୧୯୫୫-୫୬ | ୧୫୮ ଲକ୍ଷଟଙ୍କା |
| ୧୯୬୦-୬୧ | ୪୨୫ ଲକ୍ଷ ଟଙ୍କା |
| ୧୯୬୫-୬୬ | ୯୮ ଲକ୍ଷ ଟଙ୍କା |
| ୧୯୬୭-୬୮ | ୧୧୭୦ ଲକ୍ଷ ଟଙ୍କା |
| ୧୯୬୮-୬୯ | ୧୧୮୭ ଲକ୍ଷ ଟଙ୍କା |
| ୧୯୬୯-୭୦ | ୯୮୩ ଲକ୍ଷ ଟଙ୍କା |

ଦେଖିବାର କଥା ଯେ ୧୯୩୬—୩୭ ର ୧'୯୧ ଲକ୍ଷ ଟଙ୍କାର ଋଣ ଲଗାଣ ଆଜି ପ୍ରାୟ ୧୨ କୋଟି ଟଙ୍କାରେ ପହଞ୍ଚି ପାରିଛି, ଅର୍ଥାତ୍ ବିଗତ ୨୫ ବର୍ଷ ଭିତରେ ଏହାର ପରିମାଣ ଛଅଶହ ଗୁଣ ହୋଇ ପାରିଛି । ୧୯୬୯—୭୦ ବର୍ଷରେ ସଭ୍ୟମାନଙ୍କ ସ୍ତରରେ ବାକିଥିବା ଋଣର ପରିମାଣ ଥିଲା ୨୧'୯୪ କୋଟି ଟଙ୍କା ବା ପ୍ରାୟ ୨୨ କୋଟି ଟଙ୍କା । ମନେ ରଖିବାକୁ ହେବ ଯେ ଆମ ରାଜ୍ୟର ମୋଟ କୃଷି ଋଣର ଚାହିଦା ପ୍ରାୟ ୮୪ କୋଟି ଟଙ୍କା ଓ ଆମର ମୋଟ ଋଣ ଲଗାଣର ମାତ୍ରା ଯାଏ ଶତକଡ଼ା ୨୬ ଭାଗ । ତେଣୁ ଏବେ ମଧ୍ୟ ଆମ ରାଜ୍ୟରେ କୃଷକଗୋଷ୍ଠୀ ପ୍ରାୟ ୭୪ ଭାଗ ଋଣ ପାଇଁ ମହାଜନ ଦୁଆରେ ଧାରଣା ଦେବାକୁ ବାଧ୍ୟ ହେଉଛନ୍ତି । ତେଣୁ ପ୍ରକୃତ ଯାହା ହୋଇଛି ତାହା ଚାହିଦାକୁ ଚାହିଁ ସମୁଦ୍ରକୁ ମାତ୍ର ଶଂଖେ ପାଣି ପରି ସମାନ ସିନା । ଆହୁରି ବହୁତ କରିବାକୁ ବାକି ଅଛି ।

## ଋଣ ଲଗାଣ ଓ ଅନାଦାୟ ଋଣ

ଶସ୍ୟଋଣ ପଦ୍ଧତି ଅନୁସରଣ କରିବାଦ୍ୱାରା ପ୍ରତ୍ୟେକ ଲୋକ ଋଣ ଚାହିଦା ତାର ଫସଲ ଉତ୍ପାଦନ ଯୋଜନାକୁ ଚାହିଁ ବର୍ଷକୁ ଥରେ ନିର୍ଦ୍ଧାରଣ କରାଯାଏ । ଋଣର କେତେକାଂଶ ମଧ୍ୟ କେବଳ ଅର୍ଥ ଆକାରରେ ନ ଦିଆ ଯାଇ ଦ୍ରବ୍ୟ ଯଥା ରାସାୟନିକ ସାର, ବିହନ ଓ କୀଟନାଶକ ଔଷଧ ଇତ୍ୟାଦି ଆକାରରେ ଯୋଗାଇ ଦିଆଯାଉଛି । ଋଣଦାନର ନୀତିମଧ୍ୟ କୋହଳ କରାଯାଉଛି । ସଭ୍ୟ ପ୍ରତି ସର୍ବୋଚ୍ଚ ଋଣର ପରିମାଣ ଜଳସେଚିତ ଜମି ପାଇଁ ଟ ୧୦,୦୦୦ ଙ୍କା ଓ ଅନ୍ୟ ଜମି ପାଇଁ ଟ ୬,୦୦୦ଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବିନା ବନ୍ଧକୀରେ ସ୍ୱଳ୍ପକାଳୀନ ଋଣ ଟ ୨,୦୦୦ଙ୍କା ଓ ମଧ୍ୟମ କାଳୀନ ଋଣ ଟ ୧,୦୦୦ଙ୍କା ପର୍ଯ୍ୟନ୍ତ ଦିଆଯାଉଛି । ପାଣି ପମ୍ପ ପାଇଁ ମଧ୍ୟ ଟ୩,୫୦୦ଙ୍କା ପର୍ଯ୍ୟନ୍ତ ବିନା ବନ୍ଧକୀରେ ମିଳୁଛି । ଗାଈ, ଘୁଷୁରୀ, କୁକୁଡ଼ା ଓ ଛେଳି ଇତ୍ୟାଦି ପାଳନ ପାଇଁ ମଧ୍ୟ ଋଣ ମିଳୁଛି । ଋଣ ଆଦାୟ ନୀତି ମଧ୍ୟ କୋହଳ କରାଯାଇ ପ୍ରାକୃତିକ ବିପର୍ଯ୍ୟୟ କାରଣ ନେଇ ୫୦ ଶତାଂଶରୁ ଅଧିକ ଫସଲ କ୍ଷତିଗ୍ରସ୍ତ ଅଞ୍ଚଳରେ ସହଜ କିସ୍ତିରେ ପରବର୍ତ୍ତୀ ବର୍ଷମାନଙ୍କରେ ସେହି ବର୍ଷର ଋଣ ଆଦାୟ କରାଯାଉଛି । କିନ୍ତୁ ଏ ସମସ୍ତ ପ୍ରଗତି ପଥରେ ପ୍ରଧାନ ଅନ୍ତରାୟ ହୋଇଛି ଋଣ ଅନାଦାୟ । ଋଣର ଅସଦ୍ ବ୍ୟବହାର ଓ ଠିକ୍ ସମୟରେ ଠିକ

# ପ୍ରଗତିପଥେ ଓଡ଼ିଶାର ସମବାୟ

ପୂର୍ଣ୍ଣଚନ୍ଦ୍ର ମହାନ୍ତି

ସମବାୟ ଆନ୍ଦୋଳନର ଗୁରୁତ୍ୱ ଆଜି ସମସ୍ତେ ହୃଦୟଙ୍ଗମ କରୁଛନ୍ତି । ବିଦେଶୀ ସରକାର ଏ ଦେଶର ଚାଷୀ କୁଳକୁ ରକ୍ଷା କରିବାକୁ ଲୋକେ ପିଇ ଦଣ୍ଡେ ଜୀଇଁ ରହିବାକୁ ଯେଉଁ ବୁଦ ଗଛଟି ଆଜିଠୁ ୬୮ ବର୍ଷ ତଳେ ରୋପଣ କରିଥିଲେ ତାହା ଆଜି ଏକ ବିଶାଳ ବୃକ୍ଷ ହୋଇ ଆମର ସମାଜବାଦ ଲକ୍ଷ୍ୟ ସାଧନ ପାଇଁ ସର୍ବୋତ୍କୃଷ୍ଟ ସହାୟ ହୋଇଛି । ନିରାଟ ପଲ୍ଲୀ ଗାଁର ଚାଷୀର କୁଟୀର ଭିତରୁ ବାହାରି ଆସି ଚିନି କଳର ଚିମିନି ଉପରେ ଛାୟା ବିସ୍ତାର କରି ପାରିଛି । ଆଜି ଗାଁର ଗୃହିଣୀମାନଙ୍କ ଭିତରେ ଅମୁଲ୍ ଦୁଧ ଗୁଣ ଆଜି ବେଶ ସୁପରିଚିତ । କେବଳ ସେତିକି ନୁହେଁ, ଆମେରିକାର ଜନବନ୍ଧୁ ଓ ତାମିଲନାଡୁର ତନ୍ତୀପୁଅ ହାତବୁଣା "ରକ୍ତାକ୍ତ ମାଡ୍ରାସ" (Bleeding Madras) ପାଇଁ ପାଗଳ, ଜଳଗାଁଓ ସମିତି ପ୍ରସ୍ତୁତ କଦଳୀ ହୋଇଛି ଉଚ୍ଚ ନଉକ୍ଷାରୀଙ୍କର ବ୍ରେକ୍ ଫାଷ୍ଟ । ଖାଇପିଇ ଭୋଜନକାରୀ ମୁହଁରେ ସମବାୟ ହସ ଫୁଟେଉଛି ତା ନୁହେଁ ସରକାରର ବାବୁଭାୟା ପ୍ରଥମ ଶ୍ରେଣୀରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ କର୍ମଚାରୀ ରୋଷା, କାରଖାନାର ମଜଦୁର, କଲେଜର ଛାତ୍ର ସବୁରି ମନରେ ଆକାଶଛୁଆଁ ଦର ନିୟନ୍ତ୍ରଣ ପାଇଁ ସେ ଆଣି ଦେଇ ପାରିଛି ଭରସା ।

ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ 'ଗୋଦରା କୋଡ଼େ ଯେତେ ମାଡ଼େ ସେତେ' ନୀତିରେ ସମବାୟ ଆନ୍ଦୋଳନ ପ୍ରାୟ ଏକ ତ୍ରିଶଙ୍କୁ ଅବସ୍ଥାରେ ରହି ଆମ ଜାତୀୟ ଜୀବନରେ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରି ପାରି ନଥିଲା । ଦୁଇ ଦୁଇଟି ମହାସମର ଓ ୧୯୩୦ର ମୁଦ୍ରାମୂଲ୍ୟ ହ୍ରାସ ଏହି ଆନ୍ଦୋଳନର ମେରୁଦଣ୍ଡ ଦୋହଲାଇ ଦେବା ସଙ୍ଗେ ସଙ୍ଗେ ଜନତା ଜନାର୍ଦ୍ଦନର ଏଥି ପ୍ରତି ଆସ୍ଥା ସମ୍ପୂର୍ଣ୍ଣ ବିଲୁପ୍ତ କରିଥିଲା । ୧୯୫୪ ମସିହାରେ ଗ୍ରାମ୍ୟଋଣ ତଦନ୍ତ କମିଟି ମନ୍ତବ୍ୟ ଦେଇଥିଲେ ଯେ ଅତୀତରେ ସମବାୟ ଆନ୍ଦୋଳନ ବିଫଳ ହୋଇଛି ସତ କିନ୍ତୁ ଏହାକୁ ସାଫଲ୍ୟମଣ୍ଡିତ କରିବାକୁହିଁ ହେବ । ପରିଣାମରେ ପ୍ରଥମ ଯୋଜନା କାଳରେ ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ପାରି ନ ଥିବା ବେଳେ ପରବର୍ତ୍ତୀ ଯୋଜନାମାନଙ୍କରେ ଏଥିପ୍ରତି ଅପରିସୀମ ଗୁରୁତ୍ୱ ଆରୋପ କରାଯାଇଥିଲା । ଆଜି ସମବାୟ କ୍ଷେତ୍ର ଦୁଇ ବିଶିଷ୍ଟ ଅର୍ଥ-ନୀତିବାଦ ତଥା ପୁଞ୍ଜିବାଦ ଓ ସମାଜବାଦ ଭିତରେ ମଧ୍ୟମ ପନ୍ଥା--ରୂପେ ଦଣ୍ଡାୟମାନ । ଉଭୟ 'ବାଦ' ଭିତରେ ଥିବା ଦୋଷ ଦୁର୍ବଳତାର ସମାଧାନ ଆଣି ପାରିଛି ସମବାୟ, ପୁଞ୍ଜିବାଦ ଓ ଶ୍ରମର ସଂଘର୍ଷ ଭିତରୁ ଦେବ, ଦାନବ ସାଗର ମନ୍ଥନରୁ ଅମୃତର ସନ୍ଧାନ ପାଇଥିବା ପରି ସମବାୟ କଲ୍ୟାଣମୟ ଓ ମଙ୍ଗଳମୟ ହୋଇ ଉଠି ପାରିଛି ।

## କୃଷି ଋଣ

ବର୍ତ୍ତମାନ ଆମ ରାଜ୍ୟର ସମବାୟ ଆନ୍ଦୋଳନ ବିଷୟ ବିଚାର କରିବା । ପୂର୍ବରୁ କୁହାଯାଇଛି ସମବାୟର ଜନ୍ମ କୃଷିଋଣ କ୍ଷେତ୍ରରୁ । ସେତିକି ପୁଣି ଆମ ରାଜ୍ୟ ବହୁ ମାତ୍ରାରେ କୃଷି ଉପରେ ନିର୍ଭରଶୀଳ ଓ ବୋଧ ଉପରେ ନଳିତା ବିଡ଼ା ପରି ଆମର ମୋଟ ଲୋକ--ସଂଖ୍ୟାର ପ୍ରାୟ ଶତକଡ଼ା ୩୯ ଭାଗ ବଣଜଙ୍ଗଲର ଆଦିମ ଅଧିବାସୀ

ଏକର ଅନୁସରଣ କରୁଥିବା ସ୍ୱଶୀ ଆଜି ମୋଟର ସାଇକେଲ ଚଢି ବୁଲି ପାରୁଛି । ତେବେ ଆମେ ଜଣ ନପାରିଲାର ? ସୁଯୋଗର ଅଭାବଥିଲା, କିନ୍ତୁ ସମୟର ଗତି କ୍ରମେ ଆକାଶ ପରିଷ୍କାର ହୋଇ ଆସୁଛି । ଉଦ୍ୟମର ଅଭାବ ନାହିଁ ।

## ବଣ ବାଣିଜ୍ୟ ସମିତି

କୋରାପୁଟ, ଫୁଲବାଣୀର ବଣ ଜଙ୍ଗଲ ପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ତାଙ୍କର ସଂଗୃହୀତ ବନଜାତ ଦ୍ରବ୍ୟ ବେପାରି ପୁଏ ଶାଗ ମାଛ ମୂଲ୍ୟରେ କିଣି ନେଉଥିଲେ । ମାରୁଥିଲେ ମହାପାତ୍ରେ, ସହୁଁଥିଲେ ଜନତା ପରି ସବିଏଁ । ସେହି ଅଞ୍ଚଳରେ ୩୫ ଟି ବଣ ବାଣିଜ୍ୟ ସମିତି ଆଜି ଗଠିତ ହୋଇ ୪୫ ହଜାର ସଭ୍ୟଙ୍କର ୩୦ ଲକ୍ଷ ଟଙ୍କା ମୂଲ୍ୟର ଦ୍ରବ୍ୟ ବିକ୍ରୟ କରୁଛି । ଜାଣନ୍ତିନା ଆମେରିକାର ଗୃହିଣୀ ଆଜି ବଜାରରେ ଖୋଜେ ଟିକାବାଲି ବଣ ବାଣିଜ୍ୟ ସମିତିର ପୁଲଝାଡୁ । ଛିଣ୍ଡ ପୁଅ ବାହାଘରରେ ଯେଉଁ କୋଡ଼ି ଭାତ ଆମେ ଖଲିପତ୍ରରେ ଖାଉଁ ତାହା ସେହି ସମିତିର ଯୋଗାଣ ମାତ୍ର । ଆଜି ଆଦିବାସୀ ଯୁବକ-ଯୁବତୀଙ୍କ ମନରେ ଯଥେଷ୍ଟ ଉନ୍ମାଦନା, ଉତ୍ସାହ ଓ ପ୍ରେରଣା ଯୋଗାଉଛି ସମବାୟ । ଆସନ୍ତୁନା ଥରେ ବୁଲି ସେହି ନୀରବ ନିଥର ଆଦିବାସୀ ପଲ୍ଲୀରେ ଗୋଟିଏ ଉତ୍ସବମୁଖର ସଂଧ୍ୟାରେ । ତେଣୁ ସାର୍ଥକ ହେବ ମହୁଲ ମଦପିଇ ମାଦଳର ତାଳେ ତାଳେ ନାଚି-ଉଠିବେ ପ୍ରକୃତି କୋଳରେ ଯୁବକ ଯୁବତୀ ଦଳ । ଆପଣଙ୍କର ଏ ନଗର ଜୀବନର କୃତ୍ରିମତା ନିଶ୍ଚୟ ନଇଁଯିବ ସେହି ଲଜ୍ଜା ଧୃତିମଣ୍ଡା ପାଦତଳେ ।

## ସମବାୟ ଖାଉଟି ଭଣ୍ଡାର

ବଜାରରେ ହୁ ହୁ ହୋଇ ଦର ବଢୁଛି । ମନେ ହୁଏ ଯେତେ ଯେମିତି ବଜାର ଦରର ବାପ ମା ନାହିଁ । ମା ଛେଉଣ୍ଡ ପିଲାଟି ଭଳିଆ ଲଗା ନାହିଁ ବା ପଘା ନାହିଁ । ଉତ୍ପାଦକ କମ୍ ଦାମ ପାଉଛି । ଖାଉଟି ଅଧିକା ଦାମ ଦେଉଛି । ମୁନାଫା ଯାଉଛି ମଧ୍ୟମ ପୁରୁଷଟି ହାତକୁ । ଜିନିଷରେ ଭେଜାଲ । ଓଜନରେ ମଧ୍ୟ କେତେ କାରସାଦୀ । ଏଥିରୁ ମୁକ୍ତି ପାଇବାକୁ ଖାଉଟି ସମାଜ ଆଜି ଗଢିଛି ସମବାୟ ଖାଉଟି ଭଣ୍ଡାର । ଭୁବନେଶ୍ୱରର "ଅଳକା" ଉଡ଼ଙ୍କର ନମୁନା ଏହି ଖାଉଟି ଭଣ୍ଡାର ଶ୍ରେଣୀଭୁକ୍ତ ୧୯୩୬-୩୭ ବର୍ଷରେ ଆମ ରାଜ୍ୟରେ ଥିଲା ମାତ୍ର ୬ଟି ସମବାୟ ଖାଉଟି ଭଣ୍ଡାର । ଏମାନଙ୍କର ସଭ୍ୟ ସଂଖ୍ୟା ଥିଲା ମାତ୍ର ୩୩୩ ଏବଂ ଏମାନେ ଟ ୨,୯୭୪ ମୂଲ୍ୟର ଦ୍ରବ୍ୟ ବିକ୍ରୟ କରୁଥିଲେ । ତଳଲିଖିତ ପରିସଂଖ୍ୟାନ ଏହି କ୍ଷେତ୍ରର ପ୍ରଗତିର ଏକ ସ୍ପଷ୍ଟ ଚିତ୍ର ଦିଏ ।

| ବର୍ଷ | ସମିତି ସଂଖ୍ୟା | ସଭ୍ୟ ସଂଖ୍ୟା | ବିକ୍ରୟଲବ୍ଧ ଧନ |
|---|---|---|---|
| ୧୯୬୦-୬୧ | ୩୧୩ | ୩୨,୪୨୯ | ୨୨'୬୮ ଲକ୍ଷ ଟଙ୍କା |
| ୧୯୬୬-୬୭ | ୪୨୭ | ୭୩,୩୫୪ | ୧୪୭'୦୦ ଲକ୍ଷ ଟଙ୍କା |
| ୧୯୬୯-୭୦ | ୪୩୭ | ୧୦୮,୮୦୨ | ୨୬୦'୯୫ ଲକ୍ଷ ଟଙ୍କା |

୧୯୬୨ ର ଚୀନ ଆକ୍ରମଣପରେ କେନ୍ଦ୍ର ତଥା ରାଜ୍ୟ ସରକାର ଏହି ଦିଗ ପ୍ରତି ଦୃଷ୍ଟି ପକାଇଥିଲେ । ବିଶ୍ୱବିଦ୍ୟାଳୟମାନଙ୍କରେ ମଧ୍ୟ ଏପରି ଖାଉଟି ଭଣ୍ଡାରମାନ ଗଢିଉଠିଲାଣି । ସଉଦା ସାରି ଫେରିବା ପରେ "ଅଳକା" ଜିନିଷ ବୋଲି ଗୃହିଣୀ ମନରେ ମୂଲ୍ୟ ଓଜନ ବା ଦ୍ରବ୍ୟଗୁଣ ବିଷୟରେ କୌଣସି ସନ୍ଦେହ ଉପୁଜେ ନାହିଁ । ତେଣୁ ସମବାୟସେ ଆଜି ଆମ ଖାଉଟିମାନଙ୍କ ଆସ୍ଥା ସୃଷ୍ଟି କରିପାରିଛି ଏଥିରେ ଦ୍ୱିମତ ନାହିଁ ।

## ଶ୍ରମ ସମିତି

୧୯୬୨ ରୁ ସମାଜରେ ନିଃସ୍ୱ ତଥା ନିମ୍ନଶ୍ରେଣୀର ଶ୍ରମିକ ତଥା ମଜଦୁର ଶ୍ରେଣୀର ସଂଗଠନ ପାଇଁ ଶ୍ରମିକ ସମବାୟ ମାନ ଗଠିତ ହୋଇଛି । ସେହିବର୍ଷ ୧୬୫ ଟି ସମିତି ୩,୦.. ସଭ୍ୟ ସଂଗ୍ରହକରି ମୁନାଫାଖୋର ଠିକାଦାର ଠାରୁ କାମ ନେଇ ଆଣି ଶ୍ରମିକମାନଙ୍କୁ କାମ ଯୋଗାଣ କାର୍ଯ୍ୟ ଆରମ୍ଭ କରିଥିଲେ ଓ ୧୯୬୯-୭୦ ଶେଷ ସୁଦ୍ଧା ୨୭୦ ସମିତି ୩୩ ହଜାର ସଭ୍ୟ ୧୭୨ ଲକ୍ଷ ଟଙ୍କାର କାର୍ଯ୍ୟ ଯୋଗାଇ ଥିଲା ।

## ଇଞ୍ଜିନିୟରିଂ ସମିତି

ପୁତ୍ରେ କିଂ କାର୍ଯ୍ୟ ଯଦି ନାସ୍ତି ଗୁଣିତା । ସେଇ ଗୁଣିଆ ଚାକିରି ପାଇବାକୁ ଆଜିର ବଜାରରେ କେତେ ଖୋସାମଦ, ହାତଯୋଡ଼ା ଧରାଧରି ବିଶେଷ କରି ବେକାର ଇଂଜିନିୟରିଂ ଗୋଷ୍ଠୀରେ ବହୁ ପରିମାଣରେ ବୃଦ୍ଧି ପାଇଛି । କିନ୍ତୁ ସମବାୟ ତା ପାଇଁ ମଧ୍ୟ ସମାଧାନ ରଖିଛି । ଗତ ୧୯୬୯—୭୦ ସୁଦ୍ଧା ଆମରାଜ୍ୟରେ ୫ ଟି ଗଠିତ କରିଥାରେ ୫୮ ଜଣ ବେକାର ଇଂଜିନିୟରଙ୍କୁ ୧୯ଟି କାର୍ଯ୍ୟ ଯୋଗାଣ ହୋଇ ପାରିଛି ଯାହାର ମୂଲ୍ୟ ହେଉଛି ୧'୬୬ ଲକ୍ଷ ଟଙ୍କା ।

## ଗୃହନିର୍ମାଣ ସମିତି

କଥାରେ ଅଛି ଘରକୁ ଦେଖ, ବରକୁ ଦେଖ, କାନ୍ଥକୁ ଦେଖ ଚୂନକୁ ଦେଖ, ଭିତରେ ପଛେ ଯାହା ଥାଉ ଆମ ସମାଜରେ

ଋଣ ପରିଶୋଧ ନ ହେବାର ବ୍ୟାଧି ହୋଇଛି ଆମ ପ୍ରଗତି ପଥରେ ବିମସ୍ୟା । ଦେଶକୁ ମୁଖଶିଆଳୀ କଲେଇ ପଡ଼ୁଛି । ୧୯୬୮–୬୯ ବର୍ଷରେ ଗୁଜରାଟରେ ଅନାଦାୟ ଋଣର ପରିମାଣ ଶତକଡ଼ା ୧୮, ତାମିଲନାଡୁରେ ୨୯ ଓ ପଞ୍ଜାବରେ ୨୬ ଥିବା ସ୍ଥଳେ ଆମ ରାଜ୍ୟରେ ଥିଲା ଶତକଡ଼ା ୫୭ ଭାଗ ।

ପରିଣାମ ହୋଇଛି, ବୁଡ଼ିଗଲା ଗୋଡ଼ ତଳକୁ ତଳକୁ । କୃଷୀ ସମିତିରୁ, ସମିତି କେନ୍ଦ୍ର ବ୍ୟାଙ୍କକୁ, କେନ୍ଦ୍ରବ୍ୟାଙ୍କ ରାଜ୍ୟବ୍ୟାଙ୍କକୁ ଓ ସର୍ବୋପରି ରାଜ୍ୟବ୍ୟାଙ୍କ ରିଜର୍ଭ ବ୍ୟାଙ୍କକୁ ଋଣ ପରିଶୋଧ କରି ନ ପାରିଲେ ସମଗ୍ର ରାଜ୍ୟରେ ଋଣଦାନର ପ୍ରଗତି ପଥ କ୍ରମେ ରୁଦ୍ଧ ହେଉଛି । କୃଷୀମାନେ ମନେ ରଖିବା ଉଚିତ ଯେ ଏ ସମିତି ସେମାନେ ନିଜର । ସେମାନେ ହିଁ ଏହାର ଲାଭ ଲୋକସାନର ଭାଗୀଦାର । ଏହି ସମିତି ଥରେ ଭୁଷୁଡ଼ି ପଡ଼ିଲେ ପୁଣି ମଧ୍ୟ ଯୁଗର ମହାଜନ ଗୋଷ୍ଠୀ ତା ଉପରେ ଅବଭଟି ସାଧିବାକୁ ଆଗେଇ ଆସିବେ । ଫେରି ନଆସିବ ତାର ପତର କୁଡ଼ିଆ ଭିତରକୁ ଫକୀର ମୋହନ ସେନାପତିଙ୍କର ମଙ୍ଗରାଜ ଓ ଭଗିଆ ତନ୍ତୀ ଆଉ ସାରିଆ ତନ୍ତୀଆଣୀର ଦୁଃଖର ବୋଝ କାହାଣୀ । ନେତଗାଈ ଓ ତାର ଛମାଣ ଆଠଗୁଣ୍ଠ ଯିବ ମଙ୍ଗରାଜର ।

## ସମବାୟ ଭୂ-ଉନ୍ନୟନ ବ୍ୟାଙ୍କ

ଦୀର୍ଘକାଳୀନ ଋଣ କ୍ଷେତ୍ରରେ ଅବଶ୍ୟ ପ୍ରଗତି ଅଧିକ । ରାଜ୍ୟର ମୋଟ ୫୫ ଟି ସମବାୟ ଭୂ-ଉନ୍ନୟନ ବ୍ୟାଙ୍କ୍ ବିଗତ ୧୯୩୯ ରୁ ୧୯୬୭ ମସିହା ବର୍ଷକୁ ମାତ୍ର ୧·୨୮ କୋଟି ଟଙ୍କା ଲଗାଣ କରିଥିବା ବେଳେ ୧୯୭୦–୭୧ ରେ ପ୍ରାୟ ୪·୦୦ କୋଟି ଟଙ୍କାର ଋଣ ଲଗାଣ କରି ପାରିଛନ୍ତି । ଏହା ବାହାରେ ନଡ଼ିଆ, କାଜୁବାଦାମ, ସପୁରୀ ଚାଷ ଓ ନିର୍ଦ୍ଦିଷ୍ଟ ଉଠା ଜଳସେଚନ ଯୋଜନା ଇତ୍ୟାଦି ପାଇଁ ପ୍ରାୟ ୨୬ ଲକ୍ଷ ଟଙ୍କା ଋଣ ଲଗାଣ ହୋଇ ପାରିଛି । ସମବାୟ ଆଇନର ପରିବର୍ତ୍ତନ ମଧ୍ୟ ୧୯୭୦ ମସିହାରେ କୋହଳ କରାଯାଇ ଏହି ଭୂ-ଉନ୍ନୟନ ବ୍ୟାଙ୍କ୍‌ର ଋଣଦାନ ପ୍ରଣାଳୀକୁ କୋହଳ ଓ ସହଜସାଧ୍ୟ କରାଯାଇ ପାରିଛି ।

## କ୍ଷୁଦ୍ର କୃଷୀ ଯୋଜନା

ଏ ସବୁ ବାହାରେ ଗତ ବର୍ଷଠାରୁ କେନ୍ଦ୍ର ସରକାରଙ୍କ ତତ୍ତ୍ୱାବଧାନରେ ଛୋଟ କୃଷୀ ଓ କୃଷି ଶ୍ରମିକ ଗୋଷ୍ଠୀର ବିକାଶ ସାଧନ ପାଇଁ କଟକ, ଗଞ୍ଜାମ, ଢେଙ୍କାନାଳ, କେନ୍ଦୁଝର ଓ ବଲାଙ୍ଗିର ଜିଲ୍ଲା ମାନଙ୍କରେ କାର୍ଯ୍ୟକାରୀ କରାଯାଉଛି । ଏଥିରେ ସମବାୟର କାର୍ଯ୍ୟ ବହୁ ତାତ୍ପର୍ଯ୍ୟପୂର୍ଣ୍ଣ । ନିମ୍ନଲିଖିତ ପରିସଂଖ୍ୟାନରୁ ତାହା ସୁସ୍ପଷ୍ଟ ହେବ । ଛୋଟ କୃଷୀର ଉନ୍ନୟନରେ ହିଁ ସମାଜବାଦର ଲକ୍ଷ୍ୟ ନିହିତ ।

କଟକ ୧୨୮·୪୦ ଲକ୍ଷ, ଗଞ୍ଜାମ ୩୨୭·୧୨ ଲକ୍ଷ, ଢେଙ୍କାନାଳ ୩୫୬·୭୫ ଲକ୍ଷ କେନ୍ଦୁଝର ୧୦୦ ଲକ୍ଷ, ବଲାଙ୍ଗିର ୩୫୦·୬୮ ଲକ୍ଷ ।

## ବାଣିଜ୍ୟ ସମିତି

ଗ୍ରାମ୍ୟଋଣ ତଦନ୍ତ କମିଟି କହିଥିଲେ ଯେ କେବଳ ଋଣ ଦେଲେତ କୃଷୀର ସମସ୍ତ ସମସ୍ୟାର ସମାଧାନ ହୁଏନାହିଁ । ଏହାଦ୍ୱାରା କୃଷୀ ଉତ୍ପାଦନ ବୃଦ୍ଧି କରେ ସତ କିନ୍ତୁ ତାର ଉତ୍ପାଦିତ ଫସଲ ଉଚିତ ମୂଲ୍ୟ ନ ପାଇଲେ ତାର ଅବସ୍ଥାର ବିକାଶ ହୁଏ ନାହିଁ ତେଣୁ ଆଜି ଆମେ ଦେଖିବାକୁ ପାଉଛେ କୃଷୀର ସଙ୍ଗଠିତ ବାଣିଜ୍ୟ ସମିତି । ରାଜା, ଜମିଦାର ପରେ ମଧ୍ୟ ବେପାରୀ ଗୋଷ୍ଠୀ ଆଜି ଗାଁ ଗହଳରେ ପରିସ୍ଥିତିର ସୁଯୋଗ ନେଇ ସାଜିଛନ୍ତି ସମାଜ-ପତି, ରାଜନୈତିକ ଧ୍ୱଜାଧାରୀ ମୁକୁଟବିହୀନ ମହାରାଜା । ସମବାୟ କ୍ଷେତ୍ରମଧ୍ୟ ଆଗେଇ ଆସିଛି ପଞ୍ଚାବନଟି ଆଞ୍ଚଳିକ ବାଣିଜ୍ୟ ସମିତି ଜରିଆରେ । କୃଷୀର ଉତ୍ପାଦିତ ଫସଲ ବିକ୍ରୟ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ତାର ଦରକାରୀ ସାର, ବିହନ ଇତ୍ୟାଦି ମଧ୍ୟ ଗ୍ରାମ ସମିତି ଜରିଆରେ ଯୋଗାଉଛନ୍ତି । ଏଥି ମଧ୍ୟରୁ ୪୬ ଟି ସମିତି ସ୍ତରରେ ଗୁଦାମ ଘରମାନ ପ୍ରତିଷ୍ଠା କରାଯାଇ କୃଷୀକୁ ଅଧିକ ଆୟ ଦେବାର ବ୍ୟବସ୍ଥା କରା ଯାଉଛି । ୧୯୭୦-୭୧ ସୁଦ୍ଧା ୧୫ ଟି ଗୁଦାମ ଘର ପ୍ରତିଷ୍ଠିତ ହୋଇଛି ଓ ୩୧ ଟି ଗୁଦାମଘର ପ୍ରସ୍ତୁତି ପଥରେ ଆଗେଇ ଆସୁଛନ୍ତି । ଏହା ବାହାରେ ଆଳୁ କୃଷୀଙ୍କର ସୁବିଧା ପାଇଁ ୧୦ ଟି ଶୀତଳ ଭଣ୍ଡାର କାର୍ଯ୍ୟ କରୁଛନ୍ତି । ଆଉ ପାଞ୍ଚ, ଦଶବର୍ଷ ପରେ ଏହି ସବୁ ଘର ଗୁଡ଼ିକ କାର୍ଯ୍ୟ କରିବା ପରେ ହୁଏତ ଓଡ଼ିଶାର ଗାଁ ଗହଳରେ କୃଷୀ ପୁଣି ଏହାର ସୁଯୋଗ ନେଇ ନିଜର ଅର୍ଥନୈତିକ ସ୍ୱଚ୍ଛଳତା ଆଣି ପାରିବେ ବୋଲି ଆଶା କରାଯାଇ ପାରେ ।

## ସମବାୟ ଭଣ୍ଡାର

ଆସିବାଠାରେ କାର୍ଯ୍ୟ କରୁଥିବା ସମବାୟ ବିନିମୟ ଆଜି ଆମ ରାଜ୍ୟରେ ସମବାୟ ଜଣ କହିପାରେ, ତାର ଗୋଟିଏ ନମୁନା ମାତ୍ର । ଆଉ କିଛି ଦିନ ପରେ ଏହିପରି ସମବାୟ ବିନିମୟ ଆସିବା ଗାଁ ହୁଏତ ଲାଗି ରହିବ । ବିଶ୍ୱାସ ନ ହେଲେବି ସତରେ ମହାରାଷ୍ଟ୍ରର ସମବାୟ ବିନିମୟ କଲ୍ୟାଣରୁ ପାଞ୍ଚ

ଆଗେଇ ଆସିବା ଦରକାର । ବିଲାତ ଦେଶର ୨୮ ଜଣ ତନ୍ତୀପୁଏ ନିଜର ଅଭାବ ମେଣ୍ଟାଇବାକୁ ଯାଇ ପ୍ରଥମେ ଏହି ଆନ୍ଦୋଳନର ଶୁଭ ଦେଇଥିଲେ କେତେଦିନ ତଳେ । ଆଜି ଏଯୁଗରେ ଆମେ ସବୁ ଜାଣିଶୁଣି ଭଗବାନ ଭାଗ୍ୟହୀନଙ୍କୁ ଧନ ଦେବା ବେଳେ ସେ ଜାଣିଶୁଣି ଅନ୍ଧ ସୁଲିବା ପରି ଧନକୁ ପାଦତଳେ ଅଡେଇ ଦେଇ ଯିବା ପରି ଆମେ ଏହି ସମିତିକୁ ଅବହେଳିତ ଅବସ୍ଥାରେ ଛାଡ଼ିଦେବା ମାନେ ଆତ୍ମଘାତୀ ହେବା ସଙ୍ଗେ ସମାନ । ବେଶି ବାଟ ନ ଯାଇ ଆମରି ପଡ଼ୋଶୀ ରାଜ୍ୟ ମହାରାଷ୍ଟ୍ର, ଗୁଜୁରାଟ ଓ ତାମିଲନାଡ଼ୁ ସ୍ୱଶାପୁଏ ଆଜି ଏ କ୍ଷେତ୍ରରେ ଯେତିକି ଆଗେଇ ଗଲେଣି ତାକୁ ଦେଖିଲେ ଓଡ଼ିଆ ପୁଏ ସେ କାହିଁକି ପଛେଇବେ ତାର କାରଣ ନାହିଁ । ଦେଖା ଶିଖା ଓଡ଼ିଶା ତା ପରମ୍ପର ଶିଶିରସିକ୍ତ ପଦରଝରା ବାଗିଚାରୁ ରାତି ପାହି ଆସୁଛି । ଆଗରେ ଫଗୁନ ଫଗୁଣର ବସନ୍ତ ଆଗମନର ଶୁଭ ସୂଚନାର ଶଂଖ ନେଇ ସମବାୟ ଦଣ୍ଡାୟମାନ । ଆସନ୍ତୁ ଏହି ସ୍ୱାଧୀନତା ଦାସରେ ଆମେ ତା'ର ଶୁଭ ବନ୍ଦନା କରିବା ।

ଜୟତୁ ସମବାୟ

## ବଙ୍ଗଳାଦେଶ ଶରଣାର୍ଥୀଙ୍କ ନିମନ୍ତେ ରକ୍ତଦାନ

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିବେଦନ

ବଙ୍ଗଳା ଦେଶରୁ ଆସିଥିବା ଶରଣାର୍ଥୀମାନଙ୍କ ପାଇଁ, ରକ୍ତଦାନ କରିବା ନିମନ୍ତେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ ରାଜ୍ୟର ସମସ୍ତ ସୁସ୍ଥ ସବଳ ବ୍ୟକ୍ତିମାନଙ୍କୁ ନିବେଦନ କରିଛନ୍ତି ।

ଶ୍ରୀ ପଟ୍ଟନାୟକ ଓଡ଼ିଶା ରେଡ୍‌କ୍ରସ କାର୍ଯ୍ୟକାରୀ କମିଟିର ସଭାପତି ମଧ୍ୟ ଅଟନ୍ତି । ସେ ତାଙ୍କର ନିବେଦନରେ କହିଛନ୍ତି :

"ବଙ୍ଗଳା ଦେଶର ଶରଣାର୍ଥୀମାନଙ୍କ ପାଇଁ, ସବୁମତେ ସାହାଯ୍ୟ କରିବା ପାଇଁ, ବିଶେଷ କରି ନଗଦ ଟଙ୍କା ଓ ରକ୍ତଦାନ କରିବା ନିମନ୍ତେ ଭାରତୀୟ ରେଡ୍‌କ୍ରସ ସୋସାଇଟି ନିବେଦନ କରିଛନ୍ତି । ଭାରତୀୟ ରେଡ୍‌କ୍ରସ ସୋସାଇଟିର ଓଡ଼ିଶା ରାଜ୍ୟ ଶାଖାର କାର୍ଯ୍ୟକାରୀ କମିଟି ତାଙ୍କର ଗତ ମଇ ୧୦ ତାରିଖର ବୈଠକରେ କଟକସ୍ଥିତ କେନ୍ଦ୍ରୀୟ ରକ୍ତ ଭଣ୍ଡାରରୁ ୧୦୦ ବୋତଲ (ପ୍ରତ୍ୟେକ ୨୫୦ ମିଲି ଲିଟର) ରକ୍ତ ଦାନ କରିବାକୁ ନିଷ୍ପତ୍ତି କରିଛନ୍ତି । ଏହି ନିଷ୍ପତ୍ତି ଭାରତୀୟ ରେଡ୍‌କ୍ରସ ସୋସାଇଟିର ସେକ୍ରେଟାରୀ-ଜେନେରାଲଙ୍କୁ ଜଣାଇ ଦିଆଯାଇଛି ଓ ବଙ୍ଗଳାଦେଶ ଶରଣାର୍ଥୀଙ୍କ ବ୍ୟବହାର ନିମନ୍ତେ ଏହି ରକ୍ତ କାହା ପାଖକୁ ପଠାଯିବ, ସେ ସମ୍ପର୍କରେ ଆବଶ୍ୟକୀୟ ପରାମର୍ଶ ଦେବା ପାଇଁ ଅନୁରୋଧ କରାଯାଇଛି । ବଙ୍ଗଳା ଦେଶ ଶରଣାର୍ଥୀଙ୍କ ପାଇଁ ସ୍ୱେଚ୍ଛାରେ ରକ୍ତଦାନ କରିବାକୁ ଇଚ୍ଛୁକ ଲୋକମାନଙ୍କର ତାଲିକା ପ୍ରସ୍ତୁତ କରିବା ନିମନ୍ତେ ବ୍ୟାପିଟାଲ ରେଡ୍‌କ୍ରସ ଶାଖା ସମେତ ରାଜ୍ୟର ସମସ୍ତ ଜିଲ୍ଲା ରେଡ୍‌କ୍ରସ ଓ ରକ୍ତ ଭଣ୍ଡାରଗୁଡ଼ିକୁ ଅନୁରୋଧ କରାଯାଇଛି ।

"ତେଣୁ, ମୁଁ ନିବେଦନ କରୁଛି ଯେ ୨୦ରୁ ୫୦ବର୍ଷ ବୟସ ସମସ୍ତ ସୁସ୍ଥ ସବଳ ଲୋକ ସ୍ୱେଚ୍ଛାରେ ରକ୍ତଦାନ କରିବା ନିମନ୍ତେ ତାଲିକାଭୁକ୍ତ ହୁଅନ୍ତୁ, ଯାହା ଫଳରେ କି ଆବଶ୍ୟକ ପଡ଼ିବାମାତ୍ରେ ବଙ୍ଗଳା ଦେଶର ଦୁର୍ଦ୍ଦଶାଗ୍ରସ୍ତ ଓ ବିପନ୍ନ ମୁକ୍ତି ସଂଗ୍ରାମୀଙ୍କ ପାଇଁ ନିକଟସ୍ଥ ରକ୍ତ ଭଣ୍ଡାରରେ ରକ୍ତଦାନ କରିବା ନିମନ୍ତେ ସେମାନଙ୍କୁ ଅନୁରୋଧ କରାଯିବ ।"

...କ ଖୋଲା ଆଉ ଛୋଡ଼ା । ଏଥିପାଇଁ ସମବାୟ ଚୋବିଅଛିଛି ମାନଙ୍କୁ ତାର ଗୃହ ନିର୍ମାଣ ସମବାୟ ସମିତି କରିଥାରେ । ୧୯୬୯–୭୦ ବର୍ଷ ଶେଷ ସୁଦ୍ଧା ୪୭୭ ଗୃହନିର୍ମାଣ ସମିତି ୨୨ ହଜାର ସଭ୍ୟଙ୍କ ପାଇଁ ନିଜର ଗୃହତୋଳିବାକୁ ଅର୍ଥ ଓ ଜମି ଯୋଗାଇ ଦେଉଛି ।

## ମତ୍ସ୍ୟବ୍ୟବସାୟ ସମିତି

୧୯୫୪ ମସିହାରେ ସମବାୟ ମତ୍ସ୍ୟଚାଷ ଯୋଜନା ମତ୍ସ୍ୟ ବିଭାଗରୁ ସମବାୟ ବିଭାଗକୁ ହସ୍ତାନ୍ତର ହୋଇ ଆସିଥିଲା । ଏଦିଗରେ ବିଶେଷ କିଛି ହୋଇ ପାରିନାହିଁ ସତ, ଓଡ଼ିଶାର ମତ୍ସ୍ୟ ସମ୍ପଦ ଏବେ ମଧ୍ୟ ଅବହେଳିତ ରହିଛି ସତ, ତେବେ ରାଧାନାଥ ବର୍ଣ୍ଣିତ "ମୀନ ଆକର୍ଷଣ ଆଶେ ପୋତ ମାନ, ଜାଲଶୀରେ ଜାଳିଦେଲେଣି ମଶାଲ" ଦୃଶ୍ୟ ଆଉ ଚିଲିକାରେ ଦେଖିବାକୁ ମିଳେନା । ଚିଲିକା ସୁବିପୁଳ ନୀଳ ଜଳରାଶି ଉପରେ ଆଜି ମତ୍ସ୍ୟଜୀବୀ ମହାନନ୍ଦରେ ଗଳାଶିତ ଗଲାକଥାରେ ସଙ୍ଗୀତ ଗାଇ ବୃନ୍ଦ ବହିଆସୁଥିବା ଚିଲିକା ମରୁତ ଉପଭୋଗ କରି ତାର ସମିତି ଯୋଗାଇଥିବା ଡଙ୍ଗାରେ ନାଇଲନ ନେଟରେ ମାଛଧରି କଲିକତାର ଗଳିକନ୍ଦିରେ ବାଗଦା ଚିଙ୍ଗୁଡ଼ି ବଜାର ମହକ ସୃଷ୍ଟି କରି ପାରିଛି । ଗୋଦାବରୀଶ ବାବୁଙ୍କ ବର୍ଣ୍ଣିତ "କାଳିଜାଇ" ପରି ବାଣପୁର ହାଟକୁ ପାରିହୁଦ ଗଡ଼କୁ ବୋହୂ ହୋଇ ଯିବାବେଳେ 'ନା' ରେ ବସିବାକୁ ଆଉ ଡର ମାଡୁ ନାହିଁ ବା ଥିରି ଥିରି ବୋହିବା ପ୍ରଶ୍ନ ଉଠୁନାହିଁ ସେଠି ଆଜି ଜୀବନ ହୋଇ ଉଠିଛି ଚଳ ଚଞ୍ଚଳ, କ୍ଷିପ୍ର ଅଭ ସୁନ୍ଦର । ୧୯୬୯–୭୦ ବର୍ଷ ଶେଷରେ ୧୫୨ଟି ମତ୍ସ୍ୟଜୀବୀ ସମିତି ୧୮ ହଜାର ସଭ୍ୟଙ୍କର ୧୩'୬୭ ଲକ୍ଷ ଟଙ୍କା ମୂଲ୍ୟର ବ୍ୟବସାୟ କରି ପାରିଛି ।

## ତନ୍ତୁବାୟ ସମିତି

ଓଡ଼ିଶାର ତନ୍ତଲୁଗା ବିଦେଶରେ ମଧ୍ୟ ନାଁ କରିପାରିଛି । ଇଂରେଜ ସରକାର ମାଞ୍ଚେଷ୍ଟରର ବୟନ ଶିଳ୍ପର ସୁରକ୍ଷା ପାଇଁ ଏ ଦେଶରେ, ତନ୍ତୀ ବାପୁଡ଼ାର ବୁଢ଼ା ଆଙ୍ଗୁଳି କାଟିବା କଥା କିଏ ନ ଜାଣେ ? ଏକ ସଂପୂର୍ଣ୍ଣ ମୃତ ଶିଳ୍ପକୁ ପୁନର୍ଜୀବିତ କରିପାରିଛି ତନ୍ତୀପୁଅର ସମିତି । ବଡ଼ବାଗୀ କନ୍ଥା, ରଗଡ଼ି ଶାଢ଼ୀ, ସମ୍ବଲପୁରୀ ଶାଢ଼ୀ ଆଜି ହୋଇଛି ସବୁ ଗୃହିଣୀର ଲାଳସାର ବସ୍ତୁ । ଯେବେ ଟେରିଲିନ, ଟେରିକଟ୍ ହେଲେ ମଧ୍ୟ ସବର ଚାହିଦା କ୍ଷଣସ୍ଥାୟୀ କିନ୍ତୁ ହସ୍ତତନ୍ତ ପ୍ରସ୍ତୁତ ବସ୍ତ୍ରର ଚାହିଦା ଆଜି ସମବାୟ ବଜାରରେ ହିଁ ମିଲ ଲୁଗା ସହିତ ଅଣ୍ଟାଭିଡ଼ି ବଜାରରେ ଛିଡ଼ା ହୋଇ ପାରିଛି । ୧୯୬୯–୭୦ ସୁଦ୍ଧା ୪୦୩ ତନ୍ତୁବାୟ ସମିତି ୪୮ ହଜାର ସଭ୍ୟଙ୍କ ପାଇଁ ଲୁଗା ବିକ୍ରୟର ଦାୟିତ୍ୱ ନେଇପାରିଛି । ଏହିତ ରାତି ପାହିନାହିଁ, ସେହିଦିନ ବରଗଡ଼ଠାରେ ଓଡ଼ିଶାର ତନ୍ତୀପୁଅର ସ୍ୱପ୍ନ ସଫଳକରି ସମବାୟ ସୂତାକଳ ଓଡ଼ିଶାର ଶିଳ୍ପମନ୍ତ୍ରୀ ଉଦଘାଟନ କଲେ । ଆଉ କେତେଟାଦିନ ପରେ ଆମ ରାଜ୍ୟରେ ତନ୍ତୀପୁଅଙ୍କର ସୂତାର ଅଭାବ ପ୍ରଶ୍ନ ବହୁ ପରିମାଣରେ ହ୍ରାସ ପାଇଯିବ ବୋଲି ଆଶା କରିବାର କଥା ।

## ଶିଳ୍ପ ସମିତି

ଗାଁ ସହରରେ ଛୋଟ ଛୋଟ କାରିଗର ଓ ଶିଳ୍ପୀମାନଙ୍କୁ କାର୍ଯ୍ୟ ଯୋଗାଣ ପାଇଁ ଶିଳ୍ପ ବିଭାଗ ପରିଚାଳନାରେ ବହୁସମିତି କାର୍ଯ୍ୟ କରୁଅଛି ।

## ଅନ୍ୟାନ୍ୟ ସମିତି

ଏସବୁ ସମିତି ବାହାରେ ଆହୁରି ବହୁ କିସମର ଛୋଟବଡ଼ ସମିତି ଯଥା, ସିନେମା ସମିତି, ଦୁଗ୍ଧ ଯୋଗାଣ ସମିତି, କୁକୁଡ଼ା ଚାଷ ସମିତି, ରିକ୍ସା ଚାଳକ ସମିତି, ଟ୍ରାନ୍ସପୋର୍ଟ ସମିତି, ସାବୁନ, ଲଣ୍ଡ୍ରି ଗଳି ସମିତି ଏରାଜ୍ୟରେ ସଭ୍ୟମାନଙ୍କର ଗୁଜୁରାଣ ମେଣ୍ଟାଇବାରେ ସାହାଯ୍ୟ କରୁଛନ୍ତି । ସମବାୟ ପାଇଁ ବହୁମଣ୍ଡୀ । ରାଜ୍ୟ ସମବାୟ ସଂଘ ମଧ୍ୟ ଏ ଦିଗରେ ବଳିଷ୍ଠ ପଦକ୍ଷେପ ନେବାକୁ ଆଗେଇ ଆସି ଗୋଟିଏ କଲେଜ, ଦୁଇଟି ସ୍କୁଲ, ୧୩ ଟି ପ୍ରଚାରକ ୟୁନିଟ ଜରିଆରେ ୧୧୩,୬୮୮ ଲୋକଙ୍କୁ ସମବାୟର ବିଭିନ୍ନ କ୍ଷେତ୍ରରେ ତାଲିମ ଦେଇ ପାରିଛି ।

## ସମବାୟ ଆଇନର ପରିବର୍ତ୍ତନ ଓ ସରକାରୀ ସାହାଯ୍ୟ

ଗତବର୍ଷ ସମବାୟ ଆଇନର ବ୍ୟାପକ ପରିବର୍ତ୍ତନ କରାଯାଇ ଋଣ ମିଳିବାର ନୀତି ନିୟମ କୋହଳ କରାଯିବା ସଙ୍ଗେ ସଙ୍ଗେ ସମବାୟ କ୍ଷେତ୍ରରେ ସଭ୍ୟମାନଙ୍କୁ ଅଧିକ ସୁବିଧା ଦେବାରେ ସୁଯୋଗ ସୃଷ୍ଟି କରାଯାଉଛି । ପୁଣି ଆଇନରେ ପରିବର୍ତ୍ତନ ପାଇଁ ମଧ୍ୟ ଚିନ୍ତା କରାଯାଉଛି । ରିଜର୍ଭବ୍ୟାଙ୍କ ପ୍ରତିବର୍ଷ ପ୍ରାୟ ୭'୨୨ କୋଟି ଟଙ୍କା ଋଣ ଦେଉଛନ୍ତି । କେନ୍ଦ୍ର ତଥା ରାଜ୍ୟସରକାର ମଧ୍ୟ ଏହି ଆନ୍ଦୋଳନକୁ ଗତବର୍ଷ ୨୭ ଲକ୍ଷ ଟଙ୍କା ସାହାଯ୍ୟ ଦେଇଛନ୍ତି । ସବୁ ହେଉଛି ସତ, ହେଲେ ଆସଲ କଥାଟି ହେଲା ସମିତି ସଭ୍ୟର ଦାୟିତ୍ୱ । ସେ ବୁଝିବା ଦରକାର ଯେ ଏ ସମିତି ତାର ଆପଣାର ଲାଭ ହେଲେ ତାର କ୍ଷତିବି ହେଲେ ତାର । ଏଥିରେ ସରକାର ବା ସରକାରୀ କର୍ମଚାରୀ କେବଳ ପଥପ୍ରଦର୍ଶକ ବା ଉପଦେଶ ଦେବାବାଲା । ନିଜର ଦାୟିତ୍ୱ ନିଜେ ବହନ କରିବାକୁ ସେମାନେ

ଜନସ୍ୱାସ୍ଥ୍ୟ ଓତଃପ୍ରୋତ ଭାବରେ ଜଡ଼ିତହୋଇ ଥିବାରୁ ସମାଜ ବା ସରକାର ଏଦିଗରେ ଅଧିକ ସଚ୍ଚେତନ ହେବା ଉଚିତ । ବିଶିଷ୍ଟ ଅର୍ଥନୀତିଜ୍ଞ ଷ୍ଟର୍ଜସ୍ କାଇମେନ୍ ବକୁବର୍ଣ୍ଣ ତଳେ ଯଥାର୍ଥରେ କହିଥିଲେ "ଜନସ୍ୱାସ୍ଥ୍ୟ ଦିଗରେ ହେଉଥିବା ଖର୍ଚ୍ଚ ହିଁ ପ୍ରକୃତ ସମ୍ପଦ ସୃଷ୍ଟିର ହେତୁ, କାରଣ ଏହା ମନୁଷ୍ୟ ରୂପକ ମୂଳଧନକୁ ଭଲ ଭାବରେ ରକ୍ଷା କରିପାରେ"। ମନୁଷ୍ୟ ହିଁ ଆର୍ଥିକ ଉନ୍ନତି ବା ସମ୍ପଦ ସମୃଦ୍ଧିର ସହାୟକ ଓ ନିୟାମକ ।

ସମଗ୍ର ମାନବ ସମାଜର ସ୍ୱାସ୍ଥ୍ୟରକ୍ଷା ଯେତେ ଅର୍ଥନୀତିର କଥା ନୁହେଁ, ସେତେ ନୈତିକ ବିଷୟ । ଯେତେବେଳେ ବିଳାସବ୍ୟସନରେ ମଣି ରହିଥିଲେ ସେତେବେଳେ ଖାଦ୍ୟ ଓ ଚିକିତ୍ସା ଅଭାବରୁ ପୃଥିବୀର ହଜାର ହଜାର ଲୋକ ଏବେବି ମୃତ୍ୟୁ ବରଣ କରୁଛନ୍ତି । ଜାତିସଂଘ ର ଖାଦ୍ୟ ଓ କୃଷି ସଙ୍ଗଠନ (F.A.O.) ଙ୍କ ମତରେ ଅନୁନ୍ନତ ଓ ଉନ୍ନତିଶୀଳ ଦେଶଗୁଡ଼ିକରେ ଶତକଡ଼ା ୮୦ ଭାଗ ଲୋକ ଉପଯୁକ୍ତ ସାରବାନ୍ ଖାଦ୍ୟ ପାଇପାରୁ ନାହାନ୍ତି । ଏଥିଯୋଗୁଁ ଆମ ଭାରତରେ ସେମାନଙ୍କ ମଧ୍ୟରୁ ଶତକଡ଼ା ୬୦ ଭାଗ ସ୍ଥାୟୀ ଭାବରେ ରକ୍ତହୀନତା ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଅନୁନ୍ନତ ଦେଶମାନଙ୍କରେ ଶିଶୁ ମୃତ୍ୟୁ ଏତେ ଅଧିକ ଯେ ୭/୮ଟି ପିଲାଙ୍କ ମଧ୍ୟରୁ ମାତ୍ର ୩/୪ଟି ବଡ଼ହେବାକୁ ବଞ୍ଚିରହନ୍ତି । ଲୋକସଂଖ୍ୟା ବୃଦ୍ଧି ପୁଣି ଗୋଡ଼ ଉପରେ ନଳିତାବିଡ଼ା ପରି ହୋଇଛି । ପୃଥିବୀରେ ଘଣ୍ଟାକୁ ଆଠହଜାରରୁ ଅଧିକ ପିଲା ଜନ୍ମଲାଭ କରୁଛନ୍ତି । "ଲଙ୍ଗା ଘରେ ବିଭିନ୍ନ ଭୁଣିଆଁ" ଭଳିପରି ଗରିବ ଦେଶରେ ବେଶୀ ପିଲାଙ୍କର ଜନ୍ମ । ସେଥିଯୋଗୁଁ ଯେତେବେଳେ ୟୁରୋପରେ ୧୫ ବର୍ଷରୁ କମ୍ ପିଲାଙ୍କ ସଂଖ୍ୟା ସେଠା ଲୋକ ସଂଖ୍ୟାର କେବଳ ଶତକଡ଼ା ୨୫, ଏସିଆରେ ଏହା ଶତକଡ଼ା ୪୦ ଆଉ ଆଫ୍ରିକାରେ ପୁଣି ୪୩ । ପିଲାମାନେ ଖାଦ୍ୟାଭାବର ବେଶି ଶିକାର । ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଅନୁନ୍ନତ ଦେଶରେ ମୃତ୍ୟୁ ସଂଖ୍ୟା ମଧ୍ୟରୁ ପ୍ରାୟ ଅଧେ ୬ ବର୍ଷରୁ କମ୍ ପିଲାଙ୍କର । ପ୍ରତି ଏକହଜାର ପିଲାଙ୍କ ମଧ୍ୟରୁ ଯୁକ୍ତରାଷ୍ଟ୍ର ଆମେରିକାରେ ୨୩ ଜଣ ମରୁଥିବା ବେଳେ, ଏସବୁ ଅନୁନ୍ନତ ଦେଶରେ ୨୪୦ ଜଣ ପିଲା ମୃତ୍ୟୁ ମୁଖରେ ପଡ଼ୁଛନ୍ତି । ନାନା ପ୍ରକାର ରୋଗ ଓ ଖାଦ୍ୟାଭାବ ଏହାର ମୁଖ୍ୟ କାରଣ । ଉପଯୁକ୍ତ ଖାଦ୍ୟର ଅଭାବରୁ ଶତକଡ଼ା ୬୦/୭୦ ପିଲା ନାନା ପ୍ରକାର ରୋଗରେ ଆକ୍ରାନ୍ତ ହୁଅନ୍ତି ଏବଂ ସେଥିରୁ ୩୦/୪୦ ଜଣଙ୍କର ଅକାଳମୃତ୍ୟୁ ଘଟେ ।

ଉପଯୁକ୍ତ ଖାଦ୍ୟାଭାବରୁ କେବଳ ଯେ ଏତେ ତରୁଣ ତରୁଣୀ ଅକାଳ ମୃତ୍ୟୁ ମୁଖରେ ପଡ଼ନ୍ତି ତାହା ନୁହେଁ, ବୟସ୍କମାନଙ୍କର କାର୍ଯ୍ୟ ଦକ୍ଷତା ମଧ୍ୟ କମିଯାଏ । ପରୀକ୍ଷା କରି ଦେଖାଯାଇଛି ଯେ ଭଲ ଖାଦ୍ୟ ପାଉଥିବା ଶ୍ରମିକ ଉପଯୁକ୍ତ ଖାଦ୍ୟ ନ ପାଉଥିବା ଶ୍ରମିକ ଠାରୁ ୫ଗୁଣ ଅଧିକ ଉତ୍ପାଦନ କରିପାରେ । ଜାତିସଂଘର ଖାଦ୍ୟ ଓ [illegible] ସଙ୍ଗଠନର ଡ଼ିରେକ୍ଟର ଜେନେରାଲ ଡ଼କ୍ଟର ବି. ଆର. ସେନ୍ କହିଛନ୍ତି ଯେ ଅଧିକାଂଶ କ୍ଷେତ୍ରରେ ଉନ୍ନତିଶୀଳ ଦେଶଗୁଡ଼ିକର ଖାଦ୍ୟାଭାବଗ୍ରସ୍ତ ଶ୍ରମିକମାନେ ଯଥାସମ୍ଭବ ସେମାନଙ୍କ ଦୁର୍ବଳ ଦେହରେ ଖଟନ୍ତି ଏବଂ କଠିନ ପରିଶ୍ରମ କରନ୍ତି । ମାତ୍ର ସେମାନଙ୍କର କାର୍ଯ୍ୟଦକ୍ଷତା କମିଯିବା ସ୍ୱାଭାବିକ । ୟୁରୋପର ଜଣେ ଆଠ ବର୍ଷର ପିଲାର ଦେହ ଯେତିକି ବଢ଼ିଥାଏ, ଅନୁନ୍ନତ ଦେଶର ବାରବର୍ଷ ପିଲାର ଦେହ ସେତିକି ବଢ଼ିଥାଏ । ଜଣେ ଭାରତୀୟ ସୁନାମ ଖାଦ୍ୟବିତ୍, ଡ଼କ୍ଟର ସି. ଗୋପାଳନଙ୍କ ମତରେ ଆମର ଶତକଡ଼ା ୮୦ ପିଲା ସାରବାନ୍ ଖାଦ୍ୟ ନପାଇ ଦୁର୍ବଳ ହୋଇଥାନ୍ତି ।

ବୈଜ୍ଞାନିକମାନେ କହନ୍ତି ମନୁଷ୍ୟ ମସ୍ତିଷ୍କର ପ୍ରାୟ ଶତକଡ଼ା ୯୦ ଭାଗ ଜୀବନର ପ୍ରଥମ ଚାରିବର୍ଷ ମଧ୍ୟରେ ଗଠିତ ହୋଇଥାଏ ଏବଂ ସାରବାନ୍ ଖାଦ୍ୟ ଅଭାବରୁ ପ୍ରାୟ ୨୫ଭାଗ ପର୍ଯ୍ୟନ୍ତ ମାନସିକ ଶକ୍ତି ବାଧାପ୍ରାପ୍ତ ହୁଏ । ଏହି ଅଳ୍ପ ବୁଦ୍ଧି ସମ୍ପନ୍ନ ପିଲାମାନେ ବଡ଼ହେଲେ ବିଶେଷ କିଛି ଭଲକାମ କରିପାରନ୍ତି ନାହିଁ ଏବଂ ଅନୁନ୍ନତ ସାମାଜିକ ଓ ଆର୍ଥିକ ସ୍ଥିତିରେ ଜୀବନଯାପନ କରନ୍ତି । ଯେଉଁ ଶକ୍ତି ସାମର୍ଥ୍ୟ, ଉତ୍ସାହ ଉଦ୍ଦୀପନା, ଅଧ୍ୟୟନ ଦକ୍ଷତା, ଉଦ୍ୟମଶୀଳତା ପ୍ରଭୃତି ମାନସିକ ଶକ୍ତିଗୁଡ଼ିକ ମନୁଷ୍ୟକୁ ଉଚ୍ଚକୋଟୀର ସଭ୍ୟତା ଓ ସଂସ୍କୃତି ଗଠନରେ ସାହାଯ୍ୟ କରେ, ତାର ବିକଟ ଅଭାବ ଘଟେ । ଏହି ଅବସ୍ଥା ପୁଣି ପରମ୍ପରା କ୍ରମେ ଗଡ଼ିଚାଲେ । ବର୍ତ୍ତମାନ ଏସିଆରେ ଅନୁନ୍ନତ ମାନସିକ ଶକ୍ତିସମ୍ପନ୍ନ ପିଲାଙ୍କ ସଂଖ୍ୟା ୩୦ କୋଟି ।

ଆଜିର ଶିଳ୍ପ ବିଜ୍ଞାନଯୁଗରେ ନଗର ସଭ୍ୟତା ଗଢ଼ିଉଠିଛି । ଏହି ନଗର ସଭ୍ୟତାରେ ଜନସ୍ୱାସ୍ଥ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ଦିନକୁଦିନ ସହର ନଗରର ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି । ଏଥିସହିତ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟଗୁଡ଼ିକ ଜଟିଳ ହୋଇଉଠିଛି । ୧୯୪୦ ରୁ ୧୯୬୦ ମଧ୍ୟରେ ବମ୍ବେର ଲୋକସଂଖ୍ୟା ତିନିଗୁଣ ହୋଇଥିଲା ଏବଂ ପେକିଂ ଓ ନୂଆଦିଲ୍ଲୀର ଲୋକସଂଖ୍ୟା ଦୁଇଗୁଣ ହୋଇଥିଲା । ଏହାଫଳରେ ବାସଗୃହ, ପାନୀୟଜଳ, ବାୟୁ, ରାସ୍ତାଘାଟ, ଯାନବାହାନ, ଚିକିତ୍ସା ଇତ୍ୟାଦି ଗୋଟିଏ ଗୋଟିଏ ଜଟିଳ ସମସ୍ୟା ରୂପେ ଦେଖାଦେଲଣି । ଜାତିସଂଘ ଅନୁସନ୍ଧାନରୁ ଜଣାପଡ଼େ ଯେ ଜଳର ଅଭାବ, ନାଳନର୍ଦ୍ଦମାର ଅବ୍ୟବସ୍ଥା, ଅସ୍ୱାସ୍ଥ୍ୟକର ବାସସ୍ଥାନ, ଦୂଷିତବାୟୁ, କଳକାରଖାନା କେବଳ ମନୁଷ୍ୟର ଦୈନନ୍ଦିନ ଜୀବନକୁ କଷ୍ଟାକ୍ରମୟ କରୁନାହିଁ, ତାର ମାନସିକ ଶାନ୍ତି ଓ ସୁଖସ୍ୱାଚ୍ଛନ୍ଦ୍ୟ କ୍ଷେପକରି ତାକୁ ନାନା ବିକାରଗ୍ରସ୍ତ କରିଦେଉଛି । ଅଧିକ



# ଆଧୁନିକ ସମାଜରେ ଜନସ୍ୱାସ୍ଥ୍ୟ

ଅଧ୍ୟାପକ ଜଗନ୍ନାଥ ମହାନ୍ତି

ସ୍ୱାସ୍ଥ୍ୟ ହିଁ ସମ୍ପଦ । ମନୁଷ୍ୟ ଅବଶ୍ୟ ଅର୍ଥ ସାହାଯ୍ୟରେ ଅଜସ୍ର ସମ୍ପଦର ଅଧିକାରୀ ହୋଇପାରେ । ମାତ୍ର ସେ କେବଳ ଅର୍ଥ ବଳରେ ସ୍ୱାସ୍ଥ୍ୟ ପାଇପାରେ ନାହିଁ । ସେ ଖୁବ୍ ଧନୀ ମାନୀ ହୋଇପାରେ, ମାତ୍ର ସ୍ୱାସ୍ଥ୍ୟ ଭଲ ନ ରହିଲେ ସେ ସୁଖୀ ହୋଇପାରେ ନାହିଁ । ତେଣୁ "ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍" ଅର୍ଥାତ୍ ଧର୍ମ ସାଧନା ଠାରୁ ଶରୀର ଚର୍ଯ୍ୟା ପ୍ରଥମ ବୋଲି ଶହ ଶହ ବର୍ଷ ତଳେ ଆମ ଦେଶର ପଣ୍ଡିତମାନେ କହିଯାଇଛନ୍ତି । ପାଶ୍ଚାତ୍ୟ ଦେଶର ବିଦ୍ୱାନଗଣ ସେହିପରି Mens sano in corpore sano ଅର୍ଥାତ୍ ସୁସ୍ଥ ଦେହରେ ହିଁ ସୁସ୍ଥ ମନ ରହିପାରେ ବୋଲି କହିଛନ୍ତି । ଦେହ ଭଲ ନଥିଲେ ଆମ ମନ ଭଲ ରହେନାହିଁ କିମ୍ବା କୌଣସି ଭଲ କାର୍ଯ୍ୟ କରିବାକୁ ଇଚ୍ଛା ହୁଏନାହିଁ । ତେଣୁ ନିଜ ଦେହକୁ ସୁସ୍ଥ ସବଳ ରଖିବା ପ୍ରତ୍ୟେକଙ୍କର ପ୍ରଧାନ କର୍ତ୍ତବ୍ୟ ।

ମାତ୍ର ନିଜ ଦେହକୁ ଖାଲି ସୁସ୍ଥ ରଖିବାକୁ ଚାହିଁଲେ ବା ସ୍ୱାସ୍ଥ୍ୟ ରକ୍ଷାର ସମସ୍ତ ନିୟମ ମାନି ଚଳିଲେ କେହି ସୁସ୍ଥ ରହିପାରିବ ନାହିଁ । କାରଣ ମନୁଷ୍ୟ ତାର ସମାଜ ଆଉ ତାର ପରିବେଷ୍ଟନୀ ଠାରୁ ବିଚ୍ଛିନ୍ନ ହୋଇ ରହିପାରିବ ନାହିଁ । ସମୂହଭାବରେ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଚେଷ୍ଟା କରିବା ଦରକାର ଏବଂ ସାମାଜିକ ପରିବେଷ୍ଟନୀକୁ ସ୍ୱାସ୍ଥ୍ୟାନୁକୂଳ କରିବା ଉଚିତ । ଯିପରି ଖାଦ୍ୟ ସୁଷମ ଓ ଶୁଦ୍ଧ ହେବ, ପାନୀୟ ଜଳ ନିର୍ମଳ ହେବ, ସମସ୍ତେ ସ୍ୱାସ୍ଥ୍ୟରକ୍ଷାର ନିୟମ ମାନି ଚଳିବେ, ଶିଶୁ, ମାତା, ବୃଦ୍ଧଲୋକମାନଙ୍କର ଯତ୍ନ ନିଆଯିବ, ଔଷଧଗୁଡ଼ିକର ପ୍ରସ୍ତୁତି ଓ ଗୁଣ ରକ୍ଷା ଉପଯୁକ୍ତ ଭାବରେ ହୋଇପାରିବ, ଡାକ୍ତରଖାନାରେ ଉନ୍ନତ ଚିକିତ୍ସା ବ୍ୟବସ୍ଥା ହୋଇପାରିବ, ସଂକ୍ରାମକ ରୋଗଗୁଡ଼ିକର ନିରାକରଣ ପାଇଁ ଦୃଢ଼ ଉଦ୍ୟମ ହୋଇପାରିବ, ସାଧାରଣ ରାସ୍ତା ଘାଟ, ନାଳ ନର୍ଦ୍ଦମା, ପାଇଖାନା ପରିଷ୍କାର ପରିଚ୍ଛନ୍ନ ରଖିବା ସଙ୍ଗେ ସଙ୍ଗେ ସମସ୍ତ ଅଳିଆ ଆବର୍ଜନାକୁ ଉପଯୁକ୍ତ ଭାବରେ ନିଷ୍କାସନ କରାଯିବା ଇତ୍ୟାଦି ଜନ ସ୍ୱାସ୍ଥ୍ୟର ଗୋଟିଏ ଗୋଟିଏ ଅଙ୍ଗ । ଏହିସବୁ କାର୍ଯ୍ୟ କୌଣସି ଜଣକର ଚେଷ୍ଟାରେ ହୋଇପାରିବ ନାହିଁ । ଏଥିପାଇଁ ଜନସାଧାରଣଙ୍କ ଦ୍ୱାରା ସମବେତ ଓ କ୍ରମାଗତ ଉଦ୍ୟମ ହେବା ଦରକାର । କାରଣ ଏଗୁଡ଼ିକ ବ୍ୟତୀତ କାହାର ସ୍ୱାସ୍ଥ୍ୟ ନିରାପଦ ନୁହେଁ । ଜନସ୍ୱାସ୍ଥ୍ୟ ଯଥାର୍ଥରେ ଜନତାର ସ୍ୱାସ୍ଥ୍ୟ । ଏକ ଗୋଷ୍ଠୀଗତ ସମସ୍ୟା ।

ଜୀବନକୁ ସୁଖମୟ କରିବା ପାଇଁ ସ୍ୱାସ୍ଥ୍ୟର ଆବଶ୍ୟକତା କାହାକୁ ବୁଝାଇବାକୁ ପଡ଼ିବନାହିଁ । ମାତ୍ର ସ୍ୱାସ୍ଥ୍ୟ ଯେ ଦେଶ ଉନ୍ନତିର ଏକ ପ୍ରଥମ ସୋପାନ ଏଥିରେ ସନ୍ଦେହ ନାହିଁ । ଇଂଲଣ୍ଡର ଜଣେ ବିଖ୍ୟାତ ସ୍ୱାସ୍ଥ୍ୟ ବିଶେଷଜ୍ଞ ସାର ଏଡ୍‌ଉଇନ୍ ଚାଡ୍‌ଉଇକ୍ ପରିଷ୍କାର ଦେଖାଇ ଦେଇଛନ୍ତି ଯେ, ଦାରିଦ୍ର୍ୟ ଓ ରୋଗ ପରସ୍ପର ସମ୍ବନ୍ଧଶୀଳ ବିଷଚକ୍ର ପରି । ସେ କହିଛନ୍ତି ଯେ ଦାରିଦ୍ର୍ୟରୁ ରୋଗ ଓ ରୋଗରୁ ଦାରିଦ୍ର୍ୟ । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ବିଲାତର ଅଧିକାଂଶ ଲୋକ ଦରିଦ୍ର ଥିବାରୁ ରୋଗରେ ପଡୁଥିଲେ ଏବଂ ସେମାନେ ରୋଗରେ ପଡୁଥିବାରୁ ଦରିଦ୍ର ହୋଇଥିଲେ । ବିଶ୍ୱ ସ୍ୱାସ୍ଥ୍ୟସଙ୍ଘ (W. H. O:) ଙ୍କ ମତରେ କାହାର ରୋଗ ନଥିଲେ ବା ଦୁର୍ବଳତା ନଥିଲେ ତାର ସ୍ୱାସ୍ଥ୍ୟ ଭଲଅଛି ବୋଲି ବୁଝାଯିବ ନାହିଁ" । ଶାରୀରିକ, ମାନସିକ ଓ ସାମାଜିକ ଏହି ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ଭୋଗ କରୁଥିଲେ ହିଁ ଜଣେ ସୁସ୍ଥ ବୋଲି ବୁଝାଯାଇ ପାରେ । ଏହି ଦୃଷ୍ଟିରୁ ବିଚାର କଲେ ମନୁଷ୍ୟର ସର୍ବାଙ୍ଗୀନ ଉନ୍ନତି ମୂଳରେ ତାର ସ୍ୱାସ୍ଥ୍ୟ ନିହିତ । ତେଣୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସହିତ

ରୁଷିଆରେ ପ୍ରତି ୫୮୦ ଲୋକ ସଂଖ୍ୟାରେ ଜଣେ ଡାକ୍ତର, ଯୁକ୍ତରାଷ୍ଟ୍ର ଆମେରିକାରେ ଏକହଜାର ଲୋକ ପାଇଁ ଜଣେ ଡାକ୍ତର ଥିଲାବେଳେ ଭାରତରେ ପ୍ରତି ୫ହଜାର ଲୋକଙ୍କ ପାଇଁ ଜଣେ ଡାକ୍ତର ରହିଛନ୍ତି। ସୁଷମ ଖାଦ୍ୟର ଅଭାବ ଠାରୁ ଆରମ୍ଭ କରି ପାନୀୟ ଜଳ, ବିଶୁଦ୍ଧ ବାୟୁ ପ୍ରଭୃତିର ଅଭାବ କେବଳ ଯେ ଭାରତୀୟମାନଙ୍କ ଶାରୀରିକ ଦୁର୍ବଳତା ଆଣୁଛି ତାହା ନୁହେଁ, ଯକ୍ଷ୍ମା, କୁଷ୍ଠ, ବସନ୍ତ, କ୍ୟାନସର, ବିସୂଚିକା, ମ୍ୟାଲେରିଆ, କାଳଜ୍ୱର ଇତ୍ୟାଦି ବହୁ ରୋଗରେ ହଜାର ହଜାର ଲୋକ ଆକ୍ରାନ୍ତ ହେଉଛନ୍ତି। ଖାଦ୍ୟ ପଦାର୍ଥର ଅପମିଶ୍ରଣ ଏକ ସାମାଜିକ ସମସ୍ୟା ରୂପେ ଠିଆହୋଇଛି। ଭାରତୀୟମାନଙ୍କର କେତେକ ଅସ୍ୱାସ୍ଥ୍ୟକର ଅଭ୍ୟାସ ବହୁ ରୋଗର କାରଣ ହୋଇଛି। ତୃଷାର ସ୍ୱରୂପ, ଏକ ମାରାତ୍ମକ ରୋଗ କ୍ୟାନସର ବା କର୍କଟ ରୋଗ ଭାରତୀୟମାନଙ୍କ ଧୂଆଁପତ୍ର ଓ ପାନଖିଆ ଅଭ୍ୟାସ ଯୋଗୁଁ ପ୍ରତିବର୍ଷ ହଜାର ହଜାର ଲୋକଙ୍କୁ ମୃତ୍ୟୁ ମୁଖକୁ ଠେଲିଦେଉଛି। ଯେତେ ଭାରତୀୟ ପୁରୁଷ କର୍କଟ ରୋଗରେ ଆକ୍ରାନ୍ତ ସେମାନେ ତିନି ଭାଗରୁ ଏକଭାଗ କେବଳ ପାନଖିଆ ଅଭ୍ୟାସ ଯୋଗୁଁ ଭୋଗ କରୁଛନ୍ତି ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ପ୍ରତିବର୍ଷ ଆମ ଦେଶରେ ଏକଲକ୍ଷ ଲୋକରେ ୮୫୦ ଜଣ କର୍କଟ ରୋଗର ଶିକାର ହେଉଛନ୍ତି। ଏହି ଅନୁପାତରେ ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ନବେ ହଜାର ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରାଥମିକ ଅବସ୍ଥାରେ ଚିକିତ୍ସା ହୋଇ ନପାରିଲେ ମୃତ୍ୟୁ ହିଁ ଏହି ରୋଗର ଏକମାତ୍ର ପରିଣତି। ତେଣୁ ଏହା ଜନସ୍ୱାସ୍ଥ୍ୟର ଏକ ବିରାଟ ସମସ୍ୟା ରୂପେ ଦେଖାଦେଇଛି।

ଓଡ଼ିଶାରେ ଲୋକମାନଙ୍କର ଅଜ୍ଞତା, ନିରକ୍ଷରତା, କୁଅଭ୍ୟାସ, ଦାରିଦ୍ର୍ୟ ଓ ଗମନାଗମନର ଅସୁବିଧା ଯୋଗୁଁ ଜନସ୍ୱାସ୍ଥ୍ୟ ଖୁବ୍ ଅନୁନ୍ନତ ଅବସ୍ଥାରେ ରହିଛି। ତେବେ ବିଗତ ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ବିଭିନ୍ନ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇ ଯଥେଷ୍ଟ ସଫଳତା ଲାଭ କରିପାରିଛି। ଫଳରେ କେତେକ ରୋଗ ଯଥା ମେଲେରିଆ ପ୍ରଭୃତି ବହୁ ପରିମାଣରେ ଦୂର କରାଯାଇଛି ଏବଂ ମୃତ୍ୟୁ ହାର ମଧ୍ୟ ହ୍ରାସ ପାଇଛି। ରାଜ୍ୟରେ ଶିକ୍ଷା ଓ ତାଲିମ କାର୍ଯ୍ୟକ୍ରମର ପ୍ରସାର ଫଳରେ ସ୍ୱାସ୍ଥ୍ୟ ସେବା ପାଇଁ ଆବଶ୍ୟକ ପଡ଼ୁଥିବା ତାଲିମପ୍ରାପ୍ତ ବୈଷୟିକ କର୍ମଚାରୀଙ୍କ ଅଭାବ ଦୂର କରାଯାଇଛି। ପ୍ରଥମ ପଞ୍ଚବାର୍ଷିକ ଯୋଜନା ସମୟରେ ସ୍ୱାସ୍ଥ୍ୟ ବାବଦ ମୁଣ୍ଡପିଛା ବ୍ୟୟ ୪୨ ପଇସା ରହିଥିଲାବେଳେ ୧୯୬୯-୭୦ ରେ ଏହାର ପରିମାଣ ଟ ୪.୮୦ କୁ ବୃଦ୍ଧିପ୍ରାପ୍ତ ହୋଇଛି। ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ୱାସ୍ଥ୍ୟ ସର୍ଭେ ଓ ଯୋଜନା କମିଟିର ସୁପାରିଶ୍ କ୍ରମେ ଓଡ଼ିଶାରେ ଜନସ୍ୱାସ୍ଥ୍ୟ ବିଭାଗ ଓ ପରିବାର ନିୟୋଜନ ଶାଖାଗୁଡ଼ିକ ଏକତ୍ରିତ କରାଯାଇଛି। ୧୯୭୦ ମସିହା ମଇ ପହିଲା ତାରିଖ ଠାରୁ ଏହି ଏକତ୍ରୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ପୂର୍ବରୁ ଏସବୁ ଶାଖାଗୁଡ଼ିକ ମଧ୍ୟରେ ସ୍ୱାତନ୍ତ୍ର୍ୟ ରହିଥିବାରୁ ଅନେକ ପ୍ରଶାସନିକ ଅସୁବିଧା ଅନୁଭୂତ ହେଉଥିଲା।

ଏହିସବୁ ସରକାରୀ ବ୍ୟବସ୍ଥା ରୋଗଗୁଡ଼ିକର ପ୍ରାଦୁର୍ଭାବ ଅନୁପାତରେ ଯଥେଷ୍ଟ ନୁହେଁ। ସେଥିପାଇଁ ଲୋକମାନଙ୍କ ମଧ୍ୟରେ ଶିକ୍ଷା ଓ ଜାଗରଣ ଆବଶ୍ୟକ। ରୁଷର ସ୍ୱାସ୍ଥ୍ୟ ମନ୍ତ୍ରୀ ବୋରିସ୍ ପେଟ୍ରୋଭସ୍କି ଯଥାର୍ଥରେ କହିଛନ୍ତି, "ମୁଁ ଦୃଢ଼ ସ୍ୱରରେ କହିବି ଯେ ଯେତେବଡ଼ ବୈଜ୍ଞାନିକ ଉଦ୍ଭାବନ ହେଲେ ମଧ୍ୟ ରୋଗମାନଙ୍କର ପ୍ରତିକାର ଓ ପ୍ରତିଷେଧକ ପାଇଁ ଯେତେ ସରକାରୀ ଉଦ୍ୟମ ହେଲେ ସୁଦ୍ଧା ଏଥିରେ ଜନସାଧାରଣଙ୍କର ସକ୍ରିୟ ଅଂଶ ଗ୍ରହଣ ବ୍ୟତୀତ ଏଗୁଡ଼ିକର ଆଦୌ ଆଶାନୁରୂପ ଫଳ ହେବନାହିଁ"। ଗତବର୍ଷ ଜୁଲାଇ ମାସରେ ଆମର ରାଷ୍ଟ୍ରପତି ଶ୍ରୀଯୁକ୍ତ ଭି. ଭି. ଗିରି ଭୁବନେଶ୍ୱରଠାରେ ଏକ ପୌର ସମ୍ବର୍ଦ୍ଧନାର ଉତ୍ତର ଦେବାକୁ ଯାଇ ଏହି ପ୍ରସଙ୍ଗରେ କହିଥିଲେ, "ପୌର ପରିମଳ ବ୍ୟବସ୍ଥାର ଉନ୍ନତି ଲାଗି ଆପଣ ଯେଉଁ ସରକାରୀ ସାହାଯ୍ୟ ଦାବୀ କରିଛନ୍ତି, ତାହା ସଂପୂର୍ଣ୍ଣ ଯୁକ୍ତିଯୁକ୍ତ। କିନ୍ତୁ ମୋ ଉପଦେଶ ଯଦି ଗ୍ରହଣ କରନ୍ତି ତେବେ ମୁଁ କହିବି ଯେ, ସରକାରୀ ସାହାଯ୍ୟକୁ ଅପେକ୍ଷା ନକରି ଆପଣ କାର୍ଯ୍ୟରେ ଆଗେଇ ଆସନ୍ତୁ।

× × × ×

ସ୍ୱଗୃହ ଓ ପରିବେଷ୍ଟନୀ ପରିଷ୍କାର ପରିଚ୍ଛନ୍ନ ରଖିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ। ଏହା ଥରେ ଅଭ୍ୟାସରେ ପରିଣତ ହେଲେ ଆପଣଙ୍କ ସହର ଏ ଦେଶରେ ସର୍ବୋତ୍କୃଷ୍ଟ ପରିଚ୍ଛନ୍ନ ନଗର ରୂପେ ଖ୍ୟାତିଲାଭ କରିପାରିବ"।

ଆଜିକାଲି ଯାନ୍ତ୍ରିକ ବିପ୍ଳବ ଓ ଜନସଂଖ୍ୟାର ବିସ୍ଫୋରଣ ଫଳରେ ଜନସ୍ୱାସ୍ଥ୍ୟ ଯେପରି ଏକ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରୂପେ ଦେଖାଦେଇଛି, ସେଥିରେ ସରକାରଙ୍କ ସହିତ ଜନସାଧାରଣ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ ସହଯୋଗ କରିବା ଉଚିତ। ସେମାନେ ନିଜର ବ୍ୟକ୍ତିଗତ ଓ ସାମୂହିକ ଭାବରେ ସ୍ୱାସ୍ଥ୍ୟ ରକ୍ଷାର ସମସ୍ତ ସୁବିଧା ଗ୍ରହଣ କରିବା ଜରୁରୀ କର୍ତ୍ତବ୍ୟ। ଏହି ଦିଗରେ ଅବହେଳା କେବଳ ମାରାତ୍ମକ ନୁହେଁ, ସମୂହ ଆତ୍ମହତ୍ୟା ପରି ହେବ। ସମସ୍ତଙ୍କ ଆନ୍ତରିକ ଉଦ୍ୟମରେ ହିଁ ସାମାଜିକ ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବ ଏବଂ ଆମେ ଏକ ସୁଖୀ ଓ ସମୃଦ୍ଧ ଜାତି ଗଠନ କରି ପାରିବା।

(କଟକ କେନ୍ଦ୍ର ଆକାଶବାଣୀ ସୌଜନ୍ୟରୁ ପ୍ରାପ୍ତ)

ଅଧିକାଂଶ ସହର ନଗରର ରାସ୍ତାଘାଟ ଗଳିକନ୍ଦି ଉପରେ ; ବିଶୁଦ୍ଧ ଜଳ ପିଇବାକୁ ପାଇବା କଷ୍ଟକର । ସହରର ବାୟୁମଣ୍ଡଳରେ ଧୂଳି ଧୂଆଁ ଭରିରହିଛି ; ସର୍ବଦା ଯାନବାହାନ, କଳକାରଖାନାର ଅସହ୍ୟ ଶବ୍ଦ ! ମଶା ମାଛିମାନଙ୍କର ପ୍ରାଦୁର୍ଭାବ ଭୟଙ୍କର । ଯେଉଁଠିକି ଯିବ ସେଠି ଲୋକଭିଡ଼ । ଦୋକାନ ବଜାର, ସିନେମାଘର, ସ୍କୁଲ କଲେଜ ଡାକ୍ତରଖାନା ସବୁଠି ଲୋକ ଗହଳି, ଠେଲାପେଲା, ଦଙ୍ଗା ହଙ୍ଗାମା ଲୁଟପାଟ, ଜାଲ ଜୁଆଚ୍ଚୋରି ।

ଏପରି ଅବସ୍ଥାରେ ରୋଗର ପ୍ରାଦୁର୍ଭାବ ବଢିଚାଲିବା ସ୍ୱାଭାବିକ । ଲୋକମାନଙ୍କ ସ୍ୱାସ୍ଥ୍ୟ ଦିନକୁଦିନ ଭାଙ୍ଗିପଡ଼ିବା ଜଣାଶୁଣା କଥା । କିନ୍ତୁ ଆଶ୍ଚର୍ଯ୍ୟର କଥା ବେଶୀ ଜନଗହଳି ହେଉଥିବା ନଗରରେ ଲୋକମାନଙ୍କ ଜୀବନକାଳ ଅଧିକ । ୧୮୬୫ ମସିହାରେ ଯେଉଁ ଶିଶୁ ଉଆଁ ଉଆଁ କାନ୍ଦି ଏଇ ମାଟି ଉପରକୁ ଆସୁଥିଲା ସେ ମାତ୍ର ୩୯ ବର୍ଷ ବଞ୍ଚିବାର ଆଶା କରାଯାଉଥିଲା । କିନ୍ତୁ ଆଜିକାଲି ଆଧୁନିକ ଯୁକ୍ତରାଷ୍ଟ୍ର ସହରମାନଙ୍କରେ ଯେଉଁ ପିଲା ଜନ୍ମ ହେଉଛି ସେ ୭୦ ବର୍ଷ ବଞ୍ଚିବ ବୋଲି କୁହାଯାଉଛି । ଏହାର ମୂଳ କାରଣ ହେଲା ଜନ ସ୍ୱାସ୍ଥ୍ୟର କାର୍ଯ୍ୟ ଓ ତାର ସଫଳତା । ଜନ ସ୍ୱାସ୍ଥ୍ୟର ବିଭିନ୍ନ କାର୍ଯ୍ୟକ୍ରମ ଏବେ ବହୁ ପ୍ରକାରେ କାର୍ଯ୍ୟକାରୀ ହେଉଛି । ଜଳର ନିର୍ମଳତା, ବାୟୁର ବିଶୁଦ୍ଧତା, ରାସ୍ତାଘାଟର ପରିଚ୍ଛନ୍ନତା ପ୍ରଭୃତି ଦେଖିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ପ୍ରତିକାର ପ୍ରତିଷେଧକ ଓ ରୋଗ ନିର୍ବାରଣ ଲାଗି କାର୍ଯ୍ୟଗୁଡ଼ିକ ମଧ୍ୟ ହେଉଛି ।

ପ୍ରତ୍ୟେକ ଦେଶରେ ଆଜିକାଲି ଜନସ୍ୱାସ୍ଥ୍ୟ ସରକାର ବା ଜନତାର ଅନ୍ୟତମ ମୁଖ୍ୟ କାର୍ଯ୍ୟକ୍ରମ ହୋଇଛି । ଏହା ଜୀବନ ଧାରା ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇଛି । ଜୀବନ ଧାରଣର ଅବସ୍ଥା ସହିତ ଜନସ୍ୱାସ୍ଥ୍ୟର ଅବସ୍ଥା ପରସ୍ପର ସମ୍ବନ୍ଧଶୀଳ । ସମାଜର ଆୟର ବୃଦ୍ଧି ସହିତ ଜନସ୍ୱାସ୍ଥ୍ୟ ଦିଗରେ ଖର୍ଚ୍ଚର ମଧ୍ୟ ବୃଦ୍ଧି ଘଟେ । ଯେଉଁ ରୁଷିଆରେ ୫୦ ବର୍ଷ ତଳେ ସଂକ୍ରାମକ ରୋଗର ମହାମାରୀ ପ୍ରତିବର୍ଷ ହଜାର ହଜାର ଲୋକଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଉଥିଲା, ଏବେ ସେଠାରେ ତାହା ନାହିଁ । ସେଠାରେ ସେତେବେଳେ ଲୋକଙ୍କର ହାରାହାରି ପରମାୟୁ ଥିଲା ୩୨, ଏବେ ତାହା ୭୦ ରେ ପହଞ୍ଚିଛି । ଏହାର କାରଣ ହେଲା ରୁଷିଆରେ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ବୈଜ୍ଞାନିକ ନୀତି ଉପରେ ପରିଚାଳିତ ହେଉଛି । ଡାକ୍ତରଙ୍କ ସଂଖ୍ୟା ସେତେବେଳ ଠାରୁ ୨୦ ଗୁଣ ବଢିଯାଇଛି । ଏବେ ସେଠାରେ ଜନସ୍ୱାସ୍ଥ୍ୟ ସଂସ୍ଥାର କର୍ମଚାରୀ ସଂଖ୍ୟା ୫୦ ଲକ୍ଷ । ସେଠାରେ ସହରାଞ୍ଚଳ ସହିତ ପଲ୍ଲୀ ଅଞ୍ଚଳରେ ମଧ୍ୟ ସ୍ୱାସ୍ଥ୍ୟ ରକ୍ଷାର ସୁବ୍ୟବସ୍ଥା ହୋଇଛି । ୟୁରୋପରେ ଯେଉଁ ମେଲେରିଆ ରୋଗ ହଜାରହଜାର ବର୍ଷ ଧରି ରାଜତ୍ୱ କରୁଥିଲା, ଆଜି ସେ ନିର୍ବାସିତ ।

ଆଜିର ସଙ୍କୁଚିତ ବିଶ୍ୱରେ ଜନସ୍ୱାସ୍ଥ୍ୟ ଏକ ସଂକୀର୍ଣ୍ଣ ଗୋଷ୍ଠୀଗତ ସମସ୍ୟା ହୋଇ ରହିନାହିଁ । ଏହା ଏକ ଆନ୍ତର୍ଜାତିକ ସମସ୍ୟା ରୂପରେ ଦେଖାଦେଇଛି । ସମସ୍ତ ଦେଶ ପରସ୍ପରକୁ ସାହାଯ୍ୟ ସହଯୋଗ ନକଲେ ମନୁଷ୍ୟର ଦୁଃଖ ଦୂର ହେବନାହିଁ କିମ୍ବା ତାର ରୋଗ ଶେଷ ହେବନାହିଁ । ସେଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଘ ସମସ୍ତ ଲୋକଙ୍କର ସ୍ୱାସ୍ଥ୍ୟରକ୍ଷା ଓ ମଙ୍ଗଳ ପାଇଁ ୧୨୫ ଟି ଦେଶକୁ ନେଇ ୧୯୪୮ ମସିହାରେ ଗଠିତ ହୋଇଛି । ଏହା ଜାତିସଙ୍ଘର ଏକ ସ୍ୱତନ୍ତ୍ର ବିଭାଗ ଭାବରେ କାର୍ଯ୍ୟ କରୁଛି । ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଆଜିକାଲି ଅକ୍ଳେଶରେ ରୋଗ ମାଡ଼ିଯାଉଛି । ନୂଆ ନୂଆ ରୋଗ ଦିନକୁଦିନ ଦେଖାଯାଉଛି । ଏସବୁ ସମସ୍ୟାର ସମାଧାନ ପାଇଁ ଏପରି ଆନ୍ତର୍ଜାତୀୟ ସଂସ୍ଥାର ଆବଶ୍ୟକତା ଖୁବ୍ ବେଶୀ । ସମୃଦ୍ଧ ଦେଶବାସୀମାନଙ୍କର ସ୍ୱାସ୍ଥ୍ୟରକ୍ଷା କରିବା ସଙ୍ଗେ ସଙ୍ଗେ ସେମାନଙ୍କ ସାହାଯ୍ୟରେ ଅନୁନ୍ନତ ଲୋକମାନଙ୍କ ମଧ୍ୟରୁ ରୋଗ ଦୁର୍ବଳତା ଦୂରକରି ସ୍ୱାସ୍ଥ୍ୟର ଉନ୍ନତି ଦିଗରେ କାର୍ଯ୍ୟ କରିବା ଏହି ଅନୁଷ୍ଠାନର ଲକ୍ଷ୍ୟ । ମୁଖ୍ୟତଃ ତିନୋଟି ଦିଗରେ ଏହି ସଂସ୍ଥା ଏବେ କାର୍ଯ୍ୟ କରୁଛି । ପ୍ରଥମତଃ ସବୁ ଦେଶର ମଙ୍ଗଳଦାୟକ ସ୍ୱାସ୍ଥ୍ୟ ସେବା ସାରା ପୃଥିବୀରେ ସଙ୍ଗଠନ କରିବା, ଦ୍ୱିତୀୟତଃ ଦରକାର ପଡ଼ିଲେ ପ୍ରତ୍ୟେକ ଦେଶକୁ ସ୍ୱାସ୍ଥ୍ୟରକ୍ଷା ଦିଗରେ ସାହାଯ୍ୟ କରିବା, ତୃତୀୟତଃ ଆନ୍ତର୍ଜାତୀୟ ସ୍ତରରେ ସ୍ୱାସ୍ଥ୍ୟ ସମସ୍ୟା ଉପରେ ବୈଜ୍ଞାନିକ ଗବେଷଣା ପ୍ରଭୃତିର ଉତ୍ସାହ ଦାନ ଓ ସଂଯୋଜନା ଇତ୍ୟାଦି । ବିସୂଚିକା, ମେଲେରିଆ, ବସନ୍ତ, ପ୍ଲେଗ୍, ଯକ୍ଷ୍ମା, ଟାଇଫଏଡ୍, କୁଷ୍ଠ ପ୍ରଭୃତି ରୋଗଗୁଡ଼ିକ ଦମନ କରିବା ଦିଗରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଘ ଖୁବ୍ ସଫଳ ଚେଷ୍ଟା କରିଛି । ଆଫ୍ରିକା, ଏସିଆ ମହାଦେଶର ବହୁ ଦେଶ ଆଜି ବିଭିନ୍ନ ପ୍ରକାରେ ଏହି ସଙ୍ଘ ନିକଟରେ ଋଣୀ । ସମ୍ପ୍ରତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଘର ସାଧାରଣ ଅଧିବେଶନରେ ଯୋଗ ଦେଇ ଫେରିଲା ପରେ କହିଛନ୍ତି ଯେ ସାରା ମନୁଷ୍ୟ ଜାତିକୁ ଏକ ଭାବରେ ବିଚାର କରିବା ଦରକାର ଏବଂ ପୃଥିବୀର ସମସ୍ତ ସୁବିଧା ସୁଯୋଗ ସମସ୍ତଙ୍କ ପାଇଁ ବ୍ୟବହୃତ ହେବା ଉଚିତ । କାରଣ ରୋଗ କୌଣସି ସୀମାସରହଦ ମାନେ ନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଘର ସାଧାରଣ ଅଧିବେଶନ ମେଲେରିଆ ଦୂରୀକରଣ, ଜଳ, ବାୟୁ, ଖାଦ୍ୟ, ଭୂମିକୁ ପରିଷ୍କାର ପରିଚ୍ଛନ୍ନ ଓ ବିଶୁଦ୍ଧ ରଖିବା ଦିଗରେ ସଙ୍ଘବଦ୍ଧ ଓ ସାମୂହିକ ଉଦ୍ୟମ କରି ଚାଲିବ ।

ଭାରତରେ ଜନସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସ୍ୱାଧୀନତା ପର ଠାରୁ ବହୁ ଅଗ୍ରଗତି ହୋଇଥିଲେ ହେଁ ଆଦୌ ସନ୍ତୋଷଜନକ ହୋଇନାହିଁ ।

ଭାରତରେ ୪୬ ଗୋଟି କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥା ଓ ୪୦ ଗୋଟି ଅତି କ୍ଷୁଦ୍ର କୃଷୀ ଓ କୃଷି ଶ୍ରମିକ ଯୋଜନା କାର୍ଯ୍ୟକାରୀ କରିବାପାଇଁ ଯଥାକ୍ରମେ ୬୭.୫ କୋଟି ଏବଂ ୪୭.୫ କୋଟି ଅର୍ଥ ବରାଦ କରିଛନ୍ତି । ନିର୍ଦ୍ଦିଷ୍ଟ ଅଞ୍ଚଳରେ ପରୀକ୍ଷାମୂଳକଭାବେ ଅଗ୍ରଗାମୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବ । ଯଦି ଏହି ସଂସ୍ଥାଗୁଡ଼ିକ ଛୋଟ କୃଷୀମାନଙ୍କର ଆର୍ଥିକ ବିକାଶ ଦିଗରେ ଉଚିତ ପଦକ୍ଷେପ ନେବାପାଇଁ ସମର୍ଥ ହୁଏ ତେବେ ପଞ୍ଚମ ଯୋଜନାକାଳରେ ଅନ୍ୟାନ୍ୟ ଅଞ୍ଚଳରେ ଏହିପରି ଯୋଜନାଗୁଡ଼ିକ ବହୁଳ ଭାବରେ କାର୍ଯ୍ୟକାରୀ ହେବାର ଆଶା ରହିଛି । ଏହି ଅଗ୍ରଗାମୀ ଯୋଜନାଗୁଡ଼ିକ ଦ୍ୱାରା ମୁଖ୍ୟତଃ ଦୁଇଟି ଉଦ୍ଦେଶ୍ୟ ସାଧନ ହେବ ଯଥା:—(କ) ଛୋଟ କୃଷୀମାନଙ୍କ ମଧ୍ୟରେ ଅଧିକ ଉତ୍ପାଦନ ପାଇଁ ଆବେଦନ ବୃଦ୍ଧି, ଓ (ଖ) ଗ୍ରାମାଞ୍ଚଳରେ ଅଧିକ କର୍ମ ନିଯୋଗ ବ୍ୟବସ୍ଥା । ଏହି ଉଦ୍ଦେଶ୍ୟ ସାଧିତ ହେଲେ ଛୋଟ କୃଷୀଙ୍କର ଆର୍ଥିକ ଅବସ୍ଥା ଉନ୍ନତ ହେବ ଏବଂ କୃଷି ଭିତ୍ତିରେ କେତେଗୁଡ଼ିଏ ଛୋଟ ଛୋଟ ଶିଳ୍ପର ବିକାଶ ହେବ । ଏହି ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବାପାଇଁ ସୁନିୟନ୍ତ୍ରିତ ସଂସ୍ଥାମାନ ଗଠିତ ହୋଇଛି ଯଦ୍ଦ୍ୱାରା ସରକାରୀ ନାଲି ଫିତା ଜନିତ ବାଧା ଓ ବିଳମ୍ବ ଦୂରୀଭୂତ ହେବ । ଉପକୃତ ହେଉଥିବା ଛୋଟ କୃଷୀମାନେ କୃଷି-ଋଣର ସଦୁପଯୋଗ କରି ପାରିଲେ ସଂସ୍ଥା ତରଫରୁ ସେମାନଙ୍କୁ ରିହାତି ଆକାରରେ ଆର୍ଥିକ ସାହାଯ୍ୟ ମିଳିପାରିବ ।

## କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥା

ଆମ ଓଡ଼ିଶାପାଇଁ କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥା ଯୋଜନା (Small Farmers Development Agency) ତିନି ଗୋଟି ଅଞ୍ଚଳରେ ଯଥା :—ଢେଙ୍କାନାଳ, ବଲାଙ୍ଗିର ଓ ଗଞ୍ଜାମ ଜିଲ୍ଲାରେ ଚଳିତବର୍ଷ ଠାରୁ କାର୍ଯ୍ୟକାରୀ ହେଲଣି ।

ଏହି ସଂସ୍ଥାଗୁଡ଼ିକ ସାଧାରଣ ସେବା ଅନୁଷ୍ଠାନ ପରି ରେଜିଷ୍ଟ୍ରିଭୁକ୍ତ ଏବଂ ପ୍ରତ୍ୟେକ ସଂସ୍ଥାର କାର୍ଯ୍ୟବିଧି ପ୍ରାୟ ସମାନ । ପ୍ରତ୍ୟେକ ସଂସ୍ଥାର ସଭାପତି ଭାବରେ ଜିଲ୍ଲାପାଳମାନେ ମନୋନୀତ ହୋଇଛନ୍ତି ଏବଂ ଜିଲ୍ଲା ସ୍ତରୀୟ କୃଷି, ପଶୁପାଳନ, ସମବାୟ, ଗ୍ରାମ୍ୟ ନିର୍ବାହ ଯନ୍ତ୍ରୀ ପ୍ରଭୃତି ଅଫିସରମାନେ କାର୍ଯ୍ୟକାରୀ ସମିତିର ସଭ୍ୟ ଭାବରେ ନିଆ ହୋଇଛନ୍ତି । କେନ୍ଦ୍ର ସମବାୟ ବ୍ୟାଙ୍କ, ବ୍ୟବସାୟୀ ବ୍ୟାଙ୍କ, ଛୋଟ କୃଷୀ ପ୍ରତିନିଧି ପ୍ରଭୃତି ମଧ୍ୟ ଏହି ସଂସ୍ଥାର ସଭ୍ୟଭୁକ୍ତ ହୋଇଛନ୍ତି । ଏହି ସଂସ୍ଥା ଉପରେ ବିଶେଷ ସରକାରୀ କଟକଣା ରଖାଯାଇ ନାହିଁ । ସଂସ୍ଥାର ଅଧିକାଂଶ ସଭ୍ୟ ସରକାରୀ ଉଚ୍ଚ ପଦସ୍ଥ କର୍ମଚାରୀ ହୋଇ ଥିବାରୁ ସେମାନେ ଶୃଙ୍ଖଳାବଦ୍ଧ ଭାବରେ ଏବଂ ରାଜନୀତି ବାହାରେ ରହି ସେବା ମନୋଭାବ ନେଇ ଏହି ମହତ୍ କାର୍ଯ୍ୟ ସମ୍ପାଦନ କରି ପାରିବେ । ସଂସ୍ଥା ତାଙ୍କର ନିଜ ବଜେଟ୍ ପ୍ରସ୍ତୁତ କରି ଯାହା ଅର୍ଥ ସାହାଯ୍ୟ ମାଗିବେ କେନ୍ଦ୍ର ସରକାରଙ୍କ ଠାରୁ ତାହା ମିଳିବାରେ ବିଳମ୍ବ ହେବ ନାହିଁ । ଏହା ବାଦ ରାଜ୍ୟ ସରକାରଙ୍କର ଯୋଜନା ଅଧୀନ ବିଭିନ୍ନ କାର୍ଯ୍ୟକ୍ରମପାଇଁ ଯେଉଁ ବ୍ୟବସ୍ଥା ଅଛି, ସେସବୁକୁ ଏହି ଯୋଜନା କାର୍ଯ୍ୟକ୍ରମ ସହିତ ସମନ୍ୱୟ ରକ୍ଷି ପାରିଲେ ଅଧିକ ସୁଫଳ ମିଳିବ ।

କେନ୍ଦ୍ର ସରକାରଙ୍କ ସାହାଯ୍ୟ ବ୍ୟତୀତ, ରାଜ୍ୟ ସରକାର ମଧ୍ୟ କେତେକ ପରିକଳ୍ପନାରେ ଅଧାଅଧି ସାହାଯ୍ୟ ଦେବେ । ସରକାରୀ ସାହାଯ୍ୟ କେନ୍ଦ୍ରରୁ ହାରାହାରି ଦେଢ଼ କୋଟି କରି ଟଙ୍କା ପ୍ରତ୍ୟେକ ସଂସ୍ଥା ମିଳିବ । ଏହି ସାହାଯ୍ୟର ପ୍ରାୟ ୪।୫ ଗୁଣ ଅର୍ଥ ସମବାୟ ବ୍ୟାଙ୍କ, ବ୍ୟବସାୟୀ ବ୍ୟାଙ୍କ, କୃଷି ଋଣ କର୍ପୋରେସନ୍ ପ୍ରଭୃତିରୁ ଋଣ ମିଳିବା ପାଇଁ ପ୍ରସ୍ତାବ ରହିଛି । ଗଠିତ ୩ ଗୋଟି କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥାରେ ନିମ୍ନଲିଖିତମତେ ଅର୍ଥ ବରାଦ ହୋଇଅଛି :—

(ଲକ୍ଷ ଟଙ୍କା)

| ଯୋଜନା ସଂସ୍ଥା | ମୋଟ ଯୋଜନା ଅଟକଳ | କେନ୍ଦ୍ର ସାହାଯ୍ୟ | ଅନୁଷ୍ଠା- ଋଣ |
|---|---|---|---|
| ଢେଙ୍କାନାଳ | ୭,୯୫.୧୬ | ୧,୫୦.୦୦ | ୬,୪୫.୧ |
| ବଲାଙ୍ଗିର | ୭,୩୪.୮୧ | ୧,୫୦.୦୦ | ୫,୮୪.୮୧ |
| ଗଞ୍ଜାମ | ୬,୯୫.୨୯ | ୧,୫୦.୦୦ | ୫,୪୫.୨ |

ଗତ ୧୯୭୦-୭୧ ମସିହାରେ କେନ୍ଦ୍ର ସାହାଯ୍ୟ ଢେଙ୍କାନାଳ ପାଇଁ ୩ ଲକ୍ଷ, ବଲାଙ୍ଗିର ପାଇଁ ୪.୫୦ ଲକ୍ଷ ଓ ଗଞ୍ଜାମ ପାଇଁ ୫ ଲକ୍ଷ ଟଙ୍କା ମିଳିଥିଲା ।

## କୃଷକଙ୍କୁ ଉତ୍ସାହ ଦେବା ଅସଲ ଉଦ୍ଦେଶ୍ୟ

ଏହି ସଂସ୍ଥା ଗଠନର ମୂଳ ଉଦ୍ଦେଶ୍ୟ ହେଲା ଯେଉଁ ଛୋଟ କୃଷୀମାନଙ୍କ ଅଧିକାରରେ ଜମି ଥାଇ ନୂତନ କୃଷି ପ୍ରଣାଳୀରେ ଅଧିକ ଦ୍ରବ୍ୟ ଉତ୍ପାଦନ କରିପାରୁ ନାହାନ୍ତି ସେମାନଙ୍କୁ ସକଳ ଉତ୍ସାହ ଓ ଆର୍ଥିକ ସାହାଯ୍ୟ କରାଇ ଦେବା । ଜଳସେଚନ, କୃଷି ଋଣ, ଆଧୁନିକ କୃଷି ସରଞ୍ଜାମ



# ଓଡ଼ିଶାରେ ଛୋଟଚାଷୀ ଉନ୍ନୟନ କାର୍ଯ୍ୟକ୍ରମ

ଶଚ୍ଚିଦାନନ୍ଦ ରଥ

ଆମ ଗାଁଗହଳରେ ବସବାସ କରୁଥିବା ପରିବାରଙ୍କ ମଧ୍ୟରୁ ଶତକଡ଼ା ୫୨ ଭାଗ ଛୋଟ ଚାଷୀ ଏବଂ ଶତକଡ଼ା ୨୪ ଭାଗ କୃଷି ଶ୍ରମିକ । ଏହି ଛୋଟ ଚାଷୀ ପରିବାରମାନଙ୍କର ଚାଷ ଜମି ହାରାହାରି ୫ ଏକର ମଧ୍ୟରେ ସୀମାବଦ୍ଧ । ଏମାନେ ବହୁଳଭାବରେ ଛୋଟ ଛୋଟ କୃଷି କ୍ଷେତ୍ରର ଅଧିକାରୀ ହେଲେ ମଧ୍ୟ ଦେଶରେ ଥିବା ସମସ୍ତ ଚାଷ ଜମିର ମାତ୍ର ଶତକଡ଼ା ୧୯ ଭାଗ ଭୋଗଦଖଲ କରି ଉତ୍ପାଦନ କରନ୍ତି । ଚାଷକ୍ଷେତ୍ର ଓ ମାଲିକାନା ଏପରି ଅସାମଞ୍ଜସ୍ୟ ଭାବରେ ବଣ୍ଟନ ହୋଇ ରହିଛି ଯେ ଶତକଡ଼ା ୨୮.୪ ଭାଗ ଚାଷୀ ପ୍ରାୟ ଶତକଡ଼ା ୭୦ ଭାଗ ଜମିର ଅଧିକାରୀ ଏବଂ ଅନ୍ୟ ପକ୍ଷରେ ଛୋଟ ଚାଷୀମାନେ ସଂଖ୍ୟା ବହୁଳ ହେଲେ ମଧ୍ୟ ବିକ୍ଷିପ୍ତ ଭାବରେ ଅଧିକାଂଶ ଖଣ୍ଡିଆ ବା ବର୍ଷାଧାର ନିର୍ଭର ଜମିରେ ଜୀବିକା ନିର୍ବାହ କରିଥାନ୍ତି । ଆମ ଓଡ଼ିଶାରେ ପ୍ରାୟତଃ ଶତକଡ଼ା ୪୦ ଭାଗ ଲୋକ ଆଦିବାସୀ ଓ ହରିଜନ ଶ୍ରେଣୀଭୁକ୍ତ ଏବଂ ବହୁତ ଛୋଟ ଚାଷୀଙ୍କର ଜୀବିକା ଅର୍ଜନ ପନ୍ଥା ଅତି ସୀମାବଦ୍ଧ, ସେମାନଙ୍କର ଆର୍ଥିକ ଅବସ୍ଥା ଅତି ନିମ୍ନସ୍ତରର ହେବା ସ୍ୱାଭାବିକ । ଉତ୍ପାଦନ ସ୍ତରର ଉନ୍ନତି ସଙ୍ଗେ ସଙ୍ଗେ କର୍ମ ଯୋଗାଣର ପରିସର ବୃଦ୍ଧି ହେଲେ ଏହି ଅବହେଳିତ ଶ୍ରେଣୀଙ୍କର ଆର୍ଥିକ ବିକାଶ ହୋଇ ପାରିବ ନାହିଁ ।

ଚତୁର୍ଥ ଯୋଜନାକାଳରେ କୃଷି କ୍ଷେତ୍ରରେ ବାର୍ଷିକ ଶତକଡ଼ା ୫ ଭାଗ ଅଧିକ ଉତ୍ପାଦନ ହେବା ଲକ୍ଷ୍ୟ କାର୍ଯ୍ୟକାରୀ କରିବାକୁ ହେଲେ ସମସ୍ତ ଛୋଟ ଚାଷୀମାନଙ୍କୁ ବିଭିନ୍ନ ସାହାଯ୍ୟ ଦେଇ ଏ ଦିଗରେ ଉତ୍ସାହିତ କରିବାକୁ ପଡ଼ିବ । କାରଣ ଆଧୁନିକ ପ୍ରଣାଳୀରେ କୃଷି ଉତ୍ପାଦନ ଦ୍ୱାରା ଦୁଇ ବା ତିନୋଟି ଫସଲ ଉତ୍ପାଦନ କରି ବଡ଼ ଚାଷୀମାନେ ଅଧିକ ମାତ୍ରାରେ ଲାଭବାନ ହୋଉଛନ୍ତି । ଅଧିକ ଅମଳକ୍ଷମ ଧାନ ଓ ଗହମ ଚାଷପାଇଁ ରାସାୟନିକ ସାର ଓ କୀଟନାଶକ ଔଷଧ ଇତ୍ୟାଦିର ବହୁଳ ପ୍ରୟୋଗ , ଜଳସେଚନ ଏବଂ ସର୍ବୋପରି କୃଷି ଋଣ ଏମାନଙ୍କ ପକ୍ଷରେ ପାଇବା କଷ୍ଟକର ହୋଇନାହିଁ । ଏହି କାରଣରୁ ଏବେ ଆଶଙ୍କା ହେଉଛି ଯେ ନୂତନ ଚାଷ ପ୍ରଣାଳୀରେ ଅଧିକ ଅମଳକ୍ଷମ ବୀଜ ଓ ସାର ପ୍ରୟୋଗ ବଡ଼ ଚାଷୀ ଓ ଛୋଟ ଚାଷୀମାନଙ୍କ ମଧ୍ୟରେ ଗୋଟିଏ ବଡ଼ ଧରଣର ବ୍ୟବଧାନ ସୃଷ୍ଟି କରିବ । ଅଗଣିତ ଛୋଟ ଚାଷୀଙ୍କୁ ନୂତନ ବୈଜ୍ଞାନିକ ଚାଷ ପ୍ରଣାଳୀରେ ଦୀକ୍ଷିତ କରିବା କିଛି ଦୁଃସାଧ୍ୟ ନୁହେଁ । ସେମାନଙ୍କର ଚାଷ ଜମି ଉପରେ ଅଧିକ ନଜର ଥାଏ, ସେମାନଙ୍କର ପରିବାରର ସ୍ତ୍ରୀ ଓ ପିଲାମାନେ ମଧ୍ୟ ସେମାନଙ୍କ ସହିତ ଛୋଟ କ୍ଷେତ ଖଣ୍ଡିକରେ ବହୁ ସମୟ ଦେଇ କାର୍ଯ୍ୟରତ ହୋଇଥାନ୍ତି । ଜଳସେଚନର ସୁବନ୍ଦୋବସ୍ତ ହେଲେ ଏମାନେ ମଧ୍ୟ ସ୍ୱଳ୍ପ ଜମିରୁ ଦୁଇ ବା ତତୋଽଧିକ ଫସଲ ଉତ୍ପାଦନ କରିବେ ଏବଂ ଆୟକାରୀ ଫସଲ ଆଡ଼କୁ ଧ୍ୟାନ ଦେବେ । ଏହି ଶ୍ରେଣୀୟ ଚାଷୀ ଗାଁରେ ଥିବା ବଡ଼ ଚାଷୀଙ୍କର ଜମିକୁ ଭାଗ ଓ ସଂଜା ନେଇ କିମ୍ବା ଚାଷ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ନିଜ ଅକ୍ତିଆରରେ କ୍ଷେତବାଡ଼ି ବୁଝାବୁଝି କରିବାରେ ଅସୁବିଧା ହୋଇ ନାହିଁ । ଆଧୁନିକ ଚାଷ ପ୍ରଣାଳୀ କେତେକାଂଶରେ ଛୋଟ ଚାଷୀର ଚାଷ ଧନ୍ଦା ସଂକୁଚିତ ହେବାରେ ସାହାଯ୍ୟ କରୁଛି ଏବଂ ଭୂସଂସ୍କାର ସମ୍ବନ୍ଧୀୟ ପଦକ୍ଷେପ ଅନେକ ଛୋଟ ଚାଷୀଙ୍କୁ ପ୍ରକାରାନ୍ତରେ ଜମିରୁ ଉଚ୍ଛେଦ କରୁଛି ।

ଏହିସବୁ କାରଣରୁ ୧୯୬୯ ଗ୍ରାମ୍ୟଋଣ ସମୀକ୍ଷା କମିଟିଙ୍କ ରିପୋର୍ଟ ଓ ଯୋଜନା କମିସନଙ୍କ ପରାମର୍ଶରେ କେନ୍ଦ୍ର ସରକାର ଚତୁର୍ଥ ଯୋଜନା

ଚାଷ କାର୍ଯ୍ୟରେ ସୁବିଧା ପାଉଛନ୍ତି ତାହା ପାଇବେ । ଛୋଟ ଚାଷୀମାନଙ୍କ ସୁବିଧା ପାଇଁ ଅଥବା କୃଷି ଋଣ ଦେବାପାଇଁ ଯଦି ସମବାୟ କିମ୍ବା ବ୍ୟବସାୟୀ ବ୍ୟାଙ୍କ, କୃଷି ଶିଳ୍ପ ପ୍ରତିଷ୍ଠାନମାନେ ସେମାନଙ୍କର କାର୍ଯ୍ୟ ପରିସର ବୃଦ୍ଧି କରନ୍ତି ତାହା କଣ ସମଗ୍ର ଚାଷୀ ଜୀବନକୁ ସାହାଯ୍ୟ କରିବ ନାହିଁ ?

## ଅତି କ୍ଷୁଦ୍ର ଚାଷୀ ଓ କୃଷି ଶ୍ରମିକ ସଂସ୍ଥା

ଛୋଟ ଚାଷୀ ଉନ୍ନୟନ ସଂସ୍ଥା ପରି କେନ୍ଦୁଝର ଜିଲ୍ଲାରେ ଓ କଟକ ଜିଲ୍ଲାର କଟକ ସଦର ସବ୍ଡିଭିଜନ ୭ ଗୋଟି ବ୍ଲକ ଅଞ୍ଚଳରେ ଅତିକ୍ଷୁଦ୍ର ଚାଷୀ ଓ କୃଷି ଶ୍ରମିକ (Marginal Farmers and Agricultural Labourers) ଯୋଜନା ପରୀକ୍ଷାମୂଳକ-ଭାବେ କାର୍ଯ୍ୟକାରୀ ହେଉଅଛି । ଯେଉଁ ଅତି ଛୋଟ ଚାଷୀମାନଙ୍କର ୨'୫ ଏକରରୁ କମ ଚାଷଜମି ରହିଛି, ସେମାନଙ୍କୁ ଓ ଏଥି ସଙ୍ଗେ ସଙ୍ଗେ ସେହି ଅଞ୍ଚଳରେ କୃଷି ଶ୍ରମିକମାନଙ୍କର ସାହାଯ୍ୟ ପାଇଁ ଏହି ଯୋଜନାର କାର୍ଯ୍ୟକ୍ରମ ଅଛି । ସେମାନଙ୍କର ଚାଷଜମି ଅତି କମ୍ ଥିବା ହେତୁ ଏହି ସଂସ୍ଥା ପକ୍ଷରେ ସେମାନଙ୍କୁ କେବଳ ଚାଷଦ୍ୱାରା ସ୍ୱାବଲମ୍ବନଶୀଳ କରିବା ସମ୍ଭବହେବ ନାହିଁ । ତେଣୁ ଚାଷ କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଆନୁସଙ୍ଗିକ ଧନ୍ଦା ଯଥା:—ଗାଈ, କୁକୁଡ଼ା ଓ ଛେଳି ପାଳନ, ଫଳବଗିଚା, ପନିପରିବା, ମତ୍ସ୍ୟଚାଷ ପ୍ରଭୃତିରେ ସେମାନଙ୍କୁ ବର୍ଷସାରା କର୍ମନିଯୁକ୍ତ କରାଇବାର ବ୍ୟାପକ ଯୋଜନା ପ୍ରସ୍ତୁତ ହୋଇଅଛି । ଏହିସବୁ ଆନୁସଙ୍ଗିକ ଧନ୍ଦାରୁ ଉତ୍ପାଦିତ ଜିନିଷର ସହରାଞ୍ଚଳରେ କ୍ରୟ-ବିକ୍ରୟ ଏବଂ ଯୋଜନାଭୁକ୍ତ ଅତି କ୍ଷୁଦ୍ରଚାଷୀ ଓ କୃଷି ଶ୍ରମିକମାନଙ୍କର ଉପଯୁକ୍ତ ପାରିଶ୍ରମିକ ଉପରେ ଲକ୍ଷ୍ୟ ରଖି ସମବାୟ ସୂତ୍ରରେ ଉପଯୁକ୍ତ କ୍ରୟ ବିକ୍ରୟ କେନ୍ଦ୍ର ମାନ ସ୍ଥାପିତ ହେବାର ପରିକଳ୍ପନା ରହିଛି । ଏହି ଯୋଜନାଦ୍ୱାରା କୃଷିଶ୍ରମିକ ଓ ଅତି ଛୋଟ ଚାଷୀମାନଙ୍କ ପାଇଁ ବ୍ୟାପକ କର୍ମନିଯୋଗର ବ୍ୟବସ୍ଥା ରହିଛି । ପୁଷ୍କରିଣୀ ପୁନରୁଦ୍ଧାର, ଗ୍ରାମ୍ୟ ରାସ୍ତା ଘାଟର ଉନ୍ନତି ପାଇଁ ପ୍ରାୟ ୧୦।୧୫ ଲକ୍ଷ ଟଙ୍କାର ବରାଦ କରାଯାଇଛି ।

ଏହି ଯୋଜନାରେ ୨୦,୦୦୦ ଅତି କ୍ଷୁଦ୍ର ଚାଷୀ ଓ ୫,୦୦୦ କୃଷିଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରାଯିବାର ବ୍ୟବସ୍ଥା ରହିଛି । ଏହି ପ୍ରତ୍ୟେକ ସଂସ୍ଥା ପାଇଁ ଏକ କୋଟି ଟଙ୍କାର ଅର୍ଥ ସାହାଯ୍ୟ କେନ୍ଦ୍ର ସରକାରଙ୍କଠାରୁ ମିଳିବ ଏବଂ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କଠାରୁ ମଧ୍ୟ ଆର୍ଥିକ ସାହାଯ୍ୟ ମିଳିପାରିବ । ଏତଦ୍‌ବ୍ୟତୀତ ପ୍ରାୟ ଦେଢ଼ କୋଟିରୁ ଦୁଇ କୋଟି ପର୍ଯ୍ୟନ୍ତ ଟଙ୍କା ବିଭିନ୍ନ ବ୍ୟବସାୟୀ ବ୍ୟାଙ୍କ, ସମବାୟ ବ୍ୟାଙ୍କ ମାନଙ୍କଠାରୁ ଋଣ ଆକାରରେ ମିଳିବାର ବ୍ୟବସ୍ଥା ରହିଛି । ଏହି ଯୋଜନାର ଖର୍ଚ୍ଚ ଅଟକଳ ନିମ୍ନରେ ଦିଆଗଲା :—

(ଲକ୍ଷ ଟଙ୍କା)

| ଯୋଜନା ଅଞ୍ଚଳ | ମୋଟ ଖର୍ଚ୍ଚ ଅଟକଳ | କେନ୍ଦ୍ର ସାହାଯ୍ୟ | ଅନୁଷ୍ଠାନ-ମାନଙ୍କରୁ ଋ[illegible] |
|---|---|---|---|
| ୧ । କେନ୍ଦୁଝର ଜିଲ୍ଲା । | ୨,୩୬'୫୦ | ୧,୦୦'୦୦ | ୧,୩୬'୦୦ |
| ୨ । କଟକ ଜିଲ୍ଲା (କଟକ ସଦର—୧ ବାରଙ୍ଗ, ବାଙ୍କି—୧ ବାଙ୍କି-୨, ଟାଙ୍ଗି-ଚୌଦ୍ୱାର, ଆଠଗଡ଼ ଓ ତିଗିରିଆ ବ୍ଲକ) । | ୩,୦୮'୮୦ | ୧,୦୦'୦୦ | ୨,୦୮'୮୦ |

ଗତ ୧୯୭୦-୭୧ ମସିହାରେ କେନ୍ଦ୍ର ସାହାଯ୍ୟର ପରିମାଣ ଥି[illegible] କେନ୍ଦୁଝରପାଇଁ ୩ ଲକ୍ଷ ଓ କଟକ ପାଇଁ ୨ ଲକ୍ଷ ଟଙ୍କା ।

## ଗ୍ରାମ୍ୟ କାରିଗରଙ୍କୁ ସାହାଯ୍ୟ

ନୂତନ ପଦ୍ଧତିରେ ଚାଷ, ଯାନ୍ତ୍ରିକ ବ୍ୟବହାର ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟପାଇଁ, ଗାଁଗହଳିରେ ଯେଉଁ ବଢ଼େଇ, କମାର କାରିଗର ପ୍ରଭୃତିଙ୍କର ସହଯୋଗ ଆବଶ୍ୟକ ସେଥିପାଇଁ ଉପରୋକ୍ତ ଯୋଜନା ମାଧ୍ୟମରେ ସେମାନଙ୍କୁ ଆଧୁନିକ ଧରଣର ଯନ୍ତ୍ରପାତିର ବ୍ୟବହାର ଓ ଶିକ୍ଷଣ ପାଇଁ ପ୍ରତ୍ୟେକ ଯୋଜନାରେ ୫ ଲକ୍ଷ ଟଙ୍କାର ଅର୍ଥ ବରାଦ ଅଛି । ଶିଳ୍ପ ବିଭାଗର ପରାମର୍ଶ କ୍ରମେ [illegible] ପରିକଳ୍ପନା କରାଯାଉଛି ।

ଅତଏବ ଛୋଟ ଚାଷୀ, ଅତି ଛୋଟ ଚାଷୀ ଓ କୃଷି ଶ୍ରମିକମାନଙ୍କର ଅବସ୍ଥାର ଉନ୍ନତିପାଇଁ ଚଳିତ ୧୯୭୧ ମସିହାରେ ଆରମ୍ଭ ହୋଇଥିବା ଏହି ଯୋଜନା କାର୍ଯ୍ୟକ୍ରମକୁ କ୍ଷିପ୍ରତର କରିବା ପାଇଁ ଓ ଯୋଜନା ଅନ୍ତର୍ଭୁକ୍ତ ଲକ୍ଷ୍ୟ ଏବଂ ଅର୍ଥ ବିନିଯୋଗ ୧୯୭୩-୭୪ ସୁଦ୍ଧା ଶେଷ ହୋଇପାରିବା ପାଇଁ ସଂସ୍ଥା ଗୁଡ଼ିକର ସଭ୍ୟ, ତଥା ଚାଷୀ ଓ ଅନ୍ୟାନ୍ୟ ସଂପୃକ୍ତ ବ୍ୟକ୍ତି- ମାନଙ୍କ କର୍ତ୍ତବ୍ୟ ନିଷ୍ଠା ଓ ସହଯୋଗ ଓ ଦକ୍ଷତା ବିଶେଷ ପରିମାଣରେ ଆବଶ୍ୟକ ।

ଏବଂ ଯନ୍ତ୍ରପାତି ଯୋଗାଣ କିପରି ବହୁଳ ପରିମାଣରେ ଓ ଯଥାସମୟରେ ମିଳିପାରିବ ସେସବୁର ବ୍ୟବସ୍ଥା ସଂସ୍ଥାର ପ୍ରଧାନ କର୍ତ୍ତବ୍ୟ । ଯେଉଁ ଚାଷୀମାନଙ୍କର ବେଶୀ ଜମି ନାହିଁ କିମ୍ବା ସହର ଅଞ୍ଚଳରେ ବସବାସ କରୁଛନ୍ତି ସେ କ୍ଷେତ୍ରରେ ପନିପରିବା, ଫଳଚାଷ, ଦୁଗ୍ଧ ଉତ୍ପାଦନ, ଘୁଷୁରି ଓ କୁକୁଡ଼ା ପାଳନ, ମତ୍ସ୍ୟ ଚାଷ ପ୍ରଭୃତି କାର୍ଯ୍ୟକ୍ରମରେ ମଧ୍ୟ ସେମାନଙ୍କୁ ସାହାଯ୍ୟ ମିଳିବ । କ୍ଷୁଦ୍ର ଜଳସେଚନ ଯଥା ପୁରୁଣା ପୁଷ୍କରିଣୀ ସଂସ୍କାର, କୂଅ, ନଳକୂଅ, ବିଜୁଳି ବା ଡିଜେଲ ଚାଳିତ ପାଣିପମ୍ପ ବ୍ୟବହାର, ଛୋଟ ଝରଣା ବନ୍ଧେଇ ପାଣି ମଡ଼େଇବା ଏବଂ ଜମି ସମତଳ କରିବା ଜମି ଆବାଦ କରିବା ବାବଦରେ ବହୁତ ଅର୍ଥର ଦରକାର ଅଛି । ଛୋଟ ଚାଷୀ ଚାଷ କାର୍ଯ୍ୟ ପାଇଁ ଯେଉଁ ସ୍ୱଳ୍ପ ମିଆଦୀ ଋଣ ସମବାୟ ବ୍ୟାଙ୍କ ଜରିଆରେ ପାଇବ ସେଥିପାଇଁ ଜମି ବନ୍ଧକ ଆବଶ୍ୟକ ନାହିଁ । ଫସଲ ଭିତ୍ତିରେ ବ୍ୟାଙ୍କମାନେ କୃଷି ଋଣ ଦେବେ । ଯେଉଁ ଛୋଟ ଚାଷୀମାନଙ୍କୁ ସମବାୟ ଋଣ ସମିତିମାନେ ଋଣ ଦେଇ ନ ଥିଲେ ସେମାନେ ଏହି ଛୋଟ ଚାଷୀଙ୍କୁ ଅଧିକ ସଂଖ୍ୟାରେ ସଭ୍ୟ ଶ୍ରେଣୀଭୁକ୍ତ କରିବା ପାଇଁ ଅର୍ଥ ଦରକାର ହୋଇଛି । ଚାଷୀମାନେ କିପରି ଋଣ ବା ଅର୍ଥର ଉଚିତ ବ୍ୟବହାର କରିବେ ସେଥିପାଇଁ ଫସଲ ଖସଡ଼ା ପ୍ରସ୍ତୁତ ହୋଇଛି ଏବଂ ଅଧିକ ଅମଳ ସମ୍ବନ୍ଧୀୟ ଫସଲ ଚାଷର ପ୍ରସାର କରାଯାଉଛି । ସାର, ବିହନ ଓ କୀଟମରା ଔଷଧ ବାବଦରେ ଋଣ ଟଙ୍କା ସମବାୟ ଅନୁଷ୍ଠାନ କିମ୍ବା ସ୍ଥାନୀୟ ବ୍ୟବସାୟୀଙ୍କ ଜରିଆରେ ସାଧାରଣତଃ ମିଳିଥିବ । ସେହି ଅଞ୍ଚଳର ସମବାୟ ବାଣିଜ୍ୟ ସମିତିଗୁଡ଼ିକୁ ମଧ୍ୟ ସଂଗଠିତ କରିବାକୁ ହେବ ଯେପରିକି ଛୋଟ ଚାଷୀଙ୍କର ଉତ୍ପାଦିତ ଦ୍ରବ୍ୟ ବିକ୍ରୀବଟା ଦ୍ୱାରା ଚାଷୀ ଉଚିତ ମୂଲ୍ୟ ପାଇ ପାରିବ । ଯେପରି ସମବାୟ ଋଣ ସମିତି, କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଭୂ-ଉନ୍ନୟନ ବ୍ୟାଙ୍କମାନେ ଚାଷୀଙ୍କୁ ନିୟମିତ ଚାହିଦା ମୁତାବକ ଋଣ ଦେଇ ପାରିବେ ସେଥିପାଇଁ ଏହି କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥାରୁ ସେମାନଙ୍କୁ ଆକସ୍ମିକ କ୍ଷତି ପାଣ୍ଠି ଗଠନ (Risk Fund Contribution) ଓ କର୍ମଚାରୀ ନିଯୁକ୍ତିପାଇଁ ଆର୍ଥିକ ସାହାଯ୍ୟ (Managerial Subsidy) ଦେବାର ବ୍ୟବସ୍ଥା ରହିଛି । ଆବଶ୍ୟକ ସ୍ଥଳେ କେନ୍ଦ୍ର ସମବାୟ ବ୍ୟାଙ୍କମାନଙ୍କୁ ମଧ୍ୟ ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅଗ୍ରିମ ଋଣ ଦିଆଯାଇ ପାରିବ ଯାହାଦ୍ୱାରା କି କେନ୍ଦ୍ର ବ୍ୟାଙ୍କମାନେ ରିଜର୍ଭ ବ୍ୟାଙ୍କରୁ ଅଧିକ ଋଣ ଆଣି ଛୋଟ ଚାଷୀଙ୍କର ଋଣ ଚାହିଦା ମେଣ୍ଟାଇ ପାରିବେ ।

କେନ୍ଦ୍ର ବ୍ୟାଙ୍କ, ଭୂଉନ୍ନୟନ ବ୍ୟାଙ୍କ କିମ୍ବା ବ୍ୟବସାୟୀ ବ୍ୟାଙ୍କମାନେ ଅନୁମୋଦିତ କ୍ଷୁଦ୍ର ଜଳସେଚନ, ଭୂ-ଉନ୍ନୟନ, କୃଷି ଯନ୍ତ୍ରପାତି, ଦୁଗ୍ଧ ଉତ୍ପାଦନ ଇତ୍ୟାଦି କାର୍ଯ୍ୟରେ ଯେତେ ପରିମାଣରେ ଅର୍ଥ ଲଗାଣ କରିବେ ତାହା କୃଷି ଋଣ କରପୋରେସନ ଠାରୁ ପାଇବାପାଇଁ ଭରସା କରି ପାରିବେ । ଅତଏବ ବିଭିନ୍ନ ଉତ୍ପାଦନ ଓ ଦୀର୍ଘ ମିଆଦି ଉନ୍ନୟନ କାର୍ଯ୍ୟପାଇଁ ଯାହା ଋଣ ଆବଶ୍ୟକ ତାହା ମିଳିବାରେ ଅସୁବିଧା ରହିବ ନାହିଁ ।

କୃଷିଋଣ ମିଳିବା ପାଇଁ ଯେଉଁସବୁ ସୁବିଧା କରାଯାଉଛି ତାହାର ସଦୁପଯୋଗ ନ କରି ଯଦି ଚାଷୀ ସେହି ଋଣ ଶୁଝିବା ପାଇଁ ସମର୍ଥ ନ ହୁଏ ତେବେ ସବୁ ଉଦ୍ୟମ ବ୍ୟର୍ଥ ହେବ । ତେଣୁ ଏ ବାବଦରେ ସଂସ୍ଥା ତରଫରୁ ଋଣ ବିନିଯୋଗ ପାଇଁ ଏବଂ ଆଦାୟ ପାଇଁ ସରକାରୀ ଏବଂ ଆନୁଷ୍ଠାନିକ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ । ବ୍ୟବସାୟୀ ବ୍ୟାଙ୍କମାନେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଗ୍ରାମ୍ୟ ଅଞ୍ଚଳରେ ସବୁପ୍ରକାର ଋଣ ବ୍ୟବସ୍ଥା କରିବା ପାଇଁ ରାଜି ହୋଇଛନ୍ତି । ତେଣୁ ଛୋଟ ଚାଷୀ ନିଜେ ଏ ବିଷୟରେ ସତର୍କ ରହି ଅଧିକ ଉତ୍ପାଦନଶୀଳ ହେବା ବାଞ୍ଛନୀୟ । ସମବାୟ ବିଭାଗ ଏହି ପ୍ରତ୍ୟେକ ଅଞ୍ଚଳ ପାଇଁ ନିର୍ଦ୍ଦିଷ୍ଟ ଋଣ ଯୋଜନା ପ୍ରସ୍ତୁତ କରି ସାରିଲେଣି ।

ସଂସ୍ଥା ଗଠିତ ହେବା ପରଠାରୁ ଗୋଟିଏ ନମୁନା ଅର୍ଥନୈତିକ ସର୍ଭେ କାର୍ଯ୍ୟ ଓଡ଼ିଶା ଅର୍ଥନୈତିକ ଓ ପରିସଂଖ୍ୟାନ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇ ସରିଆସିଲାଣି । ଛୋଟ ଚାଷୀମାନଙ୍କର ଅର୍ଥନୈତିକ ଓ ସାମାଜିକ ସ୍ଥିତି ଓ ସେମାନେ ଜଡ଼ିତ ଥିବା ବିଭିନ୍ନ ସମସ୍ୟାର ଚିତ୍ର ଏଥିରୁ ମିଳିପାରିବ ଏବଂ କେଉଁ ଅଞ୍ଚଳର ଚାଷୀ କେଉଁ ପ୍ରକାରର ସାହାଯ୍ୟ ଦରକାର କରନ୍ତି ତାର ମୋଟାମୋଟି ଧାରଣା ଏଥିରୁ ମିଳି ପାରିବ । ସଂସ୍ଥା ଡିରେକ୍ଟର (ଅତିରିକ୍ତ ଜିଲ୍ଲାପାଳ ପାହ୍ୟା ଅଫିସର) ମାନେ ତହସିଲ ଓ ବ୍ଲକ୍ କର୍ମଚାରୀମାନଙ୍କ ସାହାଯ୍ୟରେ ଛୋଟଚାଷୀ ତାଲିକା ପ୍ରସ୍ତୁତ କଲେଣି । ପ୍ରତ୍ୟେକ ସଂସ୍ଥା ଦ୍ୱାରା ପଚାଶ ହଜାର ଛୋଟ ଚାଷୀଙ୍କୁ ଚତୁର୍ଥ ଯୋଜନା କାଳରେ ଉନ୍ନତ ଅବସ୍ଥାକୁ ଆଣିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ତେଣୁ ପର୍ଯ୍ୟାୟକ୍ରମେ ବିଭିନ୍ନ ଯୋଜନାବଦ୍ଧ ଅଞ୍ଚଳରେ ତାଲିକା ପ୍ରସ୍ତୁତ ହେଉଛି । ସବୁ ଛୋଟ ଚାଷୀଙ୍କର ଅବସ୍ଥା ସମାନ ନୁହେଁ । ଜଳସେଚିତ ଅଞ୍ଚଳରେ ୨.୫ ଏକରରୁ ୫.୦ ଏକର ପର୍ଯ୍ୟନ୍ତ ଛୋଟ ଚାଷୀ ଏବଂ ବର୍ଷାଧାର ଉପରେ ନିର୍ଭର କରୁଥିବା ଅଞ୍ଚଳରେ ୨.୫ ଏକରରୁ ୭.୫ ଏକର ପର୍ଯ୍ୟନ୍ତ ଜମି ଚାଷ କରୁଥିବା ଛୋଟ ଚାଷୀଙ୍କୁ ଏହି ତାଲିକାଭୁକ୍ତ କରିବାକୁ ସ୍ଥିର ହୋଇଛି । ୨.୫ ଏକରରୁ କମ୍ ଥିବା ଛୋଟ ଚାଷୀଙ୍କୁ କିମ୍ବା ୫ ଏକର, ୭.୫ ଏକରରୁ ବେଶୀ ଥିବା ଚାଷୀଙ୍କୁ ଏହି ତାଲିକାଭୁକ୍ତ କରା ହେବ ନାହିଁ ।

ଅତି ଛୋଟ ଚାଷୀଙ୍କ କଥା ଅନ୍ୟଭାବରେ ବିଚାର କରା ହେବ ଏବଂ ବଡ଼ ଚାଷୀଙ୍କ କଥା ବିଚାରକୁ ନ ନେଲେ ମଧ୍ୟ ସେମାନେ ଯେପରି

ଓ ଯୋଜନା ଅଞ୍ଚଳର ପ୍ରଥମ ସୋପାନରେ, ଏ ସବୁ ସ୍ଥାନରେ ଯୁବ-ଅପରାଧ କୌଣସି ସମସ୍ୟା ସୃଷ୍ଟି କରି ନଥିଲା, କାରଣ ସେଠାରେ ମୁଖ୍ୟ ଶ୍ରେଣୀର ଲୋକମାନେ ରହିବା ପାଇଁ ଘର ନ ଥିବାରୁ ସ୍ତ୍ରୀ ଓ ପିଲାମାନଙ୍କୁ ଗାଁମାନଙ୍କରେ ରଖି ଆସିଥିଲେ । କ୍ରମେ ଛୋଟ ଛୋଟ ପଳା, ଝୁମ୍ପୁଡି ଘର ତିଆରିକରି କଦର୍ଯ୍ୟ ବସ୍ତିରେ ପିଲାପିଲିଙ୍କୁ ରଖିଲେ ଓ ଲୋକ ସଂଖ୍ୟା ମଧ୍ୟ ବଢିବାରେ ଲାଗିଲା, ଯାହାଦ୍ୱାରା ବର୍ତ୍ତମାନ ଯୁବ ଅପରାଧ ସମସ୍ୟା ଏହି ସ୍ଥାନମାନଙ୍କରେ ମୁଣ୍ଡ ଟେକିବାରେ ଲାଗିଲାଣି । କୋରାପୁଟ ଜିଲ୍ଲାର ଜୟପୁର ଗୋଟିଏ ଛୋଟ ସହର । ସ୍ଥାନୀୟ ଲୋକେ ସାଧାରଣତଃ ଚାଷବାସ ଓ ସାନ ସାନ ବେପାରରେ ନିଜର ଜୀବିକା ଅର୍ଜନ କରନ୍ତି । ସହରରେ ସବୁ ଉନ୍ନତ ସୁବିଧା ଥିଲେ ସୁଦ୍ଧା ସହର ତଳି ଅଞ୍ଚଳରେ କଦର୍ଯ୍ୟ ବସ୍ତି ସବୁ ବଢିବାରେ ଲାଗିଅଛି । ସହର ଉପାନ୍ତରେ ବେଶ୍ୟାବୃତ୍ତିର ପ୍ରାଦୁର୍ଭାବ ପରିଲକ୍ଷିତ ହୁଏ ଓ ଯୁବ-ଅପରାଧୀମାନେ ସେଠାରେ ଠକ ହେବାର ଦେଖାଯାଏ । ଏହି ସହରରେ ୧୯୬୫ ମସିହାରେ ୧୫୦ ଜଣ ଯୁବ ଅପରାଧୀଙ୍କର କାର୍ଯ୍ୟକଳାପ ଅନୁଧ୍ୟାନ କରାଯାଇ ଦେଖାଗଲା ଯେ ଛୋଟ ଛୋଟ ପୁଅ ଓ ଝିଅମାନେ ଦୋକାନରୁ ଜିନିଷ ଚୋରି କରିନେବା, ବସ ଷ୍ଟାଣ୍ଡରେ ପକେଟମାରୁ କରିବା, ଜୁଆ, ମଦ ଓ ଅନ୍ୟାନ୍ୟ ସାନ ବଡ଼ ଅପରାଧରେ ଲିପ୍ତ ରହିଛନ୍ତି ।

୧୯୬୬ ମସିହାରେ ବଲାଙ୍ଗିର ସହରରେ ଅପରାଧ ସଂଖ୍ୟା ଆଶଙ୍କଜନକ ଭାବରେ ବଢିଥିଲା ଓ ଏହା ସହରବାସୀ, ବିଶେଷ କରି, ପୋଲିସ ଓ ଆଇନଦାତାମାନଙ୍କର ଏକ ଚିନ୍ତାର ବିଷୟ ହୋଇଥିଲା । ଦିନେ ରାତ୍ରିରେ ପହରା ଦେବା ବେଳେ ସ୍ଥାନୀୟ ପୋଲିସ କେତେ-ଜଣ ପିଲାଙ୍କୁ ସନ୍ଦେହରେ ବୁଲୁଥିବାର ଦେଖି ପଚରା ଉଚରା କରିବାରୁ ଜଣା ପଡ଼ିଲା ସେମାନେ ୩୫ ଠାରୁ ୪୦ ଜଣ ପର୍ଯ୍ୟନ୍ତ ମଧ୍ୟ ଦଳ ଗଠନ କରି ଗୋଟିଏ କ୍ଲବ କରିଛନ୍ତି ଓ ସେଥିରେ ବହୁତ ଖେଳ ସାମଗ୍ରୀ କିଣିଛନ୍ତି । ଏ କ୍ଲବରେ ଚୋରିକରି ଆଣି ଜିନିଷ ପତ୍ର ଓ ବିକ୍ରିପରେ ଖେଳନା କିଣି ଖେଳନ୍ତି । ସେ ବର୍ଷ ବଲାଙ୍ଗିର, ଟିଟିଲାଗଡ଼ ସହର ଓ ସହର ତଳିରେ ଯେତେ ଚୋରି ହୋଇଥିଲା ସେ ସବୁ ଜିନିଷ ତାଙ୍କରି ପାଖରୁ ମିଳିଲା ।

୧୯୬୯ ମସିହାରେ ବ୍ରହ୍ମପୁର ସହରରେ ଯୁବ ଅପରାଧୀମାନଙ୍କର ଇତିହାସ ସଂଗ୍ରହ କରିବାରେ ଦେଖାଗଲା ଯେ ଅଧିକାଂଶ ପିଲା ସିନେମା ଦେଖିବାକୁ ପଇସା ଅଭାବରୁ ଚୋରି କରିଛନ୍ତି । ମୋଟ ୪୫୯ ଯୁବ ଅପରାଧୀ ସେ ସହରରେ ୧୯୬୦ରୁ ୧୯୬୯ ପର୍ଯ୍ୟନ୍ତ ବିଗ୍ରଗଳୟରେ ବିଭିନ୍ନ ଭାବରେ ବିଭିନ୍ନ ଅପରାଧରେ ଦଣ୍ଡିତ ହୋଇଛନ୍ତି ଓ ଅହରହ କାରାଗାରରେ ରହି ଆସୁଅଛନ୍ତି ।

## ଓଡ଼ିଶାରେ ଯୁବ-ଅପରାଧୀ ବିବରଣୀ

| ବର୍ଷ | ଯୁବ-ଅପରାଧୀ ସଂଖ୍ୟା | ୭ ଠାରୁ ୧୨ | ୧୨ଠାରୁ ୧୬ | ୧୬ରୁ ୨୧ | ଜେଲ | ପ୍ରବେଶନ | ବୋର୍ଷ୍ଟାଲ ଓ ଅନ୍ୟାନ୍ୟ |
|---|---|---|---|---|---|---|---|
| ୧୯୬୭ | ୭୬୬ | ୬୩ | ୨୨୫ | ୪୩୮ | ୪୩୬ | ୨୨୫ | ୫୫ |
| ୧୯୬୮ | ୬୮୬ | ୬୮ | ୧୬୮ | ୪୩୦ | ୩୬୨ | ୨୨୦ | ୧୦୪ |
| ୧୯୬୯ | ୭୭୨ | ୪୨ | ୨୩୦ | ୫୦୦ | ୩୩୪ | ୩୨୫ | ୧୧୦ |

ଯୁବ ଅପରାଧ ରୋକିବା ପାଇଁ ଭାରତର ସମସ୍ତ ପ୍ରଦେଶରେ ଯୁବ ଆଇନ ପ୍ରଣୟନ କରା ଯାଇ ଅଛି ! କେବଳ, ଜାମୁ କାଶ୍ମୀର, ନାଗାଲାଣ୍ଡ ଓ ଓଡ଼ିଶାରେ ଏହି ଯୁବ ଆଇନ ବା Children's Act; ଏ ପର୍ଯ୍ୟନ୍ତ ପ୍ରଣୟନ କରା ଯାଇନାହିଁ । ଏହା ଅତି କ୍ଷୋଭର ବିଷୟ !

ଆମ ଓଡ଼ିଶାରେ ଏହି ଯୁବ ଅପରାଧ ରୋକିବା ପାଇଁ କେବଳ (Reformatory School Act, 1897) ସୁଧାରାଗାର ଅଧିନିୟମ ୧୮୯୭ ପ୍ରଚଳିତ ହେଉ ଅଛି । ଏହି ଆଇନ ବଳରେ ଯୁବ ଅପରାଧୀ ଯଦି ଦଣ୍ଡ ପାଇବା ସମୟରେ ୧୫ ବର୍ଷ ବୟସରେ ଉଣା

# ଓଡ଼ିଶାରେ ଯୁବ-ଅପରାଧ


ଆନନ୍ଦ ଚନ୍ଦ୍ର ପ୍ରଧାନ



ସମାଜ ସୃଷ୍ଟି ହେବା ଦିନଠାରୁ ଅପରାଧ ମଣିଷ ସହିତ ଜଡ଼ିତ ହୋଇ ରହିଅଛି । ସେହି ଦିନରୁ ସମାଜ ଅପରାଧ ଓ ଅପରାଧୀଙ୍କ ବିରୁଦ୍ଧରେ ଅବିରାମ ସଂଗ୍ରାମ ଚଳାଇ ଆସିଅଛି । ତଥାପି ଅପରାଧକୁ ଏ ଯାଏ ମୂଳପୋଛ କରି ଦିଆଯାଇ ପାରି ନାହିଁ । ଅପରାଧ କେବଳ ବୟସ୍କ ଲୋକମାନଙ୍କ ମଧ୍ୟରେ ସୀମାବଦ୍ଧ ନୁହେଁ । ଅବସ୍ଥା ଚକ୍ରରେ ପଡ଼ି ଛୋଟ ଛୋଟ ପିଲାମାନେ ମଧ୍ୟ କ୍ରମେ କ୍ରମେ ବଡ଼ ବଡ଼ ଅପରାଧୀରେ ପରିଣତ ହେଉଛନ୍ତି । ଭାରତବର୍ଷରେ ଯୁବ-ଅପରାଧ ସମୁଦାୟ ଅପରାଧର ଶତକଡ଼ା ୧୦ ହେବ । ଆମ ଓଡ଼ିଶାରେ ଏହାର ସଂଖ୍ୟା ଶତକଡ଼ା ୨ ଉପରେ । ବଡ଼ ବଡ଼ ଅପରାଧମାନଙ୍କ ମଧ୍ୟରୁ ପ୍ରାୟ ୩ ଭାଗ ଅପରାଧ ଅପ୍ରାପ୍ତ ବୟସ ଅପରାଧୀମାନଙ୍କଦ୍ୱାରା ହେଉଅଛି । ସମାଜ-ବିରୋଧୀ କାର୍ଯ୍ୟକଳାପରେ ଜଡ଼ିତ ହେବା ଲୋକ ଦିନକୁ ଦିନ ଅଧିକ ପରିମାଣରେ ଯୁବକ ଓ ଅପ୍ରାପ୍ତ ବୟସ ଲୋକମାନଙ୍କ ମଧ୍ୟରେ ବୃଦ୍ଧି ପାଉ ଥିବାର ଲକ୍ଷ୍ୟ କରା ଯାଉଛି । ଅଧାରୁ ଅଧିକ ଯୁବ-ଅପରାଧୀମାନଙ୍କର ବୟସର ସୀମା ହେଉଛି ୧୬ରୁ ୨୧ ବର୍ଷ । ସିନ୍ଧି ଏବଂ ଚୋର ସଂଖ୍ୟା ବଡ଼ ବଡ଼ ଅପରାଧ ସଂଖ୍ୟାର ପ୍ରାୟ ଅର୍ଦ୍ଧେ ବୋଲି ପୋଲିସରୁ ଜଣା ଯାଉଛି ।

ବାଳକମାନଙ୍କ ଭିତରେ ଅପରାଧ କାହିଁକି ଏପରି ବ୍ୟାପକ ହେଉଛି, ତାର କାରଣ ସ୍ଥିର କରିବାକୁ ହେବ । ମାତ୍ର ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ କାରଣ ଧାର୍ଯ୍ୟ କରାଯାଇ ନ ପାରେ । ବହୁ କାରଣରୁ ବାଳକମାନେ ଅପରାଧ ଆଡ଼କୁ ଟାଣି ହୋଇ ଯାଆନ୍ତି । ଓଡ଼ିଶାରେ ପ୍ରଧାନତଃ, ପରିବାରର ଅସ୍ୱାସ୍ଥ୍ୟକର ଓ ଅସ୍ୱଚ୍ଛଳ ଅବସ୍ଥା, ବାପ ମାଙ୍କ ଭିତରେ କଳହ, ପିତାମାତାଙ୍କ ଅବହେଳା, ପ୍ରାପ୍ତବୟସ୍କ ଲୋକଙ୍କର କୁ ପ୍ରରୋଚନା ଯୋଗୁଁ ବାଳକମାନେ ଏହିପରି ଏକ ସହଜ ପନ୍ଥାର ଆଶ୍ରୟ ନିଅନ୍ତି । ସର୍ବୋପରି ପ୍ରାପ୍ତବୟସ୍କ ଲୋକଙ୍କର ଅସାଧୁତାହିଁ ବାଳକମାନଙ୍କୁ ଯଥାଯଥ ଶ୍ରଦ୍ଧା, ଯତ୍ନ ଓ ଶିକ୍ଷାରୁ ବଞ୍ଚିତ କରେ । ତେଣୁ ସେମାନେ ଅନ୍ୟ ଉପାୟ ନ ଦେଖି ରାସ୍ତା ଉପରକୁ ଗୋଡ଼ ବଢ଼ାନ୍ତି । ଅବହେଳିତ ପାରିବାରିକ ଜୀବନରୁ ଧୀରେ ଧୀରେ ସେମାନେ ପଶି ଯାଆନ୍ତି ରାସ୍ତାର ଅସାମାଜିକ କୁସଙ୍ଗ ଭିତରକୁ । ସେହି ଆବହାଓ୍ୱା ଭିତରେ ବୃଦ୍ଧି ଲଭି ସେମାନେ ଆଳସ୍ୟ ଓ ଉତ୍ତେଜନାର ବଶବର୍ତ୍ତୀ ହୋଇ ନିଜକୁ ମନ୍ଦ ଦିଗରେ ପରିଚାଳିତ କରନ୍ତି ।

ଆମ ଓଡ଼ିଶାରେ କଟକ, ଜୟପୁର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଓ ବଲାଙ୍ଗିର ଜିଲ୍ଲାମାନଙ୍କର ସହର ଓ ଗ୍ରାମାଞ୍ଚଳରେ ଏପରି ଏକ ଅପରାଧର ଆଶୁ ନିବାରଣ ଆଜି ଚିନ୍ତାର ବିଷୟ ହୋଇଅଛି । ୧୯୬୪ ମସିହାରେ କଟକ ସହରରେ ୧୬୦ ଜଣ ପିଲାଙ୍କୁ ପରୀକ୍ଷା କରି ଦେଖାଗଲାଯେ, ସେମାନଙ୍କ ଭିତରୁ ପ୍ରାୟ ୩୧୩ ଜଣଙ୍କର ଅପରାଧ ମନୋବୃତ୍ତି ରହିଛି । ସେମାନଙ୍କ ମଧ୍ୟରେ ସାଧାରଣତଃ ଶିକ୍ଷାଦୀକ୍ଷାର ଅଭାବ ପରିଲକ୍ଷିତ ହୋଇଥିଲା । ହୀରାକୁଦ, ବୁର୍ଲା, ରାଉରକେଲା, ସୁନାବେଡ଼ା, ବାଲିମେଳା, ଯୋଡ଼ା, ବଡ଼ବିଲ, ବ୍ରଜରାଜନଗର ସହରମାନଙ୍କରେ ଯୁବ ଅପରାଧର ତନଖି କରା ଯାଉଅଛି । ଶିଳ୍ପ ସଂପ୍ରସାରଣର ଆରମ୍ଭରେ, କାରଖାନା


LEMON
SQUASH
ଖରା ଦିନରେ ହାଲିଆ ହୁଅନ୍ତୁ ନାହିଁ!
ପି.ଆଇ.ଓ.
ଲେମ୍ବୁ ସ୍କ୍ୱାସ୍ ପିଅନ୍ତୁ।
ତାଜା ଫଳ ରସରେ ଭରପୁର
ଏଥିରେ କୌଣସି କୃତ୍ରିମ ଉପାଦାନ ନାହିଁ
ସ୍ୱାସ୍ଥ୍ୟକର • ସୁସ୍ୱାଦୁ • ସୁଲଭ

ଥାଉ ନାହିଁ, ତେବେ ତାଙ୍କୁ ବିହାରସ୍ଥ ହଜାରୀବାଗ୍ ସୁଧାର—ବିଦ୍ୟାଳୟକୁ ପ୍ରେରିତ କରା ଯାଇ ପାରିବ । ସେଠାରେ ସେ ପାଠ ପଢ଼ା ପଢ଼ି କରିବେ ଓ ଅନ୍ୟାନ୍ୟ କୁଟୀର ଶିଳ୍ପ ପରିଚ କାମ ଶିକ୍ଷା କରିବେ । ଆମ ଢେଙ୍କାନାଳ ଜିଲ୍ଲା ଅନୁଗୁଳରେ ଏହି ଯୁବ-ଅପରାଧୀମାନଙ୍କ ପାଇଁ ଏକ ବୋରଷ୍ଟାଲ—କାରାଗାର ରହି ଅଛି । ଏଥିରେ ଯେଉଁ ଯୁବ ଅପରାଧୀଙ୍କୁ ଏକ ମାସରୁ ଊର୍ଦ୍ଧ୍ୱ କାରାଗାର ଦଣ୍ଡ ହୁଏ, ସେ ଏଠାକୁ ଆସନ୍ତି । ଅନ୍ୟମାନେ ଜିଲ୍ଲା ସଦରରେ ରହି ସଦର ମହକୁମା ଜେଲରେ ଦଣ୍ଡ ଭୋଗ କରନ୍ତି । ଅନେକଙ୍କୁ ଜୋରିମାନା ଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଏ । ସର୍ବୋପରି ଅଧୁନାତନ ୧୯୬୨ ମସିହାରୁ ପ୍ରତ୍ୟେକ ଜିଲ୍ଲାର ସଦର ମହକୁମାରେ ଶିକ୍ଷା ନବିସ୍ କାର୍ଯ୍ୟାଳୟମାନ ଖୋଲିଅଛି । ଏଥିରେ ଶିକ୍ଷା ନବିସ୍ ଅଧିକାରୀଗଣ ରହି ଯୁବ ଅପରାଧୀମାନଙ୍କ ଶିକ୍ଷାର ବନ୍ଦୋବସ୍ତ କରୁଅଛନ୍ତି । ଏକ ଶିକ୍ଷା ନବିସ୍ ଛାତ୍ରାବାସ ( Probation Hostel ) ଅନୁଗୋଳରେ ପ୍ରତିଷ୍ଠା କରା ଯାଇଅଛି । ଏଥିରେ ଯୁବ-ଅପରାଧୀମାନେ ରହି ତାଙ୍କର ଅବେକ୍ଷା କାଳ ବା ପରୀକ୍ଷା କାଳ ଅତିବାହିତ କରିଥାନ୍ତି । ଶିକ୍ଷା ପାଇବା ଓ ନିୟମିତ ଜୀବନ ଯାପନ କରିବା ଏହି ଶିକ୍ଷାନବିସ୍ ଛାତ୍ରାବାସର ମୂଳ ଉଦ୍ଦେଶ୍ୟ । ପୋଲିସର ଏ ଦିଗରେ ଯଥେଷ୍ଟ କିଛି କରିବାର ଅଛି । ଯେଉଁ ଅଞ୍ଚଳରେ ଯୁବ-ଅପରାଧ ଦେଖାଯାଏ ସେଠାରେ ଆବଶ୍ୟକୀୟ ପହରାର ବ୍ୟବସ୍ଥା ହେଲେ ଏହି ଅପରାଧ ଅନେକ ପରିମାଣରେ କମିଯିବ । ଅନେକଙ୍କର ବିଶ୍ୱାସ ପୋଲିସ ବିଭାଗ ରହିଥିବା ସ୍ଥଳେ ଅନ୍ୟ କାହାରି ଏ ବିଷୟରେ ମୁଣ୍ଡ ଖେଳାଇବାର ଆବଶ୍ୟକତା ନାହିଁ । କିନ୍ତୁ ଏହା ସମ୍ପୂର୍ଣ୍ଣ ଭ୍ରମ ଧାରଣା । ଏଥି ପାଇଁ ପୋଲିସର ନିର୍ଦ୍ଦିଷ୍ଟ ଦାୟିତ୍ୱ ଓ କାର୍ଯ୍ୟ ଯେ ନାହିଁ, ତା ନହେଁ, କିନ୍ତୁ ସାଧାରଣ ଯୁବ-ସମାଜକୁ ଯଦି ଅପରାଧପ୍ରବଣତା ସ୍ପର୍ଶ ନ ପାଏ, ତେବେ ପୋଲିସ ବିଭାଗ ରହି ମଧ୍ୟ ସନ୍ତୋଷଜନକ ଫଳ ହେବ ନାହିଁ ।


ବର୍ତ୍ତମାନ ସମାଜସ୍ଥ ଯୁବ-ଅପରାଧ ନିବାରଣ ପାଇଁ ଜନ ସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରା ଯାଉଛି । ଯୁବ ଅପରାଧ ହେଉଛି ବିଶ୍ୱବ୍ୟାପୀ । ଏହାର କୌଣସି ଗୋତ୍ର ବା ଗୋଷ୍ଠୀ ନାହିଁ କି ଏହା କୌଣସି ସ୍ଥାନ ବା ରାଜ୍ୟର ସୀମା ମଧ୍ୟରେ ଆବଦ୍ଧ ନହେଁ । ସେଥିପାଇଁ ଏହାର ମୁକାବିଲା କରିବାକୁ ହେଲେ ଏକ ସ୍ୱୟଂ-ସମ୍ପୂର୍ଣ୍ଣ ଚେଷ୍ଟା ଚଳାଇବାକୁ ହେବ । ଆମମାନଙ୍କୁ ଯୁବ-ଅପରାଧ ବିରୁଦ୍ଧରେ ଏକ ଅବିରାମ ସଂଗ୍ରାମ ଘୋଷଣା କରିବାକୁ ହେବ ।

ଯୁବ-ଅପରାଧୀମାନଙ୍କୁ ବନ୍ଦୀଶାଳାରୁ ଅନ୍ତର କରିବା ପାଇଁ ଜାତୀୟ ଆନ୍ଦୋଳନ ଲୋଡ଼ା । ୧୯୭୧ ବର୍ଷଟି ଯୁବ-ଅପରାଧୀ ଶିକ୍ଷା ବର୍ଷ ରୂପେ ପାଳିତ ହେଉଅଛି । ସମାଜ ଯୁବ-ଅପରାଧୀମାନଙ୍କୁ ଗ୍ରହଣ କରି ନେଇ ତାଙ୍କୁ ସୁପଥରେ ପରିଚାଳିତ କରନ୍ତୁ । ଏହା ଏକ ମାନବୋଚିତ ସେବାମୂଳକ କାର୍ଯ୍ୟ । ଆଉନ୍ ଦାତାମାନେ ମଧ୍ୟ ଏଥିରେ ଅଂଶ ଗ୍ରହଣ କରି ଏହି ଯୁବ-ଅପରାଧୀମାନଙ୍କର ଶିକ୍ଷା ଘର ଦିଗରେ ସାହାଯ୍ୟ କରନ୍ତୁ, ଏହାହିଁ ଆମର ନିବେଦନ ।

---



ସୁନା ଫସଲରେ ଆତ୍ମହରା କୃଷକ ଦମ୍ପତି



ଉଠା ଜଳସେଚନ



କେନ୍ଦ୍ର ଧାନ୍ୟ ଗବେଷଣା ଅନୁଷ୍ଠାନ

# ଲାଭ କରନ୍ତୁ

# 7 1/4 %

୫-ବର୍ଷିଆ

ଡାକଘର ମିଆଦି ଜମାରେ

୩ ବର୍ଷିଆ ଜମାରେ ୭% ୧ ବର୍ଷିଆ ଜମାରେ ୬%

ଅନ୍ୟାନ୍ୟ କରଧାର୍ଯ୍ୟଯୋଗ୍ୟ ସିକ୍ୟୁରିଟି ଓ ଜମାସବୁର ସୁଧକୁ ମିଶାଇ ଏଥିର ସୁଧ ବର୍ଷକୁ ଟ ୩୦୦୦ ( ପର୍ଯ୍ୟନ୍ତ ଆୟକର ଠାରୁ ଛାଡ ପାଏ ।

ଅଧିକ ବିବରଣୀ ଲାଗି ଆପଣଙ୍କ ଡାକଘରେ ପଚାରନ୍ତୁ ।

**ଜାତୀୟ ସଞ୍ଚୟ ସଂଗଠନ**

davp 70/661

| କୃଷି ଯୋଜନାର ଲକ୍ଷ୍ୟ .. | | ୧୯୬୯-୭୦ | ୧୯୭୦-୭୧ |
|---|---|---|---|
| ଖୋଟ (ଲକ୍ଷଗାଣ୍ଟି) | .. | ୩·୧୫ | ୩·୧୬ |
| ଅଧିକ ଅମଳକ୍ଷମ ଫସଲ ଲକ୍ଷ ହେକ୍ଟର | .. | ୧·୧୮ | ୨·୦୫ |
| ଏକାଧିକ ଫସଲ ଲକ୍ଷ ହେକ୍ଟର | .. | ୧·୧୬ | ୧·୭୫ |

| ସାର ପ୍ରୟୋଗ | | ନାଇଟ୍ରୋଜେନ୍ (ଟନ୍‌ରେ) | ଫସଫରସ୍ (ଟନ୍‌ରେ) | ପୋଟାସ୍ (ଟନ୍‌ରେ) |
|---|---|---|---|---|
| ୧୯୬୯–୭୦ | .. | ୧୭,୮୦୪ | ୪,୭୭୫ | ୨,୯୬୧ |
| ୧୯୭୦–୭୧ | .. | ୧୮,୭୦୦ | ୫,୨୯୫ | ୨,୮୯୮ |

ବିଗତ ଦୁଇବର୍ଷର ଲକ୍ଷ୍ୟହାସଲ ଓ ଚଳିତ ବର୍ଷ ସହିତ ହୋଇଥିବା ଲକ୍ଷ୍ୟ ଧାର୍ଯ୍ୟକୁ ତୁଳନା କଲେ ଚଳିତ ବର୍ଷର ଲକ୍ଷ୍ୟ ହାସଲ ପାଇଁ ପ୍ରଗାଢ଼ ଉଦ୍ୟମ ଆବଶ୍ୟକ। ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ପରସ୍ପର ଘନିଷ୍ଠ ଭାବରେ ସଂପୃକ୍ତ ଥିବାରୁ ଯୋଜନାର ଗୋଟିଏ ଲକ୍ଷ୍ୟ ହାସଲ ନହେଲେ ଅନ୍ୟଟିର ଲକ୍ଷ୍ୟ ହାସଲରେ ମଧ୍ୟ ବାଧା ଘଟିବ। ଆବଶ୍ୟକ ପରିମାଣର ସାର ବିନିଯୋଗ, ନିର୍ଦ୍ଧାରିତ ପରିମାଣ ଜମିରେ ଅଧିକ ଅମଳକ୍ଷମ ଧାନ, ଗହମ, ବାଜରା, ମକା ଚାଷ ଓ ଗୋଟିଏ ଜମିରୁ ବର୍ଷକରେ ଦୁଇ ତିନୋଟି ଫସଲ ନକଲେ, ଆମେ ଲକ୍ଷ୍ୟ ହାସଲ କରିପାରିବା ନାହିଁ। ତେଣୁ ଏହି ସମସ୍ତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ହେଲେ ପରସ୍ପର ସଂପୃକ୍ତ ସମସ୍ତ କାର୍ଯ୍ୟକ୍ରମ ପ୍ରତି ସମାନ ଗୁରୁତ୍ୱ ଦିଆଯିବା ଉଚିତ।

ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ୧୯୭୧-୭୨ ମସିହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ। ତେଣୁ ପ୍ରଥମ ଦୁଇ ବର୍ଷର ତ୍ରୁଟିକୁ ବିଚାର କରି ଅଗାମୀ ଦୁଇ ବର୍ଷରେ ୪ର୍ଥ ଯୋଜନାରେ ଧାର୍ଯ୍ୟ କରାଯାଇଥିବା କାର୍ଯ୍ୟକ୍ରମକୁ ହାସଲ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବାକୁ ହେବ। ଖରିଫ୍ କାର୍ଯ୍ୟକ୍ରମରେ ଖୋଟ ଫସଲର ଆନୁସଙ୍ଗିକ କାର୍ଯ୍ୟକ୍ରମ ଶେଷ ହେଲଣି ଏବଂ ଦେଢ଼ମାସ ପରେ ଖୋଟ ଅମଳ ହେବ। ସେହିପରି ତୈଳବୀଜ, ଧାନ, ବାଜରା, ମକା, ଆଖୁ ଫସଲର ଅଧିକ ଅମଳ ପାଇଁ ଆନୁସଙ୍ଗିକ ଅନୁମୋଦିତ କୃଷି ପ୍ରଣା… ଅନୁସରଣ ନକଲେ ଆଶାତୀତ ଫସଲ ପାଇପାରିବା ନାହିଁ। … ଉତ୍ପାଦନ ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ।

ରାଜ୍ୟସ୍ତରରେ ଭିନ୍ନଭିନ୍ନ ଯୋଜନା ଦାୟିତ୍ୱରେ ଥିବା କର୍ମ… ମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଯୋଗାଯ ଦିଆଯାଇ… ଅଧିକାଂଶ କ୍ଷେତ୍ରରେ ଜିଲ୍ଲାସ୍ତରୀୟ ଲକ୍ଷ୍ୟଧାର୍ଯ୍ୟ କରାଯାଇ ଥିବ… ଯଦି କୌଣସି କ୍ଷେତ୍ରରେ ଏହା କରାଯାଇ ନଥାଏ ତେବେ ଜ… ସ୍ତରରେ ଥିବା କର୍ମଚାରୀମାନେ ଏହା ଶୀଘ୍ର କରିଦେବା… କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅବସ୍ଥାକୁ ଭିତ୍ତିକରି ଏହି… କାର୍ଯ୍ୟକାରୀ କରିବାକୁ ହେବ। ଜିଲ୍ଲା ଏବଂ ବ୍ଲକ ସ୍ତରରେ … ଏହିଭଳି ପଦକ୍ଷେପ ନେବାକୁ ହେବ। ଫସଲ ବୁଣା ହେବାର … ମାସକ ପୂର୍ବରୁ ପ୍ରତ୍ୟେକ ପଞ୍ଚାୟତ ଓ ଗ୍ରାମର କାର୍ଯ୍ୟକ୍ରମ ସଂପୃକ୍ତ… କର୍ମଚାରୀମାନଙ୍କ ପାଖରେ ପହଞ୍ଚିବା ଆବଶ୍ୟକ।

କାର୍ଯ୍ୟକ୍ରମ ସ୍ଥିର କରିବା ପରେ ଯଥା ସମୟରେ ସାର ବି… ଇତ୍ୟାଦି ଯୋଗାଇ ଦେବାର ବ୍ୟବସ୍ଥା ହେଉଛି। ଏହି କାର୍ଯ୍ୟକ୍ର… ଆବଶ୍ୟକତା, ଚାଷୀମାନଙ୍କର ଆଗ୍ରହ ଓ ସୁବିଧାକୁ ଲକ୍ଷ୍ୟରଖି କେ… ପରିମାଣରେ ସାର, ବିହନ ଓ କୀଟନାଶକ ଔଷଧ ଆବଶ୍ୟକ ହ… ତାହା ସ୍ଥିର କରିବାକୁ ପଡ଼ିବ। ଏହିସବୁ କୃଷି ସରଞ୍ଜାମ କେଉଁଠୁ… ମିଳିବ ଏବଂ କେତେ ପରିମାଣରେ କେଉଁ ସୂତ୍ରରୁ ମିଳିପାରିବ ତା… ଏକ ହିସାବ କରିବାକୁ ହେବ ଓ ଯଥା ସମୟରେ ସେ ସବୁ ପ୍ର… ଆୟୋଜନ କରିନପାରିଲେ, ଠିକ୍ ଭାବରେ ଚାଷକାମ କରିହେବ ନାହିଁ।

ସାର ବିହନ ଇତ୍ୟାଦି ଯୋଗାଇଦେବା ସଙ୍ଗେ ସ… ଆବଶ୍ୟକ ହେଲେ କୃଷି ଋଣ ଯୋଗାଇ ଦେବାର ବ୍ୟ… କରାଯାଇଛି। ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ସନ୍ତୋଷଜ… ହୋଇଥିଲେ ମଧ୍ୟ ଯଥା ସମୟରେ ଆର୍ଥିକ ମଂଜୁରୀ ନମିଳି… କାର୍ଯ୍ୟକ୍ରମ ଆଦୌ କାର୍ଯ୍ୟକାରୀ ହୋଇପାରେ ନାହିଁ। ଯୋଜ… କାର୍ଯ୍ୟକାରୀ କରିବା ଦିଗରେ ଜଣେ ସଂପ୍ରସାରଣ କର୍ମଚାରୀ… ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ସେମାନେ ଗାଁ ସ୍ତରରେ ସ… ସମିତି ଜରିଆରେ ଚାଷୀଙ୍କ ସହିତ ଆଲୋଚନା କରି ଋଣ ଦରଖା… ପ୍ରସ୍ତୁତ କରି ବ୍ୟାଙ୍କ ଜରିଆରେ ସେମାନଙ୍କୁ ଋଣ ଯୋଗାଇ ଦେବାରେ… ସାହାଯ୍ୟ କରିବା ଉଚିତ।

ଏହାର ପରବର୍ତ୍ତୀ ପଦକ୍ଷେପ ହେଉଛି ଆଧୁନିକ କୃଷି ବିଜ୍ଞାନ… କୃଷକମାନଙ୍କୁ ତାଲିମ ଦେବା। ଏହାକୁ କାର୍ଯ୍ୟକାରୀ କରିପା… ହେଲେ ଚାଷୀମାନେ ପାଇଥିବା ଅଧିକ ଅମଳର ବିବରଣୀ, …

# କୃଷି ଯୋଜନାର ଲକ୍ଷ୍ୟ ଓ ସଫଳତା



କମଳ ଲୋଚନ ମହାନ୍ତି

ଓଡ଼ିଶାର ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟର ଉତ୍ପାଦନ ...ଲୋ ଚତୁର୍ଥ ବର୍ଷ ପାଇଁ ନିମ୍ନୋକ୍ତ ମତେ ଧାର୍ଯ୍ୟ କରାଯାଇଛି :—

| | | |
|---|---|---|
| ଖାଦ୍ୟଶସ୍ୟ | .. | ୬୦ ଲକ୍ଷ ଟନ |
| ତୈଳବୀଜ | .. | ୨·୩୦ ,, |
| ଆଳୁ | .. | ୨·୫୦ ,, |
| ଝୋଟ | .. | ୪·୦୦ ଗାଣ୍ଠି |
| ଅଧିକ ଅମଳକ୍ଷମ ଫସଲ | .. | ୪·୩୬ ଲକ୍ଷ ହେକ୍ଟର |
| ବହୁ ଫସଲି | .. | ୧·୬୦ ଲକ୍ଷ ହେକ୍ଟର |

| ସାର ବି ନି ଯୋ ଗ (ହେକ୍ଟର ଉପାଦାନ) (ଟନ୍‌ରେ) | ନାଇଟ୍ରୋ-ଜେନ୍ | ଫସ୍‌ଫରସ୍ | ପୋଟାସ୍ |
|---|---|---|---|
| | ୩୨,୦୦୦ | ୯,୦୦୦ | ୪,୦୦୦ |

ଏହି ଲକ୍ଷ୍ୟ ହାସଲ ପାଇଁ ୪·୩୬ ଲକ୍ଷ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଫସଲ ଓ ୧·୬୦ ଲକ୍ଷ ହେକ୍ଟର ଜମିରେ ବର୍ଷରେ ଏକାଧିକ ଫସଲ ଚାଷ କରାଯିବ । ଯବକ୍ଷାରଜାନ ସାର ୩୨,୦୦୦ ଟନ୍, ଫସ୍‌ଫରସ୍ ସାର ୯,୦୦୦ ଟନ୍ ଓ ପୋଟାସ୍ ସାର ୪,୦୦୦ ଟନ୍ ଉପଯୋଗ କରିବାପାଇଁ ଲକ୍ଷ୍ୟ ସ୍ଥିର କରାଯାଇଛି ।

୧୯୭୧–୭୨ ରେ କୃଷି ଉତ୍ପାଦନ ବିଷୟରେ ଆଲୋଚନା କଲାବେଳେ ୧୯୬୯–୭୦ ଓ ୧୯୭୦–୭୧ ରେ କୃଷି ଉତ୍ପାଦନ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବା ବିଷୟରେ କିପରି ସଫଳତା ଅର୍ଜନ କରିଛୁ ତାହା ଜାଣିବା କଥା ।

ଏହି ଲକ୍ଷ୍ୟ ଅନୁଯାୟୀ ଗତ ଦୁଇ ବର୍ଷର ଫଳାଫଳ ନିମ୍ନରେ ଦିଆଗଲା :—

| | | ୧୯୬୯–୭୦ | ୧୯୭୦–୭୧ |
|---|---|---|---|
| | | ଲକ୍ଷ ଟନ୍ | ଲକ୍ଷ ଟନ୍ |
| ଖାଦ୍ୟଶସ୍ୟ | .. | ୫୦·୦୦ | ୫୪·୦୦ |
| ତୈଳବୀଜ | .. | ୧·୯୧ | ୨·୦୪ |
| ଆଳୁ | .. | ୨·୦୨ | ୧·୭୮ |

# ଉତ୍କଳ ପ୍ରଗତି ପଥରେ

ଓଡ଼ିଶାର ଶିଳ୍ପ ସମ୍ଭାବନାକୁ ଗଢ଼ି ତୋଳିବା ନିମନ୍ତେ ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ କର୍ପୋରେସନ ଅଫ ଓଡ଼ିଶା ଲିମିଟେଡର ଅବଦାନ ଅନସ୍ୱୀକାର୍ଯ୍ୟ। ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ଉନ୍ନତିପଥରେ ଅଗ୍ରସର ହୋଇ ଏହି ପ୍ରତିଷ୍ଠାନ ବହୁବିଧ ଧରଣର ଶିଳ୍ପ ପ୍ରତିଷ୍ଠା କରିଅଛି। ଏଥିମଧ୍ୟରେ ଉଲ୍ଲେଖଯୋଗ୍ୟ ସିମେଣ୍ଟ, କେବଲ, ପିଗ୍ ଆଇରନ, ଷ୍ଟୀଲ, ଟାଇଲ, ଲବଣ, ଓ ଫେରୋକ୍ରୋମ କାରଖାନା—ଏଗୁଡ଼ିକ ସବୁ କର୍ମତତ୍ପର। ରାଜ୍ୟର ଆର୍ଥିକ ଉନ୍ନୟନ ଛଡ଼ା ମଧ୍ୟ ଉତ୍କଳର ଭାରି ଉତ୍ପାଦିତ ସାମଗ୍ରୀସମୂହ ଭାରତ ଦେଶକୁ ରପ୍ତାନିକରି ମୂଲ୍ୟବାନ ବୈଦେଶିକ ମୁଦ୍ରା ଅର୍ଜନରେ ସହାୟତା କରୁଅଛି ଏବଂ ଏହିସବୁ ଦ୍ରବ୍ୟ ଉତ୍କଳ ଭାରତ ଦେଶର ପ୍ରଶଂସା ଲାଭ କରୁଅଛି।

## ଓଡ଼ିଶା ଶିଳ୍ପାୟନରେ ବ୍ରତୀ

ଓଡ଼ିଶାରେ ବହୁଳ ଶିଳ୍ପ ସ୍ଥାପନ କରିବାରେ ଉତ୍କଳର ରୂପକାର ଏବଂ କର୍ମତତ୍ପର। ବର୍ତ୍ତମାନ ସଂସ୍ଥାଗୁଡ଼ିକର ସମ୍ପ୍ରସାରଣ କରାଯାଉଅଛି ଏବଂ ବହୁଶିଳ୍ପ ନୂଆ ନୂଆ ସଂସ୍ଥା ସ୍ଥାପନ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି।

ଆତ୍ମବିଶ୍ୱାସ ଓ ଦୃଢ଼ତାର ସହ ଉତ୍କଳ ଆଗେଇ ଚାଲିଛି, ଯାହା ଓଡ଼ିଶାର ଆଶା ଓ ଆକାଂକ୍ଷାର ପ୍ରତୀକ।

ଶିଳ୍ପ ସଂସ୍ଥା :


- [illegible]
- ହୀରା ସିମେଣ୍ଟ ଓ୍ୱାର୍କସ, ବରଗଡ଼—ପୋର୍ଟଲ୍ୟାଣ୍ଡ ସିମେଣ୍ଟ।
- ହୀରା କେବଲ୍ ଓ୍ୱାର୍କସ, ବାରଙ୍ଗ—ଏସିଏସଆର ଏବଂ ଏଏସି କଣ୍ଡକ୍ଟର, ଏନାମେଲଡ୍ ତମ୍ବା ତାର ଏବଂ [illegible] ଏବଂ ଷ୍ଟ୍ରିପ୍ସ।
- ହୀରାକୁଦ ଇଣ୍ଡଷ୍ଟ୍ରିଆଲ ଓ୍ୱାର୍କସ—[illegible] ଏବଂ [illegible]।
- [illegible]
- ଟାଇଲସ୍ ଫ୍ୟାକ୍ଟରୀ, ଚୌଦ୍ୱାର—ଛାତ ଏବଂ [illegible] ଟାଇଲସ୍।
- [illegible]
- ଫେରୋ-କ୍ରୋମ ପ୍ରୋଜେକ୍ଟ, ଯାଜପୁର ରୋଡ—[illegible] ଫେରୋ-କ୍ରୋମିୟମ ଏବଂ [illegible] ସିଲିକନ-କ୍ରୋମିୟମ।

**ଦି ଇଣ୍ଡଷ୍ଟ୍ରିଆଲ ଡେଭଲପ୍‌ମେଣ୍ଟ କର୍ପୋରେସନ ଅଫ୍ ଓଡ଼ିଶା ଲିମିଟେଡ**

(ଓଡ଼ିଶା ସରକାରଙ୍କର ଗୋଟିଏ ସଂସ୍ଥା)

ପୋ. ବାକ୍ସ ନଂ. ୭୮, ଭୁବନେଶ୍ୱର-୧, ଫୋନ : ୮୩ ଓ ୧୨୦

Gram : INDEVCO

...ମାନଙ୍କରେ ପ୍ରଶ୍ନର ସଙ୍ଗେ ସଙ୍ଗେ ଗାଁ ଗହଳିରେ ଆଲୋଚନାଚକ୍ର ଗଠନ ...ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଇତ୍ୟାଦି ବୁଝିବାକୁ ହେବ ଓ ବିଭିନ୍ନ ...ସମ୍ବନ୍ଧୀୟ ପୁସ୍ତିକା ଆଞ୍ଚଳିକ ଭାଷାରେ ଯୋଗାଇ ଦେବାକୁ ହେବ । ...ତଥା ଚଳଚ୍ଚିତ୍ର ମାଧ୍ୟମରେ ମଧ୍ୟ ଶିକ୍ଷା ଦେବାକୁ ହେବ । ...ମାନଙ୍କୁ ନୂତନ କୃଷି ପଦ୍ଧତି ସମ୍ବନ୍ଧରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ ପାଇଁ ...ଙ୍କୁ ପ୍ରଦର୍ଶନ କରାଯିବା ଉଚିତ । ଏହି କାର୍ଯ୍ୟକ୍ରମକୁ ଶବ୍ ...ସହିତ କରିବାକୁ ହେବ ।

...ସରକାରଙ୍କ ତରଫରୁ ଯଥା ସମୟରେ ଆଶାନୁରୂପ ସାହାଯ୍ୟ ...ମିଳିଲେ ତେବେ ଉପରୋକ୍ତ ବ୍ୟବସ୍ଥାଗୁଡ଼ିକ ସବୁ କାର୍ଯ୍ୟକ୍ରମ- ...ସଫଳ କରିବାରେ ବିଶେଷଜ୍ଞ ତଥା ସଂପ୍ରସାରଣ କର୍ମୀମାନେ ...ଙ୍କ ସୁବିଧା ପୂରଣ ପାଇଁ ଆଗରୁ ପ୍ରସ୍ତୁତ ରହିବା ଆବଶ୍ୟକ । ...ମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବାଦ୍ୱାରା ସେମାନେ ...କ୍ରମ ସହିତ ସମ୍ପୂର୍ଣ୍ଣ ଅବଗତ ହୋଇପାରିବେ । କୃଷୀମାନଙ୍କ ...ରୁ ଖବର ପାଇବା ପରେ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ...ବୈଷୟିକ ପରାମର୍ଶ ତଥା ସରଞ୍ଜାମ ଇତ୍ୟାଦି ଶୀଘ୍ର ଯୋଗାଇ ...ଦେବା ଉଚିତ । ରାଜ୍ୟସ୍ତରୀୟ କର୍ମଚାରୀମାନେ ଜିଲ୍ଲାସ୍ତରୀୟ ...କର୍ମଚାରୀମାନଙ୍କୁ କାର୍ଯ୍ୟକ୍ରମର ବିଭିନ୍ନ ଦୃଷ୍ଟିକୋଣରୁ ସମ୍ୟକ୍ ତାଲିମ ...ଦେବା ଉଚିତ, ଯାହା ଫଳରେ ସେମାନେ କ୍ଷେତ୍ରରେ ତାହାର ...ପ୍ରୟୋଗ କରିପାରିବେ । ଏହି ସଂକ୍ଷେପ ତାଲିମଦ୍ୱାରା କେବଳ ...ବିଶେଷର ଲକ୍ଷ୍ୟାଧାର୍ଯ୍ୟ ଉପରେ ଧାରଣା ଦେବାକୁ ହେବନାହିଁ । ...କୃଷି ସମ୍ବନ୍ଧୀୟ ସମସ୍ତ ବିଷୟରେ ତାଲିମ ଦେବାକୁ ହେବ ।

ଏହିଭଳି ତାଲିମ ଜିଲ୍ଲାସ୍ତରୀୟ ଅଫିସରମାନେ ତାଙ୍କ ସଂପ୍ରସାରଣ କର୍ମୀମାନଙ୍କୁ ଏବଂ ବ୍ଲକ ସ୍ତରରେ ଗ୍ରାମସେବକମାନଙ୍କୁ ଦେବେ । ମୃତ୍ତିକା ପରୀକ୍ଷା କରିବା ସଙ୍ଗେ ସଙ୍ଗେ ରୋଗ, ପୋକ ଇତ୍ୟାଦି ଦମନ ପାଇଁ ଯଥା ସମୟରେ ସାହାଯ୍ୟ କରିବାକୁ ହେବ । ଯନ୍ତ୍ରପାତିର ଅଭାବ ଅସୁବିଧା ବର୍ଷାର କାର୍ଯ୍ୟକ୍ରମକୁ ମନ୍ଥର କରିବା ଉଚିତ ନୁହେଁ । ଯନ୍ତ୍ରପାତିଗୁଡ଼ିକ ଆଗରୁ ଭଲ ଅବସ୍ଥାରେ ରଖିବାକୁ ହେବ । ବିଭିନ୍ନ ସମୟରେ ରୋଗ ପୋକର ପ୍ରକୋପ ପ୍ରତିରୋଧ କରିବା ଓ ମୃତ୍ତିକା ପରୀକ୍ଷା ସମ୍ବନ୍ଧରେ ବୈଜ୍ଞାନିକ କୌଶଳ ଜାଣିବା ସଙ୍ଗେ ସଙ୍ଗେ ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ହେବ । ଏ ସମୟରେ ସମସ୍ତ ବ୍ୟବସ୍ଥା କରି କୃଷୀମାନଙ୍କ ନିକଟରେ ଏହାର ଫଳାଫଳ ଜଣାଇ ଦେବାକୁ ହେବ । ଯନ୍ତ୍ରପାତିଗୁଡ଼ିକର ପରିଭିନ୍ନ ଅଂଶ-ବିଶେଷ ଏବଂ ମିସ୍ତ୍ରୀମାନଙ୍କର ସାହାଯ୍ୟ ଶୀଘ୍ର କୃଷୀମାନଙ୍କ ନିକଟରେ ପହଞ୍ଚାଇ ଦେବାକୁ ହେବ ।

ଥରେ ସମସ୍ତ ପ୍ରକାର ବନ୍ଦୋବସ୍ତ କରି ସାବଧାନତାର ସହିତ ଫାର୍ମପ୍ଲାନ କରି ବିଭିନ୍ନ ସ୍ତରରେ ଥିବା ସଂପ୍ରସାରଣ କର୍ମୀମାନଙ୍କୁ କାର୍ଯ୍ୟକ୍ରମର ଦାୟିତ୍ୱ ଦେବାକୁ ପଡ଼ିବ ଏବଂ ସଂପ୍ରସାରଣ କର୍ମଚାରୀ-ମାନେ ବିଭିନ୍ନ ଫସଲ ଶସ୍ୟକୁ କାର୍ଯ୍ୟକାରୀ କରିବାର ଅସୁବିଧା ଦୂର କରିବା ପାଇଁ ବିଶେଷଭାବେ ଧ୍ୟାନ ଦେବା ଆବଶ୍ୟକ । ବିଭିନ୍ନ ସ୍ତରରେ ଥିବା ବିଶେଷଜ୍ଞ, ସଂପ୍ରସାରଣ କର୍ମୀ ଓ କୃଷକ-ମାନଙ୍କର ବୁଝାମଣା ଉପରେ କୃଷି ଯୋଜନାର ସଫଳତା ଅନେକାଂଶରେ ନିର୍ଭର କରେ ।

କେଉଁ ନ୍ୟାସନାଲ ସେଭିଂସ୍ କମିସନର ଦେଇଥିବା ରିପୋର୍ଟରୁ ଜଣାପଡ଼ିଛି ଯେ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆମ ରାଜ୍ୟର ମୋଟ ସଂଗୃହୀତ ପରିମାଣ ହେଉଛି ପ୍ରାୟ ୪୨୯ ଲକ୍ଷ ଟଙ୍କା । ଏହି ରିପୋର୍ଟରୁ ଜଣାଯାଉଛି ଯେ ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କରେ ପୂର୍ବ ବର୍ଷ ଅପେକ୍ଷା ଗତବର୍ଷ ଅଧିକ ପରିମାଣର ଟଙ୍କା ସଂଗୃହୀତ ହୋଇଛି । ୧୯୬୯-୭୦ ରେ ପୋଷ୍ଟ ଅଫିସ ସେଭିଂସ ବ୍ୟାଙ୍କରେ ପ୍ରାୟ ୧୨ କୋଟି ୭୦ ଲକ୍ଷ ଟଙ୍କା ଜମା ହୋଇଥିବା ସ୍ଥଳେ ଗତ ଆର୍ଥିକ ବର୍ଷ ୧୫'୪୮ ଲକ୍ଷ ଟଙ୍କା ଜମା ହୋଇଥିଲା । ସଂଚୟ ଆନ୍ଦୋଳନକୁ ବ୍ୟାପକ କରିବା ରାଜ୍ୟର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ । ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ କେଉଁ ସୂତ୍ରରୁ କେତେ ପୁଞ୍ଜି ସଂଗ୍ରହ କରାଯାଇପାରିବ ତାହା ପୂର୍ବରୁ ସ୍ଥିର କରାଯାଇ ଥାଏ । ତଦନୁସାରେ ଆମ ରାଜ୍ୟରେ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ସ୍ୱଳ୍ପ ସଂଚୟ ସୂତ୍ରରୁ ୧୫ କୋଟି ଟଙ୍କା ଋଣ ସ୍ୱରୂପ ଭାରତ ସରକାରଙ୍କଠାରୁ ମିଳି ପାରିବ ବୋଲି ଅଟକଳ କରାଯାଉଛି ଏବଂ ଏହି ପରିମାଣର ଋଣ ପାଇବାପାଇଁ ୨୨ କୋଟି ୫୦ ଲକ୍ଷ ଟଙ୍କା ସ୍ୱଳ୍ପ ସଂଚୟ ସୂତ୍ରରେ ଆମକୁ ସଂଗ୍ରହ କରିବାକୁ ହେବ । ଏହି ଯୋଜନା ଅନୁସାରେ ଚଳିତବର୍ଷ ଅର୍ଥାତ୍ ୧୯୭୧-୭୨ ପାଇଁ ରାଜ୍ୟରେ ୪୫୦ ଲକ୍ଷ ଟଙ୍କା ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଗତ ଆର୍ଥିକ ବର୍ଷ ଆମ ରାଜ୍ୟରେ ୪୨୮ ଲକ୍ଷ ଟଙ୍କା (ପୋଷ୍ଟ ଅଫିସ ସେଭିଂସ ବ୍ୟାଙ୍କ ଏକାଉଣ୍ଟରେ ସଂଚିତ ଥିବା ଅର୍ଥ ଉପରେ ଦିଆ ଯାଇଥିବା ୭୩ ଲକ୍ଷ ଟଙ୍କା ସୁଧ ସମେତ) ସଂଗୃହୀତ ହୋଇଥିବା ଦୃଷ୍ଟିରୁ ଚଳିତବର୍ଷ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ (୪୫୦ ଲକ୍ଷ ଟଙ୍କା) ପୂରଣ କରାଯାଇ ପାରିବ ବୋଲି ଆଶା କରା ଯାଉଛି କିନ୍ତୁ ଏଥିପାଇଁ ଏହି ଯୋଜନା ସହିତ ସଂପୃକ୍ତ ପ୍ରତ୍ୟେକ ସରକାରୀ ତଥା ବେସରକାରୀ ଲୋକ କୃଷକ, ଶ୍ରେଷ୍ଠୀ, ଶ୍ରମିକ, ଛାତ୍ର ପ୍ରଭୃତି ପ୍ରତ୍ୟେକ ଲୋକଙ୍କୁ ଉଦ୍ୟମ କରିବାକୁ ହେବ ।

ସ୍ୱଳ୍ପ ସଂଚୟ ଯୋଜନାରେ ବିଭିନ୍ନ ଆୟକାରୀ ଲୋକଙ୍କ ସୁବିଧା ଉପଯୋଗୀ ସାର୍ଟିଫିକେଟ ଓ ଏକାଉଣ୍ଟ ରହିଛି । କେଉଁ ସାର୍ଟିଫିକେଟ ବା ଏକାଉଣ୍ଟ ତାଙ୍କ ପକ୍ଷରେ ସୁବିଧାଜନକ ହେବ ତାହା ସଂଚୟକାରୀ ନିଜେ ହିଁ ସ୍ଥିର କରିବା ଉଚିତ୍ ।

୧୯୬୯–୭୦ ରେ ସେଭିଂସ୍ ବ୍ୟାଙ୍କ ପାଶ ବହିଗୁଡ଼ିକରେ ୯୪'୪୭ ଲକ୍ଷ ଟଙ୍କା ସଞ୍ଚିତ ହୋଇ ରହିଥିଲା । ଠିକ୍ ସେହିପରି ସି. ଟି. ଡି. ଏକାଉଣ୍ଟରେ ୧୯୬୯–୭୦ ରେ ପ୍ରାୟ ୪୭ ଲକ୍ଷ ଟଙ୍କା ସଞ୍ଚିତ ରହିପାରିଛି । ପୋଷ୍ଟ ଅଫିସ ଫିକ୍ସଡ୍ ଡିପୋଜିଟ୍‌ରେ ମଧ୍ୟ ୧୯୬୯–୭୦ ରେ ୩୯ ହଜାର ଟଙ୍କା ସଂଗହୀତ ହୋଇଥିବା ସ୍ଥଳେ ୧୯୭୦–୭୧ ରେ ଏକ ଲକ୍ଷ ୮୦ ହଜାର ଟଙ୍କା ସଂଗୃହୀତ ହୋଇଛି ।

୭ବର୍ଷିଆ ନ୍ୟାସନାଲ ସେଭିଂସ ସାର୍ଟିଫିକେଟ, ପୋଷ୍ଟ ଅଫିସ ଟାଇମ୍ ଡିପୋଜିଟ୍, ପୋଷ୍ଟ ଅଫିସ ରେକରିଂ ଡିପୋଜିଟ—ଏଗୁଡ଼ିକ ହେଉଛି ଗତବର୍ଷର ନୂଆ ସାର୍ଟିଫିକେଟ ଓ ଏକାଉଣ୍ଟ । ଏଥିରେ ଗତ ବର୍ଷ ମୋଟ ଏକ କୋଟି ୮୫ ଲକ୍ଷ ଟଙ୍କା ନିଟ୍ ସଂଗୃହୀତ ହୋଇ ପାରିଛି । ଏଥିରୁ ଦେଖାଯାଉଛି ଯେ ପୂର୍ବବର୍ଷ ତୁଳନାରେ ଗତ ଆର୍ଥିକ ବର୍ଷ ସ୍ୱଳ୍ପ ସଂଚୟର ବିଭିନ୍ନ ଯୋଜନାରେ ସଂଚିତ ଅର୍ଥର ପରିମାଣ ଯଥେଷ୍ଟ ବୃଦ୍ଧି ପାଇଛି ।

ସ୍ୱଳ୍ପ ସଂଚୟର ପରିମାଣ ରାଜ୍ୟରେ ଯେତିକି ବୃଦ୍ଧି ପାଇବ ସେହି ଅନୁପାତରେ ଆମ ରାଜ୍ୟ ଭାରତ ସରକାରଙ୍କ ଠାରୁ ଋଣ ଲାଭ କରି ପାରିବ । କାରଣ ସ୍ୱଳ୍ପ ସଂଚୟର ପରିମାଣ ଉପରେ ଭାରତ ସରକାର ପ୍ରତି ରାଜ୍ୟକୁ ସଂଚିତ ପରିମାଣର ଦୁଇ ତୃତୀୟାଂଶ ଋଣ ରୂପେ ଦେଇ ଥାନ୍ତି ଏବଂ ଏହି ହିସାବରେ ଗତବର୍ଷର ସ୍ୱଳ୍ପ ସଂଚୟ ସୂତ୍ରରୁ ଆମକୁ ୨୮୬ ଲକ୍ଷ ଟଙ୍କା ଋଣ ମିଳିଛି ।

ରାଜ୍ୟର ଉନ୍ନୟନମୂଳକ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ପୁଞ୍ଜି ଆବଶ୍ୟକ ଏବଂ ଭାରତ ସରକାର ରାଜ୍ୟମାନଙ୍କୁ ସ୍ୱଳ୍ପ ସଂଚୟ ଉପରେ ଋଣ ଦେଉଥିବା ଦୃଷ୍ଟିରୁ ସ୍ୱଳ୍ପ ସଂଚୟ ବଢ଼ି ଚାଲିଛି ଏବଂ ନିମ୍ନରେ ସେହି ସଂଚୟ ସିକ୍ୟୁରିଟିଗୁଡ଼ିକରେ ଥିବା ସୁବିଧା ଗୁଡ଼ିକର ସଂକ୍ଷିପ୍ତ ସୂଚନା ଉଲ୍ଲେଖ କରାଗଲା :—

| | ବାର୍ଷିକ ସୁଧ ହାର |
|---|---|
| (୧) ସାତ ବର୍ଷିଆ ନ୍ୟାସନାଲ ସେଭିଂସ ସାର୍ଟିଫିକେଟ (ସେକେଣ୍ଡ ଇସ୍ୟୁ) । | ବାର୍ଷିକ ଶତକଡ଼ା ୫ (ଆୟକର ମୁକ୍ତ) |
| (୨) ସାତ ବର୍ଷିଆ ନ୍ୟାସନାଲ ସେଭିଂସ୍ ସାର୍ଟିଫିକେଟ୍ (ଥାର୍ଡ ଇସ୍ୟୁ) । | ବାର୍ଷିକ ଶତକଡ଼ା [illegible] (ଆୟକର ମୁକ୍ତ) |
| (୩) ସାତ ବର୍ଷିଆ ନ୍ୟାସନାଲ ସେଭିଂସ୍ ସାର୍ଟିଫିକେଟ (ଫୋର୍ଥ ଇସ୍ୟୁ) । | ଶତକଡ଼ା ବାର୍ଷିକ ୭½ [illegible] ସୁଧ ବର୍ଷକୁ ବର୍ଷ [illegible] ଏଥିରେ ଆୟକର [illegible] |
| (୪) ପୋଷ୍ଟ ଅଫିସ (ଟାଇମ୍ ଡିପୋଜିଟ୍) । | ୧ ବର୍ଷିଆ—ବାର୍ଷିକ [illegible]<br>୩ ବର୍ଷିଆ—ବାର୍ଷିକ [illegible]<br>୫ ବର୍ଷିଆ—ବାର୍ଷିକ [illegible]<br>(ସୁଧ ଉପରେ ଆୟକର [illegible] |



# ଓଡ଼ିଶାରେ ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନ

ଅକ୍ଷୟ କୁମାର ବିଶ୍ୱାଳ

ଜାତୀୟ ଅର୍ଥନୀତିର ବିକାଶପାଇଁ ସ୍ୱଳ୍ପ ସଂଚୟ ଯୋଜନା ମାଧ୍ୟମରେ ଅର୍ଥ ସଂଗ୍ରହ ବ୍ୟବସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦିଆଯାଉଛି । ଫଳରେ ଜାତୀୟ ଆୟରୁ ସମଧିକ ପରିମାଣର ଅର୍ଥ ସଂଚୟ କରାଯାଇ ସଂଚିତ ଅର୍ଥକୁ ଉତ୍ପାଦନଶୀଳ ଯୋଜନାରେ ବିନିଯୋଗ କରାଯାଇ ପାରିଲେ ଦେଶର ଅର୍ଥନୀତି ଈପ୍ସିତ ହାରରେ ବଢ଼ିବା ଆଶା କରାଯାଏ । ସ୍ୱଳ୍ପ ସଂଚୟ ଆନ୍ଦୋଳନ ଜନସାଧାରଣଙ୍କ ନିକଟରେ ଧୀରେ ଧୀରେ ଅଧିକ ଲୋକପ୍ରିୟ ହେଉଛି ତାହା ଏହି ସୂତ୍ରରୁ ସଂଗୃହୀତ ହେଉଥିବା ଅର୍ଥର ପରିମାଣରୁ ଜଣାପଡୁଛି । ଗତ ଆର୍ଥିକ ବର୍ଷ ଅର୍ଥାତ୍ ୧୯୭୦-୭୧ ରେ ସ୍ୱଳ୍ପ ସଂଚୟ ସୂତ୍ରରେ ସାରା ଦେଶରେ ୧୪୪ କୋଟି ଟଙ୍କା ସଂଗ୍ରହ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ସୁଖର ବିଷୟ, ସଂଗୃହୀତ ଅର୍ଥର ପରିମାଣ ଲକ୍ଷ୍ୟ ଠାରୁ ଅନେକ ଅଧିକ ହୋଇପାରିଛି । ଗତବର୍ଷର ସ୍ୱଳ୍ପ ସଂଚୟର ନିଟ୍ ପରିମାଣ ଥିଲା ୧୮୮.୩୬ କୋଟି ଟଙ୍କା ।

ସଂଚିତ ଅର୍ଥର ପରିମାଣ ବୃଦ୍ଧି ଉଦ୍ଦେଶ୍ୟରେ ଗତବର୍ଷ ଆରମ୍ଭରୁ କେତେକ ନୂଆ ସଂଚୟ ସିକ୍ୟୁରିଟି ପ୍ରବର୍ତ୍ତନ କରାଯାଇଛି । ୧୯୭୦-୭୧ ଆର୍ଥିକ ବର୍ଷର ପ୍ରାରମ୍ଭରେ ଭାରତ ସରକାର ୧୦ ବର୍ଷିଆ ଜାତୀୟ ସଂଚୟ ସାର୍ଟିଫିକେଟ, ୧୦ ବର୍ଷିଆ ଡିଫେନ୍ସ ଡିପୋଜିଟ ସାର୍ଟିଫିକେଟ, ୧୨ ବର୍ଷିଆ ନ୍ୟାସନାଲ ଡିଫେନ୍ସ ସାର୍ଟିଫିକେଟକୁ ରଦ କରି ତତ୍ ପରିବର୍ତ୍ତେ ୭ ବର୍ଷିଆ ନ୍ୟାସନାଲ ସେଭିଂସ୍ ସାର୍ଟିଫିକେଟ ସେକେଣ୍ଡ , ଥାର୍ଡ ଓ ଫୋର୍ଥ ଇସୁ, ପୋଷ୍ଟ ଅଫିସ ଟାଇମ୍ ଡିପୋଜିଟ, ପୋଷ୍ଟ ଅଫିସ ରେକରିଂ ଡିପୋଜିଟ ଇତ୍ୟାଦି କେତେକ ନୂଆ ସାର୍ଟିଫିକେଟ ଓ ଏକାଉଣ୍ଟ ପ୍ରବର୍ତ୍ତନ କରିଥିଲେ ଏବଂ ଏହିଗୁଡ଼ିକରେ ଖୁବ୍ ଆକର୍ଷଣୀୟ ହାରରେ ସୁଧ ଦେଲେ । ଏହାଛଡ଼ା ଆୟକରଦାତାମାନଙ୍କୁ ଉକ୍ତ ସଂଚୟ ଯୋଜନା ପ୍ରତି ଆକୃଷ୍ଟ କରିବାପାଇଁ ଆୟକରରୁ କେତେକ ପରିମାଣରେ ରିହାତି ଦିଆଯିବାର ବ୍ୟବସ୍ଥା କରାଗଲା । ଏହା ଫଳରେ ସ୍ୱଳ୍ପ ସଂଚୟ ଯୋଜନା ପ୍ରତି ଜନସାଧାରଣ ବିଶେଷ ଆକୃଷ୍ଟ ହୋଇଛନ୍ତି ।

ସାରାଦେଶରେ ହୋଇଥିବା ସ୍ୱଳ୍ପ ସଂଚୟ ଯୋଜନାର ଏହି ଅଗ୍ରଗତି ସହିତ ସମତା ରକ୍ଷା କରି ଓଡ଼ିଶା ମଧ୍ୟ ଏହି ଦିଗରେ ଆଗେଇ ଚାଲିଛି । ୧୯୬୯-୭୦ ରେ ଓଡ଼ିଶାରେ ୨୪୦ ଲକ୍ଷ ଟଙ୍କା ସଂଗୃହୀତ ହୋଇଥିବା ସ୍ଥଳେ ୧୯୭୦-୭୧ ରେ ଏହାର ପରିମାଣ ୩୬୪ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ୧୯୬୯-୭୦ ରେ ସ୍ୱଳ୍ପ ସଂଚୟର ପରିମାଣ କମିଯିବାର ଅବଶ୍ୟ ମୁଖ୍ୟ କାରଣ ହେଉଛି ଏହି ଯେ ଉକ୍ତ ବର୍ଷ ଏହି ରାଜ୍ୟରେ ଥିବା ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ସେମାନଙ୍କ କର୍ମଚାରୀମାନଙ୍କର ପ୍ରଭିଡେଣ୍ଟ ଫଣ୍ଡକୁ ସ୍ୱଳ୍ପ ସଂଚୟରେ ବିନିଯୋଗ କରି ନ ଥିଲେ, କାରଣ ସେତେବେଳେ ସ୍ୱଳ୍ପ ସଂଚୟ ଯୋଜନାର ସୁଧ ହାର ଅପେକ୍ଷାକୃତ କମ୍ ଥିଲା । କିନ୍ତୁ ୧୯୭୦-୭୧ ବର୍ଷ ଠାରୁ ଅଧିକ ସୁଧ ଥିବା ନୂଆ-ଯୋଜନାଗୁଡ଼ିକ ପ୍ରବର୍ତ୍ତନ ହେବା ଫଳରେ ଉକ୍ତ ଅନୁଷ୍ଠାନଗୁଡ଼ିକ ଏହି ଯୋଜନାରେ ଅର୍ଥ ବିନିଯୋଗ କରି ଆସୁଛନ୍ତି । ଏପରି ଅର୍ଥ ବିନିଯୋଗ ଯଦି ଅବ୍ୟାହତ ରହେ ତାହାହେଲେ ଆଶା କରାଯାଉଛି ଆମ ରାଜ୍ୟରେ ସ୍ୱଳ୍ପ ସଂଚୟର ପରିମାଣ ଦିନକୁ ଦିନ ବୃଦ୍ଧି ପାଇବ ।

ଓଡ଼ିଶାର କୃଷକ ଏବଂ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗକାରୀମାନଙ୍କ ସେବାରେ ନିୟୋଜିତ

# ଓଡ଼ିଶା ଏଗ୍ରୋ ଆଣ୍ଡ ସ୍ମଲ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ ଲି:

( ଓଡ଼ିଶା ସରକାରଙ୍କ ସଂସ୍ଥା )

କିଲ୍ଲା ମଇଦାନ, କଟକ-୧

* ଆମ୍ଭେ ନିମ୍ନଲିଖିତ କୃଷି ଯନ୍ତ୍ରପାତିଗୁଡ଼ିକର ମହସୁଦକାରୀ ଅଟୁ—

୧-ଜାପାନ ତିଆରି କୁବୋଟା ପାୱାର ଟିଲର

୨-ଚେକୋସ୍ଲୋଭାକିଆ ତିଆରି ଜେଟର-୨୦୧୧ ଟ୍ରାକ୍ଟର

୩- ରୁଷିଆ ତିଆରି ବାଇଲରସ୍ ଟ୍ରାକ୍ଟର ।

* ଆମ୍ଭେ ଓଡ଼ିଶାପାଇଁ ନିମ୍ନଲିଖିତ ଟ୍ରାକ୍ଟରଗୁଡ଼ିକର ପରିବେଷକ ଅଟୁ—

୧- ଆମେରିକା ତିଆରି ଫୋର୍ଡ-୩୦୦୦ ଟ୍ରାକ୍ଟର

୨- ପୋଲଣ୍ଡ ତିଆରି ଅର୍ସସ ସି-୩୨୮ (Ursus C-328) ଟ୍ରାକ୍ଟର

୩-ଯୁଗୋସ୍ଲୋଭିଆ ତିଆରି ଆଇ. ଏମ୍. ଟି.-୫୫୫ ଏବଂ ଆଇ. ଏମ୍. ଟି.-୫୩୩ (IMT-555 & IMT-533) ଟ୍ରାକ୍ଟରମାନ ।

୪-ଇଂଲଣ୍ଡ ତିଆରି ଫର୍ଗୁସନ ଏମ୍. ଏଫ୍.-୧୩୫ (MF-135) ଟ୍ରାକ୍ଟର

* ଆମ୍ଭେ କୃଷୀମାନଙ୍କୁ ଟ୍ରାକ୍ଟର ଏବଂ ବୁଲଡୋଜର ଭଡ଼ାରେ ଯୋଗାଇଥାଉ ।

* ଆମ୍ଭେ ଆମ୍ଭର ଗ୍ରାମାଞ୍ଚଳରେ ପ୍ରତିଷ୍ଠିତ ସର୍ଭିସ ଷ୍ଟେସନମାନଙ୍କଦ୍ୱାରା ଟ୍ରାକ୍ଟର, ପାୱାର ଟିଲର, ପାଣିପମ୍ପ ତଥା ଅନ୍ୟ ସମସ୍ତ ପ୍ରକାର କୃଷି ଯନ୍ତ୍ରପାତି ମରାମତି କରୁ ।

* ଆମ୍ଭର ତାଲିମ କାର୍ଯ୍ୟକ୍ରମ—

୧-ଆମଠାରୁ ଟ୍ରାକଟର କିଣିଥିବା ବ୍ୟକ୍ତି ତଥା ସେମାନଙ୍କର ଚାଳକମାନଙ୍କୁ ଟ୍ରାକ୍ଟର ଚଳାଇବା ତଥା ରକ୍ଷଣାବେକ୍ଷଣର ତାଲିମ ଦେଉ ।

୨-ଇଞ୍ଜିନିୟରମାନଙ୍କୁ କୃଷି ଯନ୍ତ୍ରପାତି ମରାମତି ସମ୍ବନ୍ଧୀୟ ତାଲିମ ଦେଇ ଗ୍ରାମାଞ୍ଚଳରେ ସର୍ଭିସ ଷ୍ଟେସନମାନ ଖୋଲିବାରେ ସାହାଯ୍ୟ କରିଥାଉ ।

## ଆମ୍ଭର ଶାଖା ଅଫିସ

| ଫାଟକ ରୋଡ଼ | ବ୍ରହ୍ମପୁର | ସୁନାବେଡ଼ା |
|---|---|---|
| ସମ୍ବଲପୁର | ଗଂଜାମ | କୋରାପୁଟ |

| | |
|---|---|
| (ଗ) ପାଞ୍ଚ ବର୍ଷିଆ ପୋଷ୍ଟ ଅଫିସ (ରେକରିଂ ଡିପୋଜିଟ୍ ସ୍କିମ୍)। | ୫ ବର୍ଷ ଶେଷରେ ଜମା ଟଙ୍କା ଉପରେ ଶତକଡ଼ା ୬¾ ହାରରେ ସୁଧ ହିସାବ କରାଯାଏ । (ସୁଧ ଉପରେ ଆୟକର ପଡ଼େ) । |
| (ଘ) ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ । | ବାର୍ଷିକ ସୁଧ ହାର ଶତକଡ଼ା ୪ ୧୯୭୦ ଅପ୍ରେଲ ୧ ଠାରୁ ଯେଉଁ ଏକାଉଣ୍ଟରେ ବର୍ଷ ତମାମ୍ ଅନ୍ୟୂନ ଟ୧୦୦ ସଞ୍ଚିତ ରହି ପାରିବ ତହିଁ ଉପରେ ବାର୍ଷିକ ଶତକଡ଼ା ସୁଧହାର ୪½ ଟଙ୍କା । |
| (ଙ) ସି : ଟି : ଡି : | ୫ ବର୍ଷିଆ ଓ ୧୦ ବର୍ଷିଆ ଏକାଉଣ୍ଟରେ ଚକ୍ରବୃଦ୍ଧି ହାରରେ ବାର୍ଷିକ ଶତକଡ଼ା ୪¾ ଏବଂ ୧୫ ବର୍ଷିଆ ଏକାଉଣ୍ଟରେ ଶତକଡ଼ା ପ୍ରାୟ ୫ ଟଙ୍କା ହାରରେ ସୁଧ ମିଳେ । |
| (ଚ) ୫ ବର୍ଷିଆ ଫିକସିଡ୍ ଡିପୋଜିଟ୍ ଏକାଉଣ୍ଟ । | ସୁଧ ହାର ବାର୍ଷିକ ଶତକଡ଼ା ପ୍ରାୟ ୫½ । (ଆୟକର ମୁକ୍ତ) |

ସ୍ୱଳ୍ପ ସଂଚୟ ଯୋଜନାକୁ ଲୋକପ୍ରିୟ କରିବାପାଇଁ ରାଜ୍ୟ ସରକାର ଭିନ୍ନ ଭିନ୍ନ ପ୍ରକାର ପରିକଳ୍ପନା ଓ ବିଭିନ୍ନ ପ୍ରକାର ପୁରସ୍କାର ଯୋଜନା ପ୍ରଚଳନ କରିଛନ୍ତି । ରାଜ୍ୟ ସ୍ତରରେ, ଜିଲ୍ଲା ସ୍ତରରେ ଓ ଅନ୍ୟାନ୍ୟ ସ୍ତରରେ ଯେଉଁସବୁ ପୁରସ୍କାର ଯୋଜନା ପ୍ରବର୍ତ୍ତନ କରା ଯାଇଛି ତାହା ସମ୍ପର୍କରେ ନିମ୍ନରେ ସୂଚିତ ହେଲା —

(୧) ରାଜ୍ୟ ସ୍ତରରେ ଯେଉଁ ସ୍କୁଲ ରାଜ୍ୟର ଅନ୍ୟାନ୍ୟ ସମସ୍ତ ସ୍କୁଲ ଅପେକ୍ଷା ଅଧିକ ଅର୍ଥ ସ୍ୱଳ୍ପ ସଂଚୟ ସିକ୍ୟୁରିଟିରେ ବିନିଯୋଗ କରିଛି ତାକୁ ସିଲଡ୍ ପୁରସ୍କାର ଦିଆଯାଏ ଓ ସେଠାକାର ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ଦିଆଯାଏ ।

(୨) ଯେଉଁ ଜିଲ୍ଲା ରାଜ୍ୟ ସ୍ତରରେ ସବୁଠାରୁ ଅଧିକ ଅର୍ଥ ସ୍ୱଳ୍ପ ସଂଚୟ ସିକ୍ୟୁରିଟିରେ ବିନିଯୋଗ କରେ ତାକୁ ଏକ ସିଲଡ୍ ଦିଆଯାଏ ।

(୩) ଯେଉଁ ଜିଲ୍ଲା ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ସର୍ବାଧିକ ହାରରେ ସ୍ୱଳ୍ପ ସଂଚୟ ସିକ୍ୟୁରିଟିରେ ଅର୍ଥ ବିନିଯୋଗ କରିଥାଏ ତାକୁ ମଧ୍ୟ ଗୋଟିଏ ସିଲଡ୍ ଦିଆଯାଏ ।

(୪) ରାଜ୍ୟ ସ୍ତରରେ ଯେଉଁ ସ୍ୱଳ୍ପ ସଂଚୟ ଏଜେଣ୍ଟ ସର୍ବାଧିକ ଟଙ୍କା ସ୍ୱଳ୍ପ ସଂଚୟ ସିକ୍ୟୁରିଟିରେ ବିନିଯୋଗ କରି ଅଧିକ କମିସନ ପାଇଥାନ୍ତି ତାଙ୍କୁ ଗୋଟିଏ ସିଲଡ୍ ପ୍ରଦାନ କରାଯାଏ ।

(୫) ଯେଉଁ ଜିଲ୍ଲାପାଳମାନେ ଜିଲ୍ଲା ପାଇଁ ନିର୍ଦ୍ଧାରିତ ପରିମାଣ ଅତିକ୍ରମ କରି ଥାନ୍ତି ସେମାନଙ୍କୁ ଅଭିନନ୍ଦନପତ୍ର ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତରେ ଦିଆଯାଏ ।

(୬) ପ୍ରତ୍ୟେକ ଜିଲ୍ଲାରେ ଯେଉଁ ଯେଉଁ ସମିତିଗୁଡ଼ିକ ସ୍ୱଳ୍ପ ସଂଚୟରେ ଅର୍ଥ ବିନିଯୋଗ କରିବା ଦିଗରେ ଶ୍ରେଷ୍ଠ ବିବେଚିତ ହୋଇଥାନ୍ତି ସେମାନଙ୍କୁ ସିଲଡ୍ ପ୍ରଦାନ କରାଯାଏ ।

(୭) ପ୍ରତ୍ୟେକ ଜିଲ୍ଲାରେ ଯେଉଁ ଯେଉଁ ବ୍ଲକ୍ ସ୍ୱଳ୍ପ ସଂଚୟରେ ଅର୍ଥ ବିନିଯୋଗ କରି ଶ୍ରେଷ୍ଠ ବିବେଚିତ ହୋଇଥାନ୍ତି ସେମାନଙ୍କୁ ଗୋଟିଏ ଲେଖାଏଁ ସିଲଡ୍ ପ୍ରଦାନ କରାଯାଏ ।

(୮) ପ୍ରତ୍ୟେକ ରେଭେନ୍ୟୁ ଡିଭିଜନ ଅଧୀନରେ ଯେଉଁ ଯେଉଁ ବେତନ ପୁଞ୍ଜି ସଂଚୟ ଗୋଷ୍ଠୀ ଶ୍ରେଷ୍ଠ ବିବେଚିତ ହୋଇଥାନ୍ତି ସେମାନଙ୍କୁ ଗୋଟିଏ ଲେଖାଏଁ ସିଲଡ୍ ପ୍ରଦାନ କରାଯାଏ । ସରକାରୀ ଅଫିସରେ ଥିବା ବେତନ ପୁଞ୍ଜି ସଂଚୟ ଗୋଷ୍ଠୀ ଓ ଶିକ୍ଷାନୁଷ୍ଠାନମାନଙ୍କରେ ଥିବା ବେତନ ପୁଞ୍ଜି ସଂଚୟ ଗୋଷ୍ଠୀକୁ ସ୍ୱତନ୍ତ୍ର ଭାବେ ସିଲଡ୍ ପ୍ରଦାନ କରାଯାଏ ।

(୯) ଯେଉଁ ଜିଲ୍ଲା ସ୍ତରରେ ବାଳକ ସ୍କୁଲ ଓ ବାଳିକା ସ୍କୁଲ ସ୍ୱଳ୍ପ ସଂଚୟରେ ଅଧିକ ଅର୍ଥ ବିନିଯୋଗ କରନ୍ତି ସେମାନଙ୍କୁ ସିଲଡ୍ ପ୍ରଦାନ କରାଯାଏ ଓ ଶ୍ରେଷ୍ଠ ସଂଚୟ କ୍ଲାସକୁ କପ୍ ଦିଆଯାଏ । ଏହି ପୁରସ୍କାର ଯୋଜନାଗୁଡ଼ିକ ଫଳରେ ବିଭିନ୍ନ ଶିଳ୍ପାନୁଷ୍ଠାନ, ଶିକ୍ଷାନୁଷ୍ଠାନ ତଥା ବହୁବ୍ୟକ୍ତି ବିଶେଷ ସ୍ୱଳ୍ପ ସଂଚୟ ଯୋଜନା ପ୍ରତି ଆକୃଷ୍ଟ ହୋଇ ଆନ୍ଦୋଳନକୁ ସଫଳ କରିବାପାଇଁ ନିଷ୍ଠାପର ଭାବରେ କାର୍ଯ୍ୟ କରି ଚାଲିଛନ୍ତି ।

ମଣିଷ ଜୀବନରେ ସ୍ୱଳ୍ପ ସଂଚୟ ଏକାନ୍ତ ଅପରିହାର୍ଯ୍ୟ । ସ୍ୱଳ୍ପ ସଂଚୟର ବାର୍ତ୍ତା କିପରି ରାଜ୍ୟର ପ୍ରତ୍ୟେକ ଗାଁରେ ଏବଂ ପ୍ରତ୍ୟେକ ଘରେ ପହଞ୍ଚି ପାରିବ ସେଥି ପାଇଁ ଉଦ୍ୟମ କରିବା ରାଜ୍ୟର ପ୍ରତ୍ୟେକଙ୍କର ଏକ ପ୍ରଧାନ କର୍ତ୍ତବ୍ୟ ।




୭୧ ଜୁଲାଇ ୧୫ ତାରିଖରେ ଭୁବନେଶ୍ୱରସ୍ଥ "ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିଗ୍ରାଲ ଏଡୁକେସନ"ର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା । ଏହି ଉପଲକ୍ଷେ ଓଡ଼ିଶାର ଶିକ୍ଷା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ, ଛାତ୍ର ଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବିତରଣ କରୁଛନ୍ତି ।

## ଚନ୍ଦେ ସମ୍ବାଦ

ଓଡ଼ିଶାର ରାଜ୍ୟପାଳ ଡକ୍ଟର ଏସ୍. ଏସ୍. ଆନ୍‌ସାରି ଓ ବେଗମ ଆନ୍‌ସାରି, ୧୯୭୧ ଜୁଲାଇ ୨୩ ତା... ଗଞ୍ଜାମ ଜିଲ୍ଲାର ଚନ୍ଦ୍ରଗିରିଠାରେ ଥିବା ତିବ୍ବତୀୟ ଶରଣାର୍ଥୀ ଶିବିର ପରିଦର୍ଶନ କରିଥିଲେ ।

ଚିତ୍ରରେ—ରାଜ୍ୟପାଳ ଦମ୍ପତି ସେଠାରେ ଥିବା ଗାଲିଚା ଶିଳ୍ପ କେନ୍ଦ୍ରରେ ସ୍ତ୍ରୀଲୋକମାନଙ୍କ ଦ୍ୱାରା ... ତିଆରି କାମ ଦେଖୁଛନ୍ତି





ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ [illegible] ଓ ପଶ୍ଚିମବଙ୍ଗରେ ସ୍ଥାପିତ ଶରଣାର୍ଥୀ ଶିବିରକୁ ଦୁଇ ଦିନିଆ ଗସ୍ତରେ ଯାଇଥିଲେ ।

ଚିତ୍ରରେ—ଏକ ଶିବିରରେ ଶ୍ରୀମତୀ ଗାନ୍ଧୀ ଜଣେ ଶରଣାର୍ଥୀ ଶିଶୁ ବେକରେ ଫୁଲହାର ପିନ୍ଧାଇ ଦେଉଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ଭୁବନେଶ୍ୱର ପୌରସଭା ପକ୍ଷରୁ ଦିଆଯାଇଥିବା ସମ୍ବର୍ଦ୍ଧନାର ଉତ୍ତର ଦେବାକୁ ଯାଇ ଭାଷଣ ଦେଉଛନ୍ତି ।

## ଚଳନ୍ତି ସମ୍ବାଦ

ଭୁବନେଶ୍ୱରସ୍ଥ ଯୁବ ହଷ୍ଟେଲ ସଂସ୍ଥାର ଆଞ୍ଚଳିକ ଶାଖାର ୧୩ ଜଣ ସଭ୍ୟ ନିକଟରେ ୨ୟ ଥର ହି… ପର୍ବତାରୋହଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେଥିପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଯାଇଥି… ଉପଲକ୍ଷରେ ତା ୨୫-୬-୧୯୭୧ରେ ଆୟୋଜିତ ଏକ ଉତ୍ସବରେ ନିର୍ମାଣ ଓ ପରିବହନ ମନ୍ତ୍ରୀ ଶ୍ରୀ ଅର୍ଜୁ… ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ ।





…ମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ତା ୧୭ । ୭ । ୧୯୭୧ରେ ରାଉରକେଲାସ୍ଥ ଡି. ଏ. ଭି. କଲେଜରେ ଭାଷଣ ଦେଉଛନ୍ତି ।

## ଚିତ୍ରେ ସମ୍ବାଦ

ତା ୨୯ । ୬ । ୧୯୭୧ରେ ସମ୍ବଲପୁରର ଜିଲ୍ଲାପାଳ ଶ୍ରୀ ପି. କେ. ଦେ, ସମ୍ବଲପୁର ଜିଲ୍ଲାର ଦେଓଗଡ଼ଠାରେ ରୋଗୀମାନଙ୍କ ଆତ୍ମୀୟ ସ୍ୱଜନ-ମାନଙ୍କପାଇଁ ଏକ ବିଶ୍ରାମାଗାରର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଏହି ବିଶ୍ରାମାଗାର ନିର୍ମାଣରେ ଟ ୯,୦୦୦ ୦୦ଙ୍କା ବ୍ୟୟ ଅଟକଳ କରା ଯାଉଛି । ନିର୍ମାଣ ପାଇଁ ଦେଓଗଡ଼ ପୌର ସଂଘ ଟ ୨,୦୦୦·୦୦, ପଞ୍ଚାୟତମାନେ ଟ ୩,୦୦୦·୦୦ ଓ ସର୍ବସାଧାରଣ ଟ ୧,୦୦୦·୦୦ ଦେଉଛନ୍ତି । ଅବଶିଷ୍ଟଟଙ୍କା ଜିଲ୍ଲା ରେଡ୍‌କ୍ରସ ଦେବେ ।

…—ଜିଲ୍ଲାପାଳ ଶ୍ରୀ ଦେ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।





କଟକ ନିକଟସ୍ଥ ଧବଳେଶ୍ୱର ମନ୍ଦିରରେ
କାର୍ତ୍ତିକେୟ ମୂର୍ତ୍ତି ।

# ଚିତ୍ରେ ସମ୍ବାଦ

କୃଷି ଓ ଗୋଷ୍ଠୀ ଉନ୍ନୟନ ମନ୍ତ୍ରୀ ଶ୍ରୀ ଏ. ଏନ୍. ସିଂହଦେଓ ତା ୨୩ / ୭ । ୧୯୭୮ରେ କଟକ ଜିଲ୍ଲା
ମହାକାଳପଡ଼ା ଠାରେ ନବନିର୍ମିତ ପଞ୍ଚାୟତ ସମିତି ଭବନ ଉଦ୍‌ଘାଟନ କରୁଛନ୍ତି ।





ଶିକ୍ଷା ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର 'ଆର୍ଟ ଗ୍ୟାଲେରିରେ' ପ୍ରଦର୍ଶିତ ତାମଜାନ୍ ପରିଦର୍ଶନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗଣନାଥ ଦାସ, ଆଇ. ଏ. ଏସ୍, ତା ୨୩ । ୭ । ୧୯୭୧ରେ ସଚିବାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କର ଏକ ସମ୍ମିଳନୀରେ ଭାଷଣ ଦେଉଛନ୍ତି ।



ରାଜୁତି ଚଳାଉଥିଲେ । ଏହାପରେ ୧୯୧୭ ଜୁନ୍ ୧୦ ତାରିଖରେ ସେ ଦେହତ୍ୟାଗ କରିବାରୁ ତାଙ୍କର ନାତି ଶ୍ରୀ ଭବାନୀ ଶେଖର ଦେବ ରାଜାହେଲେ ଓ ଶାସନରେ ସେ ବିଶେଷ ପରିବର୍ତ୍ତନ କରିଥିଲେ । ୧୯୩୦ ମଇ ୧୯ ତାରିଖ ଦିନ ସେ ମରିଯିବାରୁ ବୀରମିତ୍ର ପ୍ରତାପ ଶେଖର ଦେଓ ନାବାଳକ ରାଜା ହେଲେ । ସେ ଉଣ୍ଡରରେ ୧୯୩୮ ରେ ମରିଗଲେ । ଏହାପରେ ତାଙ୍କର ସାନଭାଇ ଉଦିତ ପ୍ରତାପ ଶେଖର ଦେଓ ନାବାଳକ ରାଜା ହୋଇଥିଲେ । ଏହାଙ୍କ ନାମାନୁସାରେ ଉଦିତନଗର ନାମିତ ହୋଇଥିଲା । ୧୯୪୮ ଜାନୁୟାରୀ ପହିଲା ଦିନ ଏ ଅଞ୍ଚଳ ଓଡ଼ିଶା ରାଜ୍ୟରେ ମିଶିଗଲା ।

ଭିନ୍ନ ବଣାଇ କଦମ୍ବ ରାଜାମାନଙ୍କ ଦ୍ୱାରା ଶାସିତ ହୋଇଥିଲା । ୧୯୦୨ ରେ ନାରାୟଣ ଚନ୍ଦ୍ର ଦେଓ ମରିଯିବା ପରେ ତାଙ୍କର ପୁତ୍ର ଧରଣୀଧର ଇନ୍ଦ୍ର ଦେଓ ଦେବ ୧୯୪୮ ଜାନୁଆରୀ ପହିଲା ଯାଏ ରାଜୁତି କରିଥିଲେ । ସେ ୧୯୪୮ ଜୁଲାଇରେ ଦେହତ୍ୟାଗ କଲେ । ଏ ରାଜାମାନଙ୍କ ସମୟରେ ଏ ଅଞ୍ଚଳରେ ବିଶେଷ ଉନ୍ନତି ଘଟିଥିଲା ।

ଏ ଅଞ୍ଚଳରେ ଜଗନ୍ନାଥ ଧର୍ମର ବିଶେଷ ଅବଦାନ ଅଛି । ରଥଯାତ୍ରା ଏଠାର ପ୍ରଧାନ ପର୍ବ । ସୁନ୍ଦରଗଡ଼ର ରାଜାଙ୍କ ଠାରୁ ପ୍ରଥମଦିନ ଏ ଯାତ୍ରା ଆରମ୍ଭ ହୋଇ ସାନ ସାନ ଗାଁରେ ରଥଯାତ୍ରା ଦିନଠାରୁ ପ୍ରାୟ ୧୫ଦିନ ଯାଏ ଏ ଅଞ୍ଚଳରେ ରଥଯାତ୍ରା ହୁଏ । କୋଶଳ ବା ପଶ୍ଚିମ ଓଡ଼ିଶାର ସୋମବଂଶ ଓ ଗଙ୍ଗବଂଶ ରାଜାମାନେ ସମଗ୍ର ଓଡ଼ିଶାକୁ ଗୋଟିଏ ପ୍ରକାର ସଭ୍ୟତା ଓ ସଂସ୍କୃତି ଦେବାପାଇଁ ରଥଯାତ୍ରା ମାଧ୍ୟମରେ ଏକ ସଂସ୍କୃତି ପ୍ରତିଷ୍ଠା ପାଇଁ ଏ ବିଷୟ ସମର୍ଥ ହୋଇପାରିଥିଲେ । ପଶ୍ଚିମ ଓଡ଼ିଶାର ଉଦ୍ରବାନୁ ଜଗନ୍ନାଥଙ୍କ ପ୍ରାଣ ପ୍ରତିଷ୍ଠା କରିଥିଲେ । ପରବର୍ତ୍ତୀ କାଳରେ ଅନେକ ସ୍ଥାନରେ ଆଧୁନିକ ମନ୍ଦିର ପ୍ରକାରରେ ନିର୍ମାଣ କରିଥିଲେ । ଏ ଅଞ୍ଚଳରେ ବହୁ ଗାଁରେ ଜଗନ୍ନାଥ ମନ୍ଦିର ଅଛି । ସାନ ୨ ଗାଁର ଲୋକମାନେ ରଥ ଦଉଡ଼ି ଟାଣିବାକୁ ଆଗ୍ରହରେ ଯୋଗଦିଅନ୍ତି । ସନ୍ଧ୍ୟାରେ ଦେଉଳର ଶଂଖ ଶୁଣିଲେ ଭୋଜନ କରିବାର ପ୍ରଥା ଥିଲା । ସକାଳେ ପଦ୍ମ ଫିଟିଲେ ଆଉ କେହି ଶଯ୍ୟାରେ ଶୋଇ ନଥିଲେ । ରଥରେ ବାମନ ଦେଖିଲେ ପୁନର୍ଜନ୍ମ ହୁଏନାହିଁ । ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ, ଏ ହେଉଛି ଆମର ସଂସ୍କୃତି ଓ ସଭ୍ୟତା, ଏ ହେଉଛି ଓଡ଼ିଶାର ସଭ୍ୟତା ।

---

କେବଳ ବିଶ୍ୱାସରେ ସନ୍ତୁଷ୍ଟ ହୁଅନାହିଁ, ବରଂ କର୍ତ୍ତବ୍ୟ ପଥରେ ଅଗ୍ରସର ହୁଅ ।

—ସ୍ୱାମୀ ବିବେକାନନ୍ଦ

# ପଶ୍ଚିମ ଓଡ଼ିଶାର ସଭ୍ୟତାକୁ ସୁନ୍ଦରଗଡର ଅବଦାନ

ପରମାନନ୍ଦ ନନ୍ଦ

ତିନି ଅବବାହିକା ଅଞ୍ଚଳକୁ ନେଇ ପଶ୍ଚିମ ଓଡ଼ିଶା ଗଠିତ। (୧) ଗୋଦାବରୀ ଇନ୍ଦ୍ରାବତୀ ଅବବାହିକା, (୨) ମହାନଦୀ ଅବବାହିକା ଓ (୩) ବ୍ରାହ୍ମଣୀ—ଶଂଖ—କୋଇଲି । ୧ମ ଅବବାହିକାରେ କଳାହାଣ୍ଡି, ବସ୍ତର, କାଙ୍କେର ଓ ୨ୟ ଟିରେ ଫୁଲଝର ବୌଦ୍ଧ, ରାୟଗଡ଼, ସାରଙ୍ଗଗଡ଼, ସମ୍ବଲପୁର, ଶକ୍ତି, ବରଗଡ଼, ସୋନପୁର, ପାଟଣା, ରେଢ଼ାଖୋଲ—୩ୟଟିରେ ଯଶପୁର, ଉଦୟପୁର, ସିଂହଭୂମ, ଖରସୁଆଁ ସରେଇକଳା, ସୁନ୍ଦରଗଡ଼, ପାହାଡ଼ା ଅବସ୍ଥିତ। ଏ ଅଞ୍ଚଳର ପ୍ରାଚୀନତମ ନାମ ଦକ୍ଷିଣ କୋଶଳ । ଏ ଅଞ୍ଚଳର ଅଧିବାସୀମାନଙ୍କ ମଧ୍ୟରେ ଆଦିବାସୀ ସଂଖ୍ୟାଧିକ—ସେମାନେ ଏଠାରେ ମୋଟ ଜନ ସଂଖ୍ୟାର ଶତକଡ଼ା ୪୦ ଭାଗ—ଅନାର୍ଯ୍ୟ ଓ ଆର୍ଯ୍ୟମାନଙ୍କ ଯୁଦ୍ଧ ବହୁକାଳ ଲାଗିଲା ପରେ ଉଭୟ ପକ୍ଷ ପୂର୍ବ ପ୍ରତି ବିଦ୍ୱେଷ ହୋଇପଡ଼ିଥିଲେ । ଶେଷରେ ଅନାର୍ଯ୍ୟ ବା ଦ୍ରାବିଡ଼ମାନେ ରାଜପୁତାନାଠାରୁ ମାଡ୍ରାଜ ପ୍ରଭୃତି ଅଞ୍ଚଳରେ ବସତି ସ୍ଥାପନ କରି ଥିଲେ—ଦକ୍ଷିଣ କୋଶଳ ସେମାନଙ୍କ ଆବାସ ଭୂମି ଥିଲା ।

୧୨୧୧ ଖ୍ରୀଷ୍ଟାବ୍ଦରେ ୩ୟ ଅନଙ୍ଗଭୀମ ଦେବଙ୍କ ସମୟରେ ଗଙ୍ଗବଂଶୀ ରାଜାମାନେ କୋଶଳ ରାଜ୍ୟ ଦଖଲ କଲେ । ସେତେବେଳେ ସୁନ୍ଦରଗଡ଼ ତାଙ୍କ ଦଖଲରେ ରହିଲା । ୧୩୬୧ ଖ୍ରୀଷ୍ଟାବ୍ଦରେ ସୁଲତାନ ଫିରୋଜ ସାହଙ୍କ ଦ୍ୱାରା ଏ ଅଞ୍ଚଳର ପୂର୍ବ—ଉତ୍ତର ଅଞ୍ଚଳ ଆକ୍ରାନ୍ତ ହୋଇଥିଲା । ଏହି ସମୟରେ କେଶରୀ ବଂଶୀମାନେ ଗାଙ୍ଗପୁର ଅଞ୍ଚଳରେ ପରାକ୍ରମଶାଳୀ ହୋଇଉଠିଲେ । ସେମାନେ ମୁଣ୍ଡାଦିହଠାରେ ତାଙ୍କ ରାଜଧାନୀ ସ୍ଥାପନ କରିଥିଲେ । ଠିକ୍ ଏହି ସମୟରେ ହେମଗିରିର ବୁନାପଡ଼, ମାଣିକମୁଣ୍ଡାର ସ୍ତମ୍ଭମୂର୍ତ୍ତିକ ଖୋଦିତ ହୋଇଥିବାର ପ୍ରମାଣ ମିଳେ । ମୁଣ୍ଡା ବନ୍ଧ ଦେଉଳ ଏ ସମୟରେ ନିର୍ମିତ ହୋଇଥିବାର କିମ୍ବଦନ୍ତୀ ଅଛି । ସରଗିପାଲିର ମାଝି ସେତେବେଳର ସାମନ୍ତ ଗଙ୍ଗାଧରଙ୍କ ସଙ୍ଗେ ମିଳି ଇବ୍‌ନଦୀ ଉପରେ ନିଜ ରାଜଧାନୀ ସ୍ଥାପନ କରିଥିଲେ । ଏହାର ନାମ ଗାଙ୍ଗପୁର ଗଡ଼ ନାମରେ ଅଭିହିତ ହୋଇଛି । ଏ ବଂଶର ରାଜାମାନେ ୧୯ଶ ଶତାବ୍ଦୀ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାପରେ ସରଗିପାଲିର ପ୍ରତାପମାଝି ଇନ୍ଦ୍ର ଶେଖର ଦେବଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ଏଣୁ ଇନ୍ଦ୍ରଶେଖର ରାଇବଗା ଗଡ଼ତିଆଙ୍କ ପ୍ରତିଶ୍ରୁତିରେ ଗାଙ୍ଗପୁରରୁ ରାଇବଗାକୁ ରାଜଧାନୀ ଉଠାଇ ଆଣିଲେ । ପୁଣି ପରଶୁରାମ ଶେଖର ଦେଓ ରାଇବଗାଠାରୁ ସୁନ୍ଦରଗଡ଼କୁ ରାଜଧାନୀ ଉଠାଇ ଆଣିଥିଲେ । ନୃପସିଂହ ଠାରେ ପରଶୁରାମ ସରଗିପାଲି ମାଝି ରାଜାଙ୍କୁ ନିହତ କରିଥିଲେ । ୧୮୨୭ରେ ଇଂରେଜ ସରକାରଙ୍କଠାରୁ ପରଶୁରାମ ଦେବ ସନନ୍ଦ ପାଇଥିଲେ । ୧୮୬୬ ଯାଏ ଚନ୍ଦ୍ରଭାନୁ ଦେବ ରାଜୁତି କରିଥିଲେ ଓ ସେ ନିଜେ ପୁତ୍ରହୀନ ହୋଇ ମରିବାରୁ ଇଂରେଜ ସରକାରଙ୍କ ମଧ୍ୟସ୍ଥତାରେ ଗତ ରାଜାଙ୍କର ପୁତ୍ରୁଣ୍ଡା ଶ୍ରୀ ଜନାର୍ଦ୍ଦନ ଶେଖର ଦେଓ ରାଜୁତି ପାଇଲେ । ଏହାପରେ ଶ୍ରୀ ରଘୁନାଥ ଶେଖର ଦେବ ନାବାଳକ ଥିବାରୁ ତାଙ୍କର ପିତୃବ୍ୟ ଯଜ୍ଞରାଜ ଶେଖର

# ORISSA STATE FINANCIAL CORPORATION

Barabati Stadium, CUTTACK-5 Tel.—981

## SPECIAL OFFERS FOR SPECIFIED BACKWARD DISTRICTS

**NAMELY :** *Kalahandi, Phulbani, Bolangir, Koraput, Dhenkanal, Keonjhar, Mayurbhanj & Balasore.*

* RATE OF INTEREST :

6½ per cent effective (subject to refinance from Industrial Development Bank of India) as against 9½ per cent in normal cases.

* MARGIN OF SECURITY :

15 per cent in case of technical entrepreneurs and 25 per cent to 30 per cent in other cases.

* INITIAL GRACE PERIOD :

Longer period for commencement of repayment up to 3 years instead of 2 years in other cases, from the date of registration of agreement.

* PERIOD OF REPAYMENT :

Longer period of repayment up to 15 years as against 10—12 years in other cases.

* PARTICIPATION IN RISK CAPITAL :

The Corporation may consider participation by way of underwriting depending upon the merit of the case.

* MISCELLANEOUS :

Assistance in preparation of schemes, etc. Commitment charges will be at ¼ per cent instead of ½ per cent as in other cases.

N. P. BOHIDAR
*Managing Director*

# ବେକାର ସମସ୍ୟା ସମାଧାନରେ କୃଷିର ଭୂମିକା

ହରିବନ୍ଧୁ ଶତପଥୀ

ବର୍ତ୍ତମାନ ଯୁଗରେ ବେକାରୀ ଏକ ଜାତୀୟ ସମସ୍ୟାରେ ପରିଣତ ହୋଇଛି। ବହୁପାଠୁଆ, କମପାଠୁଆ ସମସ୍ତେ ଏକ ନାଆର ଯାତ୍ରୀ। ...ର, ଇଂଜିନିୟର, ବିଶେଷଜ୍ଞ ସମସ୍ତଙ୍କ ମୁହଁରେ ଏକ ପ୍ରଶ୍ନାକ୍ଷର ...—"କଣ କରିବା" ? ଏହାକୁ ସମାଧାନ କରିବାକୁ ଯୋଜନା ...ଜ୍ଞ ବ୍ୟକ୍ତି, ନେତାମାନେ ଘୋରାଘର ସମ୍ମୁଖୀନ ହେଉଛନ୍ତି— ...ଯୋଜନାରେ ନବ୍‌ସରପନ୍ଥୀ ସୃଷ୍ଟ ହେଉଛନ୍ତି— ତଥାପି କାହି ...ସାର ଠିକ୍ ଠିକ୍ ସମାଧାନ ହେଉନାହିଁ। ଏବେ ଏହା ଏକ ...ଦ୍‌ବେଗର ବିଷୟ ହୋଇଅଛି।

କୃଷି ଭାରତର ପ୍ରଧାନ ସମ୍ବଳ। ଯୁଗ ଯୁଗ ଧରି କୃଷିପ୍ରଧାନ ...ଶ ବୋଲି ଭାରତ ଖ୍ୟାତିଲାଭ କରିଥିଲା। ଏହା ଭୁଲିଗଲେ ...ନାହିଁ। କିନ୍ତୁ ବର୍ତ୍ତମାନ ଯୁବ ସମ୍ପ୍ରଦାୟକୁ ଯେଉଁପ୍ରକାର ଶିକ୍ଷା ...ଯାଉଅଛି ସେଥିରେ କୃଷିକୁ ଆଦୌ ଆଗ୍ରାଧିକାର ଦିଆଯାଉ ନାହିଁ। ...ରେ ଯୁବ ସମ୍ପ୍ରଦାୟଙ୍କ ଦୃଷ୍ଟିକୋଣ ଚାକିରୀ ଅଭିମୁଖୀ ହୋଇଅଛି। ...କିରୀ ସଂଖ୍ୟାତ ସୀମାବଦ୍ଧ। ତେଣୁ ବେକାରୀ ଯୁବସମ୍ପ୍ରଦାୟ ...ି ଏକ ଅଭିଶାପରେ ପରିଣତ ହେବା ସ୍ୱାଭାବିକ।

ପାରମ୍ପରିକ ପ୍ରବକଗଣଙ୍କର ଦୃଷ୍ଟିଭଙ୍ଗୀ ଏବେ ପୁରାପୁରି ବଦଳିବା ...ଆବଶ୍ୟକ। ପୂର୍ବେ ଅଧିକ ଅମଳକ୍ଷମ ଧାନ ବିହନ ନ ଥିଲା, କୃଷିର ...ଉନ୍ନତ ଯନ୍ତ୍ରପାତି ଆବିଷ୍କୃତ ହୋଇ ନ ଥିଲା। ରାସାୟନିକ ସାର ...ପ୍ରଚଳିତ ହୋଇ ନ ଥିଲା—ତେଣୁ କୃଷି ଏକ ଲାଭଜନକ ବ୍ୟବସାୟ ବୋଲି କେହି ଭାବୁ ନ ଥିଲେ। ସେ ଅବସ୍ଥା ବର୍ତ୍ତମାନ ଯୁଗରେ ବଦଳିଯାଇଛି। ଏବେ ନୂଆ ନୂଆ ପ୍ରକାରର ଅଧିକ ଅମଳକ୍ଷମ ଧାନ ବିହନ ଗବେଷଣାଗାରରୁ ସୃଷ୍ଟ ହେଉଣି। ଏହି ବିହନ, ଉନ୍ନତ ସାର ପ୍ରୟୋଗ ଯୋଗୁଁ ଏବଂ କୀଟ ନାଶକ ଔଷଧ ତୁରନ୍ତ ବ୍ୟବହାର କରିବାଯୋଗୁଁ ଏକ ଏକର ଜମିରୁ ଯୁଆ ୧୦୦ ମହଣ ଶସ୍ୟ ଉତ୍ପାଦନ କରୁଅଛନ୍ତି। ଏହା ବର୍ତ୍ତମାନ କବି କଳ୍ପନା ନୁହେ—ନିରାଟ ସତ୍ୟ। ଯୁଆ ଯେତିକି ଖର୍ଚ୍ଚ କରୁଛି—ତାହାର ଦୁଇଗୁଣ ପାଉଛି। ବର୍ଷରେ ଗୋଟିଏ ଜମିରୁ ତିନି ତିନିଟା ଫସଲ ଅମଳ କରାଯାଇ ପାରୁଛି। ଏହି ପରିପ୍ରେକ୍ଷୀରେ ଶିକ୍ଷିତ ଯୁବକ ବେକାର ଧ୍ୱନି ଉଠାଇ ନିରାଶ ହେବ ବା କାହିଁକି ?

ଯୁବଶକ୍ତି ଅଦମ୍ୟ। ଏହାର ମୂଲ୍ୟବୋଧ ସମାଜ ଓ ଜାତି ପକ୍ଷରେ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦିଏ। ଏହି ଯୁବଶକ୍ତି କୃଷି ଅଭିମୁଖୀ ହେଲେ ଦେଶରୁ ଅଭାବ, ଅନାଟନ ଦୂରୀଭୂତ ହେବ। ଜନ ସଂଖ୍ୟା ବୃଦ୍ଧି ଯୋଗୁଁ ଖାଦ୍ୟ ଶସ୍ୟର ଉତ୍କଟ ଅଭାବ ଆଉ ରହିବ ନାହିଁ। ଏହି ଚେତନା ଯୁବ ପ୍ରାଣରେ ଉଦୀପ୍ତ ହେବା ଆବଶ୍ୟକ।

କୃଷି ଦେଶର ସମ୍ବଳ। ଏହି କୃଷି ଉନ୍ନତ ଅବସ୍ଥାକୁ ଆଣିବାକୁ ହେଲେ ଯୁବ ଶକ୍ତିକୁ ଉଦ୍‌ବୁଦ୍ଧ କରିବାକୁ ପଡ଼ିବ। ଏହି ଉନ୍ନତ କୃଷି ପ୍ରସାରିତ ହେବା ଫଳରେ ଗ୍ରାମଗୁଡ଼ିକର ଅର୍ଥନୈତିକ ଉନ୍ନତି ସମ୍ଭବ ହେବ ଏବଂ ଦେଶ ପ୍ରକୃତ ସମାଜବାଦ ଆଡ଼କୁ ଅଗ୍ରସର ହୋଇପାରିବ। ଏହି ଦୃଷ୍ଟିରୁ ବେକାର ଜୀବନରେ କୃଷିର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ।

କାଳରେ ରାମଚନ୍ଦ୍ର ନିକଟବର୍ତ୍ତୀ ବୈଦେଶ୍ୱର ଗ୍ରାମରେ ରାମନାଥ ଲିଙ୍ଗ ସ୍ଥାପନ କରିଥିଲେ । ସେଥିରେ ଅନୁପ୍ରାଣିତ ହୋଇ ସୀତାଦେବୀ ବୈଦନାଥ ଲିଙ୍ଗ ଓ ଲକ୍ଷ୍ମଣ ସିଂହନାଥଙ୍କୁ ସ୍ଥାପନ କଲେ । କାଳକ୍ରମେ ସେସବୁ ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟ, ଅବସ୍ଥିତି, ମହତ୍ୱ ଆଦିକୁ ବିଗ୍ରହକୁ ନେଇ ତତ୍କାଳୀନ ରାଜବଂଶ ସୁନ୍ଦର କାରୁକାର୍ଯ୍ୟଖଚିତ ମନ୍ଦିରମାନ ନିର୍ମାଣ କରିଥିଲେ ।

ସେତେବେଳେ ସ୍ଥଳପଥରେ ଗମନାଗମନର ସୁବିଧା ନ ଥିବାରୁ ଜଳପଥର ପ୍ରାଧାନ୍ୟ ଅଧିକ ଥିଲା । ତେଣୁ ନଦୀ ଗର୍ଭରେ ନୌଯାତ୍ରା କାଳରେ ବ୍ୟବସାୟୀ ତଥା ସାଧାରଣ ଲୋକମାନେ କୂଳବର୍ତ୍ତୀ ଏଭଳି ସ୍ଥାନମାନଙ୍କରେ ସମୟ ସମୟରେ ଆଶ୍ରୟ ନେଉଥିଲେ । ଏସବୁ ଅନୁଷ୍ଠାନର ରକ୍ଷଣାବେକ୍ଷଣ ତଥା ଉନ୍ନତି ବିଧାନ ନିମନ୍ତେ ବଦାନ୍ୟ ବ୍ୟକ୍ତିମାନେ ସ୍ଥଳବିଶେଷରେ ପ୍ରଚୁର ଅର୍ଥ ଦାନ କରୁଥିଲେ । ବିପଦସଙ୍କୁଳ ନଦୀ ଗର୍ଭରେ ଯାତାୟାତ ବେଳେ ଏହି ଦେବ ଦେବୀମାନେ ସେମାନଙ୍କୁ ରକ୍ଷା କରନ୍ତି ବୋଲି ଲୋକମାନଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ଦୃଢ଼ବିଶ୍ୱାସ ରହିଛି ।

ମନ୍ଦିର ଓ ଜଗମୋହନର ଗଠନ ଶୈଳୀରୁ ଏହା ଭୁବନେଶ୍ୱରର ପରଶୁରାମେଶ୍ୱର ମନ୍ଦିର ସଦୃଶ । ନିର୍ମାଣ ସମୟରେ ସାମାନ୍ୟ ବ୍ୟତିକ୍ରମ ଥାଇପାରେ । ମନ୍ଦିରର କେତେକ ଅଂଶ କାଳକ୍ରମେ ଭାଙ୍ଗି ପଡ଼ିବାରୁ ତାର ଉପଯୁକ୍ତ ସଂରକ୍ଷଣ କରାଯାଇଛି । ଜଗ-ମୋହନ ଓ ମୁଖ୍ୟ ମନ୍ଦିର ଗାତ୍ରରେ ଥିବା ପ୍ରାଚୀନ ବିଗ୍ରହମାନଙ୍କ ଦେହରୁ ଚୂନ ଲେପ ବାହାର କରି ଦିଆଯାଇଛି । ଅବଶ୍ୟ ଏହି ଚୂନ ଲେପ ମନ୍ଦିରକୁ ଶୀତଳୀ ଓ ବର୍ଷାପାଣିରୁ ରକ୍ଷା କରିବା ସଙ୍ଗେ ସଙ୍ଗେ ମନ୍ଦିର ଗାତ୍ରରେ ବୃକ୍ଷଲତା ଆଦି ଉଠି ଫାଟ କରି ମନ୍ଦିରକୁ ଭାଙ୍ଗି ଦେବାର ସମ୍ଭାବନା ରହେ ନାହିଁ । କିନ୍ତୁ ଏହାଦ୍ୱାରା କାରୁକାର୍ଯ୍ୟ ଗୁଡ଼ିକ ଲୁକ୍କାୟିତ ରହିଯାଏ ।

ନିର୍ମାଣ ପ୍ରଣାଳୀ ଦୃଷ୍ଟିରୁ ଏହା ତ୍ରିରଥ ରେଖ ଦେଉଳ ସଦୃଶ । ପ୍ରତ୍ୟେକ ଅଂଶ ସୂକ୍ଷ୍ମ କଳାର ଆଧାର ସ୍ୱରୂପ ଜଣାପଡ଼େ । ମନ୍ଦିର ସଂଲଗ୍ନ ଜଗମୋହନଟି ଆୟତାକାରରେ ନିର୍ମିତ । ଏହାର ବହିର୍ଭାଗ ଅଂଶରେ ପ୍ରାଚୀନ ବିଗ୍ରହ, ଲତା ଓ ଛାଇକାମ ଭୂମି ଅମଳା, ରାମାୟଣ, ଭାଗବତ ବର୍ଣ୍ଣିତ ଦୃଶ୍ୟ, ମଲ୍ଲଯୁଦ୍ଧ ସୈନ୍ୟ ଚାଳନା, ନାୟିକା, ଚକ୍ରଯୁକ୍ତ ରଥ ଆଦିର ଦୃଷ୍ଟାନ୍ତ ରହି-ଅଛି । ଜଗମୋହନର ସମ୍ମୁଖ ଦ୍ୱାରବନ୍ଧର ଉପରିଭାଗରେ ଗଜଲକ୍ଷ୍ମୀ ରହିଥିବା ସ୍ଥଳେ ଉଭୟ ପାର୍ଶ୍ୱରେ ବାହନ ସହିତ ସପ୍ତମାତୃକାଙ୍କର ମୂର୍ତ୍ତି ଖୋଦିତ ହୋଇଅଛି । ଗଣେଶ, କାର୍ତ୍ତିକେୟ, ପାର୍ବତୀ ପାର୍ଶ୍ୱଦେବଦେବୀ ଭାବରେ ଯଥା ସ୍ଥାନରେ ଅବସ୍ଥାନ କରିଛନ୍ତି । ବେଢ଼ା ପ୍ରାଚୀରର ଭିତର ଅଂଶରେ ବିଭିନ୍ନ ଖୋପ ଦେଖାଯାଏ । ଗଣେଶ, କାର୍ତ୍ତିକେୟ, ନାରାୟଣ, ଶିବ, ହନୁମାନ, ମହିଷମର୍ଦ୍ଦିନୀ ଦୁର୍ଗା ଆଦି ବିଗ୍ରହ ଅନ୍ୟାନ୍ୟ ସ୍ଥାନରୁ ସଂଗ୍ରହ କରି ରଖାଯାଇଛି । ମୁଖ୍ୟ ମନ୍ଦିର ମଧ୍ୟରେ ଶିବଲିଙ୍ଗ ପୂଜା ପାଉଅଛି । ଜଗମୋହନ ମଧ୍ୟରେ ତାଙ୍କର ବିଜେ ଦେବତା ରହି ଅଛନ୍ତି ।

ଏହି ମନ୍ଦିରର କେତେକ ପ୍ରଧାନ ମୂର୍ତ୍ତି ଉପରେ ଅନୁଶୀଳନ କଲେ ଜଣାପଡ଼େ ଯେ ସେ କାଳରେ ଶିବଭକ୍ତମାନେ ମଧ୍ୟ ରାମାୟଣ, ଭାଗବତ ଆଦି ବୈଷ୍ଣବ ଗ୍ରନ୍ଥ ପ୍ରତି ଅବମାନନା ନକରି ସେଥିରେ ବର୍ଣ୍ଣିତ ପ୍ରଧାନ ବିଷୟବସ୍ତୁ ସମୂହକୁ ମନ୍ଦିର ଦେହରେ ପ୍ରଦର୍ଶିତ କରୁଥିଲେ । ଜଗମୋହନର ପୂର୍ବ ପାର୍ଶ୍ୱ ଦ୍ୱାର ଦେହରେ ଅଘା, ବକା ଓ ଧେନୁକାସୁର ଆଦି ଅସୁରମାନେ ବାଳକ କୃଷ୍ଣଙ୍କ ଦ୍ୱାରା ନିହତ ହେଉଥିବାର ଦୃଶ୍ୟ ରହିଛି । ସେହିଭଳି ମଲ୍ଲଯୁଦ୍ଧ, ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ସୈନ୍ୟଶ୍ରେଣୀ, ରଥଚାଳନା, ବନ୍ୟ ଜନ୍ତୁ ଶିକାର ସମସାମୟିକ ସାମାଜିକ ଜୀବନ ଚିତ୍ରର ବାସ୍ତବତାର ପରିଚାୟକ ।

ଏକ ଜାଗାରେ ଖୋଦିତ ଲିଙ୍ଗପୂଜାର ଦୃଶ୍ୟକୁ ଅନ୍ୟ ପକ୍ଷରେ ତତ୍କାଳୀନ ଖମ୍ଭେଶ୍ୱରୀ ପୂଜାର ରୂପାନ୍ତର ବୋଲି ଗ୍ରହଣ କରାଯାଇପାରେ । ସ୍ୱର୍ଗୀୟ ଅପ୍‌ସରାମାନେ ଶିବଲିଙ୍ଗର ଉପରି ଭାଗରେ ପୁଷ୍ପମାଳା ଓ ମୁକୁଟ ପିନ୍ଧାଉ ଥିବାର ଦୃଶ୍ୟ ମଧ୍ୟ ଖୋଦିତ ହୋଇଛି । ଭୌମ ରାଜବଂଶର କରଦରାଜା ଶୁଳ୍କୀମାନେ ଏଭଳି ପୂଜାର ପୃଷ୍ଠପୋଷକ ଥିବାର ପ୍ରମାଣ ମିଳିଛି ।

ଅନ୍ୟଏକ ଅର୍ଦ୍ଧନାରୀଶ୍ୱର ବିଗ୍ରହରେ ଉଭୟଲିଙ୍ଗର ସମାବେଶ ଅତି ନିପୁଣଭାବରେ ପ୍ରକାଶ କରାଯାଇଛି । ଏହା ଏକ ବଶାଳ ମାନ ମୂର୍ତ୍ତି । ପତଳା ଚୂନର ଆଭରଣ ଏହାର ସୂକ୍ଷ୍ମ କଳାକୁ ପରିସ୍ଫୁଟ କରାଇ ଦେଉନାହିଁ । କିନ୍ତୁ ମୂର୍ତ୍ତିତତ୍ତ୍ୱର ସମସ୍ତ ଉପାଦାନ ଏଥିରେ ସନ୍ନିବେଶିତ ହୋଇଅଛି । ଶିବ ଓ ପାର୍ବତୀଙ୍କର ମିଳିତ ମୂର୍ତ୍ତି ଏଥିରେ କଳ୍ପନା କରାଯାଇଥିବାରୁ ଉଭୟଙ୍କର ଅଲଗା ଅଙ୍ଗାଭରଣ, କେଶ ବିନ୍ୟାଶ, ଆୟୁଧ ଆଦିର ପରିପ୍ରକାଶ ସୁସ୍ପଷ୍ଟରୂପେ ହୋଇଛି । ବାମଭାଗ ପାର୍ବତୀ ଓ ଦକ୍ଷିଣ ଭାଗ ଶିବ ଭାବେ ଖୋଦିତ ହୋଇଛି । ଉଭୟ ପାର୍ଶ୍ୱରେ ଥିବା ମୂର୍ତ୍ତି ଦ୍ୱୟ ବିଶେଷ ଭାବରେ ନଷ୍ଟ ହୋଇଯାଇ ଥିବାରୁ ଚିହ୍ନିବା କଷ୍ଟକର । ଅର୍ଦ୍ଧ ନାରୀଶ୍ୱର ମୂର୍ତ୍ତି ରାଜ୍ୟ ସଂଗ୍ରହାଳୟ ତଥା ଲକ୍ଷ୍ମଣେଶ୍ୱର, ମୁକ୍ତେଶ୍ୱର, ବୈତାଳ ଆଦି ମନ୍ଦିରରେ ଦେଖାଯାଏ ।



# ବଡ଼ମ୍ବାର ସିଂହନାଥ ମନ୍ଦିର

ରମେଶ ପ୍ରସାଦ ମହାପାତ୍ର

କଟକ ଜିଲ୍ଲାର ବଡ଼ମ୍ବା, ନରସିଂହପୁର, ଟିଗିରିଆ, ଆଠଗଡ଼, ଆଦି ଅତି ଜେତେକ ପୂର୍ବତନ ଗଡ଼ଜାତର ପ୍ରତ୍ନତାତ୍ତ୍ୱିକ ଅବଶେଷ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଭାବରେ ଅନୁସନ୍ଧାନ କରାଯାଇ ପାରି ନାହିଁ । ଅବଶ୍ୟ କାଳକ୍ରମେ ଗବେଷକମାନଙ୍କ ଦୃଷ୍ଟି-ଗୋଚରକୁ ଆସିଥିବା ଅବଶେଷ ମଧ୍ୟରେ ଆଠଗଡ଼ର ଅମଗେର ପୁରେ ଥିବା ପ୍ରାଚୀନ ମନ୍ଦିର, ବଡ଼ମ୍ବାର ସିଂହନାଥ, ନରସିଂହ-ପୁର ଦେଶାନାଥ, ବାଣେଶ୍ୱର ନାସୀ, ବାଙ୍କିର ଚର୍ଚ୍ଚିକା, ରାମନାଥ, ଝିଙ୍କନାଥ ନରାଜ, ଦେବୀଦ୍ୱାର ଆଦି ଉଲ୍ଲେଖଯୋଗ୍ୟ । ଏଗୁଡ଼ିକ ସମ୍ପର୍କରେ ଅଳ୍ପବହୁତ ପୂର୍ବ ପରିଚୟ ରହିଥିଲେ ମଧ୍ୟ ସିଂହନାଥ ମନ୍ଦିରର କାରୁକାର୍ଯ୍ୟ, ଗଠନ-ଶୈଳୀ, ନିର୍ମାଣ କାଳ, ଅବସ୍ଥିତି, ମୂର୍ତ୍ତିତତ୍ତ୍ୱ ସମ୍ବନ୍ଧୀୟ ତଥ୍ୟ ସର୍ବସାଧାରଣଙ୍କୁ ଜଣାଇ ଦେବା ହେଉଛି ଏହି ପ୍ରବନ୍ଧର ଉଦ୍ଦେଶ୍ୟ । ଏହି ମନ୍ଦିରଟି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା ସଂରକ୍ଷିତ । ଏଠାକୁ ଯିବାକୁ ହେଲେ ବଡ଼ମ୍ବାଗଡ଼ ଡାକବଙ୍ଗଳା ନିକଟରୁ ଯାଉଥିବା କଚାରାସ୍ତାରେ ଗୋପୀନାଥପୁର ଗ୍ରାମପର୍ଯ୍ୟନ୍ତ ଚାଲିକରି କିମ୍ବା କୌଣସି ଯାନ ବାହନର ସାହାଯ୍ୟରେ ଯିବାକୁ ପଡ଼େ । ସେଠାରୁ ନୌକା ଦ୍ୱାରା ମହାନଦୀ ପାରିହୋଇ ନଦୀଗର୍ଭରେ ପରିବେଷ୍ଟିତ ଏହି ପ୍ରାଚୀନ ଦେବାଳୟରେ ପହଞ୍ଚିବାକୁ ହୁଏ । ଗୋପୀନାଥପୁରଠାରେ ନଦୀର ପ୍ରସ୍ଥ ଅଧିକ ଥିବାରୁ ଏବଂ ସିଂହନାଥ ପାହାଡ଼କୁ କାଟି ଆସିଥିବା ଜଳସ୍ରୋତରେ ଗତି ଏଠାରେ ପ୍ରଖର ଥିବାରୁ ପାରିହେବା କଷ୍ଟକର ହୋଇଥାଏ । କିନ୍ତୁ ନଦୀର ପ୍ରଖର ସ୍ରୋତ ତଥା ଅପେକ୍ଷା-କୃତ ଗଭୀରତାକୁ ଭ୍ରୂକ୍ଷେପ ନ କରି ସ୍ଥାନୀୟ କୈବର୍ତ୍ତମାନେ ନିଶ୍ଚିନ୍ତରେ ଡଙ୍ଗାରେ ଦର୍ଶକମାନଙ୍କୁ ପାରିକରି ଦିଅନ୍ତି । ଡଙ୍ଗାରୁ ଓହ୍ଲାଇ କିଛି ବାଟ ଚଲାପରେ ମନ୍ଦିର ନିକଟରେ ପହଞ୍ଚିବାକୁ ହୁଏ । ସିଂହନାଥ ଓ ଏହିସହିତ ସଂପୃକ୍ତ ଅନ୍ୟାନ୍ୟ ଦେବାଳୟ ଆଦି ଏକ ପାହାଡ଼ର ନିମ୍ନ ଦେଶରେ ପ୍ରତିଷ୍ଠିତ । ଭୂମି ପତନଠାରୁ ଅନ୍ୟୂନ ପାଞ୍ଚଫୁଟ ନିମ୍ନରେ ମନ୍ଦିରର ବେଢ଼ା ରହିଅଛି, ଫଳରେ ବର୍ଷାଦିନରେ ମନ୍ଦିର ବେଢ଼ା ସମେତ ସମଗ୍ର ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଏ । ଏହି ସକାଶେ ଠାକୁରଙ୍କୁ ମନ୍ଦିରରୁ ବାହାରକରି ପାହାଡ଼ ଉପରି ଭାଗରେ ନବନିର୍ମିତ ଏକ ସ୍ଥାନରେ ପୂଜା କରାଯାଏ । ମନ୍ଦିର ବେଢ଼ା ମଧ୍ୟକୁ ଯିବାକୁ ପାହାଚ ରହିଅଛି । ନିକଟବର୍ତ୍ତୀ ଗ୍ରାମରୁ ପୂଜକମାନେ ପାଳି ଅନୁସାରେ ପ୍ରତ୍ୟହ ପୂଜାକାର୍ଯ୍ୟ ସମ୍ପାଦନ କରିଥାନ୍ତି ।

ବେଢ଼ାରେ ଥିବା ସିଂହନାଥ ମହାଦେବଙ୍କ ମନ୍ଦିର ଓ ତାହାର ଜଗମୋହନ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏତଦ୍ ବ୍ୟତୀତ ଗଣେଶ୍ୱର, ଯମେଶ୍ୱର ତଥା ଭଣ୍ଡାରଘର ଓ ରୋଷାଇ ଘର ଆଦିର ସନ୍ନିବେଶ ହୋଇଛି । ବେଢ଼ାବାହାରେ ଦକ୍ଷିଣ କାଳୀଙ୍କର ମନ୍ଦିର ରହିଛି । ସ୍ଥାନୀୟ ଲୋକମାନେ ଦେବୀଙ୍କୁ (ମହିଷମର୍ଦ୍ଦିନୀ ଦୁର୍ଗା) ଅଧିକ ଭକ୍ତି ସମ୍ମାନ ପ୍ରଦର୍ଶନ କରି ଥାଆନ୍ତି । କଥିତ ଅଛି ବନବାସ

କଳା ନିପୁଣତାର ପରିଚାୟକ । ମୂର୍ତ୍ତିଟି ବୀର ଦର୍ପରେ ବସିଥିବା ଭଳି ଜଣା ଯାଉଛି । ଗଳାହାର, ବାହୁବନ୍ଧ, ଚୁଡ଼ି, କୁଣ୍ଡଳ, ତ୍ରିଜଟାର ପରିବେଷଣ ତତ୍କାଳୀନ ବେଶଭୂଷାର ପରିପାଟୀ । ବାହାନ ସହିତ ମୂର୍ତ୍ତି ଏକ ପଦ୍ମପୀଠ ଉପରେ ଖୋଦିତ ହୋଇଅଛି ।

ବଡ଼ମ୍ବାର ବର୍ତ୍ତମାନର ରାଜବଂଶ ପାହାଡ଼ ମଧ୍ୟ ଦେଶରେ ସିଂହନାଥଙ୍କ ପାଇଁ ଏକ କ୍ଷୁଦ୍ର ମନ୍ଦିର ନିର୍ମାଣ କରିଛନ୍ତି । ଏହା ପାଖକୁ ଥିବା ଏକ ପାର୍ବତୀୟ ଖୋଲକୁ ପରିବର୍ଦ୍ଧିତ କରି ଏକ ଗୁହା ନିର୍ମାଣ କରାଯାଇଛି । ସେଥିରେ ଜଣେକ ସାଧୁ ବସବାସ କରିଥାନ୍ତି । ଏହାର ସମ୍ମୁଖକୁ କେତେଗୁଡ଼ିଏ ପକ୍କା ଗୃହ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଦେଖାଯାଏ । ସ୍ଥାନୀୟ କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ଅନୁଗ୍ରହ ଫଳରେ ଏହା ନିର୍ମିତ ହୋଇଥିଲା । କିନ୍ତୁ ଛାତ ପଡ଼ିବା ପୂର୍ବରୁ ବନ୍ଦ ହୋଇ ଯାଇଛି । ଏହାର ରକ୍ଷଣାବେକ୍ଷଣ ତଥା ପୁନଃନିର୍ମାଣ କରାଯାଇ ପାରିଲେ ଯାତ୍ରୀମାନଙ୍କର ଅଶେଷ ଉପକାରରେ ଆସି ପାରନ୍ତା । ବର୍ଷା କାଳରେ ମନ୍ଦିର ପ୍ରାଙ୍ଗଣ ଜଳମଗ୍ନ ହୋଇ ଯାଉଥିବାରୁ ବିଜେ ଦେବତାଙ୍କୁ ସିଂହନାଥ ମନ୍ଦିର ନିକଟକୁ ଆଣି ପୂଜା କରାଯାଇଥାଏ ।

ଅନ୍ୟାନ୍ୟ ଶିବ ମନ୍ଦିର ଭଳି ଜାଗର ଏଠାକାର ପ୍ରଧାନ ପର୍ବ ଅଟେ । ଏ ଉପଲକ୍ଷେ ନିକଟବର୍ତ୍ତୀ ଗଡ଼ଜାତ ଅଞ୍ଚଳରୁ ବହୁ ଜନସମାଗମ ହୋଇଥାଏ । ପାରମ୍ପରିକ ରୀତିରେ ଅମାବାସ୍ୟା, ସଂକ୍ରାନ୍ତି ଆଦି ପାଳନ କରାଯାଇଥାଏ । ଶୀତ ଓ ଗ୍ରୀଷ୍ମ ... ବହୁ ଦର୍ଶକ ଚିତ୍ତବିନୋଦନ ସକାଶେ ଏ ସ୍ଥାନକୁ ଆସିଥା... ନିକଟବର୍ତ୍ତୀ ଗ୍ରାମବାସୀମାନେ ମାନସିକ କରିବା ପାଇଁ ... ବିଭିନ୍ନ ସମୟରେ ଏଠାକୁ ଆସୁଥିବାର ଶୁଣାଯାଏ ।

ଐତିହାସିକ ତଥ୍ୟ ତଥା ଅନ୍ୟାନ୍ୟ ଅନୁସନ୍ଧିତ ଉପା... ମଧ୍ୟରୁ ଜଣାପଡ଼େ ଯେ ଏ ଅଞ୍ଚଳ ପୂର୍ବେ ପ୍ରସିଦ୍ଧ ସୋମବଂଶ ... ବଂଶର କରଦରାଜା ନନ୍ଦୋଦ୍ଭବ ବଂଶୀୟ ନରପତିମାନ... ଦ୍ୱାରା ଶାସିତ ହେଉଥିଲା । ନିକଟବର୍ତ୍ତୀ ନରସିଂହପୁର ... ଅଞ୍ଚଳରୁ କେତେକ ତାମ୍ର ଫଳକରୁ ଦେବାନନ୍ଦ ନାମକ ... ପରାକ୍ରମଶାଳୀ ରାଜାଙ୍କ ବିଷୟରେ ସୂଚନା ମିଳେ । ... ଏହି ବଂଶର କେହି ପୂର୍ବତନ ରାଜା ଭୁବନେଶ୍ୱରର ପ୍ରା... ମନ୍ଦିରଗୁଡ଼ିକରେ ଅନୁପ୍ରାଣିତ ହୋଇ ଏଠାରେ ଉକ୍ତ କାରୁ... ମଣ୍ଡିତ ଦେବାଳୟ ସ୍ଥାପନ କରିଥିଲେ । ମୂର୍ତ୍ତିତତ୍ତ୍ୱ ମନ୍ଦିରର ... ଶୈଳୀ ତଥା କାରୁକାର୍ଯ୍ୟର ପରିପ୍ରକାଶରୁ ଏହା ଅଷ୍ଟମ ... ଶତାବ୍ଦୀରେ ନିର୍ମିତ ହୋଇଥିବାର ଅନୁମାନ କରାଯାଇପାରେ ।

କଟକ ନିକଟବର୍ତ୍ତୀ ଧବଳେଶ୍ୱର, ବଡ଼ମ୍ବାର ସିଂହନା... ଭଟ୍ଟାରିକା, ନରସିଂହପୁରର ବାଣେଶ୍ୱର ନାସୀ, ଡଙ୍ଗିଯୋଡ଼ ... ମାଧବ ଆଦି ନଦୀକୂଳବର୍ତ୍ତୀ ପ୍ରାକୃତିକ ଦୃଶ୍ୟ ସମ୍ପନ୍ନ ... ଗୁଡ଼ିକ ପର୍ଯ୍ୟଟକମାନଙ୍କ ପାଇଁ ଅଧିକ ଆକର୍ଷଣୀୟ କରାଯାଇ ପାରିଲେ ମନ୍ଦିର ନିର୍ମାଣର ଉଦ୍ଦେଶ୍ୟ ପ୍ରତିପାଦିତ ହୋଇ ପାରନ୍ତା ।

ଏକ ଦଣ୍ଡାୟମାନ ଶିବମୂର୍ତ୍ତି ହସ୍ତରେ ଶୂଳ ଓ ସର୍ପ ଧାରଣ କରିଥିବା ଭଙ୍ଗିରେ ଖୋଦିତ ହୋଇଅଛି । ତାଙ୍କର ବାହନ ବୃଷର ନିମ୍ନ ଭାଗରେ ଉର୍ଦ୍ଧ୍ବକୁ ଚାହିଁ ରହିଥିବା ଦେଖାଯାଏ । ଉଭୟ ପାର୍ଶ୍ୱରେ ପୁରୁଷ ଓ ସ୍ତ୍ରୀ ମୂର୍ତ୍ତିର ଦୃଷ୍ଟାନ୍ତ ରହିଅଛି । ପୁରୁଷ ମୂର୍ତ୍ତି ଶିବଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେଉଥିବା ବେଳେ ସ୍ତ୍ରୀଟି ତାଙ୍କୁ ସେଥିରୁ ନିବୃତ୍ତ ହେଉଥିବାର ଦୃଶ୍ୟ ଖୋଦିତ ହୋଇଅଛି । ମସ୍ତକରେ ତୃତୀୟ ନେତ୍ର, ସ୍କନ୍ଧ ପର୍ଯ୍ୟନ୍ତ ଜଟା ଏବଂ ଊର୍ଦ୍ଧ୍ବଲିଙ୍ଗର ପ୍ରଦର୍ଶନ ହୋଇଅଛି । ମୂର୍ତ୍ତିଟି ବାମଭାଗକୁ ଈଷତ୍ ବକ୍ର ଭାବରେ ଛିଡ଼ା ହୋଇଛି ।

ଦେଖାଯିବା ଦୁଇଗୋଟି କାର୍ତ୍ତିକେୟ ମୂର୍ତ୍ତି ମଧ୍ୟରୁ ଗୋଟିଏ ମନ୍ଦିର ଦେହରେ ସଂଲଗ୍ନ ଏବଂ ଅନ୍ୟଟି ପ୍ରାଚୀର ଦେହର ଏକ ଖୋପରେ ଖୋଦିତ । ଖୋପରେ ରହିଥିବା ମୂର୍ତ୍ତିଟି ବିଶେଷ ଭାବରେ ନଷ୍ଟ ହୋଇ ଗଲାଣି କିନ୍ତୁ ଏହାର ଅଙ୍ଗ ସୌଷ୍ଠବ, ଆୟୁଧ, ତଥା ବାହନର ପରିପ୍ରକାଶ ପୂର୍ବବତ୍ ରହିଅଛି । କାର୍ତ୍ତିକେୟଙ୍କର ବାମପାଦ ମୟୂର ଉପରେ ସ୍ଥାପିତ ହୋଇଥିବା ବେଳେ ଦକ୍ଷିଣ ପାଦ ନିମ୍ନ ଦେଶକୁ ଝୁଲି ରହିଛି । ଦୁଇ ହସ୍ତରେ ଶୂଳ ଓ ବୀଜପୂରକ ଧାରଣ କରିଛନ୍ତି । ମସ୍ତକର କେଶ ତ୍ରିକଚ୍ଛା ଭାବେ ସ୍କନ୍ଧ ଦେଶ ପର୍ଯ୍ୟନ୍ତ ଲମ୍ବିତ । ମୟୂର ନିଜ ପାଦ ସାହାଯ୍ୟରେ ଏକ ବିଷଧର ସର୍ପକୁ ଧାରଣ କରିଥିବା ଏବଂ ମୂର୍ତ୍ତିର ପଶ୍ଚାଦଭାଗରେ ଏକ ତ୍ରିପତ୍ରାକୃତି ଆବରଣ ପରିଦୃଷ୍ଟ ହୁଏ ।

କିନ୍ତୁ ଅନ୍ୟ କାର୍ତ୍ତିକେୟ ବିଗ୍ରହଟି ଏହାଠାରୁ ଅଧିକ ଆକର୍ଷଣୀୟ । ଏହାର ବହୁତ ଅଂଶ ଅଦ୍ୟାବଧି ଚୂନଦ୍ୱାରା ଆବୃତ ହେଲେ ମଧ୍ୟ ବିଗ୍ରହର ହସ୍ତ, ପଦ, ଆୟୁଧ, ବାହନ ଓ ବେଶ ଭୂଷାରେ ବିଶେଷ ପ୍ରଭାବ ପକାଇ ପାରିନାହିଁ । ଏହା ଏକ ମସ୍ତକ ଓ ଦ୍ୱାଦଶଭୁଜ ବିଶିଷ୍ଟ ମୂର୍ତ୍ତି । ପୂର୍ବ ବର୍ଣ୍ଣିତ ମୂର୍ତ୍ତିପରି ମୟୂର ଉପରେ ଉପବେଶନ କରିଛନ୍ତି । ଦକ୍ଷିଣ ଭାଗ ହସ୍ତମାନଙ୍କରେ ଖଡ୍ଗ, ପାଶ, ଶୂଳ, ବରଦମୁଦ୍ରା ଆଦି ଶୋଭା ପାଉଥିବାବେଳେ ବାମ ଭାଗରେ ଅଙ୍କୁଶ, ଧନୁ, ଢାଲ, ତୀର ଆଦିର ଖୋଦନ ପରିଦୃଷ୍ଟ ହୁଏ । ହସ୍ତମାନଙ୍କରେ ଅନ୍ୟ ଆୟୁଧଗୁଡ଼ିକ ବର୍ତ୍ତମାନ ଅବସ୍ଥାରେ ଚିହ୍ନିବା କଷ୍ଟକର । ମୟୂରର ଗ୍ରୀବା ଦେଶ ଓ ଚଞ୍ଚୁର ଖୋଦନ ଶୈଳୀ



ସିଂହନାଥ ମନ୍ଦିର

କରିବା ପାଇଁ ଆଗେଇ ଆସିଲେ ।
ମଧ୍ୟ ତାଙ୍କୁ ସାହାଯ୍ୟ ସଫଳ ହେଲା । ଏହି ସାମାନ୍ୟ ଫଳରେ ଶ୍ରୀ ସାହୁଙ୍କ ଉଦ୍ୟମ ସଫଳ ହେଲା । ଏହି ସାମାନ୍ୟ ସଫଳତାରେ ଉତ୍ସାହିତ ହୋଇ ସେ ଦ୍ୱିଗୁଣ ଉତ୍ସାହର ସହିତ ଉଦ୍ୟମ କଲେ । ଏଥର ସେ ଉନ୍ନତ ପ୍ରଣାଳୀରେ ସମୁଦାୟ ଜମିରେ ଚାଷ କରିବା ପାଇଁ ମନ ବଳାଇଲେ ।

ଚିରାଚରିତ କାଠ ଲଙ୍ଗଳ ପରିବର୍ତ୍ତେ ସେ ଲୁହାଲଙ୍ଗଳ ବ୍ୟବହାର କଲେ । ଜଳସେଚନ ନିମନ୍ତେ ପାଣି ପମ୍ପଟିଏ ମଧ୍ୟ ଖରିଦ୍ କଲେ । ଏହାପରେ ଗ୍ରାମସେବକ ଓ କୃଷି ସମ୍ପ୍ରସାରଣ ଅଫିସରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ସାହୁ ଚାଷକାମ ଆରମ୍ଭ କଲେ । ଠିକ୍ ସମୟରେ ବତାଇବା ମୁତାବକ ରାସାୟନିକ ସାର ଓ କମ୍ପୋଷ୍ଟ ଖତ ପ୍ରୟୋଗ କରିବା ସଙ୍ଗେ ସଙ୍ଗେ ରୋଗ ଆକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ ଔଷଧପତ୍ର ସ୍ପ୍ରେ କରାଗଲା ।

ପରିଶେଷରେ ଶ୍ରୀ ସାହୁଙ୍କର ଉଦ୍ୟମ ସଫଳ ହେଲା । ସେ ଏକର ପିଛା ୮୦ କୁଇଣ୍ଟାଲ ଧାନ ଅମଳ କଲେ । କେବଳ ବାଲେଶ୍ୱର ଜିଲ୍ଲାରେ କାହିଁକି ସମଗ୍ର ରାଜ୍ୟରେ ଏହା ବାସ୍ତବିକ୍ ପ୍ରଶଂସନୀୟ ସଫଳତା । ଗତବର୍ଷ ଖରିଫ ଋତୁରେ ମଧ୍ୟ ଶ୍ରୀ ସାହୁ ଅ.ଆ. ୮ ଚାଷକରି ସମଗ୍ର ଜିଲ୍ଲାରେ ସର୍ବାଧିକ ଫସଲ ଅମଳ କରିପାରିଥିଲେ। ୧୯୭୧ ଜୁନ୍ ପହିଲାରେ ବାଲିଆ ଫାର୍ମଠାରେ ତତ୍କାଳୀନ ଜିଲ୍ଲାପାଳ ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା ଜିଲ୍ଲାର କୃତୀ ଚାଷୀଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପୁରସ୍କାର ପ୍ରଦାନ କରିଥିଲେ । ଶ୍ରୀ ସାହୁଙ୍କୁ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଟ ୫୦୦ ର ମୂଲ୍ୟର କୃଷି ଯନ୍ତ୍ରପାତି ଓ ଗୋଟିଏ ରେଡ଼ିଓ ପ୍ରଦାନ କରିଥିଲେ । ଏହାଛଡ଼ା ଧାନ, ଗହମ ଓ ଚିନାବାଦାମ ଚାଷରେ ସଫଳତା ନିମନ୍ତେ ଶିମୁଳିଆ ଗ୍ରାମର (ବସ୍ତାବ୍ଲକ୍) ଶ୍ରୀ ଗଙ୍ଗାଧର ଜେନା, ବାଲିଆପାଳ ବ୍ଲକ୍ର ଶ୍ରୀ ବନବିହାରି ଦାସ, ବସ୍ତା ବ୍ଲକ୍ର ଶ୍ରୀ ଆନନ୍ଦ ବେହେରା, ନୀଳଗିରି ବ୍ଲକ୍ର ଶ୍ରୀ ଶଚୀନ୍ଦ୍ର ପରିଡ଼ା, ବାଲେଶ୍ୱର ବ୍ଲକ୍ର ଶ୍ରୀ ଶିବନାରାୟଣ ମହାପାତ୍ର ଏବଂ ରେମୁଣା ବ୍ଲକ୍ର ସେଖ୍ ନାଉରୁଦ୍ଦିନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି ।

---

ଶିକ୍ଷା କହିଲେ ମୁଁ ବୁଝେ, ଶିଶୁ ଓ ମନୁଷ୍ୟର ଶରୀର, ମନ ତଥା ଆତ୍ମାର ସର୍ବତୋଭାବେ ବିକାଶ ସାଧନ ।

—ମହାତ୍ମା ଗାନ୍ଧୀ

# ଚାଷ ଓ ଚାଷୀ: ସଫଳତାର ଏକ କାହାଣୀ

ମର ଗାଁ ଗହଳିର ଚାଷୀ ପାରମ୍ପରିକ ଚାଷପ୍ରଣାଳୀ ପରିବର୍ତ୍ତେ ଧୁନିକ ପ୍ରଣାଳୀ ଅବଲମ୍ବନ କରି ଅଧିକ ଉତ୍ପାଦନ ପାଇଁ ରି ଅଗ୍ରଣୀ ଶ୍ରୀ ପରମାନନ୍ଦ ସାହୁ ହେଉଛନ୍ତି ତା'ର ଏକ ନିଦର୍ଶନ ।

୪୨ ବର୍ଷ ବୟସ ପରମାନନ୍ଦ ସାହୁଙ୍କ ଘର ଭଦ୍ରଖ ସବ୍-ଜନର ମହାନ୍ତିପଡ଼ା ଗାଁରେ । ଏହି ଗାଁର ସମସ୍ତେ ହେଉଛନ୍ତି ଷୀ । ପୁରୁଷାନୁକ୍ରମେ ସେହି ଚିରାଚରିତ ପ୍ରଣାଳୀରେ ଗାଁର ଳିଏଁ ଚାଷବାସ କରନ୍ତି । ବିଭିନ୍ନ ଅଞ୍ଚଳରେ ଚାଷୀମାନଙ୍କ ମଧ୍ୟରେ ହୁ ଅମଳ କ୍ଷମ ଉନ୍ନତ କୃଷି ପ୍ରଣାଳୀର ବିଶେଷ ଆଦର ଥିଲେ ମଧ୍ୟ ମହାନ୍ତିପଡ଼ାର ଚାଷୀମାନଙ୍କର ସେଥିପ୍ରତି ଆଦୌ ଗ୍ରହ ନ ଥିଲା । କୌଣସି ପ୍ରକାରେ ପେଟକୁ ମୁଠିଏ ଦାନା ମିଳିଗଲେ ସେ ଯଥେଷ୍ଟ । କିନ୍ତୁ ଏହି ପରମ୍ପରାକୁ ପ୍ରଥମେ ଭାଙ୍ଗିଲେ ପରମାନନ୍ଦ ହୁ ।

ଶ୍ରୀ ସାହୁ ବହୁକୁଟୁମ୍ବୀ । ୨୦ ଏକର ଜମି ଥାଇ ବି ରିବାରର ବର୍ଷକର ଗୁଜୁରାଣ ମେଣ୍ଟୁନି । ବୋଝ ଉପରେ ଳିତା ବିଡ଼ା ପରି ବର୍ଷକୁ ବର୍ଷ ଘରର ଖର୍ଚ୍ଚ ବଢ଼ିଚାଲିଛି । ତେଣୁ ରମାନନ୍ଦ ସାହୁ ସବୁବେଳେ ଚିନ୍ତିତ—କଣ କଲେ ତାଙ୍କର ଅବସ୍ଥା ଟିକିଏ ସୁଧୁରିବ । ହଠାତ୍ ସେ ମନରେ ସାହାସ ବାନ୍ଧିଲେ । ଏ ଯାଏ ସେ ଯାହା ଶୁଣି ଆସୁଥିଲେ ତାହା କାର୍ଯ୍ୟରେ ଲଗାଇବାପାଇଁ ଛା ବାନ୍ଧିଲେ ।

ଶ୍ରୀ ସାହୁ ପ୍ରଥମେ ପରୀକ୍ଷାମୂଳକ ଭାବରେ ଦୁଇ ଏକର ଜମିରେ ଉନ୍ନତ ପ୍ରଣାଳୀରେ ଚାଷକଲେ । ଜଳର ଭଳି ବିଶେଷଜ୍ଞମାନେ



(ବୋଡ଼ିଆ କୃଷି ଫାର୍ମରେ ଜିଲ୍ଲାସ୍ତରରେ ସର୍ବାଧିକ ଆଇ. ଆର.-୮ ଧାନ ଉତ୍ପାଦନ କରିଥିବା ଚାଷୀଙ୍କୁ ବାଲେଶ୍ୱର ତତ୍କାଳୀନ କଲେକ୍ଟର ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା ପୁରସ୍କାର ବିତରଣ କରୁଛନ୍ତି ।)

ସୁବିଧା ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ଯୋଜନାର ସମସ୍ତ ଲକ୍ଷ୍ୟ ଛୋଟ ଚାଷୀଙ୍କୁ ସାହାଯ୍ୟ ଦେବା ନିମନ୍ତେ ଉଦ୍ଦିଷ୍ଟ ନୁହେଁ । କେବଳ ଯେଉଁ ଚାଷୀମାନଙ୍କର କୃଷି ଓ ଗୋପାଳନ ଆଦି ଆନୁଷଙ୍ଗିକ ଧନ୍ଦା ପ୍ରତି ଆଗ୍ରହ ରହିଛି ଓ ଯେଉଁମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ବା ବର୍ତ୍ତମାନ ସ୍ୱଚ୍ଛଳ ନଥିଲେ ମଧ୍ୟ ବିଭିନ୍ନ ପ୍ରକାର ଋଣ ଓ ଅନ୍ୟାନ୍ୟ ସାହାଯ୍ୟଦ୍ୱାରା ସ୍ୱଚ୍ଛଳ କରାଯାଇ ପାରିବ କେବଳ ସେମାନଙ୍କୁ ସାହାଯ୍ୟ ଦିଆଯିବ । ଏହି ପ୍ରକାର ଯୋଜନା ଦେଶରେ ପ୍ରଚଳିତ, ଅନ୍ୟାନ୍ୟ ପ୍ରକାର ଯୋଜନାଠାରୁ ଗୋଟିଏ ଅର୍ଥରେ ଭିନ୍ନ । ଅନ୍ୟାନ୍ୟ ଯୋଜନାରେ ସାଧାରଣତଃ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ଲକ୍ଷ୍ୟ ରୂପେ ଗ୍ରହଣ କରାଯାଇଥାଏ । ମାତ୍ର ଏହି ଯୋଜନାର ଲକ୍ଷ୍ୟ ହେଲା, ବ୍ୟକ୍ତିଗତଭାବରେ ପ୍ରତ୍ୟେକ ଛୋଟ ଚାଷୀଙ୍କ ବ୍ୟକ୍ତିଗତ ସମ୍ପର୍କରେ ଆସି ତାହାର ବିଭିନ୍ନ ସମସ୍ୟାକୁ ଅନୁଧ୍ୟାନ କରି ତାକୁ କିପରିଭାବରେ ସ୍ୱଚ୍ଛଳ ଅବସ୍ଥାକୁ ଅଣାଯାଇ ପାରିବ ତାହାର ବ୍ୟବସ୍ଥା କରିବା । ତେଣୁ ଏ ପ୍ରକାର ଯୋଜନାରେ ସଫଳତାର ସମୀକ୍ଷା କରାଗଲାବେଳେ କେତେ ଜମିରେ ଅଧିକା ଅମଳକ୍ଷମ ଧାନ, ଗହମ ହେଲା ବା କେତେ ଏକର ଅଧିକ ଜଳସେଚିତ ହେଲା ତା ପ୍ରତି ସେତେ ଗୁରୁତ୍ୱ ଦିଆ ନ ଯିବ, ତା ପରିବର୍ତ୍ତେ କେତେ ଜଣ ଚାଷୀ ବ୍ୟକ୍ତିଗତ-ଭାବରେ ଉପକୃତ ହେଲେ ସେଥିପ୍ରତି ଅଧିକ ଧ୍ୟାନ ଦିଆଯିବ । ତେଣୁ ଛୋଟ ଚାଷୀମାନଙ୍କୁ ପ୍ରଥମେ ଉତ୍ତମଭାବରେ ଚିହ୍ନଟ କରାଯିବା ଆବଶ୍ୟକ । ଚିହ୍ନଟ ପାଇଁ ଦିଆଯାଉଥିବା ଫର୍ମରେ ଛୋଟ ଚାଷୀମାନଙ୍କର କୃଷିର ଅବସ୍ଥା ସମ୍ପର୍କରେ ବିସ୍ତୃତ ବିବରଣୀ ସଂଗ୍ରହ କରିବାର ବ୍ୟବସ୍ଥା ହୋଇଛି । ଗ୍ରାମସେବକ ଓ ରାଜସ୍ୱ ପରିଦର୍ଶକଙ୍କ ଜରିଆରେ ଏ ବିବରଣୀ ସଂଗ୍ରହ କରାଯିବ । ଛୋଟ ଚାଷୀମାନେ ଏ ଦିଗରେ ସହଯୋଗ କରି ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଇବା ଆବଶ୍ୟକ ।

## ଜଳସେଚନ

ଚାଷର ପ୍ରଧାନ ସମସ୍ୟା ହେଲା ଜଳସେଚନ । ଏ ଜିଲ୍ଲାରେ ମୋଟ ଚାଷ ଜମି ମଧ୍ୟରୁ କେବଳ ୯ ଭାଗ ଜମିରେ ଜଳସେଚନର ବ୍ୟବସ୍ଥା ହୋଇଛି । ଏ ଜିଲ୍ଲାର ଡେରବାଙ୍ଗଠାରେ କେବଳ ଗୋଟିଏ ମାତ୍ର ମଧ୍ୟମ ଧରଣର ଜଳସେଚନ ଯୋଜନା ଓ ଆଉ ଅଳ୍ପ କେତୋଟି କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟକାରୀ ହୋଇଛି । ଆଉ କେତୋଟିର ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଚାଲିଛି । ଏ ଯୋଜନା-ଗୁଡ଼ିକ କାର୍ଯ୍ୟକାରୀ ହେଲେ ଖରିଫ୍ ଋତୁ ମୋଟାମୋଟି ୨୧ ହଜାର ଏକର ଜମିରେ ପାଣି ମାଡ଼ିବ । କେବଳ ଖରିଫ୍ ଋତୁରେ ପାଣି ମାଡ଼ିଲେ କୌଣସି ପ୍ରକାର ଅର୍ଥକରି ଫସଲ କରିବା ସମ୍ଭବ ନୁହେଁ ।

ଯଦି ୫୦ ହଜାର ଛୋଟ ଚାଷୀଙ୍କୁ ଆର୍ଥିକ ସ୍ୱଚ୍ଛଳତା ପ୍ରଦାନ କରିବାର ଲକ୍ଷ୍ୟ ରଖାଯାଏ ତେବେ ଏହାର ଏକମାତ୍ର ଉପାୟ ହେଉଛି— ଏପରି ବ୍ୟବସ୍ଥା କରିବା ଦରକାର ଯେପରିକି ଅନ୍ତତଃ ପ୍ରତି ଛୋଟ ଚାଷୀ ନିଜର ଏକ ଏକର ବା ଦୁଇ ଏକର ଜମିକୁ ପୁରା ପୁରି ଜଳସେଚିତ କରି ପାରିବ । ଏହା ଦ୍ୱାରା ସେ ବର୍ଷସାରା କିଛି ନା କିଛି ଫସଲ ଉତ୍ପାଦନ କରି ପାରିବ । ଏହି ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବାର ଏକମାତ୍ର ଉପାୟ ହେଉଛି ବ୍ୟାପକଭାବରେ ଉଠା ଜଳ-ସେଚନ ସୁବିଧାର ପ୍ରସାର କରିବା ।

ଗ୍ରାମାଞ୍ଚଳ ବିଦ୍ୟୁତ୍କରଣ କର୍ପୋରେସନ୍ ସାହାଯ୍ୟରେ ଏ ଜିଲ୍ଲାରେ ଦୁଇଟି ଯୋଜନା ବିଁରପାଲି ଓ କାମାକ୍ଷାନଗର ବ୍ଲକରେ କାର୍ଯ୍ୟକାରୀ ହେଉଛି । ଏହା ବ୍ୟତୀତ ରାଜ୍ୟ ବିଦ୍ୟୁତ୍ ବୋର୍ଡ ମଧ୍ୟ ଆଉ କେତେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏଠାରେ ଟିଉବ୍‌ୱେଲ୍ ବା ନଳକୂପ ବସାଯିବାର ବିଶେଷ ସୁବିଧା ନାହିଁ । ତେଣୁ କୂପ ସାହାଯ୍ୟରେ ଉଠାଜଳସେଚନର ସୁବିଧା କରାଯାଇ ପାରିବ । ୧୫ ଫୁଟ ବ୍ୟାସ ଓ ୪୦ ଫୁଟ ଗଭୀର ଗୋଟିଏ କୂଅ ଖୋଳି ସେଥିରେ ବିଦ୍ୟୁତ୍ ଚାଳିତ ପମ୍ପ ବସାଇବାକୁ ହେଲେ ୬ରୁ ୭ ହଜାର ଟଙ୍କା ଖର୍ଚ୍ଚ ହେବ । ଏହି ପମ୍ପଦ୍ୱାରା ସବୁ ସମୟରେ ଅନ୍ତତଃ ପକ୍ଷେ ୩ ଏକରରୁ ୪ ଏକର ଜମିରେ ପାଣି ମାଡ଼ି ପାରିବ । ଏପରି କୂଅ କରିବା ପାଇଁ ଭୂଉନ୍ନୟନ ବ୍ୟାଙ୍କ୍‌ଗୁଡ଼ିକରୁ ଋଣ ମିଳିବ । ଯେଉଁ ଛୋଟ ଚାଷୀମାନେ ଏଭଳି ଋଣ ନେଇ କୂଅ ଖୋଳିବେ ଓ ପମ୍ପ ଲଗାଇବେ ସେମାନଙ୍କୁ ଶତକଡ଼ା ୨୦ରୁ ୨୫ ଭାଗ ସବ୍‌ସିଡ଼ି ବା ସାହାଯ୍ୟ ଉପଯୁକ୍ତ ସଂସ୍ଥା ପକ୍ଷରୁ ମିଳିବ । ଏଥିପାଇଁ କିଭଳିଭାବେ ଓ କାହାକୁ ଦରଖାସ୍ତ କରିବାକୁ ହେବ ତାହା ନିମ୍ନରେ ଉଲ୍ଲେଖ କରାଯାଉଛି । ଅଧିକାଂଶ କ୍ଷେତ୍ରରେ ଚାଷୀମାନଙ୍କର ଏକାଠି ୩--୪ ଏକର ଜମି ନ ଥିଲେ ଅସୁବିଧା ଉପୁଜିପାରେ । ତେଣୁ ୩--୪ ଜଣ ଛୋଟ ଚାଷୀ ଏକାଠି ହୋଇ ୩--୪ ଏକର ଜମି ନିମନ୍ତେ ଗୋଟିଏ କୂଅ ଖୋଳିବା ଆବଶ୍ୟକ । ଏଥିପାଇଁ ସମୂହ ଭାବରେ ଦରଖାସ୍ତ କଲେ ଭୂ ଉନ୍ନୟନ ବ୍ୟାଙ୍କରୁ ଋଣ ମିଳିବ ।

ଯେଉଁ ଅଞ୍ଚଳରେ ବିଜୁଳି ସରବରାହ ହୋଇନାହିଁ ବା ଟ୍ରାନ୍ସମିସନ୍ ଲାଇନ୍ ବହୁ ଦୂରରେ ଥିବାରୁ ଶୀଘ୍ର ବିଜୁଳି ଯିବାର ସମ୍ଭାବନା ନାହିଁ କିନ୍ତୁ ଅଳ୍ପ ଖୋଳିଲେ ଜମିରୁ ପାଣି ବାହାରୁଛି ସେପରି ଯାଗାରେ ଛୋଟ ଗଭୀର କୂଅ ଖୋଳାଯାଇପାରେ ଓ ଏହି କୂଅଗୁଡ଼ିକରୁ ଡିଜେଲ ଚାଳିତ ପମ୍ପ ସାହାଯ୍ୟରେ ଜମିରେ ପାଣି ମଡ଼ା ଯାଇ ପାରିବ । ଖୁବ୍ ଖରାଦିନେ ପାଣି ଅତି ନୀଚକୁ ଆସିଗଲେ ଟେଣ୍ଡା ସାହାଯ୍ୟରେ ପାଣି

# କ୍ଷୁଦ୍ର କୃଷକ ଉନ୍ନୟନ ସଂସ୍ଥାର ଭୂମିକା

ବ୍ରଜକିଶୋର ଭୁଜବଳ



ଆମ ଦେଶରେ ଗତ ଦଶ ବର୍ଷ ମଧ୍ୟରେ କୃଷିର ଉଲ୍ଲେଖଯୋଗ୍ୟ ଅଗ୍ରଗତି ହୋଇଛି ଏହା ସାଧାରଣତଃ ସବୁଜ ବିପ୍ଳବ ନାମରେ ପରିଚିତ । ଏହି ସବୁଜ ବିପ୍ଳବ ଫଳରେ ଦେଶରେ କୃଷି ଉତ୍ପାଦନ ଆଶାତୀତଭାବେ ବୃଦ୍ଧି ପାଇଛି । ବିଶେଷକରି ଜଳସେଚିତ ଅଞ୍ଚଳରେ ଅଧିକ ଅମଳକ୍ଷମ ଫସଲର ପ୍ରବର୍ତ୍ତନ ଦ୍ୱାରା କୃଷି ଉତ୍ପାଦନର ଏଭଳି ବୃଦ୍ଧି ଘଟିଛି । ମାତ୍ର ବିଭିନ୍ନ ସମୀକ୍ଷାରୁ ଜଣାଯାଏ ଯେ ଏହି ସବୁଜ ବିପ୍ଳବ ଦ୍ୱାରା କେବଳ ବଡ଼ ବଡ଼ ଶ୍ରେଣୀର କୃଷକମାନେ ବିଶେଷ ଉପକୃତ ହୋଇଛନ୍ତି । ୧୯୭୧ ମସିହା ଜନଗଣନାନୁସାରେ ଆମ ଦେଶରେ ଅଢ଼େଇ ଏକର ଏବଂ ଅଢ଼େଇ ଏକରରୁ ସାଢ଼େ ସାତ ଏକର ପର୍ଯ୍ୟନ୍ତ ସ୍ୱଳ୍ପ ଜମି ଥିବା ଚାଷୀଙ୍କର ସଂଖ୍ୟା ଦେଶର ସମୁଦାୟ ଚାଷୀ ସଂଖ୍ୟାର ଯଥାକ୍ରମେ ୩୫ ଓ ୩୬ ଭାଗ । ମୋଟାମୋଟି ଭାବରେ କହିବାକୁ ଗଲେ ଦେଶରେ ୭୧ ଭାଗ କୃଷକ ଛୋଟ ବା ଅତି ଛୋଟ ଶ୍ରେଣୀର ଯଦିଓ ଏମାନେ ଦେଶର ମେରୁଦଣ୍ଡ ସ୍ୱରୂପ ।

ଏହି ଛୋଟ ଶ୍ରେଣୀର କୃଷକମାନଙ୍କର ବିକାଶ ପାଇଁ ଯୋଜନା କମିଶନର ତତ୍‌କାଳୀନ ସଭ୍ୟ ଶ୍ରୀ ଭେଙ୍କଟପାୟାଙ୍କ ଅଧ୍ୟକ୍ଷତାରେ ଗଠିତ ଅଖିଳ ଭାରତୀୟ ଗ୍ରାମ୍ୟ ଋଣ ସମୀକ୍ଷା କମିଟି ବିଶେଷ ଅନୁଧ୍ୟାନ କରି ତାଙ୍କ ରିପୋର୍ଟରେ ଗୋଟିଏ ସ୍ୱତନ୍ତ୍ର ସଂସ୍ଥା ଗଠିବା ପାଇଁ ପରାମର୍ଶ ଦେଇଥିଲେ । ଏହି ସୁପାରିଶ ଅନୁସାରେ ଭାରତ ସରକାରଙ୍କର କୃଷି ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ବିଭିନ୍ନ ରାଜ୍ୟର ୪୬ ଗୋଟି ଜିଲ୍ଲାରେ କ୍ଷୁଦ୍ର କୃଷକ ଉନ୍ନୟନ ସଂସ୍ଥାମାନ ଗଢ଼ା ଯାଉଅଛି । ଓଡ଼ିଶାର ଢେଙ୍କାନାଳ, ବଲାଙ୍ଗିର ଓ ଗଞ୍ଜାମ ଜିଲ୍ଲାରେ ଏଭଳି ସଂସ୍ଥା ଗଢ଼ା ଯାଇଅଛି । ତଦନୁସାରେ ଢେଙ୍କାନାଳ ଜିଲ୍ଲା ପାଇଁ ଉଦ୍ଦିଷ୍ଟ ଢେଙ୍କାନାଳ କ୍ଷୁଦ୍ର କୃଷକ ଉନ୍ନୟନ ସଂସ୍ଥାଟି ତା ୬-୧-୧୯୭୧ ଦିନରେ ରେଜେଷ୍ଟ୍ରି କରାଯାଇଅଛି । ଢେଙ୍କାନାଳ ଜିଲ୍ଲାପାଳ ଏଥିରେ ସଭାପତି ରହିଛନ୍ତି ଓ କୃଷି, ସମବାୟ, ଜଳସେଚନ ଆଦି ବିଭିନ୍ନ ବିଭାଗର ଅଫିସରମାନଙ୍କ ସମେତ ୨ ଜଣ ବେସରକାରୀ ସଦସ୍ୟ ମଧ୍ୟ ଅଛନ୍ତି । ଚତୁର୍ଥ ଯୋଜନା କାଳରେ ଏହି ସଂସ୍ଥାକୁ କେନ୍ଦ୍ର ସରକାର ଦେଢ଼-କୋଟି ଟଙ୍କା ଦେବାର ବ୍ୟବସ୍ଥା ରହିଛି ।

ବର୍ତ୍ତମାନ ପ୍ରଶ୍ନ ହେଉ—ଛୋଟ ଚାଷୀ କିଏ ଓ ସେମାନଙ୍କୁ କିଭଳିଭାବେ ସଂସ୍ଥା ତରଫରୁ ସାହାଯ୍ୟ ଦିଆଯାଇ ପାରିବ । ଯେଉଁମାନଙ୍କର ୨˙୫ରୁ ୭˙୪ ଏକର ପର୍ଯ୍ୟନ୍ତ ଜମି ଅଛି ଓ ସେ ଜମିକୁ ନିଜେ-ନିଜେ ଚାଷ କରି ଚଳୁଛନ୍ତି ଏବଂ ତା ସଙ୍ଗେ ସଙ୍ଗେ ସେମାନଙ୍କର ରୋଜଗାରର ଅନ୍ୟ କୌଣସି ପନ୍ଥା ନାହିଁ ସେହିମାନଙ୍କୁ କ୍ଷୁଦ୍ର କୃଷକ ଶ୍ରେଣୀଭୁକ୍ତ କରାଯାଉଛି । ପୁରାପୁରି ଜଳସେଚିତ ଅଞ୍ଚଳର ୫ ଏକର ପର୍ଯ୍ୟନ୍ତ ଜମିଥିବା ଚାଷୀମାନଙ୍କୁ ନିଆଯାଉଛି । ହିସାବରୁ ଜଣାଯାଏ ଯେ ଢେଙ୍କାନାଳ ଜିଲ୍ଲାରେ ହାରାହାରି ୫ ରୁ ୭˙୪ ଏକର ଜମିଥିବା ଚାଷୀଙ୍କ ସଂଖ୍ୟା ୬୫,୦୦୦ ଏବଂ ୩-୪ ହଜାର ଲୋକ ୨˙୫ରୁ ୪˙୬ ଏକର ଜମିର ଅଧିକାରୀ ଅଟନ୍ତି । ତେଣୁ ଏ ଜିଲ୍ଲାରେ ମୋଟ ୬୮ ହଜାରରୁ ୭୦ ହଜାର ଛୋଟ ଚାଷୀ ଅଛନ୍ତି । ଏମାନଙ୍କ ମଧ୍ୟରୁ ୪ର୍ଥ ଯୋଜନା କାଳ ମଧ୍ୟରେ ୫୦ ହଜାର ଚାଷୀଙ୍କୁ ବିଭିନ୍ନ ପ୍ରକାର

ଜନବିଶେଷରେ ଜାତୀୟକରଣ କରାଯାଇଥିବା ବ୍ୟାଙ୍କ୍ ଯଥା ଷ୍ଟେଟ୍‌ବ୍ୟାଙ୍କ୍, କାନାଡ଼ା ବ୍ୟାଙ୍କ୍, ୟୁନାଇଟେଡ୍ କମର୍ସିଆଲ ବ୍ୟାଙ୍କ୍ ଅତି ବର୍ଦ୍ଧିତ କୃଷି ଋଣ ଦେବେ। ଏ ଉଦ୍ଦେଶ୍ୟରେ ବର୍ଦ୍ଧିତ ଋଣ ବାବଦରେ ୨୭୧'୯୫ ଲକ୍ଷ ଟଙ୍କା, ମଧ୍ୟମକାଳୀନ ଋଣ ବାବଦରେ ୫୯'୮୦ ଲକ୍ଷ ଟଙ୍କା ଆବଶ୍ୟକ ପଡ଼ିବ ବୋଲି ଅଟକଳ କରାଯାଇଛି। ଏଥିରୁ ବର୍ଦ୍ଧିତ ଋଣ ବାବଦରେ ୧୬୩'୧୭ ଲକ୍ଷ, ମଧ୍ୟମକାଳୀନ ବାବଦରେ ୩୫'୮୮ ଲକ୍ଷ ଟଙ୍କା ସମବାୟ ସଂସ୍ଥାଗୁଡ଼ିକ ଦେବେବୋଲି ସ୍ଥିର ହୋଇଛି।

ଅନ୍ୟାନ୍ୟ ବ୍ୟାଙ୍କ୍‌ଗୁଡ଼ିକ ଯଥାକ୍ରମେ ୧୦୮'୭୮ ଲକ୍ଷ ଓ ୨୩'୯୨ ଲକ୍ଷ ଟଙ୍କା ଦେବେବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମୋଟାମୋଟି ଭାବରେ କହିବାକୁଗଲେ ସ୍ୱଳ୍ପକାଳୀନ, ମଧ୍ୟମକାଳୀନ ଓ ଦୀର୍ଘ ମିଆଦୀ ଋଣ ସୂତ୍ରରେ ଯୋଜନାକାଳ ଭିତରେ ୬୪୫'୧୬ ଲକ୍ଷ ଟଙ୍କା ଦେବାର ପରିକଳ୍ପନା ରହିଛି। ସମବାୟ ସଂସ୍ଥା ଓ ବ୍ୟାଙ୍କ୍‌ଗୁଡ଼ିକର ସାହାଯ୍ୟ ଓ ସର୍ବୋପରି କ୍ଷୁଦ୍ର କୃଷକମାନଙ୍କର ସହଯୋଗ ମିଳିଲେ ଏହି ଲକ୍ଷ୍ୟ ତୁଳନାରେ ଯେ ଅଧିକ ଟଙ୍କା ବିନିଯୋଗ କରାଯାଇ ପାରିବ, ଏଥିରେ ସନ୍ଦେହ ନାହିଁ।

## ସମବାୟ ସଂସ୍ଥା

କୃଷିର ବିକାଶ କ୍ଷେତ୍ରରେ ସମବାୟ ସଂସ୍ଥାଗୁଡ଼ିକର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ତାହା ସହଜରେ ଅନୁମେୟ। ବର୍ତ୍ତମାନ ଅନୁଗୁଳ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଅଧୀନରେ ୧୯୭ଟି ପ୍ରାଥମିକ ସେବାସମିତି ବା ଗ୍ରେନ୍‌ଗୋଲା ରହିଛି। ଏଗୁଡ଼ିକୁ ଉନ୍ନତ ଓ କାର୍ଯ୍ୟକ୍ଷମ କରିବାକୁ ପଡ଼ିବ। ଏସବୁକୁ ଦେଖିବା ପାଇଁ କେନ୍ଦ୍ର ବ୍ୟାଙ୍କ୍ ଅଧୀନରେ ୧୨ ଜଣ ଇନ୍‌ସପେକ୍ଟର ଓ ଜଣେ ଅଫିସରଙ୍କୁ ନିଯୁକ୍ତି ଦିଆଯିବାର ପ୍ରସ୍ତାବ ରହିଛି। ସେହିପରି ଜିଲ୍ଲାର ପ୍ରାଥମିକ ଭୂ-ଉନ୍ନୟନ ବ୍ୟାଙ୍କ୍‌ରେ ମଧ୍ୟ ଜଣେ ଜଣେ କୃଷି ଗ୍ରାଜୁଏଟ୍‌କୁ ସୁପରଭାଇଜର ରୂପେ ରଖିବା ପାଇଁ ସ୍ଥିରହୋଇଛି। କ୍ଷୁଦ୍ର କୃଷକ ଉନ୍ନୟନ ସଂସ୍ଥା ଏମାନଙ୍କର ଦରମା ବାବଦ ବ୍ୟୟ ବହନ କରିବ। ଏଭଳି ସୁପରଭାଇଜର ଓ ଇନ୍‌ସ୍‌ପେକ୍ଟରମାନଙ୍କର କାର୍ଯ୍ୟ ହେବ, ଛୋଟ ଚାଷୀମାନଙ୍କ ଠାରୁ ଋଣ ଦରଖାସ୍ତ ସଂଗ୍ରହ କରିବା ଓ ସେମାନେ ଯେପରି ଅଯଥା ଦୌଡ଼ା ଦୌଡ଼ି ନକରି ଠିକ୍ ସମୟରେ ଋଣ ପାଆନ୍ତି ସେଥିପ୍ରତି ଦୃଷ୍ଟି ଦେବା। ଏକଥା ସମସ୍ତେ ସ୍ୱୀକାର କରିବେ ଯେ ଭୂ-ଉନ୍ନୟନ ବ୍ୟାଙ୍କ୍ ଓ କେନ୍ଦ୍ର ବ୍ୟାଙ୍କ୍‌ରୁ ଋଣ ପାଇବାରେ ଡେରିହେଉଛି। ବଡ଼ ବଡ଼ ଚାଷୀ ଓ ପ୍ରତିପତ୍ତିଶାଳୀ ଲୋକମାନେ ଏ ସୁବିଧା ସହଜରେ ପାଇ ପାରୁଥିଲାବେଳେ ଛୋଟ ଚାଷୀମାନେ ଦଉଡ଼ା ଦଉଡ଼ି କରି ମଧ୍ୟ ଏ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଉପରୋକ୍ତ ସଂସ୍ଥା ଉଦ୍ଦେଶ୍ୟ ସମବାୟ ଅନୁଷ୍ଠାନଗୁଡ଼ିକର ନିଯୁକ୍ତି ପାଇଥିବା ବ୍ୟକ୍ତିମାନଙ୍କର ... ହେବ—ଏଭଳି ପରିସ୍ଥିତିର ପରିବର୍ତ୍ତନ ଆଣିବା ଓ ଛୋଟ ଚାଷୀମାନଙ୍କର ସ୍ୱାର୍ଥରକ୍ଷା କରିବା।

ସମବାୟ ଅନୁଷ୍ଠାନଗୁଡ଼ିକର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ସେମାନଙ୍କୁ ରିସ୍କ୍ ଫଣ୍ଡ ଦିଆଯିବାର ପରିକଳ୍ପନା ରହିଛି। ଏଥି ପାଇଁ ଚାଷୀମାନଙ୍କୁ ଦିଆଯାଇଥିବା ଋଣର ଶତକଡ଼ା ୬ଭାଗ (ଗ୍ରେନ୍‌ଗୋଲା-ଗୁଡ଼ିକ କ୍ଷେତ୍ରରେ) ହେବ। ଭୂ-ଉନ୍ନୟନ ବ୍ୟାଙ୍କ୍ ଓ କେନ୍ଦ୍ର ବ୍ୟାଙ୍କ୍‌ରୁ ଛୋଟ ଚାଷୀମାନଙ୍କୁ ଦିଆଯାଇଥିବା ଋଣର ଶତକଡ଼ା ... ରିସ୍କ୍ ଫଣ୍ଡରୁ ଓ ଅଂଶ ଧନ ହିସାବରେ ଦିଆଯିବ। ଆଶାକରାଯାଏ ଯେ ସମବାୟ ସଂସ୍ଥାଗୁଡ଼ିକ ତାଙ୍କ ନିଜ ତରଫରୁ ଛୋଟ ଛୋଟ ଚାଷୀମାନଙ୍କୁ ଋଣ ଦେବାରେ ଅଧିକା ଆଗ୍ରହ ପ୍ରକାଶ କରିବେ।

## ଭୂ-ଉନ୍ନୟନ

ଢେଙ୍କାନାଳ ଜିଲ୍ଲାରେ ପତିତ ତଲା ଜମିର ପରିମାଣ ବେଶୀ। ସ୍ଥାନେ ସ୍ଥାନେ ଉର୍ବର ଜମି ଥିଲେ ମଧ୍ୟ ଅଧିକାଂଶ ସ୍ଥାନରେ ... ଓ ବାଲିଆ ମାଟି ଦେଖାଯାଏ। ଛୋଟ ଚାଷୀମାନଙ୍କର ହାତରେ ଥିବା ଜମିର ପ୍ରାୟ ଅଧାରୁ ବେଶି ଭାଗ ଏହିପରି ତଲା ଜମି। ଅର୍ଥାଭାବରୁ ସେମାନେ ଏସବୁ ଜମିକୁ ଭାଙ୍ଗିପାରନ୍ତି ନାହିଁ। ଏପରି ଜମିକୁ ଭାଙ୍ଗି ସମତଳ କରିବା ଉଦ୍ଦେଶ୍ୟରେ ଢେଙ୍କାନାଳ ମଧ୍ୟମ ଜଳସେଚନ ଯୋଜନାର ଆୟାକଟ ଅଞ୍ଚଳରେ ଏ. ଆର. ସି. ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ଏ ଧରଣର ଯୋଜନା ସାରା ଜିଲ୍ଲାରେ ବ୍ୟାପକ ଭାବେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ଏଥିପାଇଁ ଓଡ଼ିଶା କୃଷି ଓ କ୍ଷୁଦ୍ର ଶିଳ୍ପ କର୍ପୋରେସନ (ଆଗ୍ରୋ ଓ ସ୍ମଲସ୍କେଲ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ) ତରଫରୁ ଏହି ଜିଲ୍ଲାରେ ୭ଟି ... ସର୍ଭିସିଂ ସେଣ୍ଟର ଓ ଢେଙ୍କାନାଳ ଠାରେ ଗୋଟିଏ କେନ୍ଦ୍ର ସର୍ଭିସିଂ ସେଣ୍ଟର ଖୋଲାଯିବ। ଏହା ଫଳରେ ଛୋଟ ଚାଷୀମାନେ ନିଜ ଜମିକୁ ଟ୍ରାକ୍ଟର ବା କଳଲଙ୍ଗଳ ସାହାଯ୍ୟରେ ଭାଙ୍ଗିପାରିବେ ଓ ଚାଷ କରିବେ। ସେମାନେ ଏହିସବୁ ଯନ୍ତ୍ରପାତି ଭଡ଼ାରେ ନେଇ ନିଜ ନିଜ ଜମିର ଉନ୍ନତି କରିପାରିବେ। ଏଠାରେ ପ୍ରଶ୍ନ ଉଠିପାରେ ଯେ ଛୋଟ ଚାଷୀମାନଙ୍କର ତଲା ଜମିଗୁଡ଼ିକର ଆୟତନ ବେଶ ଗୁଣ୍ଠରୁ ୫ଗୁଣ୍ଠ ଓ ସେସବୁ ଜମି ବିଭିନ୍ନ ସ୍ଥାନରେ ଅବସ୍ଥିତ। ଏପରି କ୍ଷେତ୍ରରେ ଟ୍ରାକ୍ଟର ବା ପାୱାର ଟିଲର ଦ୍ୱାରା ଏ ଜମିକୁ କିପରି ଭାଙ୍ଗିହେବ। ଏ କ୍ଷେତ୍ରରେ ଏକମାତ୍ର ଉପାୟ ହେଉଛି ଯେ ଗୋଟିଏ ଗାଁରେ ଏକାଠି ଗୋଟିଏ ଚକବନ୍ଦୀରେ ଥିବା ଜମି ନିମନ୍ତେ ୩୧୦ ...

ଯୋଗାଇ ଦିଆଯାଇପାରେ । ଏପରି ହସ୍ତଚାଳିତ ପମ୍ପର ଦାମ୍ ଆନୁମାନିକ ଟ ୪୦୦ ପଡ଼ିବ । ଯେଉଁମାନେ ଏପରି କ୍ରୟ କରିବାକୁ ଇଚ୍ଛା କରିବେ ସେମାନଙ୍କୁ ଭୂ ଉନ୍ନୟନ ବ୍ୟାଙ୍କରୁ ଋଣ ମିଳିବ । ଏହି ନିମନ୍ତେ କ୍ଷୁଦ୍ର କୃଷକ ଉନ୍ନୟନ ସଂସ୍ଥା ପକ୍ଷରୁ ଶତକଡ଼ା ୨୦ ଭାଗ ସାହାଯ୍ୟ ମିଳିବ ।

ବ୍ରାହ୍ମଣୀ ନଦୀ କୂଳେ କୂଳେ ବହୁ ଯାଗାରେ ଓ ଅନ୍ୟାନ୍ୟ ଛୋଟ ନଦୀ ନାଳମାନଙ୍କରେ ମଧ୍ୟ ଉଠାଜଳସେଚନର ବ୍ୟବସ୍ଥା କରାଯାଇ-ପାରେ । ଏପରି ଅନେକ ଗୁଡ଼ିଏ ପଏଣ୍ଟ, ରାଜ୍ୟ ଉଠାଜଳସେଚନ ବିଭାଗ ଦ୍ୱାରା ସର୍ଭେ କରାଯାଇଅଛି । ଅନ୍ୟାନ୍ୟ ଯାଗାରେ ସର୍ଭେ ଚାଲିଅଛି । ନେଉଳ ପୋଇ, ଏକଘରିଆ ଓ କମଳାଙ୍ଗ ଅଞ୍ଚଳରେ ଏହି ସର୍ଭେ କାର୍ଯ୍ୟ ଚାଲିଛି । ବଉଳପୁରଠାରେ ଏପରି ଗୋଟିଏ ୟୁନିଟ୍ ଗତ ନଭେମ୍ବର ମାସଠାରୁ କାର୍ଯ୍ୟକାରୀ ହୋଇଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏହି ୟୁନିଟ୍‌ରୁ ଜଳସେଚିତ ହେଉଥିବା ଜମିରେ ଅନୁଧ୍ୟାନ କରି କେତେକ ଚାଷୀ ଏକର ପିଛା ୨୩୦ ମହଣ ଲେଖାଏଁ ଆଳୁ ଅମଳ କରିଛନ୍ତି । ଆଳୁ ପରେ ସେମାନେ ସନ୍ତରମକା, ଯୋରିଷ ଓ ରାଶି ଆଦି ତୃତୀୟ ଫସଲ ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି । ପ୍ରକାଶ ଥାଉକି ଏପରି ଯୋଜନାଗୁଡ଼ିକ ନିମନ୍ତେ ମଧ୍ୟ ଶତକଡ଼ା ୨୫ ଭାଗ ସବ୍‌ସିଡ଼ି ଉକ୍ତ ସଂସ୍ଥା ତରଫରୁ ମିଳିବ ।

କ୍ଷୁଦ୍ର ଜଳସେଚନ ଯୋଜନା ଜରିଆରେ ଛୋଟ ଛୋଟ ଚାଷୀମାନଙ୍କ ଉପକାର ନିମନ୍ତେ କୃଷକ ଉନ୍ନୟନ ସଂସ୍ଥା ତରଫରୁ ୨୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଉଛି । ରାଜ୍ୟ ସରକାର ମଧ୍ୟ ଏ ବାବଦରେ ଆଉ ୨୦ ଲକ୍ଷ ଟଙ୍କା ଦେବେ ବୋଲି ଆଶା କରାଯାଏ । ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଶେଷ କରି ଢେଙ୍କାନାଳ, ଗଁଦିଆ, ହିନ୍ଦୋଳନଗର, ଅନୁଗୁଳ ବ୍ଲକ୍ ଅଞ୍ଚଳରେ ଚିର ପ୍ରବାହିତ ଝରଣା ଓ ଛୋଟ ଛୋଟ ନାଳ ରହିଛି । ଏହି ନଦୀ ନାଳରେ ବନ୍ଧ ନିର୍ମାଣ କରାଗଲେ ସ୍ଥଳ ବିଶେଷରେ ୨୫।୩୦ ଏକରରୁ ୧୦୦ ଏକର ପର୍ଯ୍ୟନ୍ତ ଜମିରେ ପାଣି ମଡ଼ାଯାଇ ପାରିବ । ଏହି ସଂସ୍ଥା ତରଫରୁ ତା ୩୦-୧୨-୧୯୭୦ରିଖରେ ହୋଇଥିବା ଅଧିବେଶନରେ ନିଷ୍ପତ୍ତି କରାଯାଇଛି ଯେ ବଡ଼ ବଡ଼ ଯୋଜନା ହାତକୁ ନ ନେଇ ୨୫ରୁ ୩୦ ହଜାର ଟଙ୍କା ମଧ୍ୟରେ ହୋଇ ପାରୁଥିବା ଉପରଲିଖିତ ଯୋଜନା-ଗୁଡ଼ିକ କାର୍ଯ୍ୟକାରୀ କରିବାରେ ଅଗ୍ରାଧିକାର ଦିଆଯିବ । ଏହା ବ୍ୟତୀତ ପୁରାତନ କ୍ଷୁଦ୍ର ଜଳସେଚନ ଯୋଜନାଗୁଡ଼ିକର ମଧ୍ୟ ଜିର୍ଣ୍ଣୋଦ୍ଧାର କରାଯିବ । ଯେଉଁ ସରକାରୀ ପୋଖରୀରେ ଜଳସେଚନର ସୁବିଧା ରହିଛି ସେ ଗୁଡ଼ିକରୁ ପଙ୍କ ଉଦ୍ଧାର କରାଯିବ । ଏଠାରେ ପ୍ରକାଶ କରାଯାଇପାରେ ଯେ ଏହି ଯୋଜନାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ବ୍ଲକ୍ ବା ପଞ୍ଚାୟତକୁ ରକ୍ଷଣାବେକ୍ଷଣ ପାଇଁ ଦେଇ ଦିଆଯିବ । ଏଥିରୁ ଉପକୃତ ହେଉଥିବା ଛୋଟ ଚାଷୀମାନଙ୍କୁ ଓଡ଼ିଶା ଜଳସେଚନ ଆଇନ୍ ଅନୁସାରେ ଜଳକର ଦେବାକୁ ପଡ଼ିବ ନାହିଁ ।

## ଫସଲ ପର୍ଯ୍ୟାୟ

କୃଷିର ବିକାଶ ଦିଗରେ ଫସଲ ପର୍ଯ୍ୟାୟ ବା କ୍ରପିଙ୍ଗ ପ୍ୟାଟର୍ଣ୍ଣର ଭୂମିକା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ଯେଉଁ ସ୍ଥାନମାନେ ଚାଷୀରୁ ଲାଭବାନ ହେବାକୁ ଚାହାନ୍ତି ସେମାନଙ୍କୁ ଅଧିକ ଅମଳକ୍ଷମ ଧାନ, ଗହମ ଓ ଚିନାବାଦାମ ଆଦି ଅଧିକ ଅର୍ଥକାରୀ ଫସଲ କରିବାକୁ ହେବ । ବର୍ତ୍ତମାନ ଢେଙ୍କାନାଳ ଜିଲ୍ଲାରେ ମୁଖ୍ୟତଃ ଧାନ ଫସଲହିଁ ବେଶି ପରିମାଣରେ କରାଯାଉଛି । କିନ୍ତୁ ଅଧିକାଂଶ ସମୟରେ ମରୁଡ଼ି ଯୋଗୁଁ ଫସଲ ନଷ୍ଟ ହେଉଛି । ଏହାଦ୍ୱାରା ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି ଓ ସେମାନଙ୍କର ମେରୁଦଣ୍ଡ ଭାଙ୍ଗିଯାଉଛି । ଏପରି ପରିସ୍ଥିତିରେ ବିଶେଷ କରି ଛୋଟ ଛୋଟ ଚାଷୀମାନେ ସର୍ବାପେକ୍ଷା ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି । ଏହାର ମୁକାବିଲା କରିବା ପାଇଁ ଓ ମରୁଡ଼ିର କରାଳ କବଳରୁ ଚାଷୀମାନଙ୍କୁ ଉଦ୍ଧାର କରିବା ପାଇଁ ସେମାନଙ୍କୁ କ୍ରମେ ଶୁଷ୍କ କୃଷି ପ୍ରଣାଳୀ ସହିତ ଅଭ୍ୟସ୍ତ ହେବାକୁ ପଡ଼ିବ । ଉଚ୍ଚ ଓ ମଧ୍ୟମ ଧରଣର ଜମିରେ ଧାନ ଫସଲ ନ କରି ଚିନାବାଦାମ, ମକା ବା ମାଣ୍ଡିଆ ଆଦି ଫସଲ କରିବାକୁ ହେବ । ଢେଙ୍କାନାଳ ମାଟିରେ ଚିନାବାଦାମ ଉନ୍ନତି ଓ ଚିନାବାଦାମ ଚାଷ ନିମନ୍ତେ ଅନୁକୂଳ ରହି ଅଞ୍ଚଳର ବିଶେଷ ସୁଖ୍ୟାତି ରହିଛି । ମାତ୍ର ଦେଶୀ ଚିନାବାଦାମ ବିହନ ପରିବର୍ତ୍ତେ ଉନ୍ନତ ଧରଣର ଏ. କେ. ୧୨—୨୪ ଚିନାବାଦାମ ବିହନ ଲଗାଇଲେ ଏକର ପିଛା ଅତଚ୍ଛପକ୍ଷେ ଟ ୫୦୦-୬୦୦ ଙ୍କା ଲାଭ ହୋଇଥାଏ ଓ ମରୁଡ଼ିରେ ମଧ୍ୟ ଫସଲ ହାନିର ଆଶଙ୍କା କମ୍ । ମୋଟାମୋଟି ଭାବରେ କୁହାଯାଇପାରେ ଯେ ଏହି ଯୋଜନାର ଲକ୍ଷ୍ୟ ହେଉଛି—ପ୍ରତ୍ୟେକ ଚାଷୀ ତାହାର ଜମିରେ ଯେପରି ଦୁଇଟି ଫସଲ କରିପାରିବ ଓ ଯେଉଁଠି ବର୍ଷସାରା ଜଳସେଚନର ସୁବିଧା ଅଛି ସେଠାରେ ୩ଟି ଫସଲ କରିବ । ଏଥିପାଇଁ କୃଷି ସଂଯୋଜନା ବା ଫାର୍ମ ପ୍ଲାନ ଆଦି ପ୍ରସ୍ତୁତ କରିବାକୁ ସଂସ୍ଥା ଜରିଆରେ ଚେଷ୍ଟା କରାଯିବ ।

## କୃଷି ଋଣ

କୃଷି କ୍ଷେତ୍ରରେ ଏପରି ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ହେଲେ ଚାଷୀଙ୍କୁ ସୁବିଧାରେ ସାର, ମଞ୍ଜି ଓ ପୋକମରା ଔଷଧ ଆଦି ଠିକ୍ ସମୟରେ ଓ ଋଣ ସୂତ୍ରରେ ଯୋଗାଇ ଦେବାକୁ ପଡ଼ିବ ।

ଅସୁବିଧା ହେବନାହିଁ । ଏହା ବ୍ୟତୀତ ତାଳଚେର ସାର କାରଖାନା ଓ ଶିଳ୍ପାଞ୍ଚଳର ଅଭିବୃଦ୍ଧି ହେଲେ ଏକ ଉନ୍ନତ ଧରଣର ବଜାର ଗଢ଼ିଉଠିବ । ଏହା ଫଳରେ ପନିପରିବା, ଅଣ୍ଡା, ଦୁଗ୍ଧ, ଫଳ ଆଦି ଲାଭଜନକ ଦରରେ ଚାଷୀମାନେ ବିକ୍ରି କରିପାରିବେ ।

ଏହି ଜିଲ୍ଲାରେ ଗୋଟିଏ ନିୟନ୍ତ୍ରିତ ବଜାର କମିଟି ଓ ୪ଟି ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ରହିଛି । ଗୋଦାମଘର ଆଦି ନିର୍ମାଣ କରିବା ଓ କୃଷିଜାତ ଦ୍ରବ୍ୟ କ୍ରୟ ବିକ୍ରୟ ପାଇଁ ଏହି ବଜାର କମିଟି ଓ ସମବାୟ ସମିତିଗୁଡ଼ିକୁ ବିଭିନ୍ନ ପ୍ରକାର ସାହାଯ୍ୟ ଦିଆଯିବ । ନିୟନ୍ତ୍ରିତ ବଜାରଗୁଡ଼ିକ ପାଇଁ କେନ୍ଦ୍ର ସରକାର ୨ଲକ୍ଷ ଟଙ୍କା ମଂଜୁର କରିଛନ୍ତି । ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିଗୁଡ଼ିକୁ କେନ୍ଦ୍ର କୃଷି ମନ୍ତ୍ରଣାଳୟର ଅନୁମୋଦନ କ୍ରମେ ବିଭିନ୍ନ ପ୍ରକାର ସାହାଯ୍ୟ ଦିଆଯିବ । ଚାଷୀମାନଙ୍କୁ ସାର, ପୋକମରା ଔଷଧ ଓ ମଂଜି ଆଦି ଯୋଗାଇବାରେ ଓ ଚାଷୀମାନଙ୍କର ଉତ୍ପନ୍ନ ଦ୍ରବ୍ୟ କ୍ରୟ ବିକ୍ରୟ କରିବା ଦିଗରେ ଏହି ସମିତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଏ । ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଧାର୍ଯ୍ୟ ହୋଇଥିବା ଖର୍ଚ୍ଚ ଅଟକଳର ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା:—

(ଲକ୍ଷ ଟଙ୍କାରେ)

| | |
|---|---|
| ୧ । ଜଳସେଚନ (ଛୋଟ ଜଳସେଚନ ଓ କ୍ଷୁଦ୍ର ଜଳ ସେଚନ) | ୫୪·୨୫ |
| ୨ । ଭୂ-ରକ୍ଷଣ .. | ୧୮·୭୫ |
| ୩ । ଆନୁଷଙ୍ଗିକ ବୃତ୍ତି (ଗୋପାଳନ, କୁକୁଡ଼ା ଚାଷ ଆଦି) | ୧୪·୬୯ |
| ୪ । ବଜାର ଓ ଗୋଦାମ ତିଆରି ଆଦି କାମ .. | ୮·୨୫ |
| ୫ । ସମବାୟ ସଂସ୍ଥାଗୁଡ଼ିକୁ ସାହାଯ୍ୟ, ଅଂଶଧନ ଓ ଅଧିକ ଲୋକ ରଖିବା ପାଇଁ | [illegible] |
| ୬ । ଗ୍ରାମର ସର୍ଭିସ୍ ସେଣ୍ଟର .. | ୩·୦୦ |
| ୭ । ଗ୍ରାମମସୀ, କମାର, କୁମ୍ଭାର ଆଦିକୁ ସାହାଯ୍ୟ | ୫·୦୦ |
| ୮ । ଯୋଜନା ପରିଚାଳନା ବାବଦ ଖର୍ଚ୍ଚ .. | ୪·୦୬ |
| ୯ । ରିଜର୍ଭ ଟଙ୍କା .. | ୧୫·୦୩ |
| .. | ୧୫୦·୦୦ |

ଆଗରୁ ବିଭିନ୍ନ ସମବାୟ ସଂସ୍ଥା ଓ ବ୍ୟାଙ୍କଗୁଡ଼ିକରୁ ଅ... ଛଅକୋଟି ଟଙ୍କା ଋଣ ସୂତ୍ରରେ ଚାଷୀକୁ ଦିଆଯିବାର ଯୋଜନା ... ବୋଲି କୁହାଯାଇଛି । ତେଣୁ ସର୍ବମୋଟ ୮ କୋଟି ଟଙ୍କା ... ଚାଷୀମାନଙ୍କର ବିକାଶ ପାଇଁ ଚତୁର୍ଥ ଯୋଜନା କାଳରେ ଏହି ଜିଲ୍ଲା... ଖର୍ଚ୍ଚ ହେବ । ଏହା ଏକ ପରୀକ୍ଷାମୂଳକ ଯୋଜନା । ... ଚାଷୀମାନଙ୍କୁ ସ୍ୱଚ୍ଛଳ ଓ ଆତ୍ମନିର୍ଭରଶୀଳ କରିବା ଏହାର ଉଦ୍ଦେଶ୍ୟ । ତେଣୁ, ଏହାର ସଫଳତା ସେମାନଙ୍କର ସାହସ, ଆତ୍ମବିଶ୍ୱାସ ... ସହଯୋଗ ଉପରେ ନିର୍ଭର କରିବ ।

... ମିଳିତହୋଇ ଭୂ-ଉନ୍ନୟନ ବ୍ୟାଙ୍କ୍ ବା କେନ୍ଦ୍ର ବ୍ୟାଙ୍କ୍‌କୁ ଦରଖାସ୍ତ କଲେ ଆବଶ୍ୟକ ଅର୍ଥ ମିଳିପାରିବ। ତଦନୁସାରେ ୩।୪ ଦିନ ପାଇଁ ଟ୍ରାକ୍ଟର ବା ବୁଲଡୋଜର ଭଡ଼ାରେ ଆଣିବାକୁ ହେବ। ହିସାବ କରି ଦେଖାଯାଇଛି ଯେ ଏହାଦ୍ୱାରା ଖର୍ଚ୍ଚ କମ୍ ପଡ଼ିବ। ଟ୍ରାକ୍ଟର ବା ବୁଲଡୋଜରର ସାହାଯ୍ୟରେ ଏକର ପିଛା ହାରାହାରି ଟ ୧୫୦ ଖର୍ଚ୍ଚ ହେବ। କିନ୍ତୁ ଏ ବାବଦରେ ଏକର ପିଛା ହେଉଥିବା ଖର୍ଚ୍ଚର ଶତକଡ଼ା ୨୫ ଭାଗ ସବ୍‌ସିଡ଼ି ଆକାରରେ ଏହି ସଂସ୍ଥା ବହନ କରିବ। ଏହି କାର୍ଯ୍ୟକ୍ରମ ଅନୁସାରୀ ୪ବର୍ଷ ମଧ୍ୟରେ ୧୦ ହଜାର ଏକର ଜମିର ଉନ୍ନତି ବିଧାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ମାତ୍ର ସାରା ଜିଲ୍ଲାରେ ଏହାଠାରୁ ବହୁ ଅଧିକ ଜମିର ଉନ୍ନତି କରାଯିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ଯେଉଁ ଡଙ୍ଗର ଜମିରେ ଚିନାବାଦାମ, ରାଶି ଚାଷ ହେଉଛି ସେଗୁଡ଼ିକ ଭଲ ଭାବରେ ସମତଳ ହୋଇ ନଥିବାରୁ ସେଥିରେ ଉତ୍ପାଦନ ଆଶାନୁରୂପ ହେଉନାହିଁ। ଏସବୁ ଜମିକୁ ଭଲ ଭାବରେ ଭାଙ୍ଗି ଉନ୍ନତ ଧରଣର କଣି ଉପକରଣ ବ୍ୟବହାର କଲେ ଉତ୍ପାଦନ ବୃଦ୍ଧି ପାଇବ ବୋଲି ଆଶା କରାଯାଏ। ଯେଉଁମାନେ ଉନ୍ନତ ଧରଣର ଛୋଟ ଛୋଟ କୃଷି ଯନ୍ତ୍ରପାତି କିଣିବେ ସେମାନଙ୍କୁ ଶତକଡ଼ା ୨୦ଭାଗ ସବ୍‌ସିଡ଼ି ଦିଆଯିବାର ବ୍ୟବସ୍ଥା ହୋଇଛି। ଏହା ବ୍ୟତୀତ ପତିତ ଜମିକୁ ଆବାଦ କରିବା ଓ ରାସାୟନିକ ସାର ପ୍ରୟୋଗରେ ଜମିର ଉନ୍ନତି କରିବା ନିମନ୍ତେ ମଧ୍ୟ ଶତକଡ଼ା ୨୫ଭାଗ ସବ୍‌ସିଡ଼ି ଦିଆଯିବ। ପତିତ ଓ ବାଲିଚର ଜମିକୁ ଆବାଦ କରିବା ପାଇଁ ଏକର ପିଛା ଟ୩୦୦ ଖର୍ଚ୍ଚ ହେବ। ସେହିପରି ରାସାୟନିକ ସାର ପ୍ରୟୋଗ କରି ଜମିର ଉନ୍ନତି ବିଧାନ ପାଇଁ ଏକର ପିଛା ଟ୨୦୦ ଖର୍ଚ୍ଚ ହେବ ବୋଲି ହିସାବ କରାଯାଇଛି। ଏଥିରୁ ଶତକଡ଼ା ୨୫ଭାଗ ସବ୍‌ସିଡ଼ି ମିଳିବ। ଏ ସମସ୍ତ କାର୍ଯ୍ୟ ମୃତ୍ତିକା ସଂରକ୍ଷଣ ବିଭାଗ ଓ ... କ୍ଷୁଦ୍ର ଶିଳ୍ପ କର୍ପୋରେସନ ଜରିଆରେ ହେବ। ଏଥିପାଇଁ କେନ୍ଦ୍ର ବ୍ୟାଙ୍କ୍ ବା ଭୂ-ଉନ୍ନୟନ ବ୍ୟାଙ୍କ୍‌ରୁ ଋଣ ମିଳିପାରିବ।

## ଫଳଚାଷ

ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଫଳ ଚାଷ ନିମନ୍ତେ ବିଶେଷ ସୁବିଧା ରହିଛି। ଆମ୍ବ, ପଣସ, ଅମୃତଭଣ୍ଡା, ନଡ଼ିଆ ଆଦି ବିଭିନ୍ନ ପ୍ରକାର ଫଳ ବଗିଚା କରିବା ପାଇଁ ମଧ୍ୟ ଭୂ-ଉନ୍ନୟନ ବ୍ୟାଙ୍କ୍‌ରୁ ଦୀର୍ଘ ମିଆଦୀ ଋଣ ମିଳିପାରିବ। କୃଷି ବିଭାଗ ଓ ସମବାୟ ବିଭାଗର ସହାୟତାରେ ଫଳ ଚାଷ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ପରିଶେଷରେ ଏପରି ଏକ ବଗିଚାର ନମୁନା ପ୍ଲାନ୍ ଦିଆଯାଇଛି। ପ୍ରତ୍ୟେକ ଚାଷୀ ଅନ୍ତତଃ ଅଧ ଏକର ବା ୨୫ ଡେସିମିଲ ଜାଗାରେ ଫଳ ବଗିଚା କରିବା ଆବଶ୍ୟକ। ଏଥି ନିମନ୍ତେ ପାଣିର ସୁବିଧା ପାଇଁ କୂଅ ଖୋଳିବାକୁ ପଡ଼ିବ। ଫଳ ବିଶେଷରେ ଜମିକୁ ବାଡ଼ ବନ୍ଦି କରିବା ଦରକାର ହୋଇପାରେ। ଏସବୁ ପାଇଁ ଉପଯୁକ୍ତ ହାରରେ ଦୀର୍ଘ ମିଆଦୀ ଋଣ ମିଳିପାରିବ। ଏଥିରେ ଯେଉଁ ଛୋଟ ଚାଷୀମାନେ ଭାଗ ନେବେ ସେମାନେ ଶତକଡ଼ା ୨୦ ଭାଗରୁ ୨୫ ଭାଗ ପର୍ଯ୍ୟନ୍ତ ସବ୍‌ସିଡ଼ି କୃଷକ ଉନ୍ନୟନ ସଂସ୍ଥା ତରଫରୁ ପାଇପାରିବେ।

## ଆନୁଷଙ୍ଗିକ ବ୍ୟବସାୟ

କୃଷି ଛଡ଼ା ଅନ୍ୟାନ୍ୟ ଆନୁଷଙ୍ଗିକ ଧନ୍ଦାର ସହାୟତାରେ ମଧ୍ୟ ଛୋଟ ଚାଷୀମାନଙ୍କର ଆର୍ଥିକ ବିକାଶ କରାଯାଇ ପାରେ। ଏ ଉଦ୍ଦେଶ୍ୟରେ କେତେଗୁଡ଼ିଏ ଦୁଗ୍ଧ ଯୋଗାଣ ଓ କୁକୁଡ଼ା ପାଳନ ଯୋଜନା କାର୍ଯ୍ୟକାରୀ କରିବା ବ୍ୟବସ୍ଥା ରହିଛି। କାରମାଟି ଠାରେ ଗୋଟିଏ ସମବାୟ ଦୁଗ୍ଧ ଯୋଗାଣ କେନ୍ଦ୍ର ରହିଛି। ଏହିପରି ଆଉ କେତେକ ଛୋଟ ଛୋଟ ଦୁଗ୍ଧ ଯୋଗାଣ କେନ୍ଦ୍ର ଅନୁଗୁଳ ଓ ତାଳଚେର ଶିଳ୍ପ ଅଞ୍ଚଳରେ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର ହୋଇଛି। ଛୋଟ ଛୋଟ ଆଗ୍ରହୀ ଚାଷୀମାନଙ୍କୁ ଉନ୍ନତ ଧରଣର ଦୁଧିଆଳି ଗାଈ ଋଣ ସୂତ୍ରରେ ଯୋଗାଇ ଦିଆଯିବ। ଗୁହାଳ କରିବା ପାଇଁ ମଧ୍ୟ ଋଣ ମିଳିବ। ଏସବୁ ଋଣ ଜାତୀୟକରଣ ହୋଇଥିବା ବ୍ୟାଙ୍କଗୁଡ଼ିକରୁ ବା କେନ୍ଦ୍ର ସମବାୟ ବ୍ୟାଙ୍କରୁ ମିଳିବ। ଏଥିରୁ ଶତକଡ଼ା ୨୦ ଭାଗରୁ ୨୫ ଭାଗ ସବ୍‌ସିଡ଼ି ମଧ୍ୟ ମିଳିବ। ଦୁଗ୍ଧ ସଂଗ୍ରହ କରିବା ପାଇଁ ଏକ ସମବାୟ ସଂସ୍ଥା ଗଠନ କରାଯିବ। ସେହିପରି ୧୦୦ଟି ବା ତା'ଠାରୁ ଅଧିକ ସଂଖ୍ୟକ ଗୋଟିଏ ଗୋଟିଏ କୁକୁଡ଼ା ଚାଷ ଫାର୍ମ କରିବା ପାଇଁ ମଧ୍ୟମକାଳୀନ ଋଣ ଦିଆଯିବ। ସଂସ୍ଥା ତରଫରୁ ଶତକଡ଼ା ୨୦ରୁ ୨୫ ଭାଗ ସବ୍‌ସିଡ଼ି ଦିଆଯିବାର ଯୋଜନା ରହିଛି। ଏସବୁ କାମରେ ପଶୁପାଳନ ବିଭାଗ ସବୁ ପ୍ରକାର ସହାୟତା କରିବେ।

କୃଷି ବିକାଶ ଯୋଜନାଗୁଡ଼ିକର ସଫଳତା ମୁଖ୍ୟତଃ ବଜାର ଉପରେ ନିର୍ଭର କରେ। ଚାଷୀ ଯଦି ଉଚିତ ଦାମରେ ନିଜର କୃଷିଜାତ ଦ୍ରବ୍ୟ ବିକ୍ରୟ କରିନପାରେ ତେବେ ତା' ପକ୍ଷରେ ଋଣ ପରିଶୋଧ ଅସମ୍ଭବ ହେବ। ସୌଭାଗ୍ୟବଶତଃ ଢେଙ୍କାନାଳ ଜିଲ୍ଲାରେ କୃଷିଜାତ ଦ୍ରବ୍ୟ ବିକ୍ରୟ କରିବାରେ ବିଶେଷ ଅସୁବିଧା ହେବନାହିଁ ବୋଲି ଆଶା କରାଯାଏ। ଏ ଜିଲ୍ଲା ଓଡ଼ିଶାର କେନ୍ଦ୍ର ଅଞ୍ଚଳରେ ରହିଛି। କଟକ ଓ ସମ୍ବଲପୁର ସହିତ ସଡ଼କ ଯୋଗାଯୋଗ ରହିଛି। ଡିସେମ୍ବରରୁ ଜୁନ୍ ପର୍ଯ୍ୟନ୍ତ ଢେଙ୍କାନାଳ ରାଉରକେଲା ମଧ୍ୟରେ ସିଧା ସଳଖ ମୋଟର ଯିବା ଆସିବା କରୁଛି। ତେଣୁ କଟକ, ସମ୍ବଲପୁର ରାଉରକେଲା ସହରକୁ ଅଣ୍ଡା ଓ ପନିପରିବା ଯୋଗାଇବାରେ

ଦ୍ୱାରା କେତେଦୂର କାର୍ଯ୍ୟକାରୀ ହେଉଛି ସେ ସଂପର୍କରେ ନିମ୍ନରେ କେତେକ ସୂଚନା ଦିଆଗଲା:—

| କାରଖାନାରେ ଥିବା ସୁବିଧା | କେତୋଟି କାରଖାନାରେ ଏ ବ୍ୟବସ୍ଥା ଅଛି |
|---|---|
| ୧ । ଆମ୍ବୁଲାନ୍‌ସ | ୧୪ |
| ୨ । ରେସ୍ତୋରାଁ | ୨୮ |
| ୩ । ବିଶ୍ରାମାଗାର, ଆଶ୍ରୟସ୍ଥଳ ଇତ୍ୟାଦି | ୧୩୨ |
| ୪ । କ୍ରେଚ୍ | ୩ |
| ୫ । ଶ୍ରମ ମଙ୍ଗଳ ପରିଷଦ | ୧୬ |

କାରଖାନା କର୍ତ୍ତୃପକ୍ଷଙ୍କୁ ଛାଡ଼ି ଦେଲେ ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ଶ୍ରମିକ ଜୀବନର ବିଭିନ୍ନ ବିଭାଗରେ ବିକାଶ ପାଇଁ ସରକାରଙ୍କର କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ରହିଛି । ସେଗୁଡ଼ିକ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ବିଭିନ୍ନ ଶ୍ରମ ଆଇନର କାର୍ଯ୍ୟକାରୀତା ତଥା ଶ୍ରମ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସୃଷ୍ଟି ହୋଇଥିବା ଶ୍ରମ ନିର୍ଦ୍ଦେଶାଳୟ ଦ୍ୱାରା ସଂପାଦିତ ହୋଇଥାଏ । ସେଥିର କେତୋଟି ବ୍ୟବସ୍ଥା ପର୍ଯ୍ୟାୟକ୍ରମେ ନିମ୍ନରେ ପ୍ରଦତ୍ତ ହେଲା:—

ବାସ ଗୃହ, ଶ୍ରମିକମାନଙ୍କ ପକ୍ଷେ ଏକ ଗୁରୁତର ସମସ୍ୟା । କାରଣ ସ୍ୱଳ୍ପ ବେତନ ଯୋଗୁଁ ସେମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ତେଣୁ ବଜାର ଦରରେ ଘରଭଡ଼ା ନେଇ ରହିବା ସେମାନଙ୍କ ପାଇଁ ଏକ ଅସମ୍ଭବ ବ୍ୟାପାର । ଏହି ସମସ୍ୟାର ପ୍ରତିକାର ଉଦ୍ଦେଶ୍ୟରେ ସରକାର ଗୃହ ଯୋଗାଣ ଯୋଜନା ଅନୁଯାୟୀ ବିଭିନ୍ନ ଶିଳ୍ପାଞ୍ଚଳରେ କେତେକ ଶିଳ୍ପ ବସତି ନିର୍ମାଣ କରିଛନ୍ତି । ଏହା ଫଳରେ ରେଜେଷ୍ଟ୍ରି ଭୁକ୍ତ ଯେ କୌଣସି ବେସରକାରୀ କାରଖାନାର ଶ୍ରମିକ ସ୍ୱଳ୍ପ ଭଡ଼ାରେ ଏହି ଘର ପାଇ ପାରିବ । ଏହି ବ୍ୟବସ୍ଥା ଅନୁସାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଥିବା ୧୨ଟି ଶିଳ୍ପାଞ୍ଚଳରେ ମୋଟ ୧,୧୬୫ ଟି ବାସ ଗୃହ ନିର୍ମାଣ କରାଯାଇ ଶ୍ରମିକମାନଙ୍କୁ ଯୋଗାଇ ଦିଆଯାଇଛି ।

ଏତଦ୍‌ବ୍ୟତୀତ ଶିଳ୍ପ କାରଖାନାର ମାଲିକମାନଙ୍କୁ ମଧ୍ୟ ଗୃହ ନିର୍ମାଣ ନିମିତ୍ତ ଋଣ ଆକାରରେ ଅର୍ଥ ଦାନର ବ୍ୟବସ୍ଥା ସରକାର କରିଛନ୍ତି । କାରଖାନାର ଆବଶ୍ୟକତା ଅନୁସାରେ ଏଭଳି ଋଣ ଦିଆଯାଇଥାଏ । ଓଡ଼ିଶାର ନିମ୍ନୋକ୍ତ ୧୦ଟି କାରଖାନା ବା କଂପାନୀର ମାଲିକ ଏ ଧରଣର ଋଣ ନେଇ ଶ୍ରମିକମାନଙ୍କ ପାଇଁ ଗୃହ ନିର୍ମାଣ କରିଛନ୍ତି ।

୧ । ଓଡ଼ିଶା ପରିବହନ ସଂସ୍ଥା, ବ୍ରହ୍ମପୁର
୨ । ଜୟପୁର ଚିନି କାରଖାନା, ରାୟଗଡ଼ା
୩ । ଓଡ଼ିଶା ସିମେଣ୍ଟ କାରଖାନା, ରାଜଗାଙ୍ଗପୁର
୪ । ଜେ. କେ. କାଗଜ କଳ, ରାୟଗଡ଼ା
୫ । ଜୟଶ୍ରୀ କେମିକାଲ, ଗଞ୍ଜାମ
୬ । ପଟ୍ଟନାୟକ ଇଣ୍ଡଷ୍ଟ୍ରିଜ୍, ଭୁବନେଶ୍ୱର
୭ । ଭାସ୍କର ଟେକ୍‌ସଟାଇଲ ମିଲ, ଝାରସୁଗୁଡ଼ା
୮ । ଆସ୍କା ସମବାୟ ଚିନି କାରଖାନା, ଆସ୍କା
୯ । ଉତ୍କଳ ମେସିନାରୀ, କାଂସବାହାଲ
୧୦ । ଓଡ଼ିଶା ଇଣ୍ଡଷ୍ଟ୍ରିଜ୍, ଲଠିକଟା, ସୁନ୍ଦରଗଡ଼

ଏହି ୧୦ଟି କାରଖାନାର ମାଲିକଙ୍କ ଦ୍ୱାରା ମୋଟ ୧,୫୩୬ ଗୃହ ନିର୍ମାଣ କରାଯାଇ ଶ୍ରମିକମାନଙ୍କୁ ଯୋଗାଇ ଦିଆଯାଇଛି । ଶ୍ରମିକମାନଙ୍କର ବାସ ଗୃହ ସମସ୍ୟା ପୂରା ପୂରି ସମାଧାନ ହୋଇ ନ ଥିଲେ ମଧ୍ୟ ଏହା ଦ୍ୱାରା କେତେକାଂଶରେ ସମସ୍ୟାର ସମାଧାନରେ ଯେ ସହାୟକ ହୋଇଛି ଏଥିରେ ସନ୍ଦେହ ନାହିଁ ।

ଘରଟିଏ ପାଇଗଲା ପରେ ପୁଣି ଆଉ କେତେକ ଆନୁଷଙ୍ଗିକ ସମସ୍ୟା ଶ୍ରମିକ ଆଗରେ ଦେଖା ଦିଏ । ଘରର ପରିବେଶ, ସେଠା ପରିବେଶର ସାମାଜିକ ତଥା ସ୍ୱାସ୍ଥ୍ୟଗତ ଆବହାଓ୍ୱା, ସନ୍ତାନ ସନ୍ତତିଙ୍କ ଶିକ୍ଷା, ଅବସର ସମୟରେ ଚିତ୍ତ ବିନୋଦନର ବ୍ୟବସ୍ଥା, ପତ୍ନୀ ନିରକ୍ଷର ହୋଇ ଥିଲେ ସୁବିଧା ସୁଯୋଗ ଦେଖି ଦୁଇଟି ଅକ୍ଷର ଚିହ୍ନି ବାର ଲଢିବା ଇତ୍ୟାଦି ଅନେକ କଥା ତାକୁ ବ୍ୟସ୍ତ କରି ପକାଏ । ସେ ଏକ ଅସହାୟ ଶିଶୁ ପରି ଶ୍ରମିଆଡ଼କୁ ଚାହେଁ—ଯେମିତି ସମସ୍ତଙ୍କୁ ସେ ଆହ୍ୱାନ କରୁଛି ଆସ ଏ ସମସ୍ୟା ହୃଦୟଙ୍ଗମ କର ଏବଂ ଯାର ପ୍ରତିକାର କର । ଏ ଧାରଣା ଶ୍ରମିକର ହେବା ସ୍ୱାଭାବିକ । କାରଣ ଶିଳ୍ପ କାରଖାନାର ମାଲିକ ଏବଂ ସେମାନଙ୍କ ସଂପର୍କ ସବୁ ସମୟରେ ଭଲ ରହେ ନାହିଁ । ଅନେକ ସମୟରେ ସେମାନଙ୍କର ହୁଏତ ଧାରଣା ହୋଇଥିବ ଯେ ଶ୍ରମିକମାନଙ୍କର ମଙ୍ଗଳ ପ୍ରତି ଦୃଷ୍ଟି ଦେବା ମାଲିକର ଇଚ୍ଛା ନୁହେଁ । ସେମାନଙ୍କର ଯାହା କିଛି ଆଶା ଭରସା ସେଥିର ବେଶି ଅଂଶ ସରକାରଙ୍କ ନିକଟରେ ପ୍ରକାଶ ପାଏ । ତେଣୁ ସରକାରଙ୍କର ଏ ଦିଗରେ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ରହିଛି ।

ତେଣୁ ଶ୍ରମିକମାନେ ବସବାସ କରୁଥିବା ଅଞ୍ଚଳରେ ସରକାରଙ୍କ ଦ୍ୱାରା ବହୁମୁଖୀ ଶ୍ରମ ମଙ୍ଗଳ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି । ଏ ଧରଣର ମୋଟ ୨୩ଟି କେନ୍ଦ୍ର ଓଡ଼ିଶାର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ ହେଉଛି । ଏଥିରେ ଜଣେ ସଂଗଠକ, ଜଣେ ନିର୍ଦ୍ଦେଶକ ଓ ଜଣେ ତାଲିମ ପ୍ରାପ୍ତ ମହିଳା ନିର୍ଦ୍ଦେଶିକା ନିଯୁକ୍ତ ହୋଇଛନ୍ତି ଏବଂ ଏହା ଜିଲ୍ଲା ଶ୍ରମ ଅଧିକାରୀ ବା ସହକାରୀ ଶ୍ରମ ଅଧିକାରୀଙ୍କ ପ୍ରତ୍ୟକ୍ଷ



# ଓଡ଼ିଶାରେ ଶ୍ରମ ମଙ୍ଗଳ: କେତୋଟି ପଦକ୍ଷେପ

ବ୍ରଜଚନ୍ଦ୍ର ଦାସ

ଭାରତ ପରି ଏକ ଜନବହୁଳ ରାଜ୍ୟର ଅର୍ଥନୈତିକ ବିକାଶ ଦିଗରେ ଯନ୍ତ୍ର-ଶକ୍ତି ଅପେକ୍ଷା ଲୋକଶକ୍ତିର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ । ଲୋକ ଶକ୍ତିକୁ ଯଥାଯଥ ବିନିଯୋଗ କରି କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରତି ସେମାନଙ୍କ ସ୍ପୃହା ଜାଗ୍ରତ କରିବାକୁ ହେଲେ, ସର୍ବପ୍ରଥମେ ସେମାନଙ୍କ ମନସିକ୍ ପ୍ରତି ଉଚିତ୍ ଦୃଷ୍ଟି ଦିଆଯିବାର କଥା । ତେଣୁ ପ୍ରଥମ କଥା ହେଲା କାମଟିଏ କରିବାକୁ ହେଲେ ଶ୍ରମିକର ପାରିପାର୍ଶ୍ୱିକ ପରିବେଶ, ତା'ର ସ୍ୱାସ୍ଥ୍ୟ, ମାନସିକ ବିକାଶ ଏବଂ ସର୍ବୋପରି ତା'ର ପରିବାରର ଆର୍ଥିକ ସ୍ୱଚ୍ଛଳତା ତଥା ସାମାଜିକ ସ୍ଥିତି ପ୍ରତି ଏମିତି ଏକ ସତର୍କ ଦୃଷ୍ଟି ଦିଆଯିବା ଉଚିତ୍ ଯାହା ଫଳରେ ସେ ଉପରୋକ୍ତ ସମସ୍ୟାରେ ଅଧିକ ବିବ୍ରତ ନ ହୋଇ କାର୍ଯ୍ୟକ୍ଷେତ୍ରରେ ତା'ର ମୌଳିକ ସୃଜନଶୀଳ ଶକ୍ତିର ଯଥାର୍ଥ ବିନିଯୋଗ କରିପାରିବ । ଅନ୍ୟାନ୍ୟ ଦେଶ ତୁଳନାରେ ଆମ ଦେଶର ଅର୍ଥନୀତି ଦୁର୍ବଳ ଏବଂ କ୍ରମେ ଉନ୍ନତି ପଥରେ ଏହା ଅଗ୍ରସର ହେଉଛି । ତେଣୁ ଶ୍ରମିକମାନଙ୍କ ମଙ୍ଗଳ ଦିଗରେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ବି ସଂପୂର୍ଣ୍ଣ ନୁହେଁ । ତଥାପି କେତୋଟି ସୀମିତ କାର୍ଯ୍ୟକ୍ରମ ଭିତରେ ଶ୍ରମ ମଙ୍ଗଳ ଦିଗରେ କି ପ୍ରକାର ପଦକ୍ଷେପ ନିଆଯାଉଛି ସେ ସଂପର୍କରେ ଆଲୋଚନା କରାଯାଇପାରେ ।

କେବଳ ସରକାର ନୁହେଁ, ଶ୍ରମିକର ମଙ୍ଗଳ ଦିଗରେ କାରଖାନା ମାଲିକର ମଧ୍ୟ ଯଥେଷ୍ଟ ଭୂମିକା ରହିଛି । କାରଖାନାର ଉତ୍ପାଦନ କାର୍ଯ୍ୟକ୍ରମରେ ଉଭୟ ପୁରୁଷ ଏବଂ ମହିଳା ଅଂଶ ଗ୍ରହଣ କରନ୍ତି । କାର୍ଯ୍ୟ ସମୟରେ ସେମାନଙ୍କର କେତେକ ସୁବିଧା ସୁଯୋଗ ରହିଛି, ସେଗୁଡ଼ିକ ପ୍ରତି ପରିଚାଳନା କର୍ତ୍ତୃପକ୍ଷଙ୍କର ଧ୍ୟାନ ରହିବା କଥା । କାରଖାନା ଭିତରେ ପରିଷ୍କାର ପରିଚ୍ଛନ୍ନତା, କାରଖାନାରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଅବଶ୍ୟକ ସ୍ଥଳେ ଶ୍ରମିକେ ବସିବାର ସୁବିଧା, ରେଷ୍ଟୋରାଁ ବା ଖାଦ୍ୟ ଭଣ୍ଡାର ସୁବିଧା, ବିଶ୍ରାମାଗାର, ମହିଳା ଶ୍ରମିକଙ୍କର ପିଲାଙ୍କ ପାଇଁ କ୍ରେଚର ବ୍ୟବସ୍ଥା ଏବଂ ପାଞ୍ଚଶହରୁ ଉର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ କରୁଥିବା କାରଖାନାରେ ଶ୍ରମ ମଙ୍ଗଳ ଅଫିସର ନିଯୁକ୍ତି ଇତ୍ୟାଦି ଦାୟିତ୍ୱ ପରିଚାଳନା କର୍ତ୍ତୃପକ୍ଷଙ୍କର ରହିଛି । ଏଥିପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ନିୟମ କାନୁନ୍ ପ୍ରଣୟନ ହୋଇଛି ଯାହାକୁ କି ରେଜେଷ୍ଟ୍ରୀଭୁକ୍ତ କାରଖାନାମାନେ ମାନିବାକୁ ବାଧ୍ୟ । ଅନ୍ୟଥା ସେମାନଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ଆଇନ୍‌ରେ ରହିଛି । ଏହା ବ୍ୟତୀତ ଗୋଟିଏ ଦିନରେ ଜଣେ ଶ୍ରମିକ କେତେ ଘଣ୍ଟା କାମ କରିବ, ସାପ୍ତାହିକ ଛୁଟି ଦିନ ଏବଂ ଅନ୍ୟ କେଉଁ ବିଶିଷ୍ଟ ଦିନମାନଙ୍କରେ ଛୁଟି ପାଇବ ସେ ସବୁର ବ୍ୟବସ୍ଥା ଆଇନ୍‌ରେ ଉଲ୍ଲେଖ ଥିବା ସଙ୍ଗେ ସଙ୍ଗେ କାରଖାନାଗୁଡ଼ିକ ପ୍ରତି ସରକାରଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶ ମଧ୍ୟ ରହିଛି । ଶ୍ରମିକମାନଙ୍କ ମଙ୍ଗଳ ଦିଗରେ ଏ କାର୍ଯ୍ୟକ୍ରମଗୁଡ଼ିକ ଯଥାଯଥ ପରିଚାଳିତ ହେଉଛି କି ନାହିଁ ସେ ସବୁର ତଦାରଖ କରିବା ପାଇଁ ସରକାରଙ୍କ ତରଫରୁ କାରଖାନା ପରିଦର୍ଶକମାନେ ରହିଛନ୍ତି । ଉକ୍ତ ବ୍ୟବସ୍ଥାଗୁଡ଼ିକ କାରଖାନା କର୍ତ୍ତୃପକ୍ଷଙ୍କ

ON THE ELEVENTH YEAR OF DEDICATED SERVICE TO THE NATION

# THE ORISSA STATE ELECTRICITY BOARD

**Is poised for:**—Embarking on a massive Rural Electrification Programme and large-scale energisation of pump sets for augmentation of food production and setting up of Agro-Industries in rural areas.

**Plans for:**—Power supply to entrepreneurs for their new ventures at very attractive rates.

**Strives for:**—Meeting the needs of the prospective consumers and maintaining uninterrupted power supply.

**And looks forward to:**—Your continued and valued co-operation.

FOR POWER SUPPLY:—

PLEASE CONTACT

ORISSA STATE ELECTRICITY BOARD, BHUBANESWAR-7

Gram—ELEC BOARD
Bhubaneswar

Phone—790, 890, 152 — To Board's PBX.

ବସ୍ତିମାନଙ୍କରେ ପରିଚାଳିତ ହୁଏ । ଏହିସବୁ କେନ୍ଦ୍ରର ମୁଖ୍ୟ କାମ ଶ୍ରମିକ ମହଲରେ ସାମାଜିକ ତଥା ସାଂସ୍କୃତିକ ଆବହାଓ୍ୱା ସୃଷ୍ଟି କରି ସେମାନଙ୍କ ସନ୍ତାନ ସନ୍ତତିଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା । ବୟସ୍କ ଶିକ୍ଷା ମଧ୍ୟ କାର୍ଯ୍ୟକ୍ରମର ଅନ୍ତର୍ଗତ । ଏହା ବ୍ୟତୀତ ମହିଳା ମାନଙ୍କ ଅବସର ସମୟରେ ଶ୍ରମିକ ମାନଙ୍କର ସ୍ତ୍ରୀ ମାନଙ୍କୁ ସଂଗଠିତ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ସିଲେଇ ଠାରୁ ଆରମ୍ଭ କରି ବିଭିନ୍ନ ଘର କରଣା ସଂପର୍କରେ ତାଲିମ ଦିଅନ୍ତି । ନାଟକ ଓ ନୃତ୍ୟ ଗୀତ ମଧ୍ୟ ଏମାନଙ୍କ କାର୍ଯ୍ୟକ୍ରମରେ ଏକ ବିଶିଷ୍ଟ ଅଙ୍ଗ ।

ଫଳରେ ଏମାନଙ୍କର ସହାୟତାରେ ଶ୍ରମିକବସ୍ତି ଜୀବନ ଏକ ସହନୀୟ ହୋଇ ଗଲେ ।

ଉପରୋକ୍ତ ବହୁମୁଖୀ ଶ୍ରମ ମଙ୍ଗଳ କେନ୍ଦ୍ରରେ ପାଠାଗାରର ବ୍ୟବସ୍ଥା ରହିଛି । ଆଉ ମଧ୍ୟ ଓଡ଼ିଶାର ଅନ୍ୟାନ୍ୟ ୯ଟି ସ୍ଥାନରେ ଶିକ୍ଷା କେନ୍ଦ୍ର (Reading Room)ର ବ୍ୟବସ୍ଥା ରହିଛି । ଏଥିରେ ଶିକ୍ଷା ଦାନର ସୁବିଧା ସହିତ ପାଠାଗାର ମାଧ୍ୟମରେ ପୁସ୍ତକ ଯୋଗାଇ ଦେଇ ଶ୍ରମିକର ପଠନ ଅଭ୍ୟାସକୁ ବହିର୍ମୁଖୀ କରିବାର ଲକ୍ଷ୍ୟ ମଧ୍ୟ ରହିଛି ।

---

# ୧୯୭୦-୭୧ ମସିହାର କେନ୍ଦ୍ର ରାଜସ୍ୱ

୧୯୭୦–୭୧ ମସିହାର କେନ୍ଦ୍ର ସରକାରଙ୍କର ରାଜସ୍ୱ (ଅଫିମ ବାବଦରୁ ରାଜସ୍ୱ) ୩,୧୭୪·୩୯ କୋଟି ଟଙ୍କା ଆଦାୟ କରାଯାଇଥିଲା ଓ ଏହି ବାବଦରେ ପୂର୍ବ ବର୍ଷମାନଙ୍କ ଅପେକ୍ଷା ୩୯୮·୬୯ କୋଟି ଟଙ୍କା ଅଧିକା ଆଦାୟ କରାଯାଇଥିଲା । ୧୯୬୯–୭୦ ମସିହାରେ କେନ୍ଦ୍ର ରାଜସ୍ୱ ୨,୭୭୫·୭୦ କୋଟି ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଇଥିଲା ।

ରାଜସ୍ୱ ଆଦାୟର ବିଭିନ୍ନ ହିସାବ ନିମ୍ନରେ ପ୍ରଦତ୍ତ ହେଲା
(କୋଟି ଆକାରରେ ଟଙ୍କାର ମୂଲ୍ୟହାର)

| | | ୧୯୭୦ (ମାର୍ଚ୍ଚ) | ୧୯୭୧ (ମାର୍ଚ୍ଚ) | ୧୯୬୯–୭୦ (ମାର୍ଚ୍ଚ ପର୍ଯ୍ୟନ୍ତ) | ୧୯୭୦–୭୧ (ମାର୍ଚ୍ଚ ପର୍ଯ୍ୟନ୍ତ) |
|---|---|---|---|---|---|
| (୧) ବହିଃଶୁଳ୍କ | .. | ୩୬·୯୬ | ୨୯·୬୫ | ୪୧୯·୫୩ | ୪୯୪·୭୭ |
| (୨) କେନ୍ଦ୍ର ଅବକାରୀ (ଲୁଣ, ଗଞ୍ଜେଇ, ଭୋଜନ ଏବଂ ଲୁହାପଥର ଉପରେ ଉପକରକୁ ଛାଡ଼ି) | | ୧୩୪·୮୯ | ୧୬୦·୫୫ | ୧୪୮୬·୮୧ | ୧୭୭୮·୬୯ |
| (୩) ନିଗମ କର | .. | ୪୯·୭୮ | ୬୯·୪୦ | ୩୬୧·୩୨ | ୩୮୨·୨୧ |
| (୪) ଆୟକର | .. | ୯୫·୩୨ | ୧୦୩·୯୬ | ୪୨୫·୫୩ | ୪୪୪·୦୮ |
| (୫) ଧନ କର | .. | ୨·୨୧ | ୩·୦୧ | ୧୫·୫୫ | ୧୫·୫୮ |
| (୬) ବ୍ୟୟ କର | .. | .. | | | .. |
| (୭) ଉପହାର କର | .. | ୦·୪୪ | ୦·୫୨ | ୧·୯୩ | ୨·୩୬ |
| (୮) ସମ୍ପତ୍ତି କର | .. | ୧·୮୩ | ୨·୩୫ | ୭·୦୯ | ୭·୨୭ |
| (୯) ଅଫିମ କର | .. | ୦·୯୫ | ୧·୯୬ | ୭·୯୪ | ୯·୦୮ |
| ମୋଟ | .. | ୩୨୨·୩୮ | ୪୧୧·୩୯ | ୨,୭୭୫·୭୦ | ୩,୧୭୪·୩୯ |

# ଓଡ଼ିଶାରେ ମତ୍ସ୍ୟ ଚାଷର ବିକାଶ

ଓଡ଼ିଶାରେ ମତ୍ସ୍ୟ ଚାଷର ବିକାଶ ପାଇଁ ଅନେକ ସୁବିଧା-ସୁଯୋଗ ରହିଛି । ରାଜ୍ୟରେ ପ୍ରାୟ ୫୫୦,୦୦୦ ଏକର ପରିମିତ ଆଭ୍ୟନ୍ତରୀଣ ଜଳାଶୟରେ ମଧୁର ମାଛ ଚାଷର ଏବଂ ୬,୦୦୦ ବର୍ଗମାଇଲ ପରିମିତ ଗଭୀର ସମୁଦ୍ରରେ ମଧ୍ୟ ପ୍ରଚୁର ମାଛ ମାରିବାର ସୁବିଧା ମଧ୍ୟ ଅଛି । ଦେଶର ସର୍ବବୃହତ୍ ଲୁଣି ହ୍ରଦ ଚିଲିକା ସମେତ ୧,୧୫୦ ବର୍ଗମାଇଲ ଲୁଣି ପାଣି ମଧ୍ୟ ମତ୍ସ୍ୟ ସମ୍ପଦରେ ଭରପୂର । ଏହି ଜଳରେ ଖୁବ୍ ଶୀଘ୍ର ମାଛର ଆକାର ବୃଦ୍ଧି ପାଉଥାଏ । ଆମ ରାଜ୍ୟରେ ବର୍ଷକୁ କେତେ ପରିମାଣରେ ମାଛ ଧରା-ଯାଉଥାଏ ତାହାର ହିସାବ ନିମ୍ନରେ ଦିଆଗଲା —

| | | |
|---|---|---|
| ଆଭ୍ୟନ୍ତରୀଣ ଜଳାଶୟରୁ | .. | ୧୬,୫୦୦ ମେ. ଟନ୍ |
| ସମୁଦ୍ରରୁ | .. | ୧୪,୦୦୦ ମେ. ଟନ୍ |
| ଚିଲିକାରୁ | .. | ୧୦,୦୦୦ ମେ. ଟନ୍ |

ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ଉନ୍ନତ ଓ ବୈଜ୍ଞାନିକ ପ୍ରଣାଳୀରେ ମାଛ ଧରିବା ଜ୍ଞାନର ଅଭାବ ହେତୁ ରାଜ୍ୟର ମତ୍ସ୍ୟ ସଂପଦର ସଦୁପଯୋଗ କରାଯାଇ ପାରି ନ ଥିଲା । ପ୍ରଥମ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହେବା ପର୍ଯ୍ୟନ୍ତ ରାଜ୍ୟରେ ପୁରୁଣା ଛାଞ୍ଚିଆ ଜାଲ ସାହାଯ୍ୟରେ ମାଛ ଧରା ହେଉଥିଲା । ଗାଁ ଗହଳରେ ମାଛଚାଷକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଯୋଜନା ସମୟ ମଧ୍ୟରେ ଗ୍ରାମ ପଞ୍ଚାୟତ ଓ ମାଛ ଚାଷ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଜାତିଆ ମାଛ ଜାଆଳ ଯୋଗାଇଦେବା ସଙ୍ଗେ ସଙ୍ଗେ



ପଞ୍ଚାୟତରେ ମାଛଚାଷ

# ସ୍ୱଳ୍ପ ସଞ୍ଚୟ ଯୋଜନାର ଅଗ୍ରଗତି

ଓଡ଼ିଶାରୁ ୧୯୭୧–୭୨ ମସିହାରେ ସ୍ୱଳ୍ପସଞ୍ଚୟ ଯୋଜନା ବାବଦରୁ ୪୫୦ ଲକ୍ଷ ଟଙ୍କା ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପୋଷ୍ଟମାଷ୍ଟର ଓ ଜିଲ୍ଲାପାଳ ମାନଙ୍କଠାରୁ ମିଳିଥିବା ରିପୋର୍ଟରୁ ଜଣାପଡ଼ିଛି ଯେ, ୧୯୭୧ ଏପ୍ରିଲ ପହିଲା ଠାରୁ ମଇମାସ ଶେଷ ସୁଦ୍ଧା ୩୬,୨୦,୬୧୯ ଟଙ୍କା ସଂଗୃହୀତ ହୋଇଛି। ୧୯୭୦–୭୧ ମସିହାର ଏହି ସମୟ ମଧ୍ୟରେ ମୋଟ ୫୦,୯୪,୪୬୧ ଟଙ୍କା ସଂଗୃହୀତ ହୋଇଥିଲା।

୧୯୭୦–୭୧ ମସିହା ଏପ୍ରିଲ ପହିଲାଠାରୁ ମଇ ଶେଷ ସୁଦ୍ଧା ଜିଲ୍ଲା ଜିଲ୍ଲାରୁ ସ୍ୱଳ୍ପସଞ୍ଚୟ ଯୋଜନାରେ ସଂଗୃହୀତ ହୋଇଥିବା ଅର୍ଥ ଓ ୧୯୭୧–୭୨ ମସିହାର ସେହି ସମୟ ମଧ୍ୟରେ ସଂଗୃହୀତ ଅର୍ଥର ଏକ ତୁଳନାତ୍ମକ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲ—

ଚଳିତ ବର୍ଷ ଏପ୍ରିଲ ଓ ମଇ ମାସରେ କେନ୍ଦ୍ର ରାଜସ୍ୱ ଡିଭିଜନରୁ ୫,୦୩,୪୬୧ ଟଙ୍କା ସଂଗୃହୀତ ହୋଇଛି। ଏଥି ମଧ୍ୟରୁ କଟକ ଜିଲ୍ଲାରୁ ୫୪,୪୨୦ ଟଙ୍କା; ପୁରୀ ଜିଲ୍ଲାରୁ ୧,୪୫,୭୩୯ ଟଙ୍କା ଓ ବାଲେଶ୍ୱର ଜିଲ୍ଲାରୁ ୩,୦୨,୩୦୨ ଟଙ୍କା ସଂଗୃହୀତ ହୋଇଛି। ଏହି ଜିଲ୍ଲାଗୁଡ଼ିକରୁ ଚଳିତବର୍ଷ ୯୩ ଲକ୍ଷ ଟଙ୍କା ସଂଗୃହୀତ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଗତ ଆର୍ଥିକ ବର୍ଷ ମଧ୍ୟରେ କେନ୍ଦ୍ରୀୟ ଡିଭିଜନର ୪ଟି ଜିଲ୍ଲାରୁ ମୋଟ ୨୦,୨୬,୫୨୮ ଟଙ୍କା ସଂଗୃହୀତ ହୋଇଥିଲା। ଚଳିତ ବର୍ଷର ଯେଉଁ ଦୁଇମାସର ହିସାବ ଉପରେ ଜଣାପଡ଼ିଛି, ତହିଁରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଭୁକ୍ତ ନୁହେଁ। ଆଉମଧ୍ୟ କେତେକ ଡାକଘରୁ ଏ ସମ୍ପର୍କୀୟ ହିସାବ ମିଳି ନଥିବାରୁ ସେ ଜିଲ୍ଲାର ହିସାବ ଚଳିତ ବର୍ଷର ହିସାବରେ ନିଆଯାଇ ନାହିଁ।

ଉତ୍ତରାଞ୍ଚଳ ଡିଭିଜନର ଜିଲ୍ଲାଗୁଡ଼ିକରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇମାସରେ ୧୯,୬୯,୧୧୩ ଟଙ୍କା ସଂଗୃହୀତ ହୋଇଛି। ଏଥିମଧ୍ୟରୁ ସୁନ୍ଦରଗଡ଼ ଜିଲ୍ଲାରୁ ଗତ ଏପ୍ରିଲ ମାସରେ ୧୩,୯୮,୫୭୨ ଟଙ୍କା ଏବଂ କେନ୍ଦୁଝର ଜିଲ୍ଲାରୁ ଏପ୍ରିଲ ମାସରେ ୧,୬୬ ୧୧୯ ଟଙ୍କା ସଂଗୃହୀତ ହୋଇଥିଲା। ଢେଙ୍କାନାଳ ଜିଲ୍ଲାରୁ ଉପରୋକ୍ତ ଦୁଇମାସ ମଧ୍ୟରେ ୩,୯୫,୪୨୩ ଟଙ୍କା ସଂଗୃହୀତ ହୋଇଥିଲା। ଏହି ଡିଭିଜନରୁ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ୨୨୦ ଲକ୍ଷ ଟଙ୍କା ସଂଗ୍ରହ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି। ୧୯୭୦–୭୧ ମସିହାରେ ଏହି ଡିଭିଜନର ୫ଟି ଜିଲ୍ଲାରୁ ୨୬୧ ଲକ୍ଷ ଟଙ୍କା ସ୍ୱଳ୍ପସଞ୍ଚୟ ଯୋଜନାରେ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ୧୯୭୦–୭୧ ମସିହାର ପ୍ରଥମ ଦୁଇମାସ ମଧ୍ୟରେ ଉତ୍ତର ଡିଭିଜନର ୫ଟି ଜିଲ୍ଲାରୁ ୧୪,୧୯,୦୮୮ ଟଙ୍କା ସଂଗୃହୀତ ହୋଇଥିବାବେଳେ ଚଳିତ ବର୍ଷର ପ୍ରଥମ ଦୁଇମାସରେ ପ୍ରାୟ ୨୦ ଲକ୍ଷ ଟଙ୍କା ସଂଗୃହୀତ ହୋଇଛି।

ଦକ୍ଷିଣ ଡିଭିଜନର ୪ଗୋଟି ଜିଲ୍ଲା ମଧ୍ୟରୁ ଗଞ୍ଜାମ ଓ ଫୁଲବାଣୀ ଜିଲ୍ଲାର ହିସାବକୁ ବାଦ ଦେଇ ଚଳିତ ବର୍ଷର ପ୍ରଥମ ଦୁଇମାସ ମଧ୍ୟରେ ମୋଟ ୧୧,୪୯,୧୪୫ ଟଙ୍କା ସଂଗୃହୀତ ହୋଇଛି ବୋଲି ଜିଲ୍ଲାପାଳମାନଙ୍କଠାରୁ ରିପୋର୍ଟ ମିଳିଛି। ଏହି ୪ଟି ଜିଲ୍ଲାରୁ ଚଳିତବର୍ଷ ୮୬ ଲକ୍ଷ ଟଙ୍କା ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ବିଭିନ୍ନ ଜିଲ୍ଲାରୁ ମିଳିଥିବା ହିସାବରୁ ଜଣାପଡ଼ିଛି ଯେ, ୧୯୭୦–୭୧ ମସିହାରେ ସଂଗୃହୀତ ହୋଇଥିବା ଅର୍ଥର ପରିମାଣ ତୁଳନାରେ ୧୯୭୧–୭୨ ମସିହାର ପ୍ରଥମ ଦୁଇମାସ ମଧ୍ୟରେ ପୁରୀ, ସୁନ୍ଦରଗଡ଼, ଢେଙ୍କାନାଳ, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାମାନଙ୍କରେ ସ୍ୱଳ୍ପସଞ୍ଚୟ ଯୋଜନା ବାବଦରେ ଅଧିକ ଟଙ୍କା ସଂଗୃହୀତ ହୋଇଛି।

ଯାଇଥିଲା ଏବଂ ମାଛ ବିକ୍ରି ବାବଦରୁ ଟ ୨,୬୧,୯୫୦·୮୫ ମିଳିଥିଲା । ୧୯୭୦–୭୧ ମସିହାରେ ଓଡ଼ିଶା ମତ୍ସ୍ୟ ଉନ୍ନୟନ କର୍ପୋରେସନଙ୍କ ଠାରୁ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ଯୋଗାଣ ଦେଶ ନିର୍ମିତ ୪ଟି ଟ୍ରଲର ବା ବୋଟ୍ ଆସି ସେଗୁଡ଼ିକ ସାହାଯ୍ୟରେ ୧୬୦·୫ ମେଟ୍ରିକ୍ ଟନ ମାଛ ଧରିଥିଲେ ଏବଂ ମାଛ ବିକ୍ରି ବାବଦରୁ ୮୭୪,୨୫୫·୧୮ ଅଦାୟ ହୋଇଥିଲା ।

ମାଛ ଯେପରି ପଚି ନଷ୍ଟ ହୋଇ ନ ଯାଏ ସେଥି ନିମନ୍ତେ ମାଳିକଣ୍ଡ, ଗୁରୁବାରି, ବାଲୁଗାଁ ଓ ଲକ୍ଷ୍ମୀସାଗରଠାରେ ମତ୍ସ୍ୟ ବିଭାଗର ବରଫକଳ ତଥା ଶୀତଳ ଭଣ୍ଡାରମାନ ରହିଛି । ବିଭାଗୀୟ ବରଫକଳ ତଥା ଶୀତଳ ଭଣ୍ଡାର ଯୋଗୁଁ ସ୍ଥାନୀୟ ମତ୍ସ୍ୟଜୀବୀ ସମବାୟ ସମିତି ତଥା ଅନ୍ୟାନ୍ୟ ମତ୍ସ୍ୟ ବ୍ୟବସାୟୀମାନେ ବିଶେଷ ଉପକୃତ ହେଉଛନ୍ତି । ୧୯୭୦–୭୧ ମସିହାରେ ବିଭାଗୀୟ ବରଫକଳ-ଗୁଡ଼ିକରୁ ପ୍ରାୟ ୨,୨୫୦ ମେଟ୍ରିକ୍ ଟନ୍ ଓଜନର ୩୦,୦୦୦ ବରଫ ଖଣ୍ଡ ପ୍ରସ୍ତୁତ କରାଯାଇଥିଲା । ୧୯୭୦–୭୧ ମସିହାରେ ମାଳି ବ୍ରିଜଠାରେ ଥିବା କାରଖାନାରେ ମାଛ ଓ ଚିଙ୍ଗୁଡ଼ି ତରକାରୀ ୭,୩୬୬ ଟି ଟିଣଡବାମାନଙ୍କରେ ବିକ୍ରି ଉଦ୍ଦେଶ୍ୟରେ ସଂରକ୍ଷଣ କରାଯାଇଥିଲା ।

## ତାଲିମର ସୁବିଧାସୁଯୋଗ

ସମୁଦ୍ରରୁ ତଥା ଅଭ୍ୟନ୍ତରୀଣ ଜଳାଶୟମାନଙ୍କରୁ ମାଛ ଧରିବା ପାଇଁ ଉପଯୁକ୍ତ ତାଲିମପ୍ରାପ୍ତ ମାଛ ଧରାଳୀ ଗଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଉଛି । ଏହି କାର୍ଯ୍ୟକ୍ରମ ଅନୁ... ଖଡ଼ିପୁରଠାରେ ଥିବା ତାଲିମ କେନ୍ଦ୍ରରେ ୧୫ ଜଣ ପ୍ରାର୍ଥୀ ... ସ୍କିପର ଓ ଡେକ୍‌ହ୍ୟାଣ୍ଡ ହିସାବରେ ତାଲିମ ପାଉଥିଲେ । ଗୋ... ଗଞ୍ଜଠାରେ ଥିବା ମତ୍ସ୍ୟ ତାଲିମ କେନ୍ଦ୍ରରେ ୧୮ ଜଣ ପ୍ରା... ତାଲିମ ପାଉଥିଲେ । ୪ ଜଣ ବିଭାଗୀୟ ଅର୍ଥାତ୍ ... ୨ଜଣ ପ୍ରାର୍ଥୀ ମତ୍ସ୍ୟଗ୍ରାସ ସମ୍ପର୍କରେ ଉଚ୍ଚଶିକ୍ଷା ପାଇବା ଲାଗି ... ୨ ବର୍ଷ ପାଇଁ ବମ୍ବେ ଯାଇଥିଲେ ଏବଂ ଅନ୍ୟ ୨ ଜଣ ପ୍ରା... ବର୍ଷକ ଲାଗି ପଶ୍ଚିମ ବଙ୍ଗରେ ବାରାକପୁରକୁ ପଠାଯାଇଥିଲା ।

## ଗବେଷଣା କାର୍ଯ୍ୟକ୍ରମ

ମାଛଚାଷର ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ... ସହକାରେ କାର୍ଯ୍ୟକାରୀ କରିବାପାଇଁ ସର୍ଭେ ଓ ଗବେଷଣା କ୍ରି... ଆବଶ୍ୟକ । ବାଲୁଗାଁଠାରେ ଥିବା ସରକାରୀ ବୈଜ୍ଞାନିକ ଓ... ପ୍ରାଣୀ-ବିଜ୍ଞାନ ପରୀକ୍ଷାଗାରରେ ଏହି ସମୟ ମଧ୍ୟରେ ଗବେଷଣା ଓ ଅନୁସନ୍ଧାନ କାର୍ଯ୍ୟ ସନ୍ତୋଷଜନକ ଭାବରେ ଚାଲିଥିଲା । ଗବେଷଣା ଓ ଅନୁସନ୍ଧାନ କାର୍ଯ୍ୟମଧ୍ୟରେ ମାଛର ଅଭି... ବୃଦ୍ଧି ପାଇଁ ଜଳୀୟ ପ୍ରୋଟିନ୍ ବ୍ୟବହାର, ଚିଙ୍ଗୁଡ଼ି ମାଛର ସଂରକ୍ଷଣ, ଚିଙ୍ଗୁଡ଼ି ଆଗ୍ରର ପ୍ରସ୍ତୁତି ଏବଂ ଖଣ୍ଡ ମାଛର ସଂରକ୍ଷଣ ପ୍ରଭୃତି ଅନ୍ତର୍ଭୁକ୍ତ ।

ମାଛଚାଷ ଓ ମାଛଧରା ପ୍ରଣାଳୀ ସମ୍ପର୍କରେ ଶିକ୍ଷା ଦାନ କରାଯାଇଥିଲା । ପୁଷ୍କରିଣୀ ପ୍ରଭୃତିର ପଙ୍କୋଦ୍ଧାର କରିବା ପାଇଁ ଏବଂ ମାଛଧରା ଡୁଙ୍ଗା ଜାଲ ଖରିଦ କରିବା ପାଇଁ ଗ୍ରାମପଞ୍ଚାୟତ ଓ ସମବାୟଗୁଡ଼ିକୁ ସରକାରୀ ଋଣ ଯୋଗାଇ ଦିଆଯାଇଥିଲା । ସମୁଦ୍ରରୁ ମାଛ ଧରିବା ପାଇଁ ଯାନ୍ତ୍ରିକ ପ୍ରଣାଳୀର ସାହାଯ୍ୟ ନିଆଯାଇଥିଲା । ନାଇଲନ୍ ସୂତାରେ ନିର୍ମିତ ଜାଲ ସାହାଯ୍ୟରେ ବହୁ ପରିମାଣରେ ମାଛ ଧରାଯାଇ ପାରେ ବୋଲି ବିଭାଗୀୟ ଉଦ୍ୟମରେ ପ୍ରଦର୍ଶିତ ହୋଇଥିଲା ଏବଂ ନାଇଲନ୍ ସୂତାରେ ଜାଲ ବୁଣିବା ପାଇଁ ସମବାୟଗୁଡ଼ିକୁ ଋଣ ଦିଆଯାଇଥିଲା ।

୧୯୭୦–୭୧ ମସିହାରେ ମତ୍ସ୍ୟ ବିଭାଗ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଅନୁସାରେ କି କି ସଫଳତା ହାସଲ କରିଛନ୍ତି ତାହା ନିମ୍ନରେ ଦିଆଗଲା :—

ଫାର୍ମରୋଇଣ ମାଛଚାଷ—ରାଜ୍ୟର ବିଭିନ୍ନ ଜିଲାରେ ଅବସ୍ଥିତ ମୋଟ ୨,୬୯୪·୮୨ ଏକର ପରିମିତ ୧୦୮ ଗୋଟି ମତ୍ସ୍ୟ ବିଭାଗର ମତ୍ସ୍ୟଧରା କେନ୍ଦ୍ରଗୁଡ଼ିକରେ ମାଛ ଚାଷ କରାଯାଉଛି । ଏହି ଫାର୍ମମାନଙ୍କରେ ପ୍ରାକୃତିକ ଉପାୟରେ ଯାଆଁଳ ସଂଗ୍ରହ କରାଯାଇ ସେଗୁଡ଼ିକୁ ବଢ଼ାଯାଏ । ଏସବୁ ଫାର୍ମମାନଙ୍କରୁ ରାଜ୍ୟର ବିଭିନ୍ନ ଗ୍ରାମ ପଞ୍ଚାୟତମାନଙ୍କୁ ଓ ମାଛଚାଷ କରୁଥିବା ବ୍ୟକ୍ତିବିଶେଷଙ୍କୁ ଶୁଦ୍ଧ ଯାଆଁଳ ଓ ବଡ଼ ଯାଆଁଳ ଯୋଗାଇ ଦିଆଯାଏ ।

ମହାନଦୀ, ବ୍ରାହ୍ମଣୀ ଓ ସୁବର୍ଣ୍ଣରେଖା ନଦୀ ମୁହାଣମାନଙ୍କରୁ ପ୍ରଚୁର ମାଛ ଯାଆଁଳ ସଂଗ୍ରହ କରାଯାଏ । ବର୍ଷାଋତୁରେ ଏହି ନଦୀମୁହାଣମାନଙ୍କରୁ ମାଛ ଯାଆଁଳ ସଂଗ୍ରହ କରିବା ପାଇଁ ୧୯୭୦-୭୧ ମସିହାରେ ରାଜ୍ୟସରକାରଙ୍କ ମତ୍ସ୍ୟ ବିଭାଗ ଦ୍ୱାରା ନିମ୍ନଲିଖିତ ସ୍ଥାନମାନଙ୍କରେ ୧୧ଟି ମାଛ ଯାଆଁଳ ସଂଗ୍ରହ କେନ୍ଦ୍ର ଖୋଲା କରାଯାଇଛି :—

(୧) କୁଆ ପାଟଣା, (୨) ବାଙ୍କି, (୩) କେନ୍ଦୁପାଟଣା, (୪) କାଠଯୋଡ଼ି, (୫) ବେଳାପଡ଼, (୬) ପେଗଟିଆ, (୭) ପାଉଁଶପୁର, (୮) ଚିଲୋର, (୯) କୁଜସାହି, (୧୦) ଘଇଘାଟ, (୧୧) ନରସିଂହପୁର । ଏସବୁ ମାଛ ଯାଆଁଳ ସଂଗ୍ରହ କେନ୍ଦ୍ରରୁ ସର୍ବମୋଟ ୧,୩୨୭·୪ କପ୍ (୬୬୩·୭୫ ଲକ୍ଷ) ମାଛ ଯାଆଁଳ ସଂଗୃହୀତ ହୋଇଥିଲା ।

ଏହା ବ୍ୟତୀତ ମତ୍ସ୍ୟ ବିଭାଗର ମାଛଧରା କେନ୍ଦ୍ରଗୁଡ଼ିକରେ ବଡ଼ ବଡ଼ ଜାତିର ମାଛକୁ ଶ୍ୱେତସ୍ରାବୀ ଗ୍ରନ୍ଥିରସ ଇଞ୍ଜେକ୍ସନ ଦେଇ କୃତ୍ରିମ ପ୍ରଜନନ ପଦ୍ଧତିରେ ୪୭୪·୫ କପ୍ (୪୭୪·୫ ଲକ୍ଷ) ମାଛ ଡିମ୍ବ ଉତ୍ପନ୍ନ କରାଯାଇଥିଲା ।

ରାଜ୍ୟର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଏବଂ ମାଛଚାଷ କରୁଥିବା ବ୍ୟକ୍ତିବିଶେଷଙ୍କୁ ମାଛ ଯାଆଁଳ ଯୋଗାଇ ଦେବା ଦାୟିତ୍ୱ ମୁଖ୍ୟତଃ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗର । ଉକ୍ତ ବର୍ଷ ରାଜ୍ୟର ବିଭିନ୍ନ ଗ୍ରାମପଞ୍ଚାୟତ ଓ ବ୍ୟକ୍ତିବିଶେଷଙ୍କୁ ପ୍ରାୟ ୧୩୦ ଲକ୍ଷ ଯାଆଁଳ ଯୋଗାଇ ଦିଆଯାଇଥିଲା । ରାଜ୍ୟର ବିଭିନ୍ନ ଜିଲାରେ ଅବସ୍ଥିତ ଥିବା ମତ୍ସ୍ୟ ବିଭାଗର ମାଛଧରା କେନ୍ଦ୍ରଗୁଡ଼ିକରୁ ମୋଟ ୧୫୦ ଲକ୍ଷ ଯାଆଁଳ ସଂଗୃହୀତ ହୋଇଥିଲା । ଆଉମଧ୍ୟ ଏସବୁ ମାଛଧରା କେନ୍ଦ୍ରଗୁଡ଼ିକରେ ୩୩ ମେଟ୍ରିକ୍ ଟନ ମାଛ ବିକ୍ରିହୋଇଥିଲା ।

ମୁଖ୍ୟତଃ ଗଞ୍ଜାମ, କଳାହାଣ୍ଡି, ବାଲେଶ୍ୱର, ମୟୂରଭଞ୍ଜ, ବଲାଙ୍ଗୀର, କୋରାପୁଟ, କେନ୍ଦୁଝର ଓ ଢେଙ୍କାନାଳ ଜିଲାମାନଙ୍କରେ ଗ୍ରାମ୍ୟ ସଂପ୍ରସାରଣ ସେବା ସଂସ୍ଥାର କାର୍ଯ୍ୟକଳାପ ସଂପ୍ରସାରିତ କରାଯାଉଛି । ଏସବୁ ଜିଲାମାନଙ୍କରେ ପଞ୍ଚାୟତ ଓ ଗ୍ରାମ ପୁଷ୍କରିଣୀଗୁଡ଼ିକରୁ ମତ୍ସ୍ୟ ବିଭାଗର ଜାଲ ସାହାଯ୍ୟରେ ମାଛ ଧରାଯାଏ ଏବଂ ଏଥିପାଇଁ ମତ୍ସ୍ୟବିଭାଗ ଏକ ଚତୁର୍ଥାଂଶ ମାଛ ପାଉଥାନ୍ତି ।

## ସମୁଦ୍ର ମାଛ

ଯନ୍ତ୍ରଚାଳିତ ନୌକା ସାହାଯ୍ୟରେ ସମୁଦ୍ରରୁ ମାଛ ଧରିବା ପାଇଁ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ କଟକ ଜିଲାର ପାରାଦ୍ୱୀପ ଏବଂ ବାଲେଶ୍ୱର ଜିଲାର ଖଡ଼ିପୁର ଓ ଚୂଡ଼ାମଣିଠାରେ ୩ଟି ମାଛଧରା କେନ୍ଦ୍ର ସ୍ଥାପନ କରିଛନ୍ତି । ସ୍ଥାନୀୟ ଲୋକଙ୍କ ଦ୍ୱାରା ନିର୍ମିତ କାଠଡଙ୍ଗା ସାହାଯ୍ୟରେ ଏହି ମାଛଧରା କାର୍ଯ୍ୟ ହୋଇଥାଏ । ମାଛଧରା ଡଙ୍ଗାଗୁଡ଼ିକର ଦୈର୍ଘ୍ୟ ପ୍ରାୟ ୩୨ ଫୁଟରୁ ୪୨ ଫୁଟ । ୧୯୭୦–୭୧ ମସିହାରେ ଖଡ଼ିପୁର ଓ ଚୂଡ଼ାମଣିଠାରେ ଯଥାକ୍ରମେ ୩୩ଟି ଓ ୮ଟି ଗିଲ୍‌ନେଟିଂ ସାହାଯ୍ୟରେ ମାଛଧରା ହୋଇଥିଲା । ଉକ୍ତ ସମୟ ମଧ୍ୟରେ ମୋଟରେ ୩୩·୬୯ ମେଟ୍ରିକ୍ ଟନ୍ ମାଛ ଧରାଯାଇଥିଲା ଓ ମାଛ ବିକ୍ରି ବାବଦରୁ ମୋଟ ୭୪,୭୩,୦୨୩·୫୩ ମିଳିଥିଲା ।

ପାରାଦୀପଠାରେ ଉକ୍ତ ସମୟ ମଧ୍ୟରେ ୮ଟି ଟ୍ରଲର ଡଙ୍ଗା ସାହାଯ୍ୟରେ ୩୮୬ ମେଟ୍ରିକ ଟନ୍ ମାଛ ଧରା

## ଏହି ସଂଖ୍ୟାରେ ବିଜ୍ଞାପନ ଦେଇଛନ୍ତି—


* ରାଉରକେଲା ଇସ୍ପାତ କାରଖାନା
* ଭାରତ ସରକାରଙ୍କ ତଥ୍ୟ ଓ ବେତାର ମନ୍ତ୍ରାଳୟର ବିଜ୍ଞାପନ ଓ ପ୍ରଚାର ଶାଖା
* ଓଡ଼ିଶା ଶିଳ୍ପ ଉନ୍ନୟନ କର୍ପୋରେସନ୍
* ସମାଜ, କଟକ
* କୃଷି ବିଭାଗର ମୁଖ୍ୟ ନିର୍ଦ୍ଦେଶକ (ଫଳବୃକ୍ଷ)
* ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ
* ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ୍
* ଓଡ଼ିଶା କୃଷି ଓ କ୍ଷୁଦ୍ରଶିଳ୍ପ କର୍ପୋରେସନ୍
* ପଞ୍ଚାୟତ ଶିଳ୍ପ ଅଧିକାରୀ, କଟିକଣ୍ଠା
* ଓଡ଼ିଶା ଜଙ୍ଗଲ କର୍ପୋରେସନ୍
* ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ପରିବାର ନିୟୋଜନ) ।


# ପୁରୀର ନବନିର୍ମିତ ଜିଲା ବିଚାରାଳୟ ଭବନ



ନବନିର୍ମିତ ବିଚାରାଳୟ ଭବନ

ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ମାନ୍ୟବର ଶ୍ରୀ ଗତିକୃଷ୍ଣ ମିଶ୍ର ୧୯୭୧, ଏପ୍ରିଲ ୨୫ ତାରିଖରେ ପୁରୀଠାରେ ନବନିର୍ମିତ ବିଚାରାଳୟ ଭବନ ଉଦ୍‌ଘାଟନ କରିଥିଲେ ।


୧୯୫୮ ମସିହାରେ ଏହି ନବନିର୍ମିତ ଅଦାଲତ ଭବନର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯୭୧ରେ ସମାପ୍ତ ହୋଇଥିଲା । ସର୍ବମୋଟ ଟ ୮,୬୮,୧୦୦ ଟଙ୍କା ବ୍ୟୟରେ ଏହି ଭବନ ନିର୍ମିତ ହୋଇଛି । ଏହି ଦୁଇତଳ ଭବନର ଉପର ମହଲରେ ସାତୋଟି ପ୍ରକୋଷ୍ଠ ଓ ତଳ ମହଲରେ ଷୋଳଟି ପ୍ରକୋଷ୍ଠ ବିଚାରପତିମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଛି ।




ପ୍ରଧାନ ବିଚାରପତି ମାନ୍ୟବର ଶ୍ରୀ ଗତିକୃଷ୍ଣ ମିଶ୍ର ବିଚାରାଳୟ ଭବନ ଉଦ୍‌ଘାଟନ କରୁଛନ୍ତି ।



ପ୍ରଧାନ ବିଚାରପତି ଭାଷଣ ଦେଉଛନ୍ତି ।


କାହାରିକୁ ନ ଡରି ବା
କାହାରିକୁ ଅନୁଗ୍ରହ ନ ଦେଖାଇ
ମୁଁ ଭୋଟ ଦେବି
ମୋରି ଭୋଟ ବଳରେ ସରକାର ଗଢ଼ାଯିବ
ଭାରତର ନିର୍ବାଚନ କମିଶନ



୧୯୭୧ ଜାନୁଆରୀ ୧୦ ତାରିଖ ଦିନ କାନାଡ଼ାର ପ୍ରଧାନମନ୍ତ୍ରୀ ଟ୍ରୁଡୋ ସାରନାଥର ବୌଦ୍ଧ ମନ୍ଦିର ପରିଦର୍ଶନ କରୁଛନ୍ତି

# ଆଦିବାସୀ ଉପଦେଷ୍ଟା ପରିଷଦ

ଆଦିବାସୀମାନଙ୍କର ଉନ୍ନତି କଳ୍ପେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପରାମର୍ଶ ଦେବା ପାଇଁ ଓଡ଼ିଶା ସରକାର ଆଦିବାସୀ ଉପଦେଷ୍ଟା ପରିଷଦର ପୁନର୍ଗଠନ କରିଛନ୍ତି ।

୨୦ ଜଣ ସଦସ୍ୟ ବିଶିଷ୍ଟ ଏହି ପୁନର୍ଗଠିତ ପରିଷଦରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାଶ ସଭାପତି ରହିଛନ୍ତି ଏବଂ ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ ଉପ-ସଭାପତି ରହିଛନ୍ତି । ଏହି ପରିଷଦର ଅନ୍ୟାନ୍ୟ ସଦସ୍ୟମାନେ ହେଲେ :— (୧) ଶ୍ରୀ ସିଙ୍ଗରାଇ ମୁର୍ମୁ, ଶ୍ରମ, କର୍ମ ସଂସ୍ଥାନ ଓ ଗୃହ ନିର୍ମାଣ ମନ୍ତ୍ରୀ; (୨) ଶ୍ରୀ ଗଙ୍ଗାଧର ପ୍ରଧାନ, ପଶୁପାଳନ ଓ ମତ୍ସ୍ୟଜୀବ ମନ୍ତ୍ରୀ ; (୩) ଶ୍ରୀ ଘାସିରାମ ମାଝୀ, ଏମ୍. ଏଲ. ଏ; (୪) ଶ୍ରୀ ଧନେଶ୍ୱର ମାଝୀ, ଏମ୍ ଏଲ. ଏ ; (୫) ଶ୍ରୀ ନରେଶ ଚନ୍ଦ୍ର ପ୍ରଧାନ, ଏମ୍. ଏଲ. ଏ. ; (୬) ଶ୍ରୀ କୁର୍ଶାଁ ଭୀଆ ମାଝୀ, ଏମ୍. ଏଲ. ଏ. ; (୭) ଶ୍ରୀ ଧନସାରୀ ଉନ୍ଦାଗି, ଏମ୍ ଏଲ. ଏ.; (୮) ଶ୍ରୀ ... ମାଝୀ, ଏମ୍. ଏଲ. ଏ.; (୯) ଶ୍ରୀ ସହରାଇ ଓରାମ, ଏମ୍. ଏଲ. ... (୧୦) ଶ୍ରୀ ଛୋଟରାୟ ମାଝୀ, ଏମ୍. ଏଲ. ଏ. ; (୧୧) ଶ୍ରୀ ... ମାଝୀ, ଏମ୍. ଏଲ. ଏ. ; (୧୨) ଶ୍ରୀ ଶ୍ରୀପତି ପ୍ରଧାନ, ଏମ୍. ଏଲ. ... (୧୩) ଶ୍ରୀ ମହେଶ୍ୱର ମାଝୀ. ଏମ୍. ଏଲ. ଏ. ; (୧୪) ଶ୍ରୀ ... ସାହୁ, ଏମ୍. ଏଲ୍. ଏ. ; (୧୫) ଶ୍ରୀ ନିତାଦ୍ରି ନାଏକ, ଏମ୍. ଏଲ୍. ... (୧୬) ଡାକ୍ତର ଏଲ୍. କେ. ମହାପାତ୍ର ; (୧୭) ଶ୍ରୀ ... ଦାଶ, ପୂର୍ବତନ ବାଚସ୍ପତି; (୧୮) ଶ୍ରୀ ଚନ୍ଦ୍ର ମୋହନ ସିଂହ, ପୂର୍ବ... ଉପମନ୍ତ୍ରୀ ।

ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗର ଶାସନ ସଚିବ ... ଆଦିବାସୀ ଉପଦେଷ୍ଟା ପରିଷଦର ସଂପାଦକ ରୂପେ ... କରିବେ ।

---

# ମହିଳା ସମିତି ପୁରସ୍କାର ପ୍ରତିଯୋଗିତା

ଓଡ଼ିଶାରେ ଥିବା ମହିଳା ସମିତିଗୁଡ଼ିକର ଅର୍ଥନୈତିକ କାର୍ଯ୍ୟକଳାପକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ୧୯୬୧--୬୨ ମସିହାରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ (ଗୋଷ୍ଠୀ ଉନ୍ନୟନ) ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି କରିଛନ୍ତି । ଏହି ଯୋଜନା ଅନୁଯାୟୀ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ମହିଳା ସମିତି ଏହି ପ୍ରତିଯୋଗିତାରେ ଯୋଗଦାନ କରିପାରିବେ । ଏଥିନିମନ୍ତେ କୌଣସି ପ୍ରବେଶିକା ଫିସ୍ ଦେବାକୁ ପଡ଼ିବ ନାହିଁ । ଏହି ପ୍ରତିଯୋଗିତାର କାର୍ଯ୍ୟକାଳ ୧୯୬୦ ଅପ୍ରେଲ ପହିଲାଠାରୁ ୧୯୬୧ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ—ଏକ ବର୍ଷ । ନିମ୍ନୋକ୍ତ ପର୍ଯ୍ୟାୟ ଅନୁଯାୟୀ ପୁରସ୍କାର ପ୍ରଦାନ ଉଦ୍ଦେଶ୍ୟରେ ଶ୍ରେଷ୍ଠ ମହିଳା ସମିତିଗୁଡ଼ିକୁ ବାଛିବା ପାଇଁ ବ୍ଲକ୍, ଜିଲ୍ଲା ଓ ରାଜ୍ୟ ସ୍ତରରେ କମିଟିମାନ ଗଠନ କରାଯାଇଛି ।

ଯେଉଁ ସବୁ ମହିଳା ସମିତି ମାଛ ଚାଷ, ପନିପରିବା ବଗିଚା, ସିଲେଇ, ବୁଣାବୁଣି କାମ, ଶିଶୁ ଓ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଭୋଜନ କାର୍ଯ୍ୟକ୍ରମ, ପରିବାର ଯୋଜନା, ବାଲୱାଡ଼ି, ପଲ୍ଲୀଶ୍ରୋତା ମଣ୍ଡଳୀ ଓ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିବେ ଏବଂ ଉପରୋକ୍ତ ପ୍ରତିଯୋଗିତାରେ ଯୋଗ ... ପାଇଁ ଆଗ୍ରହୀ ଥିବେ, ସେମାନେ ଭାରତ ସରକାରଙ୍କ ... ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ପୂରଣ କରି ନିଜ ନିଜର ବ୍ଲକ୍ ... ଅଫିସରଙ୍କ ନିକଟରେ ଦାଖଲ କରି ପାରିବେ । ଏହି ... ଦରଖାସ୍ତ ଫର୍ମ ବ୍ଲକ୍ ଉନ୍ନୟନ ଅଫିସରଙ୍କ ମିଳିପାରିବ । ... ରାଜ୍ୟ ସ୍ତରୀୟ କମିଟି ମହିଳା ସମିତିଗୁଡ଼ିକର ... ଅନୁଯାୟୀ "କ", 'ଖ" ଓ 'ଗ" ପର୍ଯ୍ୟାୟରେ ବାଛିବା ... ରାଜ୍ୟ ସ୍ତରୀୟ କମିଟିକୁ ସେମାନଙ୍କର ସୁପାରିସ ପଠାଇ... ରାଜ୍ୟ ସ୍ତରୀୟ କମିଟି ମହିଳା ସମିତିଗୁଡ଼ିକର କାର୍ଯ୍ୟ... ସବିଶେଷ ଯାଞ୍ଚ କରି ୧୯୬୧--୬୨ ଆର୍ଥିକ ବର୍ଷରେ ପୁର... ପାଇବା ପାଇଁ ଉପଯୁକ୍ତ ମହିଳା ସମିତିଗୁଡ଼ିକୁ ବାଛିବେ ।

"କ" ପର୍ଯ୍ୟାୟର ପ୍ରତ୍ୟେକ ଟ ୧,୦୦୦ଙ୍କା

"ଖ" ପର୍ଯ୍ୟାୟର ପ୍ରତ୍ୟେକ ଟ ୬୦୦ଙ୍କା

"ଗ" ପର୍ଯ୍ୟାୟର ପ୍ରତ୍ୟେକ ଟ ୪୦୦ଙ୍କା

# ଆମ ରାଜ୍ୟ

## ହାସପାତାଳମାନଙ୍କରୁ ସ୍ୱତନ୍ତ୍ର ଶଯ୍ୟା ଉଠିଲା

ରାଜ୍ୟର ଯେଉଁସବୁ ହାସପାତାଳମାନଙ୍କରେ ୬୦ କିମ୍ବା ତହିଁରୁ ଅଧିକ ସଂଖ୍ୟକ ଶଯ୍ୟା ରହିଛି, ସେଥି ମଧ୍ୟରୁ ଶତକଡ଼ା ୨୫ ଭାଗ ଶଯ୍ୟା "ପେଇଙ୍ଗ୍ ବେଡ୍" ରୂପେ ରଖିବାକୁ ସରକାର ତା ୨୪-୨-୧୯୬୯ରିଖର ନଂ ୪୯୦୮-ଏଚ୍ ଆଦେଶନାମାରେ ନିଷ୍ପତ୍ତି ନେଇଥିଲେ । ଏହା ପରେ ୧୯୬୯ ଜୁନ୍ ମାସଠାରୁ "ପେଇଙ୍ଗ୍ ବେଡ୍" ଗୁଡ଼ିକ ସ୍ୱତନ୍ତ୍ର ଶଯ୍ୟାଭୁକ୍ତ କରାଯାଇଥିଲା । ଏହି ସ୍ୱତନ୍ତ୍ର ଶଯ୍ୟା ପାଇଁ ଜଣେ ରୋଗୀକୁ ଦୈନିକ ଟ ୩.୦୦ ଦେବାକୁ ହେଉଥିଲା । ସେତେବେଳେ ଆଶା କରାଯାଉଥିଲା ଯେ ଏ ବାବଦରେ ଯେଉଁ ଆୟ ହେବ, ତାହା ଦୈନିକ ଟ ୧.୦୦ରୁ ଟ ୧.୫୦କୁ ବଢ଼ାଇ ଦିଆଯାଉଥିବା ଅତିରିକ୍ତ ପଥ୍ୟ ଖର୍ଚ୍ଚକୁ ପୂରଣ କରିପାରିବ । ଏ ଦିଗରେ ଯାହା ଆୟ ହେବାର କଥା ତାହା ସନ୍ତୋଷଜନକ ହୋଇନାହିଁ । ସାଧାରଣ ୱାର୍ଡଗୁଡ଼ିକରେ ଅତ୍ୟଧିକ ଭିଡ଼ ହେଉଥିବା ସ୍ଥଳେ ବହୁ ସଂଖ୍ୟକ ସ୍ୱତନ୍ତ୍ର ଶଯ୍ୟା ଖାଲି ପଡ଼ୁଥିବାର ଦେଖାଯାଉଛି । ଏହା ଫଳରେ ବହୁ ଦରିଦ୍ର ରୋଗୀ ଅସୁବିଧା ଭୋଗୁଥିଲେ ।

ଏଣୁ ସରକାର ତା ୧-୬-୧୯୭୧ରିଖରୁ ଏହି ସ୍ୱତନ୍ତ୍ର ଶଯ୍ୟା ବ୍ୟବସ୍ଥା ଉଠାଇ ଦେଇଛନ୍ତି । ରାଜ୍ୟର ବିଭିନ୍ନ ହାସପାତାଳର ସାଧାରଣ ୱାର୍ଡଗୁଡ଼ିକରେ ବର୍ଦ୍ଧିତ ପଥ୍ୟ ବ୍ୟବସ୍ଥାର କୌଣସି ପରିବର୍ତ୍ତନ କରାଯିବ ନାହିଁ ।

———

## ଗ୍ରାମ ପଞ୍ଚାୟତ ବିଭାଗରୁ ସ୍ଥାୟୀ କରାଗଲା

ଗ୍ରାମପୋଷ୍ଟ ଉନ୍ନୟନ ଓ ପଞ୍ଚାୟତିରାଜ (ଗ୍ରାମ ପଞ୍ଚାୟତ) ସଂସ୍ଥା ସହିତ ଗ୍ରାମ ପଞ୍ଚାୟତ ନିର୍ଦ୍ଦେଶାଳୟକୁ ୧୯୬୫ ଜାନୁୟାରୀ ୨୪ ତାରିଖରୁ ସ୍ଥାୟୀ କରାଗଲା ବୋଲି ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି ।

ଏହି ନିଷ୍ପତ୍ତି ଫଳରେ ଗ୍ରାମ ପଞ୍ଚାୟତ ନିର୍ଦ୍ଦେଶାଳୟ ଏବଂ ସରକାରଙ୍କ ପ୍ରଶାସନ ବିଭାଗ ଅଧିନରେ ରହିଥିବା ଯେଉଁସବୁ ଚାକିରୀ ଏ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ପାରି ନାହିଁ ସେଗୁଡ଼ିକୁ ସରକାରଙ୍କ ସ୍ୱରାଷ୍ଟ୍ର ଏବଂ ରାଜନୀତି ଓ ପ୍ରଶାସନିକ ବିଭାଗ ତରଫରୁ ଥରକୁ ଥର ପ୍ରଣୀତ ହୋଇଥିବା ନିୟମାନୁଯାୟୀ ସ୍ଥାୟୀ କରାଯିବ ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ଗ୍ରାମ ପଞ୍ଚାୟତ-ଗୁଡ଼ିକର ସ୍ଥାପନ ଭାରତୀୟ ସମ୍ବିଧାନର ୪୦ ଅନୁଚ୍ଛେଦରେ ବର୍ଣ୍ଣିତ ନିର୍ଦ୍ଦେଶକ ନୀତି ମଧ୍ୟରୁ ଅନ୍ୟତମ । ସମ୍ବିଧାନ କାର୍ଯ୍ୟକାରୀ ହେବା ପୂର୍ବରୁ ମଧ୍ୟ ୧୯୪୮ ମସିହାର ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଅନୁଯାୟୀ ରାଜ୍ୟରେ ଅଳ୍ପ ସଂଖ୍ୟକ ଗ୍ରାମ ପଞ୍ଚାୟତ ସ୍ଥାପିତ ହୋଇଥିଲା। ଯେଉଁ ସବୁ ଅଞ୍ଚଳରେ ମ୍ୟୁନିସିପାଲିଟି କିମ୍ବା ଏନ୍. ଏ. ସି. ଅଛି, ସେହି ସବୁ ଅଞ୍ଚଳ ବ୍ୟତୀତ କାଳକ୍ରମେ ସମଗ୍ର ରାଜ୍ୟକୁ ପଞ୍ଚାୟତ ପରିସର ମଧ୍ୟକୁ ଅଣାଯାଇଛି । ପ୍ରକୃତ ପକ୍ଷେ ଗ୍ରାମ ପଞ୍ଚାୟତ-ଗୁଡ଼ିକ ସ୍ୱାୟତ୍ତ ଶାସନର ଗୋଟିଏ ଗୋଟିଏ ସଂସ୍ଥା ରୂପେ କାର୍ଯ୍ୟ କରୁଛି ଏବଂ ଆଇନ୍ ଅନୁଯାୟୀ ସେମାନଙ୍କ ଉପରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ତୁଲାଇବା ନିମନ୍ତେ ଗ୍ରାମ ପଞ୍ଚାୟତଗୁଡ଼ିକୁ ଆବଶ୍ୟକୀୟ କ୍ଷମତା ଦିଆଯାଇଅଛି ।

---

## ସ୍ୱାଧୀନତା ସଂଗ୍ରାମ ସୈନିକଙ୍କର ସନ୍ତାନସନ୍ତତିଙ୍କ ନିମନ୍ତେ ବୃତ୍ତି

ସ୍ୱାଧୀନତା ସଂଗ୍ରାମରେ ଭାଗନେଇଥିବା ବ୍ୟକ୍ତି ଓଡ଼ିଶାର ସ୍ଥାୟୀ ବାସିନ୍ଦା କିମ୍ବା ପାକିସ୍ଥାନରୁ ଆସିଥିବା ପ୍ରକୃତ ଶରଣାର୍ଥୀ ହୋଇଥିଲେ, ସେମାନଙ୍କର ସନ୍ତାନସନ୍ତତିମାନଙ୍କୁ ୧୯୭୧-୭୨ ମସିହାରେ ବୃତ୍ତି ଦେବା ନିମନ୍ତେ ନିର୍ଦ୍ଧାରିତ 'କ' ଓ 'ଖ' ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଇଛି । ଏହି ଦରଖାସ୍ତ ନିମନ୍ତେ ଆବଶ୍ୟକୀୟ ଫର୍ମ ଶିକ୍ଷା ବିଭାଗ ନିର୍ଦ୍ଦେଶାଳୟ (ଉଚ୍ଚଶିକ୍ଷା) ଭୁବନେଶ୍ୱରରେ ମିଳି ପାରିବ । ବୃତ୍ତି ପାଇଁ ଇଚ୍ଛୁକ ଛାତ୍ରମାନେ ରାଜ୍ୟ ମଧ୍ୟରେ କିମ୍ବା ରାଜ୍ୟ ବାହାରେ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ନିୟମିତ ଶିକ୍ଷାଲାଭ କରୁଥିବା ଆବଶ୍ୟକ । ୧୯୭୧ ମସିହାର ହାଇସ୍କୁଲ ସାର୍ଟିଫିକେଟ, ପ୍ରାକ୍-ବିଶ୍ୱବିଦ୍ୟାଳୟ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ପ୍ରଥମ ବାର୍ଷିକ ବିଜ୍ଞାନ, କଳା, ବାଣିଜ୍ୟ, ପ୍ରାକ୍-ବୈଷୟିକ ଏବଂ ବି. ଏ. ଓ ବି. ଏସ୍‌ସି ପରୀକ୍ଷାରେ ଯେଉଁମାନେ ଉତ୍ତୀର୍ଣ୍ଣ ହୋଇଥିବେ ସେମାନେ ଏହି ବୃତ୍ତି ଲାଭ ନିମନ୍ତେ ଆବେଦନ କରି ପାରିବେ । 'କ' ଦରଖାସ୍ତ ଫର୍ମରେ 'ସ୍ୱାଧୀନତା ସଂଗ୍ରାମୀ' ଶବ୍ଦର ସଂଜ୍ଞା ଉଲ୍ଲେଖ କରାଯାଇଛି ।

ଯେଉଁ ସ୍ୱାଧୀନତା ସଂଗ୍ରାମୀମାନଙ୍କର ମାସିକ ଆୟ ଟ୩୦୦ରୁ ଅଧିକ ହେଉ ନ ଥିବ, କେବଳ ସେମାନଙ୍କ ପୁତ୍ରକନ୍ୟା, ପୋଷ୍ୟ ଓ ସାବତ ପୁତ୍ରକନ୍ୟା ଏବଂ ପୌତ୍ର, ଯାହାଙ୍କର କି ପିତା ପୂର୍ବରୁ ମୃତ୍ୟୁବରଣ କରିଥିବେ, ଏହି ବୃତ୍ତି ପାଇପାରିବେ । ପୋଷ୍ୟ ପୁତ୍ରଙ୍କ ପକ୍ଷରେ ତାଙ୍କର ପୋଷ୍ୟପିତାଙ୍କ ନାମ, ନାମରେଖା ଖାତିରେ ଷ୍ଟରରେ ଉଲ୍ଲେଖ ଅଛି କି ନାହିଁ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କ ଠାରୁ ଏ ସଂପର୍କରେ ଏକ ସାର୍ଟିଫିକେଟ ଦରଖାସ୍ତ ଫର୍ମ ସହିତ ଦାଖଲ କରିବାକୁ ପଡ଼ିବ ।

ଇଚ୍ଛୁକ ଆବେଦନକାରୀ, ସ୍ଥାନ ବିଶେଷରେ ଲୋକସଭା, ବିଧାନସଭା ସଦସ୍ୟ କିମ୍ବା ଜିଲ୍ଲାପାଳଙ୍କଠାରୁ 'ଖ' ଫର୍ମରେ ଆଣିଥିବା ସାର୍ଟିଫିକେଟ ସମେତ୍ 'କ' ଫର୍ମ ଯଥାଯଥ ଭାବେ ପୂରଣ କରି ୧୯୭୧ ମସିହା ଅଗଷ୍ଟ ୩୧ ତାରିଖ ସୁଦ୍ଧା ଶିକ୍ଷା ବିଭାଗ ନିର୍ଦ୍ଦେଶାଳୟରେ ଦାଖଲ କରିବେ । ନିର୍ଦ୍ଧାରିତ ତାରିଖ ପରେ ଦାଖଲ ହୋଇଥିବା ଦରଖାସ୍ତ କିମ୍ବା ସଂପୂର୍ଣ୍ଣ ଓ ନିର୍ଭୁଲ ଭାବେ ପୂରଣ ହୋଇ ନ ଥିବା ଦରଖାସ୍ତଗୁଡ଼ିକ ବିଚାରକୁ ନିଆଯିବ ନାହିଁ ।

ଆବେଦନକାରୀ ଜାଣିଶୁଣି ଦରଖାସ୍ତରେ ଭୁଲ ତଥ୍ୟ ଦେଇଥିଲେ ବୃତ୍ତି ବାବଦରେ ପ୍ରଦତ୍ତ ସମସ୍ତ ଅର୍ଥ ତାଙ୍କୁ ଫେରଇ ଦେବାକୁ ପଡ଼ିବ ଏବଂ ସଂପୃକ୍ତ ଛାତ୍ରଙ୍କ ନାମ ଦୋଷୀ ତାଲିକାରେ ଅନ୍ତର୍ଭୁକ୍ତ

ଏ ପ୍ରକଳ୍ପରେ ଚଳିତ ଆର୍ଥିକ ବର୍ଷରେ ଭାରତ ସରକାରଙ୍କଠାରୁ ଅନୁଦାନ ଆକାରରେ ୧,୩୦,୦୦୦ ଟଙ୍କା ମିଳିଛି । ତେଣୁ ବିଭିନ୍ନ ବ୍ଲକ ଗ୍ରାମ୍ୟ ସକ୍ରିୟ ମହିଳା ସମିତିଗୁଡ଼ିକ ପୁରସ୍କାର ହାସଲ କରିବା ନିମନ୍ତେ ଏହି ପ୍ରତିଯୋଗିତାରେ ଭାଗ ନେଇ ପାରିବେ ।

ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଇଚ୍ଛୁକ ମହିଳା ସମିତି ସବିଶେଷ ବିବରଣୀ ଜାଣିବା ନିମନ୍ତେ ନିଜ ଅଞ୍ଚଳର ବ୍ଲକ ଉନ୍ନୟନ ଅଫିସରଙ୍କ ସହିତ ସାକ୍ଷାତ କରି ପାରନ୍ତି କିମ୍ବା ପଞ୍ଚାୟତିରାଜ (ଗୋଷ୍ଠୀ ଉନ୍ନୟନ) ବିଭାଗର ସହକାରୀ ନିର୍ଦ୍ଦେଶକଙ୍କୁ (ମହିଳା କାର୍ଯ୍ୟକ୍ରମ) ସହିତ ପତ୍ରାଳାପ କରିପାରନ୍ତି ।

---

# ଓଡ଼ିଶା କୃଷି ଆୟକର ନିୟମାବଳୀର ସଂଶୋଧନ

୧୯୪୭ ମସିହା କୃଷି ସମ୍ବନ୍ଧୀୟ ଆୟକର ଆଇନ୍‌ର ୭ମ ଧାରା ଅନୁଯାୟୀ କରଦାତା ନିଜର ଦେୟକର ବଦଳରେ ଏକକାଳୀନ ଟଙ୍କା ଏହି ବାବଦରେ ନିର୍ଦ୍ଦିଷ୍ଟ କାର୍ଯ୍ୟବିଧି ଉପାୟରେ ଦାଖଲ କରି ପାରିବେ । କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟବିଧିର ଅଭାବରୁ କରଦାତାମାନେ ଯୌଗିକ ହାରରେ କର ଦାଖଲ ରିଆତିରୁ ବଞ୍ଚିତ ହେଉଥିଲେ । ଏଣୁ ଆୟକର ଆଇନ୍‌ର ୭ମ ଧାରା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରି ନଥିଲା ।

ରାଜ୍ୟ ସରକାର ଏପରି ଏକ ପରିସ୍ଥିତି ବିଷୟରେ ଅବଗତ ହୋଇ ଦେୟକର ବଦଳରେ କରଦାତାଙ୍କୁ ଏହି ବାବଦରେ ଏକ କାଳୀନ କିଛି ଟଙ୍କା ଦେବା ନିମନ୍ତେ ୧୯୪୮ ମସିହା ଓଡ଼ିଶା କୃଷି ସମ୍ବନ୍ଧୀୟ ଆୟକର ନିୟମଗୁଡ଼ିକର ୧୯୭୧ ମସିହା ମାର୍ଚ୍ଚ ୨୬ ତାରିଖଠାରୁ କେତେକ ଆବଶ୍ୟକୀୟ ସଂଶୋଧନ କରିଛନ୍ତି । ଏହି ସଙ୍ଗେ ସଙ୍ଗେ ସେଥିରେ କରଧାର୍ଯ୍ୟ କରିବାର ଉପାୟ ଓ ଆୟକରର ନିର୍ଦ୍ଦିଷ୍ଟ ପରିମାଣର କାର୍ଯ୍ୟ ବିଧି ପୁଙ୍ଖାନୁପୁଙ୍ଖ ଭାବରେ ଉଲ୍ଲେଖ କରିଛନ୍ତି ।

କୃଷି ସମ୍ବନ୍ଧୀୟ ଆୟକରର ଉପରୋକ୍ତ ସଂଶୋଧିତ ନିୟମ ଅନୁଯାୟୀ ଅବିଭକ୍ତ ହିନ୍ଦୁ ପରିବାରର କର୍ତ୍ତା ଯେ ପ୍ରଜା କିମ୍ବା ରଯତ ଭାବରେ ଜମିର ମାଲିକ ଅଟନ୍ତି, ସେ ଆୟକର ଆଇନ୍‌ର ୭ମ ଧାରା ୨ୟ ଅନୁସାରେ ଆୟକର ସଂଯୋଜନ ନିମନ୍ତେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଆବେଦନ କରିପାରନ୍ତି ।

ଯେଉଁ ବ୍ୟକ୍ତି କୌଣସି ଉପାୟରେ ଜମିର ପ୍ରଜା କିମ୍ବା ମାଲିକ ନୁହନ୍ତି କିମ୍ବା ସେ ବେଆଇନ୍ ଦଖଲ କରିଥାଆନ୍ତି, ସେ ୧୯୫୮ ମସିହା ଓଡ଼ିଶା ଜମି ଅନଧିକାର ଦଖଲ ଅଟକ ଆଇନ ଅନୁସାରେ ଯଦି ପ୍ରଜା କିମ୍ବା ରଯତ ଭାବରେ କିଛି ଜମିର ମାଲିକ ହୋଇଥାଆନ୍ତି, ତେବେ ସେ ଏହି କର ସଂଯୋଜନ ନିମନ୍ତେ ଆବେଦନ କରି ପାରନ୍ତି । ଫାର୍ମ, କମ୍ପାନୀ କିମ୍ବା କେତେକ ବ୍ୟକ୍ତି ସମୂହ ବ୍ୟତୀତ ଉକ୍ତ ଆଇନ୍ ଅନୁଯାୟୀ ଯେଉଁ ରେଜିଷ୍ଟ୍ରିଭୁକ୍ତ ସମବାୟ ସମିତିଗୁଡ଼ିକ ଉପରୋକ୍ତ ଆୟକର ନିମନ୍ତେ ପ୍ରଯୁଜ୍ୟ ବୋଲି ବିବେଚିତ ହୁଅନ୍ତି, ଉକ୍ତ ସମବାୟ ସମିତି-ଗୁଡ଼ିକ ସେମାନଙ୍କର ଆୟକର ସଂଯୋଜନ ନିମନ୍ତେ ଆବେଦନ କରିବାକୁ ଯୋଗ୍ୟ ବିବେଚିତ ଅଟନ୍ତି ।

ଓଡ଼ିଶା କୃଷି ସମ୍ବନ୍ଧୀୟ ଆୟକର ଆଇନ୍‌ର ୨୫, ୨୬, ୨୭, ୨୮, ୨୯, ୩୦, ୩୧, ୩୨ ଓ ୩୩ର ନିୟମଗୁଡ଼ିକରେ କର ସଂଯୋଜନ ନିମନ୍ତେ ବ୍ୟକ୍ତି ବିଶେଷଙ୍କର ଯୋଗ୍ୟତା, ଯୌଗିକ ହାରରେ ରିଆତିର ବ୍ୟବସ୍ଥା, କର ନିର୍ଦ୍ଧାରଣର କାର୍ଯ୍ୟବିଧି, କର ଧାର୍ଯ୍ୟର ପରିମାଣ, ଯୌଗିକ ହାରରେ କର ଦାଖଲ କରିବା ନିମନ୍ତେ ନିର୍ଦ୍ଦିଷ୍ଟଦିନ ଏବଂ ଉପାୟ, କିସ୍ତିରେ କର ଦାଖଲ ପରିମାଣ, କେଉଁ ପରିସ୍ଥିତି ମଧ୍ୟରେ କର ସଂଯୋଜନର ଆଦେଶନାମା ସବୁଦିନ ପାଇଁ ବାତିଲ ହେବ ଏବଂ ଏ ଆୟକର ସମ୍ବନ୍ଧୀୟ ଅନ୍ୟ ସଂପୃକ୍ତ ବିବରଣୀମାନ ସ୍ପଷ୍ଟ ଭାବରେ ସୂଚନା ଦିଆ ଯାଇଛି ।

ଏଣୁ ରାଜ୍ୟ ସରକାର ଆଶା କରନ୍ତି ଯେ କୃଷି ସମ୍ବନ୍ଧୀୟ ଇଚ୍ଛୁକ ଆୟକରଦାତା ୧୯୭୧ ମସିହା ମାର୍ଚ୍ଚ ୨୬ ତାରିଖଠାରୁ ଅଦ୍ୟାବଧି ଦିଆଯାଉଥିବା ଯୌଗିକ ହାରରେ ରିଆତିର ସୁଯୋଗ ନେବେ ।

---

ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ବିଶେଷଜ୍ଞ କମିଟି ଏବର୍ଷ ଏହି ପ୍ରାରମ୍ଭିକ ମନୋନୟନ କରି ଅଖିଳ ଭାରତ ହସ୍ତଶିଳ୍ପ ବୋର୍ଡ, ଦିଲ୍ଲୀଙ୍କ ପାଖକୁ ଯୋଗ୍ୟ ଶିଳ୍ପୀ ଓ ସେମାନଙ୍କର କାମର ନମୁନା ଗୁଡ଼ିକ ଜାତୀୟ ପୁରସ୍କାର ପ୍ରାପ୍ତି ପାଇଁ ବିଚାର ଉଦ୍ଦେଶ୍ୟରେ ଓଡ଼ିଶାରୁ ସୁପାରିଶ୍ କରିବେ । କୃତୀ ଶିଳ୍ପୀମାନେ ଏହି ପ୍ରତିଯୋଗିତାରେ ଆଗ୍ରହ ସହକାରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ । ଏ ସମ୍ବନ୍ଧରେ ଯୁଗ୍ମ ଶିଳ୍ପ ନିର୍ଦ୍ଦେଶକଙ୍କ (ଖଦି ଓ ଗ୍ରାମୋଦ୍ୟୋଗ) ଭୁବନେଶ୍ୱର/ଓଡ଼ିଶା ସମବାୟ ହସ୍ତଶିଳ୍ପ ନିଗମ, ନିମଚୌଡ଼ି, କଟକ-୨/ଜିଲା ଶିଳ୍ପ ଅଧିକାରୀ/ପରିଷ୍ଦର, ଫିଲିଗ୍ରି, ମଧୁପାଟଣା, କଟକଙ୍କ ସଙ୍ଗେ ଦରକାର ହେଲେ ପରାମର୍ଶ ଓ ସବିଶେଷ ବିବରଣୀ ପାଇଁ ପତ୍ରାଳାପ କରି ପାରନ୍ତି ।

---

# ଭୋଟର ତାଲିକା ସଂଶୋଧନ

ବାଲେଶ୍ୱର ଜିଲ୍ଲାର ୧୮—ଭଦ୍ରଖ, କଟକ ଜିଲ୍ଲାର ୩୦—ଗଜନଗର, କଳାହାଣ୍ଡି ଜିଲ୍ଲାର ୯୧—ଲୋକସରା ଓ ସୁନ୍ଦରଗଡ଼ ଜିଲ୍ଲାର ୧୨୫—ରାଉରକେଲା ବିଧାନ ସଭା ନିର୍ବାଚନ ମଣ୍ଡଳୀ—ଗୁଡ଼ିକର ଭୋଟରେ ତାଲିକାଗୁଡ଼ିକ (ଯାହାକି ୨୨-୬-୧୯୭୧ ତାରିଖରେ ଚିଠା ଆକାରରେ ପୂର୍ବରୁ ପ୍ରକାଶିତ ହୋଇ ସାରିଛି) ବ୍ୟତୀତ ଅନ୍ୟ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାମାନ ୨୨-୭-୧୯୭୧ ତାରିଖଠାରୁ ୩୦ ଦିନ ପାଇଁ ଚିଠା ଆକାରରେ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଫିସର-ମାନଙ୍କ (ସବ୍‌ଡିଭିଜନାଲ ଅଫିସର) କାର୍ଯ୍ୟାଳୟରେ ପ୍ରକାଶିତ ହେବ । ଉକ୍ତ ତାଲିକାଗୁଡ଼ିକର ସଂପୃକ୍ତ ଭାଗଗୁଡ଼ିକ ତହସିଲଦାର, ବ୍ଲକ୍ ଉନ୍ନୟନ ଅଫିସରମାନଙ୍କ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ/ମ୍ୟୁନିସିପାଲ ଅଫିସ ମାନଙ୍କରେ ମଧ୍ୟ ପ୍ରକାଶିତ ହେବ । ଭାରତର ପ୍ରତ୍ୟେକ ନାଗରିକ, ଯାହାକୁ ୧୯୭୧ ଜାନୁଆରୀ ପହିଲାଦିନ ୨୧ ବର୍ଷ ପୂରିଯାଇଥିବ, ତାଙ୍କ ନାମ ଭୋଟର ତାଲିକାରେ ଦରଜ ହୋଇଛି କି ନାହିଁ, ତାହା ଯାଞ୍ଚ କରିନେବା ପାଇଁ ତାଙ୍କୁ ଅନୁରୋଧ କରାଯାଉଛି । ଯଦି ତାଙ୍କ ନାମ ସେଥିରେ ନ ଥାଏ, ତାହାହେଲେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ଦ୍ଧାରିତ ଫର୍ମରେ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଫିସରଙ୍କ (ସବ୍ ଡିଭିଜନାଲ ଅଫିସର) ଠିକଣାରେ ଦରଖାସ୍ତ କରାଯାଇ ପାରେ ଏବଂ ଏହି ଦରଖାସ୍ତ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଫିସର ବା ସହକାରୀ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଫିସର କିମ୍ବା ଏ ସମ୍ପର୍କରେ ନିର୍ବାଚନ ରେଜଷ୍ଟ୍ରେସନ୍ ଅଫିସରଙ୍କ ଦ୍ୱାରା ନିଯୁକ୍ତ ଅନ୍ୟ କୌଣସି ଅଫିସର ଯଥା : ତହସିଲଦାର, ଅତିରିକ୍ତ ତହସିଲଦାର, ବ୍ଲକ୍ ଉନ୍ନୟନ ଅଫିସର, ରେଭିନ୍ୟୁ ଅଫିସର, ପଞ୍ଚାୟତ ସଂପ୍ରସାରଣ ଅଫିସର, ଲ୍ୟାଣ୍ଡ ଆକ୍ୟୁଜିସନ୍ ଅଫିସର, ବିଜ୍ଞପିତ ଅଞ୍ଚଳ ପରିଷଦର ଏକ୍‌ଜିକ୍ୟୁଟିଭ୍ ଅଫିସର ପ୍ରଭୃତିଙ୍କ ନିକଟରେ ଦାଖଲ କରାଯାଇପାରେ ଅଥବା ଡାକ ଯୋଗେ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଫିସରଙ୍କ ନିକଟକୁ ପଠାଯାଇପାରେ ।

ଯଦି କାହାରି ନାମ ଭୁଲରେ ଅଥବା ଅଶୁଦ୍ଧ ଭାବରେ ଭୋଟରେ ତାଲିକାରେ ଅନ୍ତର୍ଭୁକ୍ତ ହୋଇ ଥାଏ, ତେବେ ନିର୍ଦ୍ଧାରିତ ଫାରମରେ ଆପତ୍ତି ଦରଖାସ୍ତ କରାଯାଇ ପାରିବ । ଏ ସମ୍ପର୍କରେ ଉପରଲିଖିତ କାର୍ଯ୍ୟବିଧି ଅନୁସରଣ କରିବାକୁ ପଡ଼ିବ ।

ଏହି ସ୍ତରରେ ଗୋଟିଏ ମାତ୍ର ଫାରମରେ ପ୍ରତ୍ୟେକ ଦାବୀ ଓ ଆପତ୍ତି ଦରଖାସ୍ତ ଦେବାକୁ ହେବ । ପ୍ରତି ଛାପା ଫାରମର ନକଲ ୫ ପଇସା ମୂଲ୍ୟରେ ସବ୍‌ଡିଭିଜନାଲ ଅଫିସର (ନିର୍ବାଚନ ରେଜିଷ୍ଟ୍ରେସନ୍ ଅଫିସର), ସହକାରୀ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଫିସର, ଏ ସଂପର୍କରେ ନିଯୁକ୍ତ ଅଫିସରମାନଙ୍କର କାର୍ଯ୍ୟାଳୟ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟମାନଙ୍କରେ ମିଳିବାକୁ ମିଳିବ । ଆଉ ମଧ୍ୟ ସରକାରୀ ଫାରମର ଅବିକଳ ନକଲ ହୋଇଥିବା ଟାଇପ୍‌କରା, ସାଇକ୍ଲୋଷ୍ଟାଇଲକରା ଓ ହାତଲେଖା ଫାରମରେ ଏଭଳି ଦରଖାସ୍ତ ଦିଆଯାଇ ପାରେ । ତା ୨୨-୭-୧୯୭୧ ରିଖ ଠାରୁ ତା ୨୧-୮-୧୯୭୧ ରିଖ ମଧ୍ୟରେ ଏ ସବୁ ଦରଖାସ୍ତ ଦିଆଯାଇ ପାରିବ ।

---

...ହିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଯେ କୌଣସି ପରିକଳ୍ପନା ...ଯାୟୀ ବୃତ୍ତିଲାଭରୁ ସେ ବଞ୍ଚିତ ହେବେ । ଏଣୁ ଆବେଦନକାରୀ ... ବୃତ୍ତିଧାରୀ ସଂଗ୍ରାମୀ ଉଭୟେ ଦରଖାସ୍ତ ଫର୍ମଟିକୁ ଯଥାଯଥ ...ଭାବେ ପୂରଣ କରିବା ଆବଶ୍ୟକ ଏବଂ ଉପରଲିଖିତ ବ୍ୟକ୍ତି— ...ଙ୍କ ଠାରୁ 'ଗ' ଫର୍ମରେ ଆଣିଥିବା ସାର୍ଟିଫିକେଟରେ ଅସତ୍ୟ ... ଅସମ୍ପୂର୍ଣ୍ଣ ତଥ୍ୟ ଯେପରି ନ ରହେ, ସେଥିପ୍ରତି ଯତ୍ନବାନ୍ ହେବା ଉଚିତ୍ ।

ଗତବର୍ଷ ଯେଉଁ ଛାତ୍ରମାନେ ବୃତ୍ତି ପାଉଥିଲେ, ସେମାନେ ଅନ୍ୟ ପାଠ୍ୟକ୍ରମ ନ ବଦଳାଇ ଉଚ୍ଚତର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇ ଥିଲେ, ଚଳିତ ବର୍ଷ ସେମାନଙ୍କର ବୃତ୍ତି ଜାରି କରାଯିବ । ଚଳିତ ବର୍ଷ ବୃତ୍ତି ଜାରି କରିବା ଉଦ୍ଦେଶ୍ୟରେ ଆବଶ୍ୟକୀୟ ତଥ୍ୟ ଯୋଗାଇ ଦେବା ପାଇଁ ସଂପୃକ୍ତ ଛାତ୍ରମାନଙ୍କୁ ସେମାନଙ୍କର ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କ ଜରିଆରେ ନିର୍ଦ୍ଦେଶ ପଠାଯାଉଛି । ତେଣୁ ଏହି ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ 'କ' ଓ 'ଖ' ଦରଖାସ୍ତ ଫର୍ମରେ ଆବେଦନ କରିବାକୁ ପଡ଼ିବ ନାହିଁ ।

---

# ଜାତୀୟ ହସ୍ତଶିଳ୍ପ ପୁରସ୍କାର

ଭାରତୀୟ ସାଂସ୍କୃତିକ ପରମ୍ପରା ପ୍ରତି ଶିଳ୍ପୀମାନଙ୍କର ...ମୂଲ୍ୟ ଅବଦାନର ସ୍ୱୀକୃତି ସ୍ୱରୂପ ୧୯୬୫ ମସିହା ...ଠାରୁ ପ୍ରତି ବର୍ଷ ଆନୁଷ୍ଠାନିକ ଭାବେ ସର୍ବଭାରତୀୟ ସ୍ତରରେ ଜାତୀୟ ପୁରସ୍କାର (National Award) ଦିଆ ଯାଉଅଛି । ଗତ ସାତ ବର୍ଷ ମଧ୍ୟରେ ଓଡ଼ିଶାରୁ ଦଶଜଣ କୃତୀ ଶିଳ୍ପୀ ଜାତୀୟ ପୁରସ୍କାର ପାଇପାରିଛନ୍ତି । ଏହି କୃତୀ କଳାକାର-ମାନେ ଦିଲ୍ଲୀଠାରେ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଗୋଟିଏ ଲେଖାଏଁ କମନୀୟ ...ଜାତୀୟ ଫଳକ ଓ ଏକ ହଜାର ଟଙ୍କାର ଅଧିକାରୀ ହୋଇଛନ୍ତି ।

୧୯୭୨ ମସିହା ପାଇଁ ମଧ୍ୟ ଏହି ଜାତୀୟ ପୁରସ୍କାର ଦିଆ ଯିବାର ପ୍ରସ୍ତାବ ଅଛି । ସେଥିପାଇଁ ଏ ବର୍ଷ ରାଜ୍ୟ ସ୍ତରରେ ପ୍ରାରମ୍ଭିକ ମନୋନୟନ କରି ବିଭିନ୍ନ ବିଷୟରେ ଯୋଗ୍ୟ ଶିଳ୍ପୀମାନଙ୍କୁ ସୁପାରିଶ କରାଯିବ । ସେଥିପାଇଁ କାରିଗରମାନେ ସେମାନଙ୍କ ଶ୍ରେଷ୍ଠ କାମର ଅନ୍ୟୂନ ଦୁଇଗୋଟି ନମୁନା ସହ ତା ୨୦।୮।୧୯୭୨ ରିଖ ମଧ୍ୟରେ ଯୁଗ୍ମ ଶିଳ୍ପ ନିର୍ଦ୍ଦେଶକଙ୍କ (ଖଦୀ ଓ ଗ୍ରାମୋଦ୍ୟୋଗ, ଓଡ଼ିଶା, ଭୁବନେଶ୍ୱର ୧) ଅଫିସରେ ପହଞ୍ଚାଇବାକୁ ହେବ । ଓଡ଼ିଶାର ନିଜସ୍ୱ ଓ ପରମ୍ପରା ସମ୍ବଳିତ ହସ୍ତଶିଳ୍ପମାନ ଗ୍ରହଣ କରାଯିବ । କାମର ନମୁନା ସହିତ ସ୍ୱତନ୍ତ୍ର କାଗଜରେ ନିମ୍ନଲିଖିତ ବିବରଣୀମାନ ପରିଷ୍କାର ଭାବରେ ଉଲ୍ଲେଖ କରି ଦୁଇକିତା ନକଲ ପଠାଇବା ଆବଶ୍ୟକ ।

୧ । ଶିଳ୍ପୀଙ୍କ ନାମ ଓ ଠିକଣା, ୨ । ବୟସ, ୩ । ହସ୍ତଶିଳ୍ପ, ୪ । ଅଭିଜ୍ଞତା, ୫ । (କ) କାରିଗରିରେ ଦକ୍ଷତା, (ଖ) ନକ୍ସା କରିବାରେ ପାରଙ୍ଗମତା, (ଗ) କାରିଗରି କୌଶଳରେ ପ୍ରତ୍ୟେକ ସ୍ତରରେ ନିପୁଣତା, (ଘ) କାରିଗରି କୌଶଳ ଅଭିବୃଦ୍ଧିରେ କାରିଗରଙ୍କ ଅବଦାନ, ୬ । ଶିଳ୍ପଶାସ୍ତ୍ର / ଅଭିନୟ ଦର୍ପଣ ବା ଶିଳ୍ପପଦ୍ଧତି ଇତ୍ୟାଦିରେ ଜ୍ଞାନ, ୭ । ପୂର୍ବରୁ ବିଶେଷ ଚିତ୍ତାକର୍ଷକ କୌଣସି କାମ କରିଥିଲେ ଏବଂ ତାହା କୌଣସି ସଂଗ୍ରହାଳୟ, ମନ୍ଦିର ବା କଳାପ୍ରେମୀଙ୍କ ଦ୍ୱାରା କ୍ରୟ କରା-ହୋଇଥିଲେ ସେପରି ବସ୍ତୁର ବିସ୍ତୃତ ବିବରଣୀ ଏବଂ ସୁବିଧା ହେଲେ ଫଟୋ ମଧ୍ୟ ପଠାଇବେ । ୮ । କେଉଁ ଗୁରୁଙ୍କ ପାଖରେ ଶିକ୍ଷା ଲାଭ କରିଛନ୍ତି, ୯ । କୌଣସି ବିଶିଷ୍ଟ କାରିଗରଙ୍କୁ ତାଲିମ ଦେଇଥିଲେ ତାଙ୍କ ନାମ, ଠିକଣା ଇତ୍ୟାଦି ଯୋଗାଇବେ, ୧୦ । ସ୍ଥାପତ୍ୟ ଓ କାରୁକଳାରେ କୌଣସି ଲେଖାଲେଖି କରିଥିଲେ ତାହା ଜଣାଇବେ, ୧୧ । ଯେଉଁ ନମୁନା ପଠାଇଲେ ତାର ନାମ ଓ କାରିଗରି ବିବରଣୀ, ୧୨ । ନମୁନାର ନାମ, ୧୩ । ଅନ୍ୟାନ୍ୟ

ଉପରୋକ୍ତ ଜ୍ଞାତବ୍ୟ ବିଷୟ ବ୍ୟତୀତ ପ୍ରତ୍ୟେକ ନମୁନା ସହିତ ସ୍ୱତନ୍ତ୍ର କାଗଜରେ ନିମ୍ନଲିଖିତ ବିବରଣୀମାନ ଯୋଗାଇବେ ।

୧ । କାରିଗରଙ୍କ ନାମ ଓ ଠିକଣା (ନିକଟବର୍ତ୍ତୀ ରେଲ ଷ୍ଟେସନର ନାମ), ୨ । ନମୁନାଟି ବିଷୟରେ ବିସ୍ତୃତ ବିବରଣୀ, ୩ । ନମୁନାଟି କେଉଁ ଦ୍ରବ୍ୟରେ ତିଆରି, ୪ । ନମୁନାଟି ତିଆରି ହୋଇଥିବା ଦିନର ତାରିଖ, ୫ । ଅନ୍ୟାନ୍ୟ ଜ୍ଞାତବ୍ୟ ବିଷୟ ।

# ସମ୍ବାଦପତ୍ର ସମ୍ପାଦକୀୟରୁ

ପାରାଦୀପ ବନ୍ଦର ପାଖରେ ଆନୁଷଙ୍ଗିକ ଶିଳ୍ପ କାରଖାନାମାନ ପ୍ରତିଷ୍ଠିତ ନ ହେଲେ ଓଡ଼ିଶା ତଥା ପୂର୍ବାଞ୍ଚଳର ଆର୍ଥିକ ଉନ୍ନତି ଏବଂ ପାରାଦ୍ୱୀ ବନ୍ଦରର ଆବଶ୍ୟକ ବିନିଯୋଗ ହୋଇ ପାରିବ ନାହିଁ । ଏହା ନ ହେଲେ ପାରାଦ୍ୱୀପ ବନ୍ଦର କୌଣସି ଯୁଦ୍ଧ ଘଟି ଗଲେ ହୁଏତ ବିପଦର କାରଣ ହେବ । ଏହାର ସୁରକ୍ଷା ଓ ସୁବିନିଯୋଗ ତୁରନ୍ତ କରା ଯାଉ ।

—ସମାଜ

* * * * *

କେବଳ ଧାନ ଚାଷ କରି ଓଡ଼ିଶା ଲୋକଙ୍କର ଆର୍ଥିକ ବିକାଶ ହୋଇ ପାରିବ ନାହିଁ । ଅର୍ଥକାରୀ ଫସଲ କରି ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନ ହେଲେ ଓଡ଼ିଶାର ଆର୍ଥିକ ଅବସ୍ଥା ଭଲ ହେବ ନାହିଁ କି ବେକାର ସମସ୍ୟାର ସମାଧାନ ହେବ ନାହିଁ ।

—ସମାଜ

* * * * *

ଯାହାହେଉ, ସ୍ୱାଧୀନତା ପ୍ରାପ୍ତି ପରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ବ୍ୟବସ୍ଥାରେ ଯଥେଷ୍ଟ ପରିବର୍ତ୍ତନ ଓ ଉନ୍ନତି ଘଟିଛି । ପ୍ରଥମ ଯୋଜନା ଠାରୁ ଆରମ୍ଭ କରି ଚତୁର୍ଥ ଯୋଜନା ଆରମ୍ଭ ଯାଏ "ମ୍ୟାଲେରିଆ ନିର୍ମୂଳ" କାର୍ଯ୍ୟକ୍ରମ ବ୍ୟାପକ ଭାବରେ ରୂପାୟିତ ହେବାରୁ ଦେଶରୁ ଉକ୍ତ ରୋଗ, ଏକ ପ୍ରକାର ସଂପୂର୍ଣ୍ଣ ଦୂର ହୋଇ ଯିଇ । ବସନ୍ତ ଓ ହଇଜାର ପ୍ରତିକାର ବ୍ୟବସ୍ଥା ମଧ୍ୟ ସନ୍ତୋଷଜନକ ବୋଲି କୁହା ଯିବ । ଜନ ସାଧାରଣଙ୍କ ହାରାହାରି ଆୟୁ ୩୦ ବର୍ଷରୁ ଉଚ୍ଚ ମଧ୍ୟରେ ବୃଦ୍ଧି ପାଇ ୫୦ ବର୍ଷ ହୋଇଛି, ମୃତ୍ୟୁ ସଂଖ୍ୟା କମି ଯାଇ ଥିବା ମଧ୍ୟ ଏ ଦିଗରେ ଅନ୍ୟ ଏକ କୃତିତ୍ୱର ବିଷୟ ।

—ପ୍ରଜାତନ୍ତ୍ର

* * * * *

ଶିଳ୍ପ ସଭ୍ୟତାର ପ୍ରଭାବରେ କେବଳ ଭାରତ ବର୍ଷ ନୁହେଁ, ପୃଥିବୀର ସର୍ବତ୍ର ଜଙ୍ଗଲ ସଂପଦ କ୍ଷୟିତ ହୋଇ ପଡ଼ୁ ଥିବା ଯୋଗୁଁ, ପ୍ରାକୃତିକ ପ୍ରତିକ୍ରିୟା ଘଟି ପ୍ରାଣୀ ଜଗତର ଜୀବନ ଶକ୍ତିଦାୟିନୀ ଖାଦ୍ୟପେୟର ଅଭାବ ବୃଦ୍ଧି ପାଇବାରେ ଲାଗିଛି । ଘଞ୍ଚ ବନସ୍ପତିର ଆକର୍ଷଣରେ ପ୍ରଚୁର ବାରିପାତ ହୋଇ ଥାଏ । ତାର ଅଭାବରେ କେବଳ ଯେ ଅନାବୃଷ୍ଟି ଘଟୁଛି ତାହା ନୁହେଁ, ବନସ୍ପତି ବିରଳ ଭୂ–ଭାଗରେ ସାମାନ୍ୟ ବର୍ଷଣ ଯୋଗୁଁ ବ୍ୟାପକ ଭାବରେ ଭୂମିକ୍ଷୟ ମଧ୍ୟ ହୋଇଛି । ଏଣୁ ପ୍ରାଚୀନ କାଳରୁ ବନ୍ୟ ସଂପଦର ସଂରକ୍ଷଣ ଓ ଅଭିବୃଦ୍ଧି ଦୃଷ୍ଟିରୁ ବୃକ୍ଷ ରୋପଣ ଏକ ପବିତ୍ର କାର୍ଯ୍ୟ ରୂପେ ଆମ ଦେଶରେ ପ୍ରଚଳିତ ।

—ପ୍ରଜାତନ୍ତ୍ର

* * * * *

ଓଡ଼ିଆ ଜାତିର ନ୍ୟାଯ୍ୟ ଦାବୀ ଗୁଡ଼ିକ ପୂରଣ ହେଲେ, ତାହାର ମୁଖର ଗ୍ରାସରୁ ତାହାକୁ ବଞ୍ଚିତ କରା ନ ଗଲେ, ସେ ପ୍ରଥମେ 'ଆମେ ଭାରତୀୟ' ଧ୍ୱନି ଦେବ ଏବଂ ଜାତୀୟ ସଂହତି ରକ୍ଷା ଲାଗି କାହାରି ପଛରେ ପଡ଼ି ରହିବ ନାହିଁ ।

—ମାତୃଭୂମି

# ଓଡ଼ିଶା ଧାନ ଚାଉଳ ନିୟନ୍ତ୍ରଣ ଆଦେଶନାମାର ସଂଶୋଧନ

ରାଜ୍ୟର ସୀମାନ୍ତ ଅଞ୍ଚଳ ବ୍ୟତୀତ ଧାନ ଏବଂ ଚାଉଳର କ୍ରୟ, ବିକ୍ରୟ ଓ ମହଜୁଦ୍ ଉପରେ ଥିବା କଟକଣା ଗୁଡ଼ିକରେ କୋହଳ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ୧୯୭୧ ମସିହା ଜୁଲାଇ ୧୨ ତାରିଖ ଠାରୁ ଓଡ଼ିଶା ଧାନ ଓ ଚାଉଳ ନିୟନ୍ତ୍ରଣ ଆଦେଶନାମା (୧୯୬୫) ସଂଶୋଧନ କରିବା ପାଇଁ ସ୍ଥିର କରିଛନ୍ତି । ଅନ୍ୟ ପକ୍ଷରେ ଏହାପରେ ଯେ କେହି ବ୍ୟକ୍ତି ସୀମାନ୍ତ ଅଞ୍ଚଳ ବ୍ୟତୀତ ରାଜ୍ୟ ମଧ୍ୟରେ ଯେ କୌଣସି ସ୍ଥାନକୁ ଯେ କୌଣସି ପରିମାଣର ଧାନ କିମ୍ବା ଚାଉଳ ଅଥବା ଉଭୟ ଧାନ ଚାଉଳ ନେଇ ଆଣି ପାରିବେ ଓ ମହଜୁଦ୍ କରି ପାରିବେ । ସୀମାନ୍ତ ଅଞ୍ଚଳମାନଙ୍କରେ ଏଭଳି ମହଜୁଦ୍‌ର ପରିମାଣ ପୂର୍ବଭଳି ଦୁଇ କୁଇଣ୍ଟାଲ ମାତ୍ର ରଖାଯିବ । ଲାଇସେନସ୍ ପ୍ରାପ୍ତ ଡିଲର, କୃଷକ, ଜମିମାଲିକ ଅଥବା ଯେଉଁ ଲୋକଙ୍କୁ ଏହି ନିୟନ୍ତ୍ରଣ ଆଦେଶନାମାର ୩ୟ ଧାରାର ୧ମ ଉପଧାରା ଅନୁଯାୟୀ ସ୍ୱତନ୍ତ୍ର ଭାବେ ନିଷ୍କୃତି ଦିଆ ଯାଇଛି ସେମାନଙ୍କ ପ୍ରତି ଏହି କଟକଣା ଲାଗୁ ହେବ ନାହିଁ । ରାଜ୍ୟର ସମସ୍ତ ସୀମାନ୍ତ ଜିଲ୍ଲାର ସରହଦ କଡ଼େ କଡ଼େ ୧୬ କିଲୋମିଟରର ବ୍ୟାପୀ ଅଞ୍ଚଳକୁ ସୀମାନ୍ତ ଅଞ୍ଚଳ ବୋଲି ଉକ୍ତ ନିୟନ୍ତ୍ରଣ ଆଦେଶନାମାରେ ଉଲ୍ଲେଖ ରହିଛି ।

ସୀମାନ୍ତ ଅଞ୍ଚଳ ବ୍ୟତୀତ ଜଣେ ବ୍ୟବସାୟୀ ଦିନକେ ୫ କୁଇଣ୍ଟାଲ ବିକ୍ରି ଓ ଖରିଦ୍ କରିବା ପାଇଁ ବର୍ତ୍ତମାନ ଯେଉଁ କଟକଣା ରହିଛି ତାହା ୧୯୭୧ ଜୁଲାଇ ୧୨ ତାରିଖ ଠାରୁ ୧୦ କୁଇଣ୍ଟାଲକୁ ବଢ଼ାଇ ଦିଆଯିବ । ଏହାର ଅର୍ଥ ଉପରେ ଦର୍ଶାଯାଇଥିବା ବ୍ୟବସ୍ଥା ଅନୁସାରେ ଯେଉଁ ବ୍ୟକ୍ତି ନିଷ୍କୃତି ପାଇ ନ ଥିବେ, କିମ୍ବା ଉକ୍ତ ନିୟନ୍ତ୍ରଣ ଆଦେଶର ୧୧ ଧାରାର ବ୍ୟବସ୍ଥା ଅନୁସାରେ ନିଷ୍କୃତି ପାଇବେ ନାହିଁ, ସେ ସୀମାନ୍ତ ଇଲାକାରେ ଦିନକେ ୧ କୁଇଣ୍ଟାଲରୁ ଅଧିକ ପରିମାଣ ଧାନ କିମ୍ବା ଚାଉଳ କ୍ରୟ ବିକ୍ରୟ କରି ପାରିବେ ନାହିଁ ଏବଂ ରାଜ୍ୟର କୌଣସି ସ୍ଥାନରେ ୧୦ କୁଇଣ୍ଟାଲରୁ ଅଧିକ ଧାନ କିମ୍ବା ଚାଉଳ କ୍ରୟ ବିକ୍ରୟ କରି ପାରିବେ ନାହିଁ ।

ଭାରତର ଖାଦ୍ୟ କର୍ପୋରେସନର ମିଲର ସବ୍ ଏଜେଣ୍ଟମାନେ ୧୯୭୧ ଜୁଲାଇ ୧୨ ତାରିଖ ଠାରୁ ଦୈନିକ ଯେଉଁ ପରିମାଣର ଧାନ ଖରିଦ କରି ପେଷାଇବେ, ତହିଁର ଶତକଡ଼ା ୫୦ ଭାଗ ପର୍ଯ୍ୟନ୍ତ ନିର୍ଦ୍ଧାରିତ କଟକଣା ଅନୁଯାୟୀ ଖୋଲା ବଜାରରେ ବିକ୍ରିକରି ପାରିବା ନିମନ୍ତେ ଅନୁମତି ଦେବାକୁ ସରକାର ନିଷ୍ପତ୍ତି କରିଛନ୍ତି । ଯଦି ଭାରତର ଖାଦ୍ୟ କର୍ପୋରେସନ୍, ତାଙ୍କୁ ମିଳୁଥିବା ଶତକଡ଼ା ୫୦ ଭାଗ ଲେଭି ଗ୍ରହଣ କରିବାକୁ କୌଣସି କାରଣରୁ ସାତ ଦିନ ମଧ୍ୟରେ ମନା କରି ଦିଅନ୍ତି, ତେବେ ମିଲର ସବ୍-ଏଜେଣ୍ଟମାନେ ସୀମାନ୍ତ ଅଞ୍ଚଳ ବ୍ୟତୀତ ରାଜ୍ୟର ଅନ୍ୟ ଯେ କୌଣସି ସ୍ଥାନରେ ଉକ୍ତ ଚାଉଳ ବିକ୍ରି କରି ପାରିବେ ।

ସରକାର ଆଶା କରନ୍ତି ଯେ, ଉପରୋକ୍ତ କଟକଣା ଫଳରେ ରାଜ୍ୟରେ ଧାନ ଚାଉଳ କାରବାର ବିଶେଷ ଭାବରେ ଅବାଧରେ ଚାଲି ପାରିବ ଏବଂ ଏହା ଦ୍ୱାରା ଦରଦାମ୍ ସ୍ଥିର ରହିବା ସଙ୍ଗେ ସଙ୍ଗେ ଖୋଲା ବଜାରରେ ବିକ୍ରି ପାଇଁ ଅଧିକ ଚାଉଳ ମିଳି ପାରିବ ଓ ଖାଉଟିମାନେ ଉପକୃତ ହେବେ ।

# ବିଶିଷ୍ଟ ଘଟଣାବଳୀ—ଓଡ଼ିଶା

## ଜୁଲାଇ—୧୯୭୧

---

୧-୭-୭୧ ବିକାଶ ସାମଗ୍ରୀ ଉପରେ ବିକ୍ରିକର ହାରରେ ପରିବର୍ତ୍ତନ ଲାଗୁହେଲା ।
ମୁଖ୍ୟମନ୍ତ୍ରୀ ବିଧାନ ସଭାରେ ଓଡ଼ିଶା କୃଷି ଆୟକର (ସଂଶୋଧନ) ବିଲ୍ ଆଗତ କଲେ ।

୫-୭-୭୧ ଓଡ଼ିଶା ସରକାରଙ୍କ ୧୯୭୧-୭୨ ବଜେଟ ରାଜ୍ୟ ବିଧାନ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ଆଗତ କଲେ ।

୯-୭-୭୧ ବିହାର-ଓଡ଼ିଶା ଅବକାରୀ ଶୁଳ୍କ (୨ୟ ଓଡ଼ିଶା ସଂଶୋଧନ) ବିଲ୍ ଓଡ଼ିଶା ବିଧାନ ସଭାରେ ଗୃହୀତ ହେଲା । କୃଷି ଆୟକ
ଛାଡ଼ ଧାର୍ଯ୍ୟ ସୀମା ୩ହଜାର ଟଙ୍କାରୁ ୫ହଜାର ଟଙ୍କାକୁ ବଢ଼ାଇବା ପାଇଁ ବିଧାନ ସଭାରେ ଆଗତ ଓଡ଼ିଶା କୃଷି ଆୟକ
ସଂଶୋଧନ ବିଲ୍ ପ୍ରାଞ୍ଚ କମିଟିକୁ ପଠାଗଲା ।

ରକ୍ତ ଭଣ୍ଡାରଗୁଡ଼ିକରୁ ରୋଗୀମାନଙ୍କୁ ଯୋଗାଇ ଦିଆଯାଉଥିବା ରକ୍ତବୋତଲର ଦାମ ଟ୩୫ଙ୍କାରୁ ଟ ୨୫ ଟାକୁ କମ
ଦିଆଗଲା ବୋଲି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘୋଷଣା ।

୧୧-୭-୭୧ ରାଉରକେଲା ଇସ୍ପାତ କାରଖାନା ଲୁହାତରଳା ଘର ଛାତର ଗୋଟିଏ ଅଂଶ ଭୁଶୁଡ଼ି ପଡ଼ିଲା ।

୧୨-୭-୭୧ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍-ବିଶ୍ୱବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶ ପାଇଲା ।

୧୩-୭-୭୧ ରାଜ୍ୟ ବିଧାନ ସଭାରେ ପଲ୍ଲୀ ଉନ୍ନୟନ ଓ ପୌର ଉନ୍ନୟନ ବିଭାଗ ଖର୍ଚ୍ଚ ଦାବୀ ଗୃହୀତ ହେଲା । ସରକାରୀ ଡାକ୍ତରଖା
ଗୁଡ଼ିକୁ ଔଷଧ ଯୋଗାଣ ବାବଦରେ ଅଧିକ ୪୬ ଲକ୍ଷ ଟଙ୍କା ଖର୍ଚ୍ଚ ବ୍ୟବସ୍ଥା କରାଯାଇଥିବା କଥା ସ୍ୱାସ୍ଥ୍ୟ ମନ୍ତ୍ରୀ ଓଡ଼ିଶା ବିଧା
ସଭାରେ ଜଣାଇଲେ ।

୧୪-୭-୭୧ ଗୋଷ୍ଠୀ ଉନ୍ନୟନ ଓ କୃଷି ବିଭାଗର ଖର୍ଚ୍ଚ ଦାବୀ ବିଧାନ ସଭାରେ ଗୃହୀତ ହେଲା ।

୧୫-୭-୭୧ ଶିକ୍ଷା ଓ ସାଂସ୍କୃତିକ ବ୍ୟାପାର ବିଭାଗର ଖର୍ଚ୍ଚ ଦାବୀ ଓଡ଼ିଶା ବିଧାନ ସଭାରେ ଗୃହୀତ ହେଲା ।

୧୬-୭-୭୧ ଜଙ୍ଗଲ ବିଭାଗର ଖର୍ଚ୍ଚ ଦାବୀ ବିଧାନ ସଭାରେ ଗୃହୀତ ହେଲା ।

୧୯-୭-୭୧ ଶିଳ୍ପ ବିଭାଗର ଖର୍ଚ୍ଚ ଦାବୀ ବିଧାନ ସଭାରେ ଗୃହୀତ ହେଲା ।

୨୧-୭-୭୧ ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚ ଦାବୀ ଓଡ଼ିଶା ବିଧାନ ସଭାରେ ଗୃହୀତ ହେଲା । କଟକର ଦ୍ୱିତୀୟ ସାଟେଲାଇଟ ଟେଲିଫୋ
ଏକ୍ସଚେଞ୍ଜ କାର୍ଯ୍ୟକାରୀ ହେଲା ।

୨୨-୭-୭୧ ପୂର୍ତ୍ତ ଓ ପରିବହନ ବିଭାଗର ଖର୍ଚ୍ଚ ଦାବୀ ରାଜ୍ୟ ବିଧାନ ସଭାରେ ଗୃହୀତ ହେଲା ।

୨୩-୭-୭୧ ହୀରାକୁଦ ରି-ରୋଲିଙ୍ଗ ମିଲରୁ 'ଟର'-ଷ୍ଟିଲ ଉତ୍ପାଦନ ଆରମ୍ଭ ।

୨୬-୭-୭୧ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ ବାର୍ଷିକ ଡିଗ୍ରୀ ପରୀକ୍ଷାଫଳ ପ୍ରକାଶ ପାଇଲା । ସହରାଞ୍ଚଳ ସମ୍ପତ୍ତି ସୀମା ୫ ଲକ୍ଷ ଟ
ଧାର୍ଯ୍ୟ କରିବାକୁ ଓଡ଼ିଶା ମନ୍ତ୍ରୀମଣ୍ଡଳ ବୈଠକରେ ନିଷ୍ପତ୍ତି । ପରିବହନ କର୍ମଚାରୀଙ୍କ ପ୍ରସ୍ତାବିତ ଧର୍ମଘଟ ପ୍ରତ୍ୟାହୃତ ହେ
ଚଳିତ ବନ୍ୟାରେ ଓଡ଼ିଶାରେ ୧୦ ଜଣଙ୍କ ମୃତ୍ୟୁ ।

୨୭-୭-୭୧ ସମବାୟ ବିଭାଗର ଖର୍ଚ୍ଚ ଦାବୀ ବିଧାନ ସଭାରେ ଗୃହୀତ ହେଲା । ଓଡ଼ିଶା ସରକାରଙ୍କ ନୂତନ ଶିଳ୍ପ ନୀତି ଘୋଷିତ ହେ

୨୯-୭-୭୧ ବାଚନିକ ଭୋଟରେ ଓଡ଼ିଶା ବିଧାନସଭାରେ ୧୯୭୧ ମସିହା ଓଡ଼ିଶା ବ୍ୟୟ ମଂଜୁରୀ ବିଲ୍ ଗୃହୀତ ହେଲା ।

...ଅବସ୍ଥାର ଉନ୍ନତି ସାଙ୍ଗକୁ ରାଜ୍ୟର ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ଶିଳ୍ପର ବିକାଶ ନିଶ୍ଚୟ ଦରକାର, ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ, ଓଡ଼ିଶାରେ ...ସୁବିଧାସୁଯୋଗର ମଧ୍ୟ ଅଭାବ ନାହିଁ । ଶିଳ୍ପ ବିକାଶ ଯେତିକି ତ୍ୱରାନ୍ୱିତ ଓ ବ୍ୟାପକ ହେବ, ରାଜ୍ୟରେ ବେକାରଙ୍କୁ ନିଯୁକ୍ତି ଦେବା, ସେତିକି ସୁବିଧା ହେବ ।

—ମାତୃଭୂମି

* * * * *

...ସମାଜବାଦୀ ଆଦର୍ଶକୁ କାର୍ଯ୍ୟକାରୀ କରିବାକୁ ହେଲେ ଶିଳ୍ପ ଉନ୍ନୟନ କ୍ଷେତ୍ରରେ ବିକଳ୍ପ ଚିନ୍ତା ନ କରି ସମାଜବାଦୀ ପ୍ରକଳ୍ପଗୁଡ଼ିକ କିପରି ଅମଲା-...ତନ୍ତ୍ରର ବାଧା-ବନ୍ଧୁରତା ଗଣ୍ଡି ଭିତରୁ ମୁକ୍ତି ଲାଭ କରି ନିଜର ବିକାଶ ସାଧନ ସଙ୍ଗେ ଲାଭଜନକ ହୋଇ ପାରିବ, ତାହାର ବ୍ୟବସ୍ଥା କରା ଯିବା ଅଧିକ ...ଗୁଡ଼ିକରେ ବିଶେଷ ଭାବରେ ଆବଶ୍ୟକ ।

—କଳିଙ୍ଗ

* * * * *

...ଶିଳ୍ପ ଓ ସାହିତ୍ୟ ମଧ୍ୟରୁ ସାହିତ୍ୟ ହେଉଛି ଜାତିର ପ୍ରାଣ, ଯେଉଁ ଯେଉଁ ଜାତିର ସାହିତ୍ୟ ଯେତେ ଉନ୍ନତ ହୋଇଛି, ସେହି ଜାତି ପୃଥିବୀ ପୃଷ୍ଠରେ ...ସେତେ ଉଚ୍ଚ ଆସନ ସ୍ଥିର କରି ପାରିଛି ।

—କଳିଙ୍ଗ

* * * * *

...ବନ ସମ୍ପଦ ମାନବ ସମାଜକୁ ପ୍ରକୃତିର ସର୍ବଶ୍ରେଷ୍ଠ ଅବଦାନ । ମନୁଷ୍ୟର ବାସସ୍ଥଳୀ ପ୍ରଥମେ ଜଙ୍ଗଲରେ ଥିଲା ଏବଂ ସେହି ଠାରୁ ହିଁ ...ସଭ୍ୟତାର କ୍ରମ ବିକାଶ ଆରମ୍ଭ ହୋଇଛି । ସଭ୍ୟତାର ସୋପାନରେ ମାନବସମାଜ କ୍ରମେ ଆଗେଇ ଚାଲିଛି ଏବଂ ଆଜି ଆସି ...ଯାନ୍ତ୍ରିକଯୁଗର ଶିଳ୍ପ ସଭ୍ୟତାରେ ଉପନୀତ ହୋଇଛି ।

—ସ୍ୱରାଜ୍ୟ

* * * * *

...ଭାରତ ଭଳି ବିରାଟ ଦେଶରେ ବିଭିନ୍ନ ପ୍ରକାରର ଲୋକ, ଆବଶ୍ୟକତା ଦୃଷ୍ଟି ଭଙ୍ଗୀ ଓ ସମସ୍ୟା ଦୃଷ୍ଟିରୁ ସରକାର ସମସ୍ତଙ୍କୁ ନିଯୁକ୍ତି ଦେବା ପାଇଁ ...ଉଦ୍ୟମ କରିବା ଅପେକ୍ଷା ପ୍ରତ୍ୟେକ ଲୋକ କିପରି ସ୍ୱଇଚ୍ଛାରେ ନିଜ ମନୋନୀତ ଧନ୍ଦାରେ ନିଜେ ନିଯୁକ୍ତ ହୋଇ ପାରିବେ, ସେଥିପାଇଁ ...ସେମାନଙ୍କୁ ତାଲିମ ଦେଇ ମୂଳଧନ ଯୋଗାଇବା ପାଇଁ ଯୋଜନା କାର୍ଯ୍ୟକାରୀ କରିବା ଏକାନ୍ତ ଆବଶ୍ୟକ ।

—ସ୍ୱରାଜ୍ୟ

* * * * *

...ଆଜି ଯାଏ ଯେତେ ଯୋଜନା ହୋଇଛି ସେଥିରେ ଭୌତିକ ବିକାଶ ଏବଂ ବସ୍ତୁଗତ ଆବଶ୍ୟକତା ପୂରଣ ପାଇଁ ଚେଷ୍ଟା କରା ଯାଉଛି ; କିନ୍ତୁ ...ମାନସିକ ବିକାଶ ପାଇଁ କେବଳ ଶିକ୍ଷା ଅନୁଷ୍ଠାନ ଉପରେ ନିର୍ଭର କରିବା ଛଡ଼ା ସେ ଦିଗରେ କୌଣସି କାର୍ଯ୍ୟ ହୋଇ ନାହିଁ ।

—ସ୍ୱରାଜ୍ୟ

# ସେପ୍ଟେମ୍ବର—୧୯୭୦


| କ୍ର. ନ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧ | ଓଡ଼ିଶାରେ କୃଷି ଉତ୍ପାଦନର ଅଗ୍ରଗତି | ଶ୍ରୀ ରାଜବଲ୍ଲଭ ମିଶ୍ର | ୧ |
| ୨ | ସୌନ୍ଦର୍ଯ୍ୟର ପ୍ରତୀକ—କୁନିଆଁ | ଶ୍ରୀ କେଦାରନାଥ ମହାପାତ୍ର | ୯ |
| ୩ | ଗୁରୁ ଦିବସର ତାତ୍ପର୍ଯ୍ୟ | ଶ୍ରୀ ବୈଦ୍ୟନାଥ ରଥ | ୧୨ |
| ୪ | ନବାନ୍ନ | ଶ୍ରୀ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା | ୧୭ |
| ୫ | କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଭୂମିକା | ଶ୍ରୀ ବିଭୂତିଭୂଷଣ ରଥ | ୨୧ |
| ୬ | ପଲ୍ଲୀ ପ୍ରଗତିରେ ଯୁବକ ସଂଘର ଭୂମିକା | ଶ୍ରୀ ଦୁଃଖୀ ବାନ୍ଧବ ସାହୁ | ୨୪ |
| ୭ | ସବୁଜ ବିପ୍ଳବ ପଥେ ହିଞ୍ଜିଳିକାଟୁ | ଶ୍ରୀ ମଦନ ମୋହନ ମିଶ୍ର | ୨୯ |
| ୮ | ଆଦର୍ଶ ଗ୍ରାମ—କୁମ୍ଭାରୀ | ଶ୍ରୀ ଦାମୋଦର ପଣ୍ଡା | ୩୨ |
| ୯ | ଖାଦ୍ୟ ମଞ୍ଜିରୁ ଗୋ-ଖାଦ୍ୟ | ଶ୍ରୀ ପ୍ରେମ ଶୁବ ପଟ୍ଟନାୟକ | ୩୭ |
| ୧୦ | ଉଠା ଜଳ ସେଚନ ଯୋଜନା | | ୩୯ |
| ୧୧ | ପଞ୍ଚାୟତିରାଜର ଅଭିମୁଖ୍ୟ | | ୪୭ |
| ୧୨ | ଭୂ-ସଂସ୍କାର ବ୍ୟବସ୍ଥା | | ୫୦ |
| ୧୩ | ଅଧିକ ଅମଳକ୍ଷମ ଗହମ ଗୁଣ୍ଡ | | ୫୨ |
| ୧୪ | ଏକ ନୂତନ ତାମ୍ରଶାସନ | ଶ୍ରୀ ଅନିରୁଦ୍ଧ ଦାଶ | ୫୪ |
| ୧୫ | ବିକାଶୋନ୍ମୁଖୀ 'କପିଳାସ' | ଶ୍ରୀ ବ୍ରଜ ମୋହନ ପଟ୍ଟନାୟକ | ୬୪ |
| ୧୬ | ଆମ ରାଜ୍ୟ | | ୬୬ |
| ୧୭ | ସମ୍ବାଦ ପତ୍ର ସମ୍ପାଦକୀୟରୁ | | ୬୭ |
| ୧୮ | ଓଡ଼ିଶାର ବିଶେଷ ଘଟଣାବଳୀ | | ୬୮ |


# ଅକ୍ଟୋବର—୧୯୭୦


| କ୍ର. ନ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧ | ବାପୁଜୀଙ୍କ ପ୍ରିୟତମ ଭଜନ | | ୧ |
| ୨ | ଅହିଂସାର ବାସ୍ତବ ରୂପ | ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ | ୩ |
| ୩ | ଏକ୍ସପୋ—୭୦ | ଶ୍ରୀ ହରିହର ପଟେଲ | ୫ |
| ୪ | ଆମେ ତ ବଞ୍ଚିବୁ ପୃଥିବୀ ମଧ୍ୟ ବଞ୍ଚିବ | ଶ୍ରୀମତୀ ରମା ଦେବୀ | ୧୩ |
| ୫ | ସତ୍ୟାଗ୍ରହ | ଡକ୍ଟର ମାୟାଧର ମାନସିଂହ | ୧୬ |

# ଉତ୍କଳ ପ୍ରସଙ୍ଗରେ ଗତବର୍ଷ ପ୍ରକାଶିତ ବିଷୟବସ୍ତୁ ସୂଚୀ

## ଅଗଷ୍ଟ—୧୯୭୦


| କ୍ର. ନ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧ | ସ୍ୱାଧୀନତାର ଚତୁର୍ବିଂଶ ବର୍ଷରେ ଓଡ଼ିଶା | | ୧ |
| ୨ | ଆଉ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଓଡ଼ିଶାର ଦାବୀ | | ୯ |
| ୩ | ଖୋର ସମସ୍ୟା ସମାଧାନରେ ଦଳଗତ ରାଜନୀତି ସ୍ଥାନ ନ ପାଉ | | ୧୪ |
| ୪ | ଗ୍ରାମ ପଞ୍ଚାୟତ ପାଇଁ କୃଷି ଅଭିମୁଖୀ କାର୍ଯ୍ୟକ୍ରମ ପରିକଳ୍ପନା | ଶ୍ରୀ ହରପ୍ରସାଦ ମହାପାତ୍ର .. | ୧୭ |
| ୫ | ଓଡ଼ିଶାରେ କୃଷିର କ୍ରମବିକାଶ .. | | ୨୨ |
| ୬ | ଓଡ଼ିଶାରେ ଶିଳ୍ପ ବିକାଶ .. | ଶ୍ରୀ ଜଗନ୍ନାଥ ପ୍ରସାଦ ଦାସ .. | ୨୪ |
| ୭ | ଓଡ଼ିଶାରେ କର୍ମ-ସଂସ୍ଥାନ ବ୍ୟବସ୍ଥା .. | ଶ୍ରୀ ଗଣନାଥ ଦାସ .. | ୩୦ |
| ୮ | ଶିଳ୍ପ ବିବାଦ ଓ ବିଶୃଂଖଳା ନିରାକରଣ .. | ଶ୍ରୀ ଉଦୟ ନାଥ ସାହୁ .. | ୩୪ |
| ୯ | ଓଡ଼ିଶାରେ ଅପରାଧ ପରିସ୍ଥିତି .. | ଶ୍ରୀ ବ୍ରଜବିହାରୀ ମିଶ୍ର .. | ୩୮ |
| ୧୦ | ଶିକ୍ଷାଗତ ସୁବିଧାସୁଯୋଗର ସଂପ୍ରସାରଣ ଓ ପୁନର୍ଗଠନ .. | ଶ୍ରୀ ବି. ଏନ୍. ରାୟ .. | ୪୨ |
| ୧୧ | ଓଡ଼ିଶାରେ ଅନୁନ୍ନତ ଶ୍ରେଣୀର ବିକାଶ .. | ଶ୍ରୀ ଦେବୀ ପ୍ରସାଦ ଦାସ .. | ୪୬ |
| ୧୨ | ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆମର ପ୍ରଗତି .. | ଡାକ୍ତର ବିଶାଧର ପୂଜାରି .. | ୪୯ |
| ୧୩ | ପରିବାର ନିୟୋଜନରେ ଓଡ଼ିଶାର ସଫଳତା .. | ଡାକ୍ତର ନଟବର ମହାନ୍ତି .. | ୫୩ |
| ୧୪ | ଓଡ଼ିଶାରେ ମାଛ ଚାଷ .. | | ୫୫ |
| ୧୫ | ଚତୁର୍ଥ ଯୋଜନାର ରୂପରେଖ .. | | ୫୮ |
| ୧୬ | ପାଣି ପାଗ ସଂପର୍କରେ ତଥ୍ୟାନୁସନ୍ଧାନ .. | | ୬୬ |
| ୧୭ | ଚାଷ ଓ ଚାଷୀ—ଫସଲ ଖସଡ଼ା ସଂପର୍କରେ ପରାମର୍ଶ .. | | ୬୮ |
| ୧୮ | ସମ୍ବାଦ ପତ୍ର ସମ୍ପାଦକୀୟରୁ .. | | ୭୦ |
| ୧୯ | ଓଡ଼ିଶାରେ ଜୁନ ଓ ଜୁଲାଇ ମାସର ଘଟଣା ବଳୀ .. | | ୭୩ |
| ୨୦ | ଆମ ରାଜ୍ୟ .. | | ୭୯ |
| | | | ୮୩ |

| କ୍ର: ନି: | ବିଷୟ | | ଲେଖକ | | ପୃଷ୍ଠା |
| --- | --- | --- | --- | --- | --- |
| ୧୦ | ଭ୍ରାମ୍ୟମାଣ ଡାକ୍ତରଖାନାର ବହୁମୁଖୀ ଭୂମିକା | .. | | .. | ୩୭ |
| ୧୧ | ବସନ୍ତ ନିରାକରଣ ଯୋଜନା | .. | ଡାକ୍ତର ଭୋଳାନାଥ ରଥ | .. | ୪୦ |
| ୧୨ | ଆମ ରାଜ୍ୟ | .. | | .. | ୪୨ |
| ୧୩ | ସମ୍ବାଦପତ୍ର ସମ୍ପାଦକୀୟରୁ | .. | | .. | ୪୬ |
| ୧୪ | ବିଶିଷ୍ଟ ଘଟଣାବଳୀ | .. | | .. | ୪୮ |


## ଡିସେମ୍ବର—୧୯୭୦


| | | | | | |
| --- | --- | --- | --- | --- | --- |
| ୧ | ଓଡ଼ିଶାରେ ଶିଳ୍ପ ବିକାଶ | .. | ଶ୍ରୀ ହରିହର ପଟେଲ | .. | ୧ |
| ୨ | ଶିଳ୍ପ ବିକାଶର ଗତି | .. | ଶ୍ରୀ ଶୈଳେଶ କୁମାର ନନ୍ଦ | .. | ୪ |
| ୩ | ଶିଳ୍ପାଞ୍ଚଳଗୁଡ଼ିକର ଯୋଜନାବଦ୍ଧ ବିକାଶ | .. | ଡକ୍ଟର ହରପ୍ରସନ୍ନ ମିଶ୍ର | .. | ୯ |
| ୪ | ଓଡ଼ିଶା ସରକାରଙ୍କ ଶିଳ୍ପ ନୀତି | .. | | | ୧୩ |
| ୫ | ପାରାଦୀପ ବନ୍ଦରର ଉନ୍ନୟନ | .. | ଶ୍ରୀ ରବୀନ୍ଦ୍ର ନାଥ ମହାନ୍ତି | .. | ୨୨ |
| ୬ | ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ବିକାଶ | .. | ଶ୍ରୀ ନରେନ୍ଦ୍ର କୃଷ୍ଣ ଧଳ | .. | ୨୬ |
| ୭ | ଶିଳ୍ପ ବିବାଦ ଓ ତାହାର ନିରାକରଣ | .. | ଶ୍ରୀ ଉଦୟ ନାଥ ମିଶ୍ର | .. | ୩୧ |
| ୮ | ସାମନ୍ତ ଚନ୍ଦ୍ର ଶେଖର | .. | ଶ୍ରୀ ଗୋପୀନାଥ ପଟ୍ଟନାୟକ | .. | ୩୪ |
| ୯ | କ୍ଷୁଦ୍ର ଶିଳ୍ପ ଓ ଏହାର ସମସ୍ୟା | .. | ଶ୍ରୀ ଜଗଦୀଶ ପଟ୍ଟନାୟକ | .. | ୪୧ |
| ୧୦ | ରାଷ୍ଟ୍ରାୟତ୍ତ ପ୍ରତିଷ୍ଠାନଗୁଡ଼ିକର କ୍ଷୟକ୍ଷତି | .. | | | ୪୪ |
| ୧୧ | କ୍ଷୁଦ୍ର ଶିଳ୍ପ ପ୍ରତି ନ୍ୟାୟ ବିଚାର ଆବଶ୍ୟକ | .. | | | ୪୯ |
| ୧୨ | ରେଶମ ଶିଳ୍ପ | .. | ଶ୍ରୀ ବସନ୍ତ ଭୂଷଣ ରଥ | .. | ୫୨ |
| ୧୩ | କ୍ଷୁଦ୍ର ଶିଳ୍ପର ନୂତନ ଦିଗନ୍ତ | .. | ଶ୍ରୀ ନରୋତ୍ତମ ଦାସ | .. | ୫୭ |
| ୧୪ | କ୍ଷୁଦ୍ର ଶିଳ୍ପର ନୂତନ ଦୃଷ୍ଟିକୋଣ : ରପ୍ତାନି ଯୋଗ୍ୟ ଶିଳ୍ପ | .. | ଶ୍ରୀ ଚନ୍ଦ୍ର ମାଧବ ମିଶ୍ର | .. | ୬୧ |
| ୧୫ | ଶିଳ୍ପ ଉନ୍ନୟନ କର୍ପୋରେସନର ଭୂମିକା | .. | ଶ୍ରୀ ଶଚୀନ୍ଦ୍ର ନାଥ ଦାସ ମହାପାତ୍ର | .. | ୬୪ |
| ୧୬ | ବିଜ୍ଞାନର ଶ୍ରେଷ୍ଠ ସାଧକ—ରମଣ | .. | | | ୬୭ |
| ୧୭ | ଆମ ରାଜ୍ୟ | .. | | | ୭୨ |
| ୧୮ | ସମ୍ବାଦ ପତ୍ର ସମ୍ପାଦକୀୟରୁ | .. | | | ୭୩ |
| ୧୯ | ବିଶିଷ୍ଟ ଘଟଣାବଳୀ | .. | | | ୭୬ |

| କ୍ରଃ ସଂ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୬ | ଓଡ଼ିଶାରେ ଅର୍ଥନୈତିକ ସ୍ଥିତି ଓ ପ୍ରଗତି | | ୨୦ |
| ୭ | ଶାନ୍ତିର ବାର୍ତ୍ତାବହ ଲାଲ ବାହାଦୁର | | ୨୬ |
| ୮ | ଓଡ଼ିଶାରେ ପର୍ଯ୍ୟଟନର ବିକାଶ | ଶ୍ରୀ ହେରମ୍ବ ନାରାୟଣ ଦାସ ମହାପାତ୍ର | ୨୯ |
| ୯ | ଶାନ୍ତି ପଥରେ ନାରୀର ଭୂମିକା | ଶ୍ରୀମତୀ ସୁରଚନା କୁମାରୀ ଆଗ୍ରଣ | ୩୨ |
| ୧୦ | ଗାନ୍ଧୀଜୀଙ୍କର ସମାଜବାଦୀ ସମାଜ | ଅଧ୍ୟାପକ ଦଣ୍ଡପାଣି ବେହେରା | ୩୭ |
| ୧୧ | ଲୌହ ମାନବ | ଶ୍ରୀ ରମେଶ ଧର | ୪୦ |
| ୧୨ | ଗାନ୍ଧୀ ନୀତିର ପ୍ରୟୋଗ | ଶ୍ରୀମତୀ ହେମନ୍ତ କୁମାରୀ ଦେବୀ | ୪୬ |
| ୧୩ | ଓଡ଼ିଶାରେ ଖଦୀ ଓ ଗ୍ରାମୋଦ୍ୟୋଗ | ଶ୍ରୀ ଜୀବନ ବହାଦୁର ସିଂହ | ୫୧ |
| ୧୪ | ଏକାଦଶ ବ୍ରତ | ଶ୍ରୀ ହର ମୋହନ ପଟ୍ଟନାୟକ | ୫୬ |
| ୧୫ | ଓଡ଼ିଶାରେ ହସ୍ତଶିଳ୍ପ | ଶ୍ରୀ ନବ କିଶୋର ସାହୁ | ୫୮ |
| ୧୬ | ଭଗୋଚାରର କରୁଣ କାହାଣୀ | ଶ୍ରୀ ଦୁର୍ଗା ମାଧବ ମିଶ୍ର | ୬୨ |
| ୧୭ | କେନ୍ଦୁଝରର ପ୍ରାଚୀନ କୀର୍ତ୍ତି | ଶ୍ରୀ ରମେଶ ପ୍ରସାଦ ମହାପାତ୍ର | ୬୫ |
| ୧୮ | ବିଧାନ ସଭା ବିବରଣୀ | | ୬୯ |
| ୧୯ | ଓଡ଼ିଶାର ବିଶିଷ୍ଟ ଘଟଣାବଳୀ | | ୭୨ |
| ୨୦ | ସମ୍ବାଦପତ୍ର ସମ୍ପାଦକୀୟରୁ | | ୭୯ |
| ୨୧ | ଶ୍ରମ ରାଜ୍ୟ | | ୮୧ |


## ନଭେମ୍ବର—୧୯୭୦


| | | | |
|---|---|---|---|
| ୧ | ଶ୍ରମ ଯୋଜନା ଓ ସବୁଜ ବିପ୍ଳବ | ଶ୍ରୀ ରାଜ ବହାଦୁର ମିଶ୍ର | ୧ |
| ୨ | ସାଚା ବିନ୍ଦୁ | ଶ୍ରୀ ଗୌରୀ କୁମାର ବ୍ରହ୍ମା | ୫ |
| ୩ | ଭାରତର ନୌବାଣିଜ୍ୟ | ଶ୍ରୀ ପ୍ରଶାନ୍ତ କୁମାର ରାୟ | ୧୩ |
| ୪ | ନେହେରୁଙ୍କ ମହନୀୟତା | ଶ୍ରୀ ସବ୍ୟସାଚୀ ପଟ୍ଟନାୟକ | ୧୬ |
| ୫ | ପ୍ରକୃତି ଓ ପ୍ରାକୃତିକ ସମ୍ପଦର ସଂରକ୍ଷଣ | ଶ୍ରୀ ଗୌରୀଶଙ୍କର ପାଢ଼ୀ | ୨୦ |
| ୬ | ଦେବା-ବିନିକେଇ | ଶ୍ରୀ ଗୌତମ ପାରଚ | ୨୩ |
| ୭ | ରାଜ୍ୟ ସ୍ୱାସ୍ଥ୍ୟର ରୂପରେଖ | ଶ୍ରୀ ଅଗାଧୁ ତ୍ରିପାଠୀ | ୨୭ |
| ୮ | ଓଡ଼ିଶାର ଦାର୍ଜିଲିଂ | ଶ୍ରୀ ମାର୍କଣ୍ଡ ଦାଶ | ୩୦ |
| ୯ | ବିକାଶ ପଥେ—ଜୟ ମଙ୍ଗଳ | ଶ୍ରୀ ଚନ୍ଦ୍ର ମୋହନ ସ୍ୱାଇଁ | ୩୩ |

| କ୍ର. ନ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୫ | ଅସମ୍ବା ନିର୍ବାଚନରେ ତରୁଣ ଭୋଟରଙ୍କ ଭୂମିକା .. | ଶ୍ରୀ ଦେବେନ୍ଦ୍ରନାଥ ପଟ୍ଟନାୟକ .. | ୧୧ |
| ୬ | ଭୋଟ ଦାନ ପଦ୍ଧତି .. | .. | ୧୩ |
| ୭ | ଭୋଟରମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ .. | .. | ୧୪ |
| ୮ | ନିର୍ବାଚନ ସଙ୍କେତ .. | .. | ୧୮ |
| ୯ | ରାଜନୈତିକ ଦଳପାଇଁ ଆଚରଣ ବିଧି .. | .. | ୧୯ |
| ୧୦ | ନିର୍ବାଚନ ଆଇନର ପରିବର୍ତ୍ତନ .. | | ୨୧ |
| ୧୧ | ବିଭିନ୍ନ ରାଜ୍ୟ ପାଇଁ ନିର୍ବାଚନ କାର୍ଯ୍ୟକ୍ରମ .. | | |
| ୧୨ | ୧୯୬୧ ଓ ୧୯୬୭ ସାଧାରଣ ନିର୍ବାଚନ ସଂପର୍କରେ କେତେକ ତଥ୍ୟ .. | | ୨୨ |
| ୧୩ | ଭାରତରେ ଗଣତାନ୍ତ୍ରିକ ନିର୍ବାଚନର ପ୍ରକୃଷ୍ଟ ଦୃଷ୍ଟାନ୍ତ .. | ଶ୍ରୀ ହେରମ୍ବ ନାରାୟଣ ଦାସ ମହାପାତ୍ର | ୨୪ |
| ୧୪ | —ଆମ ରାଜ୍ୟ .. | | ୨୭ |


## ମାର୍ଚ୍ଚ—୧୯୭୧


| | | | |
|---|---|---|---|
| ୧ | ଅଶ୍ରୁର୍ଣ ମହାପ୍ରୟାଣେ .. | ଶ୍ରୀ ତାରାକାନ୍ତ ମହାନ୍ତି | ୧ |
| ୨ | ପାର୍ଲିଆମେଣ୍ଟର ମିଳିତ ଅଧିବେଶନ ଉଦ୍‌ଘାଟନ କରି ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ | | ୩ |
| ୩ | ମହା ଯୋଗୀଙ୍କ ମହାନିଦ୍ରା .. | ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୭ |
| ୪ | ଭାରତର ଜନଗଣନା, ୧୯୭୧ .. | ଶ୍ରୀ ବିଭୂତି ଭୂଷଣ ତ୍ରିପାଠୀ | ୧୧ |
| ୫ | ସୁଖର ସନ୍ଧାନେ .. | ଶ୍ରୀ ହରି ନାୟକ | ୧୪ |
| ୬ | ସ୍ୱଳ୍ପ ସଞ୍ଚୟ ଯୋଜନା .. | | ୧୬ |
| ୭ | ନବଗଠିତ କେନ୍ଦ୍ର ମନ୍ତ୍ରିମଣ୍ଡଳ .. | | ୨୧ |
| ୮ | ଲୋକସଭା ନିର୍ବାଚନ ମଣ୍ଡଳୀ, ଓଡ଼ିଶାର ସାଧାରଣ ନିର୍ବାଚନ, ୧୯୭୧ .. | | ୨୩ |
| ୯ | ରାଜ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀ ସାଧାରଣ ନିର୍ବାଚନ, ୧୯୭୧ .. | | ୨୭ |
| ୧୦ | ଅସ୍ୱର୍ଣ ହରିହରଙ୍କ ଜୀବନର କେତେକ ଉଲ୍ଲେଖଯୋଗ୍ୟ ଘଟଣାବଳୀ .. | | ୧୩୧ |
| ୧୧ | ସାଧାରଣ ନିର୍ବାଚନ, ୧୯୭୧, ଲୋକସଭାରେ ବିଭିନ୍ନ ଦଳର ସ୍ଥାନ .. | | ୧୩୨ |
| ୧୨ | ଗତ ସାଧାରଣ ନିର୍ବାଚନର ଫଳାଫଳ, ବିଧାନସଭା ନିର୍ବାଚନର ଏକ ଜିଲ୍ଲା-ଓ୍ୱାରୀ ସମୀକ୍ଷା । | | ୧୩୬ |
| ୧୩ | ୧୯୭୧ ଲୋକସଭା ନିର୍ବାଚନ—ଓଡ଼ିଶାରେ ବିଭିନ୍ନ ରାଜନୈତିକ ଦଳର ଜିଲ୍ଲାଓ୍ୱାରୀ ସମୀକ୍ଷା । | | ୧୩୯ |
| ୧୪ | ସାଧାରଣ ନିର୍ବାଚନ, ୧୯୭୧ .. | | ୧୪୧ |
| ୧୫ | ଆମ ରାଜ୍ୟ .. | | ୧୪୫ |
| ୧୬ | ଓଡ଼ିଶାର ବିଶିଷ୍ଟ ଘଟଣାବଳୀ .. | | ୧୫୨ |
| ୧୭ | ସମାଦପତ୍ର ସମ୍ପାଦକୀୟରୁ .. | | ୧୫୫ |

# ଜାନୁଆରୀ—୧୯୭୧


| କ୍ର. ନଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧ | ସୁଦକ୍ଷ, ନିର୍ମଳ ଓ ତ୍ୱରାନ୍ୱିତ ଶାସନ ଆବଶ୍ୟକ | | ୧ |
| ୨ | ଓଡ଼ିଶାରେ ଖାଦ୍ୟଶସ୍ୟ ଉତ୍ପାଦନ | | ୩ |
| ୩ | ଉଠା ଜଳ ସେଚନର ଭୂମିକା | | ୭ |
| ୪ | ଓଡ଼ିଶାରେ ମତ୍ସ୍ୟ ଶିଳ୍ପର ବିକାଶ | | ୧୦ |
| ୫ | ଓଡ଼ିଶାରେ ଶ୍ରମ ସଂଗଠନ—ଏକ ଦୃଷ୍ଟି ପାତ | ଶ୍ରୀ ଉଦୟ ନାଥ ସାହୁ | ୧୩ |
| ୬ | ଓଡ଼ିଶାରେ ସମବାୟ—ଏକ ସମୀକ୍ଷା | | ୧୬ |
| ୭ | କ୍ଷୁଧା ମୁକ୍ତି ଅଭିଯାନ | ଶ୍ରୀ ସଚ୍ଚିଦାନନ୍ଦ ରଥ | ୧୯ |
| ୮ | ଅତ୍ମ-ନିଯୁକ୍ତି ପାଇଁ ସୁବିଧାସୁଯୋଗ | | ୨୩ |
| ୯ | ଶିଳ୍ପ ବିକାଶ ପାଇଁ ରାଉରକେଲାର ଅବଦାନ | | ୨୭ |
| ୧୦ | ଅପରାଧ ସମସ୍ୟା—ପୋଲିସ ଓ ସମାଜ | ଶ୍ରୀ ବ୍ରଜ ବିହାରୀ ମିଶ୍ର | ୩୨ |
| ୧୧ | ଓଡ଼ିଶାରେ ସହାୟକ ଶିଳ୍ପର ବିକାଶ | ଶ୍ରୀ ଆ. କେ. ଯାଦବ | ୩୫ |
| ୧୨ | ପ୍ରଗତି ପଥେ : ଶିଳ୍ପ ଉନ୍ନୟନ କର୍ପୋରେସନ୍ | ଶ୍ରୀ ଏସ୍. ଏନ୍. ଦାସ ମହାପାତ୍ର | ୩୯ |
| ୧୩ | ଜଉଗଡ଼ | ଶ୍ରୀ ଗୌରୀ କୁମାର ବ୍ରହ୍ମା | ୪୧ |
| ୧୪ | ପ୍ରଗତି ପଥେ—ଘୁମୁସର ସଦର | ଶ୍ରୀ ଚନ୍ଦ୍ରମୋହନ ସ୍ୱାଇଁ | ୪୫ |
| ୧୫ | ମନ୍ଦିର ଗାତ୍ରରେ ରାମାୟଣ ଦୃଶ୍ୟ | ଶ୍ରୀ ରମେଶ ପ୍ରସାଦ ମହାପାତ୍ର | ୫୦ |
| ୧୬ | ଜସବା ଉଠା ଜଳ ସେଚନ ଯୋଜନା | ଶ୍ରୀ ଦାମୋଦର ପଣ୍ଡା | ୫୪ |
| ୧୭ | ଗିରିବର ପଞ୍ଚ ଧାର | ଶ୍ରୀ ଗୌତମ ରାଉତ | ୫୭ |
| ୧୮ | ଆମ ରାଜ୍ୟ | | ୬୧ |
| ୧୯ | ସମ୍ବାଦପତ୍ର ସମ୍ପାଦକୀୟରୁ | | ୬୫ |
| ୨୦ | ଓଡ଼ିଶାର ବିଶିଷ୍ଟ ଘଟଣାବଳୀ | | ୬୮ |


# ଫେବୃଆରୀ—୧୯୭୧


| କ୍ର. ନଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧ | ଜନସାଧାରଣଙ୍କୁ ଭାରତର ମୁଖ୍ୟ ନିର୍ବାଚନ କମିଶନରଙ୍କ ନିବେଦନ | | ୧ |
| ୨ | ଅତୀତର ନିର୍ବାଚନ—ଏକ ସମୀକ୍ଷା | | ୩ |
| ୩ | ଭୋଟ ଦାନର ଗୋପନୀୟତା ରକ୍ଷା—ନିର୍ବାଚନ କମିଶନରଙ୍କ ପଦକ୍ଷେପ | | ୫ |
| ୪ | ଭୋଟ ଦେବା ଆପଣଙ୍କର ଅଧିକାର | ଶ୍ରୀ ଆର୍ତ୍ତତ୍ରାଣ ରାଉତ | ୭ |

# ଏପ୍ରିଲ—୧୯୬୧


| ବିଷୟ | | ଲେଖକ | ପୃଷ୍ଠା |
|---|---|---|---|
| ଭୂମିକା | | | |
| ୧ ମିଳିତ ସାମୁଖ୍ୟ ସରକାରଙ୍କ ୧୭ ଦଫା-ସମ୍ବଳିତ କାର୍ଯ୍ୟକ୍ରମ | .. | | ୧ |
| ୨ ଓଡ଼ିଶାର ନୂତନ ମନ୍ତ୍ରିମଣ୍ଡଳ | .. | | ୪ |
| ୩ ପୂର୍ବବଙ୍ଗର ଐତିହାସିକ ମୁକ୍ତି ସଂଗ୍ରାମ | .. | | ୭ |
| ୪ ପାଲାବାସର ଆଶାତୀତ ସଫଳତା | .. | | ୯ |
| ୫ ଜାତୀୟ ସମସ୍ୟା ଓ ଯୁବ ସମ୍ପ୍ରଦାୟର କର୍ତ୍ତବ୍ୟ | .. | | ୧୩ |
| ୬ ଏକ ଆଦର୍ଶ ରାଷ୍ଟ୍ର ଗଠନରେ ଯୁବ-ସମାଜ ବ୍ରତୀ ହେଉ | .. | | ୧୯ |
| ୭ ପ୍ରଗତି ପଥେ ଯୁଗ୍ମନରା | .. | ଶ୍ରୀ ବଂଶୀଧର ପ୍ରଧାନ | ୨୧ |
| ୮ କ୍ଷୁଦ୍ର ସଞ୍ଚୟରେ ନୂତନ ପରିକଳ୍ପନା | .. | | ୨୩ |
| ୯ ୧୯୭୧ ଜନଗଣନା ଓ ଓଡ଼ିଶାର ଲୋକସଂଖ୍ୟା | .. | | ୨୭ |
| ୧୦ ଜନଗଣନା—୧୯୭୧, ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଜନସଂଖ୍ୟା | | | ୩୦ |
| ୧୧ ଆମ ରାଜ୍ୟ | .. | | ୪୦ |
| ୧୨ ସମ୍ବାଦପତ୍ର ସମ୍ପାଦକୀୟରୁ | .. | | ୪୨ |
| ୧୩ ଓଡ଼ିଶାର ବିଶିଷ୍ଟ ଘଟଣାବଳୀ | .. | | ୪୯ |


# ମେ—୧୯୭୧


| | | | |
|---|---|---|---|
| ୧—ଦ୍ରୁତ ଶିଳ୍ପାୟନ ଓ କୃଷି ଉତ୍ପାଦନ ବୃଦ୍ଧି ଦ୍ୱାରା ଲୋକଙ୍କ ଆର୍ଥିକ ଅବସ୍ଥା ଉନ୍ନତ କରାଯିବ । ବିଧାନ ସଭାରେ ରାଜ୍ୟପାଳ ଡ଼କ୍ଟର ଏସ୍. ଏସ୍. ଅନସାରିଙ୍କ ଉଦ୍‌ବୋଧନ । | | | ୧ |
| ୨—କ୍ଷୁଦ୍ରଶିଳ୍ପ ଉନ୍ନୟନ ସଂସ୍ଥା—ଢେଙ୍କାନାଳ | .. | | ୨୦ |
| ୩—ପୋଲିସ କର୍ମଚାରୀମାନଙ୍କ ଉଲ୍ଲେଖଯୋଗ୍ୟ ସାଫଲ୍ୟ | .. | | ୨୭ |
| ୪—ଅନୁତାପ | .. | ଶ୍ରୀ ଭାଗୀରଥି ନେପାକ | ୨୯ |
| ୫—ଭିଲାଇ ଇସ୍ପାତ କାରଖାନାରେ ବେତନ ପଞ୍ଜୀ ସଞ୍ଚୟ ଗୋଷ୍ଠୀ | .. | | ୩୪ |
| ୬—ଗିରିବର ପଞ୍ଚଧାର | .. | ଶ୍ରୀ ଗୌତମ ରାଉତ | ୩୭ |
| ୭—ବିଧାନ ସଭା ପ୍ରଶ୍ନୋତ୍ତର | .. | | ୪୨ |
| ୮—ନବ-ଗଠିତ କେନ୍ଦ୍ର ମନ୍ତ୍ରିମଣ୍ଡଳ | .. | | ୪୯ |
| ୯—ବିଶ୍ୱ ରେଡ୍‌କ୍ରସ୍ ଦିବସ | .. | ପଦ୍ମଶ୍ରୀ ଡ଼କ୍ଟର ଅଭିନ୍ନ ଚନ୍ଦ୍ର ରାଓ | ୫୨ |
| ୧୦—କ୍ଷୁଦ୍ର ସଞ୍ଚୟ ଯୋଜନାର ଅଗ୍ରଗତି | .. | | ୫୫ |
| ୧୧—ଆମ ରାଜ୍ୟ | .. | | ୫୭ |
| ୧୨—ସମ୍ବାଦପତ୍ର ସମ୍ପାଦକୀୟରୁ | .. | | ୬୨ |
| ୧୩—ଓଡ଼ିଶାରେ ବିଶିଷ୍ଟ ଘଟଣାବଳୀ | .. | | ୬୪ |
| ଉତ୍କଳ ପ୍ରସଙ୍ଗ, ଅଗଷ୍ଟ—୧୯୭୧ | | | ୮୯ |

# ଜୁନ୍—୧୯୭୧



| କ୍ରମିକ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧ | ଜଗନ୍ନାଥ ବନ୍ଦନା | .. | ୧ |
| ୨ | ଶ୍ରୀ ଜଗନ୍ନାଥ ଓ ରଥଯାତ୍ରା | ଶ୍ରୀ ଗିରିରାଜ ଚୌଧୁରୀ | ୨ |
| ୩ | ଶ୍ରୀ ଜଗନ୍ନାଥଙ୍କ ପ୍ରାଚୀନ ରତ୍ନସିଂହାସନର ସନ୍ଧାନ | ଶ୍ରୀ ସତ୍ୟନାରାୟଣ ରାଜଗୁରୁ | ୬ |
| ୪ | ଓଡ଼ିଶା ସଂସ୍କୃତିର ବିହଙ୍ଗାବଲୋକନ | ଶ୍ରୀ ଦଣ୍ଡପାଣି ବେହେରା | ୧୦ |
| ୫ | ଭକ୍ତ ଭାରତୀରେ ଜଗନ୍ନାଥ | ଅଧ୍ୟାପକ ଗୌରୀକୁମାର ବ୍ରହ୍ମା | ୧୨ |
| ୬ | ପଶ୍ଚିମ ଓଡ଼ିଶା ଓ ଜଗନ୍ନାଥ | ଶ୍ରୀ ଶିବ ପ୍ରସାଦ ଦାଶ | ୧୯ |
| ୭ | ଶ୍ରୀ ଗୁଣ୍ଡିଚା | ଶ୍ରୀ ପ୍ରଶାନ୍ତ କୁମାର ପାଢ଼ୀ | ୨୫ |
| ୮ | ତାଳପତ୍ର ପୋଥିରେ ଶ୍ରୀ ଜଗନ୍ନାଥଙ୍କ ବର୍ଣ୍ଣନା | ଶ୍ରୀ ନୀଳମଣି ମିଶ୍ର | ୨୭ |
| ୯ | ଅଣସର ଓ ରଥଯାତ୍ରା—ଏକ ଅନ୍ତର୍ଦୃଷ୍ଟି | ଶ୍ରୀ ପୀତାମ୍ବର ପ୍ରଧାନ | ୩୧ |
| ୧୦ | କୁଢ଼ିତିରାର ଅନନ୍ତବାସୁଦେବ ଓ ସୁଭଦ୍ରା ମୂର୍ତ୍ତି | ଶ୍ରୀ ରମେଶ ପ୍ରସାଦ ମହାପାତ୍ର | ୩୩ |
| ୧୧ | ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ଦ୍ୱାଦଶଯାତ୍ରା | .. | ୩୬ |
| ୧୨ | ଜଗନ୍ନାଥ ହିଁ ବେଦମୟ | ଶ୍ରୀ ସଦାଶିବ ରଥ ଶର୍ମା | ୩୯ |
| ୧୩ | ଶ୍ରୀ ଜଗନ୍ନାଥଙ୍କ ବିଷୟରେ ପଦେଅଧେ | କୁମାରୀ ମହିମା ପଟ୍ଟନାୟକ | ୪୫ |
| ୧୪ | ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ଠାକୁରମାନଙ୍କ ବେଶ | .. | ୫୧ |
| ୧୫ | ରଥଯାତ୍ରା ଉପଲକ୍ଷେ ଠାକୁରମାନଙ୍କ କାର୍ଯ୍ୟକ୍ରମ | .. | ୫୨ |
| ୧୬ | ଆମ ରାଜ୍ୟ | .. | ୫୫ |
| ୧୭ | ସମ୍ବାଦପତ୍ର ସମ୍ପାଦକୀୟରୁ | .. | ୫୭ |
| ୧୮ | ବିଶିଷ୍ଟ ଘଟଣାବଳୀ | .. | ୫୯ |


# ଜୁଲାଇ—୧୯୭୧


| | | | |
|---|---|---|---|
| ୧ | ଏକ ଉନ୍ନତତର ଓଡ଼ିଶା ଗଠନ ପାଇଁ ପଦକ୍ଷେପ | .. | ୧ |
| ୨ | ସଂକ୍ଷେପରେ ଓଡ଼ିଶା ବଜେଟ | .. | ୧୯ |
| ୩ | ଓଡ଼ିଶାରେ ବୈଷୟିକ ବିଦ୍ୟାଳୟ | .. | ୨୧ |
| ୪ | ଭାରତୀୟ ଜୀବନ ଓ ସଂସ୍କୃତିରେ ଗଙ୍ଗା ନଦୀର ସ୍ଥାନ | ଶ୍ରୀ ସିଦ୍ଧେଶ୍ୱର ପ୍ରସାଦ | ୨୪ |
| ୫ | ଭାରତର ପ୍ରତିରକ୍ଷା ପ୍ରସ୍ତୁତି | .. | ୨୮ |
| ୬ | ପ୍ରଗତି ପଥେ ବାରକୋଟ ପଂଚାୟତ ସମିତି | ଶ୍ରୀ ଅଚ୍ୟୁତାନନ୍ଦ ଜେନା | ୩୦ |
| ୭ | ଓଡ଼ିଶାରେ ଫେରୋଭେନାଡ଼ିୟମ କାରଖାନା | .. | ୩୩ |
| ୮ | ସଞ୍ଚୟ ଓ ସାମାଜିକ ନିରାପତ୍ତା | ଶ୍ରୀ ବନମାଳୀ ବାରିକ | ୩୫ |
| ୯ | ପୁରୁଷୋତ୍ତମ କ୍ଷେତ୍ର ଓ ବିବିଧ ମନ୍ଦିର | ପଣ୍ଡିତ ଚିନ୍ତାମଣି ମିଶ୍ର ଶର୍ମା | ୩୭ |
| ୧୦ | କଳ୍ପନା ଯଜ୍ଞର ପୂର୍ଣ୍ଣାହୁତି | ଶ୍ରୀ ରମେଶ ଚନ୍ଦ୍ର ସେଠୀ | ୪୩ |
| ୧୧ | ଆମ ରାଜ୍ୟ | .. | ୪୬ |
| ୧୨ | ସମ୍ବାଦପତ୍ର ସମ୍ପାଦକୀୟରୁ | .. | ୫୨ |
| ୧୩ | ବିଶିଷ୍ଟ ଘଟଣାବଳୀ | .. | ୫୩ |




OGP—MP-II [ Home (P. R.) ] 29—10,000—10-8-197




ାଣିଜ୍ୟ ମନ୍ତ୍ରୀ ଶ୍ରୀ ଦୟାନିଧି ନାୟକ ବିଭାଗୀୟ ଶାସନସଚିବଙ୍କ ସହ ବାଲିପର୍ବତଠାରେ ଥିବା ଓଡ଼ିଶା ରାଜ୍ୟ ବାଣିଜ୍ୟିକ ପରିବହନ କର୍ପୋରେସନର ଗ୍ୟାରେଜରେ ମିଟସୁବିଶି ଟ୍ରାକ୍ଟର ଦେଖୁଛନ୍ତି ।

## ଚିତ୍ରେ ସମ୍ବାଦ

ବନମହୋତ୍ସବ ଉପଲକ୍ଷେ ବାଲେଶ୍ୱର ଜିଲାପାଳ ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା, ଆଇ. ଏ. ଏସ୍., ୧୯୭୧ ଜୁଲାଇ ୪ ତାରିଖରେ ବାଲେଶ୍ୱର ସର୍କିଟ୍‌ହାଉସ ହତାରେ ଇଉକାଲିପଟସ୍ ଓ ଝାଉଁ ଗଛ ରୋପଣ କରୁଛନ୍ତି ।



## ଚନ୍ଦ୍ରେ ସମ୍ବାଦ



ଓଡ଼ିଶା ସରକାରୀ ମୁଦ୍ରଣାଳୟର କର୍ମଚାରୀମାନଙ୍କଦ୍ୱାରା ୧୯୭୧ ଜୁନ୍ ୭ ତାରିଖରେ ଆୟୋଜିତ ଏକ ସାଂସ୍କୃତିକ ଉତ୍ସବରେ ବାଣିଜ୍ୟ ମନ୍ତ୍ରୀ ଶ୍ରୀ ଦୟାନିଧି ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଚିତ୍ରରେ - ଶ୍ରୀ ନାୟକ ଭାଷଣ ଦେଉଛନ୍ତି ।



ପ୍ରେସ କଲୋନୀର ସଦସ୍ୟମାନଙ୍କଦ୍ୱାରା ମଞ୍ଚସ୍ଥ କରଯାଇଥିବା 'କଂସା କବାଟ' ନାଟକର ଏକ ଚିତ୍ତାକର୍ଷକ ଦୃଶ୍ୟ ।



'କଂସା କବାଟ' ନାଟକର ଅନ୍ୟ ଏକ ଦୃଶ୍ୟ

Vol. XXVIII, No. 1    Regd. No. O-29
Licence No. C. R. N. P.-5—Licensed to post without pre-payment



# ରାଉରକେଲା ଇସ୍ପାତ କାରଖାନା
# ଓଡ଼ିଶାକୁ ଖାଦ୍ୟ ଉତ୍ପାଦନ ଦିଗରେ ସହାୟକ ହୋଇଛି

ରାଉରକେଲା ଇସ୍ପାତ କାରଖାନା ସହିତ ଏକ ବୃହତ୍ ସାର ଉତ୍ପାଦନ କାରଖାନା ସଂଯୁକ୍ତ ହୋଇ ରହିଛି ଏହି କାରଖାନାଟିର ଏକ ଅଦ୍ୱିତୀୟ ବୈଶିଷ୍ଟ୍ୟ । କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ୍ ସହିତ ନାଇଟ୍ରୋଜେନ ୨୦% ଉତ୍ପନ୍ନ କରୁଥିବା ଭାରତର ସବୁ କାରଖାନା ଠାରୁ ଏହା ସର୍ବବୃହତ୍ । ରାଉରକେଲା ସାର କାରଖାନାରୁ ଉତ୍ପାଦନ ହେଉଥିବା କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ୍ ସହିତ ନାଇଟ୍ରୋ-ଜେନ ୨୦% ଓ ଅଧିକନ୍ତୁ ଆମୋନିୟମ ସଲଫେଟ୍, ବଜାରରେ ଯଥାକ୍ରମେ ସୋନା ଓ ରୂପା ନାମରେ ବିକ୍ରୟ ହେଉଛି ।

ଓଡ଼ିଶାର ଖାଦ୍ୟ ଉତ୍ପାଦନ ଦିଗରେ ରାଉରକେଲା ସାର କାରଖାନାର ଦାନ ଉଲ୍ଲେଖଯୋଗ୍ୟ । ଏହି ରାଜ୍ୟରେ ପ୍ରାୟ ୩,୦୦,୦୦୦ ଟନ ସୋନା ସାର ଓ ପ୍ରାୟ ୩୭,୦୦୦ ଟନ ରୂପା ସାର ବିତରଣ ହୋଇ ସାରିଛି । ସାର ଉତ୍ପାଦନ ବଳବୃଦ୍ଧନ ହେଲେ ଭବିଷ୍ୟତରେ ଅଧିକରୁ ଅଧିକ ସାର କୃଷକମାନଙ୍କୁ ଯୋଗାଇ ଦେବାକୁ ଏହା ସକ୍ଷମ ହୋଇ ପାରିବ ।

Iam-RSP-1/71 ORI

HINDUSTAN STEEL LIMITED

**ହିନ୍ଦୁସ୍ତାନ ଷ୍ଟିଲ**

ଭାରତୀୟ ଅର୍ଥନୀତି ଗଠିତ ଏକ ଭାରତୀୟ ସଂସ୍ଥା

Printed by Shri U. N. Misra, Superintendent
Orissa Government Press, Madhupatna, Cuttack-3

*With Best Compliments From The Largest Ore*

# TRANSPORT ORGANISATION OF ORISSA

## THE ORISSA STATE COMMERCIAL TRANSPORT CORPORATION LIMITED, CUTTACK-1

TELEPHONE No. CK-1197 GRAM 'PRTRANS'

( A Government of Orissa Undertaking )

Enquiry For Details To

The Managing Director